

ମଲାଲା ଦିବସ
▸ପୃଷ୍ଠା ୧୧ ଦେଖନ୍ତୁ...

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-18 ◆SATURDAY ◆12 JULY 2025 ◆PAGE-12 ◆₹ 6.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୧୮ ◆ଶନିବାର ◆୧୨ ଜୁଲାଇ ୨୦୨୫ ◆ପୃଷ୍ଠା-୧୨ ◆ଟ.୬.୦୦

# ବୁଢ଼ା ହେଉଛି ଭାରତ

## ବଢୁଛି ଆୟୁଷ; କମୁଛି ପ୍ରଜନନ ହାର



**୩୫ କୋଟି ଛୁଇଁବ ୬୦ରୁ ଊର୍ଦ୍ଧ୍ୱ ବୟସ୍କଙ୍କ ସଂଖ୍ୟା**

■ **ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି):** କମି ଚାଲିଛି ଦେଶର ଯୁବଶକ୍ତି। ଲୋକଙ୍କ ହାରାହାରି ଆୟୁଷ ବୃଦ୍ଧି, ପ୍ରଜନନ ହାର ହ୍ରାସ ଯୋଗୁଁ ଭାରତ ଦ୍ରୁତଗତିରେ ବୟସ୍କଙ୍କ ଦେଶ ପାଲଟୁଛି। ଚଳିତ ବର୍ଷ ଶେଷ ସୁଦ୍ଧା ଭାରତର ମୋଟ ଜନସଂଖ୍ୟାର ଏକ ଚତୁର୍ଥାଂଶ ଅର୍ଥାତ ପ୍ରାୟ ୩୫ କୋଟିଙ୍କ ବୟସ ୬୦ ବର୍ଷ ଅତିକ୍ରମ କରିବ ବୋଲି ଆକଳନ କରାଯାଇଛି। ଯାହା ଦେଶ ଓ ଅର୍ଥନୀତି ପାଇଁ ସବୁଠାରୁ ବଡ଼ ବିପଦ ଭାବରେ ଉଭା ହେବ ବୋଲି ଆକଳନ କରାଯାଉଛି। ବ୍ଲୁମ୍‌ବର୍ଗ ରିପୋର୍ଟରେ ପ୍ରକାଶିତ ହୋଇଛି ଏପରି ଏକ ସ୍ପର୍ଶକାତର ତଥ୍ୟ।

ଯୁବବର୍ଗ ଭାରତର ସବୁଠୁ ବଡ଼ ଶକ୍ତି ବୋଲି କୁହାଯାଏ। ବହୁ ବର୍ଷ ହେଲା ବିଶ୍ୱରେ ଭାରତର ଯୁବ ଜନସଂଖ୍ୟା ଏକ ପ୍ରମୁଖ ଶକ୍ତିକେନ୍ଦ୍ର ଭାବରେ ପରିଚିତ ହୋଇ ଆସିଛି। ଦେଶର ଜନସଂଖ୍ୟାର ପ୍ରାୟ ୬୫% ଲୋକଙ୍କ ବୟସ ୩୫ ବର୍ଷରୁ କମ୍ ହୋଇଥିବାରୁ ଏହାକୁ ଆର୍ଥିକ ଅଭିବୃଦ୍ଧି କ୍ଷେତ୍ରରେ ବିନିଯୋଗ କରାଯାଉଥିଲା। ମାତ୍ର ଏବେ ଜନସଂଖ୍ୟାର ପରିସଂଖ୍ୟାନ ଏକ ନୂଆ ଓ ଚିନ୍ତାଜନକ ଚିତ୍ର ଦେଖାଇଛି। ୨୦୪୭ ସୁଦ୍ଧା ଭାରତ ଏକ ବିକଶିତ ବା ଧନୀ ରାଷ୍ଟ୍ରରେ ପରିଣତ ହେବା ପୂର୍ବରୁ ଏକ ବୁଢ଼ା ଦେଶରେ ପରିଣତ ହୋଇଯିବ ବୋଲି ଏବେ ଆଶଙ୍କା ପ୍ରକାଶ ପାଇଛି।

ଭାରତରେ ଲୋକଙ୍କ ପ୍ରଜନନ ହାର ହ୍ରାସ, ହାରାହାରି ବୟସ୍କ ଲୋକଙ୍କ ସଂଖ୍ୟା ବୃଦ୍ଧି କେବଳ ସାମାଜିକ ନୁହେଁ, ବରଂ ଦେଶ ପାଇଁ ଆର୍ଥିକ କ୍ଷେତ୍ର ପାଇଁ ବିପଦ ସୃଷ୍ଟି କରିଛି।

ଭାରତ ଗତ କିଛି ବର୍ଷ ହେଲା ନିଜ ଯୁବ ଜନସଂଖ୍ୟାକୁ ଦୁନିଆ ଆଗରେ ନିଜର ଶକ୍ତି ରୂପେ ଉପସ୍ଥାପନ କରିଆସୁଛି। ୬୫ ପ୍ରତିଶତ ଜନସଂଖ୍ୟାର ବୟସ ୩୫ ବର୍ଷରୁ କମ ରହିବା ଦ୍ୱାରା ଦେଶକୁ ଡେମୋଗ୍ରାଫିକ୍ ଡିଭିଡେଣ୍ଟ ବା 'ଜନସଂଖ୍ୟାଗତ ଲାଭ' ମିଳୁଥିବା କୁହାଯାଉଛି। ଦେଶରେ ଅଧିକ କାମ କରୁଥିବା ଜନସଂଖ୍ୟା, ଅଧିକ ଉତ୍ପାଦନ ଓ ଦ୍ରୁତ ବିକାଶରେ ସହାୟକ ହୋଇଥାଏ। ମାତ୍ର ବ୍ଲୁମ୍‌ବର୍ଗରେ ପ୍ରକାଶିତ ରିପୋର୍ଟ ଅନୁସାରେ ଭାରତରେ ଜନସଂଖ୍ୟା ବୃଦ୍ଧିର ଗତି ମନ୍ଥର ହେବାରେ ଲାଗିଛି। ଅନ୍ୟପକ୍ଷରେ ଲୋକଙ୍କ ଜୀବନକାଳ ମଧ୍ୟ ବୃଦ୍ଧି ପାଇଛି। ଏହାର ପରିଣାମସ୍ୱରୂପ ଭାରତ ଦ୍ରୁତ ଗତିରେ ବୟସ୍କଙ୍କ ଦେଶ ଦିଗରେ ଅଗ୍ରସର ହେଉଛି। ଜନସଂଖ୍ୟାକୁ ଆର୍ଥିକ ପ୍ରଗତିର ଅଗ୍ରଦୂତ କରାଇବା ପାଇଁ କିଛି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ସହରୀକରଣ, ଭିତ୍ତିଭୂମି, ଦକ୍ଷତା ବିକାଶ ସହ ଶ୍ରମଶକ୍ତିର ବିସ୍ତାର ଓ ବିନିର୍ମାଣ କ୍ଷେତ୍ର ଉପରେ ଧ୍ୟାନ ନ ଦେଲେ ପରିସ୍ଥିତି ବିଷମୟ ▸ପୃଷ୍ଠା-୭

**ଜାତି ସମାଜର କଙ୍ଗାରୁ କୋର୍ଟ**

# ପ୍ରେମୀଯୁଗଳଙ୍କୁ ହଳ ବୁଲାଇଲେ



■ **କଲ୍ୟାଣସିଂହପୁର, ୧୧।୭ (ସମିସ):** ଗୋଟିଏ ବଂଶର ହୋଇ ପରସ୍ପରକୁ ଭଲ ପାଇ ବିବାହ କରିବା ପ୍ରେମୀଯୁଗଳଙ୍କୁ ମହଙ୍ଗା ପଡ଼ିଛି। ଜାତି ସମାଜର କଙ୍ଗାରୁ କୋର୍ଟରେ ଉଭୟ ଦଣ୍ଡିତ ହୋଇଛନ୍ତି। ଦଣ୍ଡ ସ୍ୱରୂପ କ୍ଷେତରେ ବଳଦ ସାଜି ଉଭୟେ ହଳ କରିଛନ୍ତି। ସେତିକିରେ ସମାଜର ମୁଖିଆଙ୍କ ମନ ଶାନ୍ତ ପଡ଼ିଲାନି। ଉଭୟଙ୍କୁ ଗାଁରୁ ତଡ଼ିଦେଲେ। ଏଭଳି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ ଶିକରପାଇ ପଞ୍ଚାୟତ କଞ୍ଚାମଯୋଡ଼ି ଗାଁରେ। ସୋସିଆଲ ମିଡିଆରେ

**ଗାଁରୁ ନିର୍ବାସିତ ଜୀବନ ବିତାଉଛନ୍ତି**

ଏସଂକ୍ରାନ୍ତ ଏକ ଭିଡିଓ ଭାଇରାଲ୍ ହେବା ପରେ ଏହି ଘଟଣା ପଦାକୁ ଆସିଛି। ପ୍ରେମୀଯୁଗଳଙ୍କ ଭୁଲ ଥିଲା ଉଭୟ ଗୋଟିଏ ବଂଶର। ସମ୍ପର୍କରେ ଆତା (ପିଉସୀ ନାନୀ) ଓ ପୁତୁରା ଅଟନ୍ତି। ଆଦିବାସୀ ପରମ୍ପରା ଅନୁଯାୟୀ ଗୋଟିଏ ବଂଶର ହୋଇଥିଲେ ରକ୍ତ ସମ୍ପର୍କ କାରଣରୁ ସେମାନେ ବିବାହ ବନ୍ଧନରେ ଆବଦ୍ଧ ହୋଇପାରିବେ ନାହିଁ। କିନ୍ତୁ କଞ୍ଚାମଯୋଡ଼ି ଗ୍ରାମର ମୁଗି ସାରାକଙ୍କ ବଡ଼ପୁଅ କାଡ଼ିଆ ସାରକାଙ୍କ ସହ ବେତକଲାଙ୍ଗରେ ରହୁଥିବା ମୁଗୀଙ୍କ ଭଉଣୀ ଲାକ ସାରକାଙ୍କ ପ୍ରେମ ସମ୍ପର୍କ ରହିଥିଲା। ଦିନେ ଉଭୟଙ୍କୁ ଏକତ୍ରିତ ଥିବା ଗାଁ ଲୋକେ ଦେଖିଥିଲେ। ▸ପୃଷ୍ଠା-୭

## 'ସମ୍ବିଧାନ ବଞ୍ଚାଅ' ସମାବେଶରେ ଗର୍ଜିଲେ ରାହୁଲ

# ଗରିବଙ୍କୁ ଲୁଟୁଛି ବିଜେପି ସରକାର

■ **ଭୁବନେଶ୍ୱର, ୧୧।୭ (ସମିସ):** 'ସମ୍ବିଧାନ ବଞ୍ଚାଅ' ସମାବେଶରେ ରାଜ୍ୟ ବିଜେପି ସରକାରଙ୍କ ବିରୋଧରେ ରଣହୁଙ୍କାର ଦେଇଛନ୍ତି କଂଗ୍ରେସ ନେତା ତଥା ଲୋକସଭାରେ ବିରୋଧୀଦଳ ନେତା ରାହୁଲ ଗାନ୍ଧୀ। ସାଧାରଣ ନିର୍ବାଚନର ବର୍ଷକ ପରେ ଦିନିକିଆ ଓଡ଼ିଶା ଗସ୍ତରେ ଆସି ରାହୁଲ ଭୁବନେଶ୍ୱରସ୍ଥିତ ବରମୁଣ୍ଡା ପଡ଼ିଆରେ ଆଜି କର୍ମୀଙ୍କ ମନରେ ଉତ୍ସାହ ଭରିଛନ୍ତି। ଏହା ସହ ଉଭୟ ରାଜ୍ୟ ଓ କେନ୍ଦ୍ର ସରକାରଙ୍କୁ ତୀବ୍ର ଭର୍ତ୍ସନା କରି ରାଜ୍ୟରେ କମ୍ପାନୀ ସରକାର ଚାଲିଛି ବୋଲି କଟାକ୍ଷ କରିଛନ୍ତି।

ବରମୁଣ୍ଡାରେ ଅନୁଷ୍ଠିତ ସମାବେଶରେ ରାହୁଲ କହିଛନ୍ତି ଯେ ଓଡ଼ିଶା ସରକାର ଏବେ ରାଜ୍ୟର ଗରିବ, ଦଳିତ, ପଛୁଆବର୍ଗ, ଆଦିବାସୀଙ୍କ ସମ୍ପତ୍ତି ଚୋରି କରୁଛନ୍ତି। ଗୋଟିଏ ପଟେ ରାଜ୍ୟର ଗରିବ ଏବଂ ଅନ୍ୟପଟେ ଦେଶର ୫-୬ ଜଣ ଅରବପତି ଓ ବିଜେପି ସରକାର ଅଛନ୍ତି। ଏଠାରେ ଆଦିବାସୀଙ୍କୁ ତାଙ୍କ ଜମିରୁ ହଟାଇ ଦିଆଯାଉଛି। ପେସା ଆଇନ ଲାଗୁ କରାଯାଉନାହିଁ। ଆଦିବାସୀମାନଙ୍କ ଉପରେ ଅତ୍ୟାଚାର ବଢୁଛି ଏବଂ ସେମାନଙ୍କର ସମ୍ପତ୍ତି ଲୁଟ ହେଉଛି। କଂଗ୍ରେସ ଏହା ବିରୋଧରେ ସଂଗ୍ରାମ ଜାରି ରଖିବ; ଓଡ଼ିଶାର ଜଳ, ଜଙ୍ଗଲ ଓ ଜମି ଆଦିବାସୀଙ୍କର, ଏହା ଆଦିବାସୀଙ୍କର ହିଁ ରହିବ। ଓଡ଼ିଶାରେ ଦୈନିକ ୧୫ ମହିଳା ଦୁଷ୍କର୍ମର ଶିକାର ହେଉଛନ୍ତି। ସରକାର ୨୪ ଘଣ୍ଟା ଲୋକଙ୍କ ରକ୍ତ ଶୋଷଣ କରୁଛି। ଆଇନଶୃଙ୍ଖଳା ସ୍ଥିତି ସମ୍ପୂର୍ଣ୍ଣ ଭୁଶୁଡ଼ି ପଡ଼ିଛି ବୋଲି ରାହୁଲ କହିଛନ୍ତି।

**ଓଡ଼ିଶାର ଜଳ, ଜଙ୍ଗଲ ଓ ଜମି ଏବେ ଅସୁରକ୍ଷିତ**

**ଆଦିବାସୀଙ୍କ ଜମି ହଡ଼ପ କରୁଛନ୍ତି ରାଜ୍ୟ ସରକାର**

**ବିଜେପି ପାଇଁ କାମ କରୁଛନ୍ତି ନିର୍ବାଚନ କମିଶନ**

**ରାଜ୍ୟରେ କମିଶନଖୋର୍ ଶାସନ ଚାଲିଛି: ଖଡ୍‌ଗେ**

**ବିଜେପି ଗୁଣ୍ଡାଙ୍କ ବିରୋଧରେ ଏକାଠି ଲଢ଼ିବାକୁ ଆହ୍ୱାନ**



ସେ କହିଛନ୍ତି ଯେ ଦେଶରେ ନରେନ୍ଦ୍ର ମୋଦୀ ସରକାର ଚାଷୀମାନଙ୍କ କ୍ଷତି ଭରଣା ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଆଣିଥିଲେ। ହେଲେ ଏହି ଯୋଜନାରେ ଗରିବ, ରାଜ୍ୟ ଓ କେନ୍ଦ୍ର ସରକାରଙ୍କଠାରୁ ଟଙ୍କା ନେଇ ବିଜେପି ୩-୪ଟି ବଡ଼ କମ୍ପାନୀକୁ ଦେଇ ଦେଇଛି। ଚାଷୀଙ୍କୁ କ୍ଷତିପୂରଣ ମିଳୁନାହିଁ; ଓଡ଼ିଶାରେ ମଧ୍ୟ ସବୁ ଚାଷୀଙ୍କୁ ଟଙ୍କା ମିଳିନାହିଁ। ସମ୍ବିଧାନ ଗରିବଙ୍କୁ ରକ୍ଷା କରୁଛି। ଏ ଦେଶ ଆଦାନୀ ଅମ୍ବାନୀଙ୍କର ନୁହେଁ, ଏ ଦେଶ ଗରିବ ଲୋକଙ୍କର। ପୁରୀରେ ଜଗନ୍ନାଥଙ୍କ ରଥଯାତ୍ରା ପାଇଁ ଲକ୍ଷ ଲକ୍ଷ ଲୋକ ଥିଲେ; କିନ୍ତୁ ଆଦାନୀ ଓ ତାଙ୍କ ପରିବାର ପାଇଁ ଗୋଟିଏ ଦିନ ରଥ ଅଟକାଇ ଦିଆଗଲା। ଏଥିରୁ ସ୍ପଷ୍ଟ ଯେ ରାଜ୍ୟରେ ବିଜେପି ସରକାର ଲୋକଙ୍କର ନୁହେଁ, ଆଦାନୀଙ୍କ ସରକାର।

ନିର୍ବାଚନ କମିସନଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇବା ସହ ରାହୁଲ କହିଛନ୍ତି ଯେ ବିଜେପି ସାରା ଦେଶରେ ସମ୍ବିଧାନ ଉପରେ ଆକ୍ରମଣ କରୁଛି। ମହାରାଷ୍ଟ୍ର ଭଳି ବିହାରରେ ମଧ୍ୟ 'ଭୋଟ ଓ ନିର୍ବାଚନ ଚୋରି' ପାଇଁ ଉଦ୍ୟମ ହେଉଛି। ନିର୍ବାଚନ କମିଶନ ନିଜ କାମ ଛାଡ଼ି ବିଜେପି ପାଇଁ କାମ କରୁଛନ୍ତି। ମହାରାଷ୍ଟ୍ରରେ ଲୋକସଭା ଓ ବିଧାନସଭା ନିର୍ବାଚନ ମଧ୍ୟରେ ୧ କୋଟି ଭୋଟର ବଢିଥିଲେ। ଏବେ ବିହାରରେ ମଧ୍ୟ ମହାରାଷ୍ଟ୍ର ପରି ଭୋଟ ଚୋରି ଉଦ୍ୟମ ହେଉଛି। ତେଲଙ୍ଗାନାରେ ଜାତି ଜନଗଣନା ମାଧ୍ୟମରେ କାହା ପାଖରେ କେତେ ଧନ ଅଛି, ତାହା ସ୍କାନିଂ ହୋଇଯାଇଛି। ଓଡ଼ିଶାରେ ମଧ୍ୟ ▸ପୃଷ୍ଠା-୭

# ଡାକ୍ତରଙ୍କୁ ପୁଲିସର ଥାର୍ଡ ଡିଗ୍ରୀ

## ଆନ୍ଦୋଳନ ଚେତାବନୀ ଦେଲା ଓମ୍‌ସା

■ **ଭୁବନେଶ୍ୱର, ୧୧।୭ (ସମିସ):** ପ୍ରଶାସନ ଉପରୁ ନିୟନ୍ତ୍ରଣ ହରାଉଛନ୍ତି ସରକାର। ଚାରିଆଡ଼େ ଅରାଜକତା ମାଡ଼ି ଚାଲିଛି। ଖୋଦ୍ ପୁଲିସ ଏବେ ଗୁଣ୍ଡାଙ୍କ ପରି ଆଚରଣ କରୁଛି। ରାୟଗଡ଼ାରେ ଜଣେ ଡାକ୍ତରଙ୍କୁ ଉଠାଇ ନେଇ ୧୮ ଘଣ୍ଟା ଅଟକ ରଖି ନିର୍ଯାତନା ଦେବା ଘଟଣା ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି କରିଛି। ଏପରିକି ତାଙ୍କଠାରୁ ୧୦ ଲକ୍ଷ ଟଙ୍କା ଦାବି କରିଥିଲା। ଯାହାକୁ ନେଇ ରାଜ୍ୟ ଡାକ୍ତର ସଂଘ ଖପ୍ପା। ଘଟଣାରେ ଯଦି ନ୍ୟାୟ ନ ମିଳେ ଓ ମୁଖ୍ୟମନ୍ତ୍ରୀ ନିଜେ ହସ୍ତକ୍ଷେପ ନ କରନ୍ତି, ତାହେଲେ ପ୍ରଥମେ ରାୟଗଡା ଏବଂ ପରେ ରାଜ୍ୟବ୍ୟାପୀ ଡାକ୍ତରମାନେ କାର୍ଯ୍ୟବନ୍ଦ କରିବେ ବୋଲି ସଂଘ ଚରମବାଣୀ ଶୁଣାଇଛି। ରାଜ୍ୟରେ ବର୍ତ୍ତମାନ ଡ୍ରାଇଭର ମହାସଂଘର ଆନ୍ଦୋଳନ ଯୋଗୁଁ ସାଧାରଣ ଲୋକେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ବେଳେ ଡାକ୍ତରଙ୍କ ଚେତାବନୀ ସ୍ଥିତିକୁ ଆହୁରି ଖରାପ କରିବ ବୋଲି କୁହାଯାଉଛି।

**ପ୍ରଶାସନ ଉପରୁ ନିୟନ୍ତ୍ରଣ ହରାଉଛନ୍ତି ସରକାର**

**୧୮ ଘଣ୍ଟା ଅଟକ ରଖି ପୁଲିସ ୧୦ ଲକ୍ଷ ଲାଞ୍ଚ ମାଗିଥିବା ଅଭିଯୋଗ**

ସୂଚନା ଅନୁଯାୟୀ ରାୟଗଡା ଜିଲ୍ଲାରେ ଡାକ୍ତର ସୁମୀରନ ରାଉତଙ୍କୁ ପୁଲିସର ଅତ୍ୟାଚାର ବିରୋଧରେ ଡାକ୍ତର ସଂଘ ଏକାଠି ହୋଇଛନ୍ତି। ଏକ ଟ୍ରେନ ଦୁର୍ଘଟଣାରେ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ପରେ ଡାକ୍ତର ରାଉତଙ୍କୁ ସ୍ଥାନୀୟ ଚାନ୍ଦିଲି ପୁଲିସ ୧୮ ଘଣ୍ଟା ଅଟକ ରଖିଥିବା ଅଭିଯୋଗ ହୋଇଛି। ସେହିପରି ପୁଲିସ ସମ୍ପୃକ୍ତ ଡାକ୍ତରଙ୍କୁ ଛାଡ଼ିବା ପାଇଁ ୧୦ ଲକ୍ଷ ଟଙ୍କା ଦାବି କରିଥିଲା; ମାତ୍ର ଦୁଇ ଲକ୍ଷ ଟଙ୍କା ଦେବାକୁ ଡାକ୍ତର ରାଜି ହୋଇଥିଲେ। ସାଦା କାଗଜରେ ଦସ୍ତଖତ ନେଇ ଡାକ୍ତରଙ୍କୁ ପୁଲିସ ଛାଡ଼ିଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ନିରବ ଥିବାବେଳେ 'ଓମସା' ଏହି ପ୍ରସଙ୍ଗକୁ ନେଇ ସ୍ୱାସ୍ଥ୍ୟ ସଚିବ, ଗୃହ ସଚିବ ଓ ସ୍ୱାସ୍ଥ୍ୟମନ୍ତ୍ରୀଙ୍କୁ ଭେଟିଛି। ରାଜ୍ୟରେ ଡାକ୍ତର ସୁରକ୍ଷିତ ନୁହନ୍ତି; ଏଭଳି ସ୍ଥିତିରେ ଯନ୍ତ୍ରଣା ମଧ୍ୟରେ ଯୁବ ଡାକ୍ତର କାର୍ଯ୍ୟ କରିବାକୁ ଭୟ କରୁଛନ୍ତି। ତେଣୁ ମୁଖ୍ୟମନ୍ତ୍ରୀ ଏବଂ ପୁଲିସ ଡିଜି ଏଥିରେ ହସ୍ତକ୍ଷେପ କରିବାକୁ ଓମସା ▸ପୃଷ୍ଠା-୭

# ହଇଜାରେ ପୁଣି ଜଣେ ଶିଶୁ ମୃତ

■ **ଦିଗପହଣ୍ଡି, ୧୧।୭ (ସମିସ):** ଦିଗପହଣ୍ଡି ବ୍ଲକ ସହଦେବ ଟିକରପଡ଼ା ପଞ୍ଚାୟତ ଦୁର୍ଗମ ଉସ୍ତପଲ୍ଲୀ ଗ୍ରାମରେ ବ୍ୟାପିଥିବା ହଇଜାରେ ପୁଣି ଜଣେ ଶିଶୁ ଶୁକ୍ରବାର ମୃତ୍ୟୁବରଣ କରିଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଗୁରୁବାର ସେ

**ଉସ୍ତପଲ୍ଲୀରେ ମୃତ୍ୟୁସଂଖ୍ୟା ୩ ଛୁଇଁଲା**

**ମୁହଁ ଖୋଲିଲେ ସାମାଜିକ ବାସନ୍ଦ ଧମକ**

ବ୍ରହ୍ମପୁର ବଡ଼ ମେଡିକାଲରୁ ଚିକିତ୍ସିତ ହୋଇ ଘରକୁ ଫେରିଥିଲେ। ମୃତକ ଜଣକ ହେଲେ ଉସ୍ତପଲ୍ଲୀ ଗ୍ରାମର ରଘୁନାଥ ଶବରଙ୍କ ଦେଢ ବର୍ଷର ପୁଅ ବାବୁଲି ଶବର। ଶିଶୁଙ୍କ ମୃତ୍ୟୁ ପରେ ଉସ୍ତପଲି ହଇଜା ମୃତ୍ୟୁ ସଂଖ୍ୟା ୩ ରେ ପହଞ୍ଚିଛି। ପୂର୍ବରୁ ଗ୍ରାମର ଦାସ ଶବର ଓ ପ୍ରକାଶ ରଇତଙ୍କ ମୃତ୍ୟୁ ହୋଇଥିଲା। ତେବେ ପ୍ରଶାସନ ପକ୍ଷରୁ ହଇଜା ମୃତ୍ୟୁକୁ ଅସ୍ୱୀକାର କରାଯାଇ ଅପମିଶ୍ରିତ ଖାଦ୍ୟ ଯୋଗୁ ପେଟ ଯନ୍ତ୍ରଣାରେ ▸ପୃଷ୍ଠା-୭

**ଡ୍ରାଇଭରଙ୍କୁ ମହଙ୍ଗା ପଡ଼ିଲା କଂଗ୍ରେସ ପ୍ରତି କୋହଳ ମନୋଭାବ**

# ସଂଘ ଏକଘରକିଆ; ଆଜିଠୁ ଗଡ଼ିବ ବସ୍

■ **ଭୁବନେଶ୍ୱର/ପୁରୀ, ୧୧।୭ (ସମିସ):** ଆଜି ଚତୁର୍ଥ ଦିନରେ ମଧ୍ୟ ଡ୍ରାଇଭର୍ ମହାସଂଘର କର୍ମକର୍ତ୍ତାମାନେ ବିଭିନ୍ନ ସ୍ଥାନରେ ଧର୍ମଘଟ ଜାରି ରଖିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗାଡ଼ି ନ ଚଳାଇବା ପାଇଁ ମହାସଂଘ ଅଡ଼ି ବସିଛି। ମାତ୍ର କଂଗ୍ରେସର 'ସମ୍ବିଧାନ ବଞ୍ଚାଅ' ସମାବେଶ ପ୍ରତି କୋହଳ ମନୋଭାବ ଡ୍ରାଇଭର ମହାସଂଘକୁ ମହଙ୍ଗା ପଡ଼ିଛି। ରାଜ୍ୟ ସରକାର ଓ ବିଜେପି ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲିଙ୍କ ଭୂମିକା ଉପରେ ପ୍ରଶ୍ନ ଉଠାଇ ତାଙ୍କୁ ଖଳନାୟକ ଭାବେ ଚିତ୍ରଣ କରିବାକୁ ଉଦ୍ୟମ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଘରୋଇ ବସ୍ ମାଲିକଙ୍କୁ ଅସ୍ତ୍ର କରି ସରକାର ଆନ୍ଦୋଳନକୁ ଭଣ୍ଡୁର କରିବାକୁ ଯୋଜନା କରିଥିବା ଡ୍ରାଇଭର ମହାସଂଘ ଅଭିଯୋଗ କରିଛି। ଏହି ପରିପ୍ରେକ୍ଷୀରେ ଶନିବାରଠାରୁ ରାଜ୍ୟରେ ପୁଣି ଥରେ ଘରୋଇ ବସ୍ ଚଳାଚଳ କରିବ ବୋଲି ମାଲିକ ସଂଘ ସୂଚନା ଦେଇଛି। ସେମାନଙ୍କ ସହିତ ଅନେକ ଡ୍ରାଇଭର ଅଛନ୍ତି। ସେମାନେ ବସ୍ ଚଳାଇବେ, ତେବେ ସରକାର ସେମାନଙ୍କୁ ସୁରକ୍ଷା ଯୋଗାଇଦେବା ଆବଶ୍ୟକ ବୋଲି ସଂଘ ପକ୍ଷରୁ କୁହାଯାଇଛି।

**ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ: ଡ୍ରାଇଭର ସଂଘ**

ପରିବହନ ମନ୍ତ୍ରୀ ବିଭୂତିଭୂଷଣ ଜେନା କହିଛନ୍ତି ଯେ ଆନ୍ଦୋଳନ କରୁଥିବା ଡ୍ରାଇଭର ମହାସଂଘର ସମସ୍ତ ଦାବିକୁ ସରକାର ଶୁଣିଛନ୍ତି। ଏ ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଛି, ତେଣୁ ଆଉ ଆନ୍ଦୋଳନର ଆବଶ୍ୟକତା ନାହିଁ। ସରଳ ଡ୍ରାଇଭରମାନଙ୍କୁ ଡ୍ରାଇଭର ସଂଘର ନେତା ଆନ୍ଦୋଳନ ନାମରେ ଭ୍ରମିତ କରନ୍ତୁ ନାହିଁ ବୋଲି ମଧ୍ୟ ପରାମର୍ଶ ଦେଇଛନ୍ତି।

ଅନ୍ୟପକ୍ଷରେ ଡ୍ରାଇଭର ମହାସଂଘ ସଭାପତି ପ୍ରଶାନ୍ତ ମେଣ୍ଡୁଲି କହିଛନ୍ତି ଯେ ଆନ୍ଦୋଳନ ବନ୍ଦ ହେବାର ପ୍ରଶ୍ନ ଉଠୁନାହିଁ। ଯେ ପର୍ଯ୍ୟନ୍ତ ସରକାର ଲିଖିତ ପ୍ରତିଶ୍ରୁତି ଦେଇ ନାହାନ୍ତି, ସେ ପର୍ଯ୍ୟନ୍ତ ଆନ୍ଦୋଳନ ଚାଲିବ। ରାଜ୍ୟର ସବୁ ଜିଲ୍ଲାର ଡ୍ରାଇଭରମାନେ ଏକାଠି ରହନ୍ତୁ ଓ ▸ପୃଷ୍ଠା-୭

# ଓଡ଼ିଶାରେ ୩୦୦୦ ବଙ୍ଗଳାଭାଷୀ ଅଟକ


■ **ଭୁବନେଶ୍ୱର, ୧୧।୭ (ସମିସ):** ରାଜ୍ୟର ବିଭିନ୍ନ ଜିଲ୍ଲାରେ ଆରମ୍ଭ ହୋଇଛି ବାଂଲାଦେଶୀ ଅନୁପ୍ରବେଶକାରୀ ଚିହ୍ନଟ ପ୍ରକ୍ରିୟା। ବେଆଇନ ଅନୁପ୍ରବେଶ ଅଭିଯୋଗରେ ଏଯାଏ ୩୦୦୦ ଲୋକଙ୍କୁ ଅଟକ ରଖାଯାଇଛି। ସେମାନେ ଭାରତର ନାଗରିକ କି ନୁହନ୍ତି, ତାହାର କଡ଼ାକଡ଼ି ଯାଞ୍ଚ କରାଯାଉଛି। ତେବେ ଅଧିକାଂଶ ବଙ୍ଗଳା ଭାଷୀଙ୍କ ନିକଟରେ ଆଧାର କାର୍ଡ, ଭୋଟର ପରିଚୟ ପତ୍ର, ରାସନକାର୍ଡ ରହିଥିବାରୁ ସେମାନଙ୍କୁ ଚିହ୍ନଟରେ ସରକାର ଅକଳରେ ପଡ଼ିଛନ୍ତି। ସେମାନେ ଭାରତୀୟ ବୋଲି ପ୍ରମାଣିତ କରିବା ନିମନ୍ତେ ଅଧିକ ପ୍ରମାଣ ଲୋଡ଼ିଛି ପୁଲିସ।

ବର୍ତ୍ତମାନ ସୁଦ୍ଧା ରାଜ୍ୟରେ ଯେଉଁ ୩ ହଜାର ବଙ୍ଗଳା ଭାଷୀଙ୍କୁ ସନ୍ଦେହରେ ଅଟକାଯାଇଛି, ସେମାନଙ୍କ ମଧ୍ୟରେ କେବଳ ଝାରସୁଗୁଡ଼ାରେ ୪୪୪ ଜଣ ରହିଛନ୍ତି। ଏମାନେ ପଶ୍ଚିମବଙ୍ଗ ବାସିନ୍ଦା ଓ ସେମାନଙ୍କୁ ତୁରନ୍ତ ମୁକ୍ତ କରିବାକୁ ପଶ୍ଚିମବଙ୍ଗର ସାଂସଦ ଓ ବିଧାୟକ ଦାବି କରିଛନ୍ତି। କଲିକତା ହାଇକୋର୍ଟ ମଧ୍ୟ ଏହି ମାମଲାରେ ହସ୍ତକ୍ଷେପ କରି ସରକାରଙ୍କ ଠାରୁ ଜବାବ ତଲବ କରିଛନ୍ତି। ବଙ୍ଗଳା ଭାଷୀ ଏହି ଶ୍ରମିକମାନଙ୍କୁ କାହିଁକି ଓ କେଉଁ ଆଧାରରେ ଅଟକ ରଖାଯାଇଛି, ସେସଂପର୍କରେ ସୋମବାର ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ କହିଛନ୍ତି। ଏହି ଶ୍ରମିକଙ୍କୁ ଫେରାଇ ଆଣିବା ଲାଗି ଓଡ଼ିଶା ସରକାର ସହିତ ପଶ୍ଚିମବଙ୍ଗ ସରକାର କଥାବାର୍ତ୍ତା କରନ୍ତୁ ବୋଲି ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି।

**ଜବାବ ଲୋଡ଼ିଲେ କୋଲକାତା ହାଇକୋର୍ଟ**

**ଓଡ଼ିଶା ସହ ଯୋଗାଯୋଗ କରିବାକୁ ପଶ୍ଚିମବଙ୍ଗ ସରକାରଙ୍କୁ ନିର୍ଦ୍ଦେଶ**

**ଅଟକ ପ୍ରକ୍ରିୟାକୁ ନେଇ ଅଡୁଆରେ ରାଜ୍ୟ ପୁଲିସ**



ଅପରପକ୍ଷରେ ଚିହ୍ନଟ ପ୍ରକ୍ରିୟାକୁ ନେଇ ପୁଲିସ ମଧ୍ୟ ଅଡୁଆରେ ପଡ଼ିଛି। ପୁଲିସ ଉଠାଇ ନେଇଥିବା ଅଧିକାଂଶ ଲୋକଙ୍କ ପାଖରେ ଆଧାରକାର୍ଡ ଓ ଭୋଟରକାର୍ଡ ରହିଛି। ତେଣୁ ସେମାନେ ବାଂଲାଦେଶୀ ବୋଲି ପ୍ରମାଣ କରିବା ପୁଲିସ ପାଇଁ କଷ୍ଟସାଧ୍ୟ ହେଉଛି। ଯେଉଁମାନଙ୍କ ପାଖରେ ଭାରତର କୌଣସି ପରିଚୟପତ୍ର ନାହିଁ ସେମାନେ ବାଂଲାଦେଶୀ ବୋଲି ଚିହ୍ନଟ କରିପାରୁଛି। ମାତ୍ର ଓଡ଼ିଶା ଓ ପଶ୍ଚିମବଙ୍ଗରେ ଦୀର୍ଘଦିନ ହେଲା ରହି ଆଧାରକାର୍ଡ ଓ ଭୋଟରକାର୍ଡ ହାତେଇଥିବା ଲୋକଙ୍କୁ କିପରି ବାଂଲାଦେଶୀ ପ୍ରମାଣିତ ▸ପୃଷ୍ଠା-୭

**ବଢ଼ିଲା ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା**

# ତାଲିକା ଧରି ଦିଲ୍ଲୀରେ ମନ-ମୋହନ

■ **ଭୁବନେଶ୍ୱର, ୧୧।୭ (ସମିସ):** ରାଜ୍ୟ ବିଜେପି ସଭାପତି ଭାବରେ ମନମୋହନ ସାମଲଙ୍କ ପୁନଃନିଯୁକ୍ତି ପରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ଚର୍ଚ୍ଚା ଜୋର ଧରିଛି। ସବୁ କିଛି ଠିକ୍ ରହିଲେ ଚଳିତ ମାସ ଶେଷ ସୁଦ୍ଧା ମନ୍ତ୍ରିମଣ୍ଡଳ ଚେହେରା ବଦଳିବ। ଏହା ସହିତ ପ୍ରଥମ ପର୍ଯ୍ୟାୟରେ କିଛି ନେତାଙ୍କୁ ନିଗମ ଓ ବୋର୍ଡରେ ଥଇଥାନ କରାଯିବ। ଏ ସଂକ୍ରାନ୍ତ ସୂଚୀ ଚୂଡ଼ାନ୍ତ ନିମନ୍ତେ ରାଜ୍ୟ ସଭାପତି ମନମୋହନ ସାମଲ ଓ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ଦିଲ୍ଲୀ ଗସ୍ତରେ ଯାଇଛନ୍ତି। ଯଦିଓ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବଙ୍କ ସ୍ୱର୍ଗତଃ ପିତା ଦୌଲାଲ ବୈଷ୍ଣବଙ୍କ ଶ୍ରଦ୍ଧାଞ୍ଜଳି ସଭାରେ ଯୋଗ ଦେବାକୁ ଉଭୟ ଦିଲ୍ଲୀ ଯାଇଥିବା ସରକାରୀ ଭାବରେ କୁହାଯାଉଛି, ମାତ୍ର ଏହା ପଛରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ପ୍ରସଙ୍ଗ ଜଡ଼ିତ ଥିବା ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀ ବି ଏଲ୍ ସନ୍ତୋଷ ଏବଂ କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂଙ୍କୁ ଭେଟିବାପ।।ରେ ଏହି ଆଲୋଚନାକୁ ଅଧିକ ବଳ ଯୋଗାଇଛି।

ଦଳର ଆଭ୍ୟନ୍ତରୀଣ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ ମନ୍ତ୍ରିମଣ୍ଡଳର ସମ୍ଭାବ୍ୟ ସ୍ୱରୂପ ପ୍ରାୟତଃ ଚୂଡ଼ାନ୍ତ ହୋଇଥିଲେ ମଧ୍ୟ ରାଜ୍ୟର ଜଣେ ଦୁଇଜଣ ଟାଣୁଆ ନେତା ଏଥିରେ କେଁ

**ନିଗମ ଓ ବୋର୍ଡରେ ଚାଲିବ ଥଇଥାନ**

**ଶୀର୍ଷ ନେତୃତ୍ୱଙ୍କ ମୋହରକୁ ଅପେକ୍ଷା**

ପୂରାଇଛନ୍ତି। ସେହିପରି ବାଦ ସୂଚୀରେ ସ୍ଥାନ ପାଇଥିବା କିଛି ମନ୍ତ୍ରୀଙ୍କ ସମ୍ପର୍କରେ ସହମତି ହୋଇ ପାରିନାହିଁ। ପୁନଶ୍ଚ ଏକାଧିକ ବିଭାଗ ଦାୟିତ୍ୱରେ ଥାଇ କିଛି ବିବାଦୀୟ ହୋଇଥିବା ଦୁଇଜଣ ମନ୍ତ୍ରୀଙ୍କ ସମ୍ପର୍କରେ ନିର୍ଦ୍ଦିଷ୍ଟ ନିଷ୍ପତ୍ତି ନିଆଯାଇ ପାରିନାହିଁ। ଗୋଟିଏ ସପ୍ତାହ ପୂର୍ବରୁ ମୋହନ ନିଜର କିଛି ଅନୁଗତଙ୍କୁ ମନ୍ତ୍ରିମଣ୍ଡଳରେ ସାମିଲ କରିବାକୁ ଚାହୁଁଥିଲେ, ▸ପୃଷ୍ଠା-୭

‘ଏକ ରାଷ୍ଟ୍ର, ଏକ ନିର୍ବାଚନ’କୁ ନେଇ ଜେପିସି ବୈଠକ

## ‘ଇସିଙ୍କୁ ଅବାଧ ଶକ୍ତି ପ୍ରଦାନ କରିବା ଅନୁଚିତ’

ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ‘ଏକ ରାଷ୍ଟ୍ର, ଏକ ନିର୍ବାଚନ’ ପାଇଁ ୧୨୯ ତମ ସମ୍ବିଧାନ ସଂଶୋଧନ ବିଲ୍ ଉପରେ ଶୁକ୍ରବାର ସଂସଦ ଭବନରେ ଯୁଗ୍ମ ସଂସଦୀୟ କମିଟି (ଜେପିସି)ର ବୈଠକ ବସିଛି। ଏହି ବୈଠକରେ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଭଦ୍ରା, ବିଜେପି ସାଂସଦ ଅନୁରାଗ ଠାକୁରଙ୍କ ସମେତ ଅନ୍ୟ ସଦସ୍ୟ ସାମିଲ ହୋଇଛନ୍ତି। ସୁପ୍ରିମକୋର୍ଟର ଦୁଇ ପୂର୍ବତନ ପ୍ରଧାନ ବିଚାରପତି ଡିୱାଇ ଚନ୍ଦ୍ରଚୂଡ଼ ଏବଂ ଜେଏସ୍ ଖେହର ଏଠାରେ ଉପସ୍ଥିତ ହୋଇ ଏହି ପ୍ରକ୍ରିୟା କାର୍ଯ୍ୟକାରିତା ଲାଗି ନିର୍ବାଚନ କମିଶନକୁ ଅବାଧ ଶକ୍ତି ପ୍ରଦାନ କରିବା ଅନୁଚିତ ବୋଲି କହିଛନ୍ତି। ଉଭୟେ ଏକ ରାଷ୍ଟ୍ର, ଏକ ନିର୍ବାଚନକୁ ନେଇ ନିଜ ମତ ରଖି ଏକ ପ୍ରସ୍ତୁତି ଉପସ୍ଥାପନ କରିଥିବା ସୂଚନା ମିଳିଛି। ବିଜେପି ସାଂସଦ ପିପି ଚୌଧୁରୀଙ୍କ ନେତୃତ୍ୱାଧୀନ ଜେପିସି କମିଟି ଦେଶରେ ଏକକାଳୀନ ନିର୍ବାଚନ ପାଇଁ ଉଦ୍ଦିଷ୍ଟ ଏହି ବିଲ୍ ଉପରେ ନିଜ ସୁପାରିସ ଦେବା ପାଇଁ ଆଇନ ବିଶେଷଜ୍ଞଙ୍କ ମତ ନେଉଛନ୍ତି। ଏଥିରେ ସାମିଲ ହୋଇଛି ଇସିଙ୍କୁ ଅବାଧ କ୍ଷମତା ଦେବାକୁ ବିରୋଧ କରିବା ସହିତ ଯାଞ୍ଚ ଏବଂ ସନ୍ତୁଳନ ବ୍ୟବସ୍ଥା ଉପରେ ପ୍ରସ୍ତାବ ଦେଇଛନ୍ତି।

## ପ୍ରବଳ ବର୍ଷା: ହିମାଚଳରେ ୨୧ ଦିନରେ ୯୧ ମୃତ

ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଜୁନ୍ ୨୦ରେ ହିମାଚଳ ପ୍ରଦେଶରେ ମୌସୁମୀ ପ୍ରବେଶ କରିଥିଲା। ଏହାପରଠାରୁ ଗତ ୨୧ ଦିନ ମଧ୍ୟରେ ବର୍ଷା ଜନିତ ଘଟଣା ଅର୍ଥାତ ବନ୍ୟା, ଭୂସ୍ଖଳନ ଓ ସଡ଼କ ଦୁର୍ଘଟଣାରେ ଏହି ପାହାଡି ରାଜ୍ୟରେ ୯୧ ଜଣ ମୃତ୍ୟୁବରଣ କରିଛନ୍ତି। ରାଜ୍ୟରେ ଏବେ ୨୦୦ରୁ ଉର୍ଦ୍ଧ୍ୱ ସଡ଼କକୁ ବନ୍ଦ କରାଯାଇଛି। ସେହିପରି ଉତ୍ତରପ୍ରଦେଶର ଏକାଧିକ ଜିଲ୍ଲାରେ ଶୁକ୍ରବାର ପ୍ରବଳ ବର୍ଷା ହୋଇଛି। ମଧ୍ୟପ୍ରଦେଶରେ ମଣ୍ଡଲାରେ ଆସିଥିବା ବନ୍ୟାରେ ୭ ଜଣ ମୃତ୍ୟୁବରଣ କରିଥିବା ବେଳେ ୨ ଜଣ ନିଖୋଜ ଅଛନ୍ତି। ୩୦୦ ବାସଗୃହ କ୍ଷତିଗ୍ରସ୍ତ ହୋଇଛି। ୩୦୦ରୁ ଉର୍ଦ୍ଧ୍ୱ ଲୋକ ୭ଟି ରିଲିଫ୍ କ୍ୟାମ୍ପରେ ରହୁଛନ୍ତି। ଅନ୍ୟପଟେ ରାଜସ୍ଥାନରେ ୧୧ଟି ଜିଲ୍ଲାରେ ଶୁକ୍ରବାର ସକାଳୁ ବର୍ଷା ହେଉଛି। ୨୭ଟି ଜିଲ୍ଲାରେ ପ୍ରବଳ ବର୍ଷା ହେବ ବୋଲି ସତର୍କ କରାଇ ଦିଆଯାଇଛି। ସାରା ଦେଶରେ ମୌସୁମୀ ସକ୍ରିୟ ରହିଛି ଏବଂ ସବୁଠାର ପ୍ରବଳ ବର୍ଷା ହେବ ବୋଲି ଅନୁମାନ କରାଯାଉଛି।

## ଆମେରିକା ବିଦେଶ ମନ୍ତ୍ରଣାଳୟରୁ ଛଟେଇ ହେବେ ୧୩୦୦ କର୍ମଚାରୀ

ୱାସିଂଟନ, ୧୧।୭(ଏଜେନ୍ସି): ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନିର୍ଦ୍ଦେଶରେ ଆମେରିକା ବିଦେଶ ମନ୍ତ୍ରଣାଳୟର ପୁନର୍ଗଠନ ହେବ। ଏଥିପାଇଁ ଏହି ଗୁରୁତ୍ୱପୂର୍ଣ୍ଣ ମନ୍ତ୍ରଣାଳୟରୁ ୧୩୦୦ କର୍ମଚାରୀଙ୍କୁ ଛଟେଇ କରାଯିବ ବୋଲି ସରକାରଙ୍କ ତରଫରୁ କୁହାଯାଇଛି। ସିଭିଲ ଓ ଫରେନ ସର୍ଭିସ୍ ବିଭାଗରେ କାର୍ଯ୍ୟକରୁଥିବା ଅଧିକାରୀମାନେ ଛଟେଇ ହେବେ। ତେବେ ଟ୍ରମ୍ପଙ୍କର ଏହି ଅଜବ ନୀତିକୁ ପୂର୍ବତନ କୂଟନୀତିଜ୍ଞ ଏବଂ ବୈଦେଶିକ ନୀତି ବିଶେଷଜ୍ଞ କଡ଼ା ସମାଲୋଚନା କରିଛନ୍ତି। ଏହା ଦ୍ୱାରା ବିଶ୍ୱରେ ଆମେରିକାର ଚାଲିଥିବା ନେତୃତ୍ୱ ଓ ପତିଆରା କ୍ଷୁର୍ଣ୍ଣ ହେବ ବୋଲି ଏମାନେ ସତର୍କ କରାଇଦେଇଛନ୍ତି।

## ଗୋଟିଏ ସପ୍ତାହରେ ଦିଲ୍ଲୀରେ ଦ୍ୱିତୀୟ ଭୂକମ୍ପ

ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଦିଲ୍ଲୀ ଓ ନ୍ୟାସନାଲ କ୍ୟାପିଟାଲ ରିଜିଅନ (ଏନସିଆର)ରେ ଗୋଟିଏ ସପ୍ତାହରେ ଦ୍ୱିତୀୟଥର ପାଇଁ ଭୂକମ୍ପ ଝଟ୍କା ଅନୁଭୂତ ହୋଇଛି। ଶୁକ୍ରବାର ସନ୍ଧ୍ୟା ୭.୩୦ରେ ୩.୭ ତୀବ୍ରତାର ଭୂକମ୍ପ ଅନୁଭୂତ ହୋଇଛି। ନ୍ୟାସନାଲ ସେଣ୍ଟର ଅଫ୍ ସିସମୋଲୋଜୀ (ଏନ୍‌ସିଏସ୍) ଏକ୍ସରେ ପୋଷ୍ଟ କରି ଏହି ସୂଚନା ଦେଇଛି। ଏହାର କେନ୍ଦ୍ରସ୍ଥଳ ହରିୟାଣାର ଝଝର ଥିଲା। ଗୋଟିଏ ଦିନ ପୂର୍ବରୁ ଅର୍ଥାତ ଗୁରୁବାର ସକାଳେ ମଧ୍ୟ ଦିଲ୍ଲୀ ଓ ଏନ୍‌ସିଆରରେ ଭୂକମ୍ପ ଝଟ୍କା ଦେଖିବାକୁ ମିଳିଥିଲା। ଏହାର ତୀବ୍ରତା ୪.୪ ଥିଲା।

## ଏଫବିଆଇ ଅଧିକାରୀଙ୍କ ସଚ୍ଚୋଟତା ଯାଞ୍ଚ କରୁଛି ମିଛଧରା ମେସିନ

ୱାସିଂଟନ, ୧୧।୭ (ଏଜେନ୍ସି): ବିଶ୍ୱର ପ୍ରମୁଖ ଯାଞ୍ଚ ଏଜେନ୍ସି ଆମେରିକାର ଫେଡେରାଲ ବ୍ୟୁରୋ ଅଫ୍ ଇନଭେଷ୍ଟିଗେସନ (ଏଫ୍‌ବିଆଇ) ନିଜ ଅଧିକାରୀଙ୍କୁ ବିଶ୍ୱାସ କରିପାରୁ ନାହିଁ। ଏଥିପାଇଁ ବରିଷ୍ଠ ଅଧିକାରୀଙ୍କ ସଚ୍ଚୋଟତା ଯାଞ୍ଚ କରାଯାଉଛି। ଏହି ଜାଣିବା ଲାଗି ପଲିଗ୍ରାଫ ଟେଷ୍ଟ ତଥା ମିଛଧରା ମେସିନର ବ୍ୟବହାର କରାଯାଉଛି। ଅଧିକାରୀଙ୍କୁ ଏଫ୍‌ବିଆଇର ନିର୍ଦ୍ଦେଶକ କାଶ୍ ପଟେଲଙ୍କ ବିରୋଧରେ କୌଣସି ନକରାତ୍ମକ ବୟାନ ଦେଇଥିଲେ କି ନାହିଁ ତାହା ମଧ୍ୟ ପଚରା ଯାଉଛି। ଏହା ପୂର୍ବରୁ ଦେଶଦ୍ରୋହ କିମ୍ବା ଗୋପନୀୟ ସୂଚନା ପ୍ରଘଟ କରୁଥିବା କର୍ମଚାରୀଙ୍କର ଏଭଳି ପରୀକ୍ଷା କରାଯାଉଥିଲା। କିନ୍ତୁ କାଶ୍ ପଟେଲ ନିର୍ଦ୍ଦେଶକ ହେବା ପରେ ଏହି ମେସିନର ବ୍ୟବହାର ଅନେକ ଗୁଣ ବୃଦ୍ଧି ପାଇଛି। ଏବେ ଏହା ବ୍ୟକ୍ତିଗତ ନିଷ୍ଠା ଯାଞ୍ଚର ଅସ୍ତ୍ର ପାଲଟି ଯାଇଛି। ସୂଚନା ଅନୁଯାୟୀ କାଶ୍ ପଟେଲଙ୍କ ସର୍ଭିସ ୱିପୋନ (ଅସ୍ତ୍ରଶସ୍ତ୍ର) ମାଗୁଥିବାର ଖବର କିଏ ଗଣମାଧ୍ୟମକୁ ଦେଇଥିଲା ତାହା ଜାଣିବା ପାଇଁ ଏହି ଯାଞ୍ଚ କରାଯାଉଛି। କାଶ୍ ଏଫ୍‌ବିଆଇ ଏଜେଣ୍ଟ ହୋଇ ନ ଥିବାରୁ ତାଙ୍କୁ ସର୍ଭିସ ୱିପନ ଦେବାର ନିୟମ ନାହିଁ। ଏଫ୍‌ବିଆଇର ପୂର୍ବତନ ଅଧିକାରୀଙ୍କ ଅନୁଯାୟୀ ଏହା ଏକ ରାଜନୈତିକ ଏଜେଣ୍ଡା ଜନିତ ଅଭିଯାନ।

# ଆୟକର ନୋଟିସର ଦିନକ ପରେ ଟଙ୍କା ଭର୍ତ୍ତି ବ୍ୟାଗ୍ ସହ ଦେଖାଗଲେ ମହାରାଷ୍ଟ୍ର ମନ୍ତ୍ରୀ

ମୁମ୍ବାଇ, ୧୧।୭ (ଏଜେନ୍ସି): ମହାରାଷ୍ଟ୍ର କ୍ୟାବିନେଟ ମନ୍ତ୍ରୀ ତଥା ଔରଙ୍ଗାବାଦ ପଶ୍ଚିମ ଆସନର ଶିବସେନା (ସିନ୍ଦେ ଗୋଷ୍ଠୀ) ବିଧାୟକ ସଞ୍ଜୟ ସିରସାତକୁ ନେଇ ରାଜ୍ୟର ରାଜନୀତି ସରଗରମ ହୋଇ ଉଠିଛି। ଟଙ୍କା ଭର୍ତ୍ତି ବ୍ୟାଗ ସହ ତାଙ୍କର ଏକ ଭିଡିଓ ଖୁବ ଭାଇରାଲ ହେବାରେ ଲାଗିଛି। ଆୟକର ନୋଟିସ ମିଳିବାର ଦିନକ ପରେ ସାମାଜିକ ନ୍ୟାୟ ମନ୍ତ୍ରୀ ସଞ୍ଜୟଙ୍କ ଏହି ଭିଡିଓ ସାମ୍ନାକୁ ଆସିଛି। ଏହି ଆୟକର ନୋଟିସରେ ୨୦୧୯ରୁ ୨୦୨୪ ମଧ୍ୟରେ ତାଙ୍କ ସମ୍ପତ୍ତିରେ ଉଲ୍ଲେଖନୀୟ ବୃଦ୍ଧି ହୋଇଥିବା କୁହାଯାଇଛି। ଏହି ବିଷୟରେ ବିସ୍ତୃତ ସୂଚନା ଦେବାକୁ ମନ୍ତ୍ରୀଙ୍କୁ କୁହାଯାଇଥିଲା।

ଉଦ୍ଧବ ଗୋଷ୍ଠୀର ଶିବସେନା ସାଂସଦ ସଞ୍ଜୟ ରାଉତ ଶୁକ୍ରବାର ସାମାଜିକ ଗଣମାଧ୍ୟମରେ ମନ୍ତ୍ରୀଙ୍କ ଏହି ଭିଡିଓ ସେୟାର କରିଛନ୍ତି। ଏଥିରେ ଦେଖାଯାଉଛି ଯେ ସଞ୍ଜୟ ଏକ ପ୍ରକୋଷ୍ଠରେ ବସି ସିଗାରେଟ ଟାଣୁଛନ୍ତି। ତାଙ୍କ ନିକଟରେ ଏକ ଟଙ୍କା ଭର୍ତ୍ତି ବ୍ୟାଗ୍ ରହିଛି। ପ୍ରକୋଷ୍ଠରେ ଏକ କୁକୁର ଥିବା ମଧ୍ୟ ଦେଖାଯାଉଛି। ଏହା ବ୍ୟତୀତ ଆଉ ଏକ ବନ୍ଦ ସୁଟ୍‌କେସ୍ ରହିଛି। ତେବେ ଏହି ଭିଡିଓ କେବେକାର ଏବଂ କେଉଁଠାର ତାହାର କୌଣସି ସୂଚନା ଦିଆଯାଇ ନାହିଁ। ଭିଡିଓ ସେୟାର କରି ରାଉତ ଲେଖିଛନ୍ତି ଯେ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାଭୀସଙ୍କ ଉପରେ ଦୟା ଆସୁଛି। ସେ ଆଉ କେତେ ଥର ନିଜ ସମ୍ମାନ ତଳେ ପଡୁଥିବା ଦେଖିବେ? ଅସହାୟଙ୍କ ଅନ୍ୟ ନାମ ହେଉଛି ଫଡନାଭୀସ। ସେହିପରି ଉଦ୍ଧବ ଠାକ୍‌ରେଙ୍କ ପୁଅ ଆଦିତ୍ୟ ଠାକରେ କହିଛନ୍ତି ଯେ ଏହା ୫୦ ଖୋକା ନେଉଥିବା ସରକାର ବୋଲି ଆମେ ପୂର୍ବରୁ କହିଛୁ। ପ୍ରଥମେ ଖୋକା ଦେଖାଯାଉଛି।



ଦିନକ ତଳେ ମନ୍ତ୍ରୀ ସଞ୍ଜୟ କହିଥିଲେ ଯେ ତାଙ୍କୁ ଆୟକର ନୋଟିସ୍ ମିଳିଛି। ଗତ ଦୁଇ ନିର୍ବାଚନରେ ସମ୍ପତ୍ତି ୩ କୋଟିରୁ ବଢ଼ି ୨୪ କୋଟି କେମିତି ହୋଇଗଲା ତାହାର ଜବାବ ମଗାଯାଇଛି। ଏହି ଭିଡିଓ ସାମ୍ନାକୁ ଆସିବା ପରେ ମନ୍ତ୍ରୀ କହିଛନ୍ତି ଯେ ସେ ଯାତ୍ରା କରି ଆସିଥିଲେ। ପୋଷାକ ବାହାର କରି ଘରେ ଖଟ ଉପରେ ବସିଥିଲେ। ବ୍ୟାଗ୍ ସେଠାରେ ରଖି ଦେଇଥିଲେ। ଲୁଚିଛପି କ୍ୟାମେରା ଲଗାଇବା କିଛି ଲୋକଙ୍କ ଧନ୍ଦା ପାଲଟି ଯାଇଛି। ୫-୨୫ ଲକ୍ଷ ଟଙ୍କାର ଭିଡିଓ ଦେଖାଇଲେ କ’ଣ ହେବ। ଲୋକଙ୍କ ଘର ସେହିଥିରୁ ଚଳୁଥିବ। ଏଥିରୁ କିଛି ମିଳିବ ନାହିଁ। ଖାଲି ତାଙ୍କୁ ବଦନାମ କରିବାକୁ ପ୍ରୟାସ କରାଯାଉଛି। ତେବେ ଏହି ଭିଡିଓ ଏଆଇ ଦ୍ୱାରା ପ୍ରସ୍ତୁତ କି ବୋଲି ପଚାରିବାରୁ ସେ କିଛି ଜାଣି ନ ଥିବା କହିଥିଲେ। ଏହା ପୂର୍ବରୁ ସଞ୍ଜୟ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିଛନ୍ତି ବୋଲି ଏଆଇଏମଆଇଏମ ନେତା ତଥା ପୂର୍ବତନ ସାଂସଦ ଇମ୍‌ତିଆଜ ଜଲିଲ ଅଭିଯୋଗ ଲଗାଇ ଥିଲେ।

# ଡ୍ୟାମ୍ ନା ଟାଇମ୍ ବମ୍?



ନୂଆଦିଲ୍ଲୀ, ୧୧।୭(ଏଜେନ୍ସି): ଉତ୍ତରପୂର୍ବ ରାଜ୍ୟ ଅରୁଣାଚଳ ପ୍ରଦେଶର ସୀମାଠାରୁ ୫୦ କିମି ଦୂରରେ ଚୀନ୍ ବିଶ୍ୱର ସର୍ବବୃହତ୍ ହାଇଡ୍ରୋପାୱାର ନଦୀ ବନ୍ଧ ନିର୍ମାଣ ଯୋଜନା କରୁଛି। ବ୍ରହ୍ମପୁତ୍ର (ଚୀନ୍‌ରେ ୟାରଲଙ୍ଗ୍ ସାଙ୍ଗପୋ ନାମରେ ପରିଚିତ) ନଦୀରେ ଏହି ଡ୍ୟାମ୍ ନିର୍ମାଣ କରିବ। ଏହା ଅରୁଣାଚଳ ପ୍ରଦେଶ ତଥା ଭାରତ ପାଇଁ ବଡ଼ ବିପଦ ସୃଷ୍ଟି କରିଛି ବୋଲି ଅରୁଣାଚଳ ପ୍ରଦେଶ ମୁଖ୍ୟମନ୍ତ୍ରୀ ପେମା ଖାଣ୍ଡୁ କହିଛନ୍ତି। ଚୀନ୍ ଏହି ଡ୍ୟାମକୁ ଅସ୍ତ୍ର ଭଳି ବ୍ୟବହାର କରିବ। ଏହା ଭାରତ ପାଇଁ ଟିକ୍‌ଟିକ୍ କରୁଥିବା ଟାଇମ ବମ୍ ସହ ସମାନ ବୋଲି ସେ ଉଲ୍ଲେଖ କରିଛନ୍ତି। ଏହି ମେଗା ଡ୍ୟାମ୍‌କୁ ବ୍ୟବହାର କରି ଚୀନ୍ ଭାରତକୁ ବହୁ ପରିମାଣରେ ପାଣି ଛାଡିବ। ଏହା ଦ୍ୱାରା ବଡ଼ ବନ୍ୟା ସୃଷ୍ଟି କରିବ। ଏହି ଡ୍ୟାମ୍ ଭାରତ ପାଇଁ ୱାଟର ବମ୍ ସଦୃଶ ହୋଇଛି ବୋଲି ସେ ସତର୍କ କରାଇ ଦେଇଛନ୍ତି। ଏହି ଡ୍ୟାମ୍ ଦ୍ୱାରା ସୀମାବର୍ତ୍ତୀ ଅଞ୍ଚଳରେ ରହୁଥିବା ଆଦିବାସୀଙ୍କ ଜୀବନ, ଭୂମି ଓ ସମ୍ବଳକୁ ଧ୍ୱଂସ କରିବାର ଆଶଙ୍କାର ରହିଛି ବୋଲି ସେ କହିଛନ୍ତି।

**ବ୍ରହ୍ମପୁତ୍ରରେ ଚୀନ ନିର୍ମାଣ କରୁଛି ବିଶ୍ୱର ବୃହତ୍ ବନ୍ଧ**

**ଉତ୍ତର-ପୂର୍ବ ଭାରତରେ ରଚାଇବ ଧ୍ୱଂସଲୀଳା**


ଅରୁଣାଚଳ ଓ ତିବ୍ବତ ମଧ୍ୟରେ ୧, ୨୦୦ କିମିର ସୀମା ରହିଛି। ଚୀନ୍ ୧୯୫୦ରୁ ତିବ୍ବତକୁ ଦଖଲ କରି ରଖିଛି। ୧.୧୪ ଲକ୍ଷ କୋଟି ଟଙ୍କା ବିନିମୟରେ ଚୀନ୍ ବ୍ରହ୍ମପୁତ୍ର ଡ୍ୟାମ୍ ନିର୍ମାଣ କରିବ। ତେବେ ଏହି ବନ୍ଧକୁ ଚୀନ୍ ଅନେକ ସୂଚନା ଗୋପନୀୟ ରଖିଛି। ଏହା ଆଞ୍ଚଳିକ ସ୍ତରରେ ଉତ୍ତେଜନାକୁ ବୃଦ୍ଧି କରିଛି। ଏହି ବନ୍ଧ ଅରୁଣାଚଳ ପ୍ରତି ବଡ଼ ବିପଦ ସୃଷ୍ଟି କରୁଛି। ଚୀନ୍ ଅନ୍ତର୍ଜାତୀୟ ଜଳ ଚୁକ୍ତିରେ ସ୍ୱାକ୍ଷର କରି ନ ଥିବାରୁ ପରିବେଶ ଏବଂ ଭୂରାଜନୈତିକ ସ୍ଥିତି ଉପରେ ଏହି ବନ୍ଧର ପ୍ରଭାବକୁ ନେଇ ଗଭୀର ଚିନ୍ତା ପ୍ରକାଶ ପାଇଛି।

ପଶ୍ଚିମ ତିବ୍ବତର ଅଙ୍ଗସି ହିମପ୍ରବାହରୁ ଏହି ନଦୀର ଉତ୍ପତ୍ତି ହୋଇଛି। ଭାରତ ମଧ୍ୟ ଏଭଳି ସମ୍ଭାବ୍ୟ ସ୍ଥିତିକୁ ସାମ୍ନା କରିବାକୁ ଏକ ବହୁମୁଖୀ ପ୍ରକଳ୍ପ ଆରମ୍ଭ କରିବାକୁ ଯୋଜନା କରିଛି। ଏହି ପ୍ରକଳ୍ପ ହେଲେ ଚୀନ୍ ପାଣି ଛାଡିଲେ ଭାରତ ଏହି ପାଣିକୁ ରୋକିବାରେ ସମର୍ଥ ହେବ। ଭାରତ ଏଥିପାଇଁ ଜଳ ଭଣ୍ଡାର କରିବା ସହ ସମ୍ଭାବ୍ୟ ବନ୍ୟାକୁ ରୋକିବା ପାଇଁ ତା’ର ନିୟନ୍ତ୍ରଣ କ୍ଷମତାକୁ ବୃଦ୍ଧି କରିବ। ତିବ୍ବତ ଭାରତର ଉତ୍ତରରେ ଓ ଅପେକ୍ଷାକୃତ ଉଚ୍ଚରେ ଅବସ୍ଥିତ। ତେଣୁ ସେଠାରୁ ଦକ୍ଷିଣକୁ ଆସୁଥିବା ନଦୀଗୁଡିକ ଉପରେ ଚୀନ୍‌ର ନିୟନ୍ତ୍ରଣ ରହୁଛି। ଫଳରେ ଚୀନ୍ ଏକାଧିକ ନଦୀବନ୍ଧ ନିର୍ମାଣ କରି କେବଳ ଭାରତ ନୁହେଁ, ବାଂଲାଦେଶ ପାଇଁ ମଧ୍ୟ ବିପଦ ସୃଷ୍ଟି କରିଛି। ସମ୍ଭାବ୍ୟ ବିପଦ ଓ ବନ୍ୟାସ୍ଥିତି ପାଇଁ ଭାରତ ଆବଶ୍ୟକୀୟ ପଦକ୍ଷେପ ଗ୍ରହଣ କରିବାର ଆବଶ୍ୟକତା ରହିଛି।

**ଅହମଦାବାଦ ବିମାନ ଦୁର୍ଘଟଣା ମାମଲା**

# ବିମାନ ଇନ୍ଧନ ସ୍ୱିଚ୍ ବନ୍ଦ ଥିଲା!

ନୂଆଦିଲ୍ଲୀ, ୧୧।୭ (ଏଜେନ୍ସି): ଅହମଦାବାଦ ବିମାନ ଦୁର୍ଘଟଣାର ପ୍ରାରମ୍ଭିକ ଯାଞ୍ଚରେ ବୋଇଂର ୭୮୭ ଡ୍ରିମ୍‌ଲାଇନରରେ କୌଣସି ଯାନ୍ତ୍ରିକ ତ୍ରୁଟି ଥିବା ଜଣାପଡ଼ି ନାହିଁ। ‘ୱାଲ ଷ୍ଟ୍ରିଟ୍ ଜର୍ଣ୍ଣାଲ’ ରିପୋର୍ଟରେ ଏହି ଦାବି କରାଯାଇଛି। ରିପୋର୍ଟ ଅନୁଯାୟୀ ବିମାନର ଉଭୟ ଇଞ୍ଜିନକୁ ଇନ୍ଧନ ଯୋଗାଣ ନିୟନ୍ତ୍ରଣ କରୁଥିବା ସ୍ୱିଚ୍ ବନ୍ଦ କରିଦିଆ ଯାଇଥିଲା। ଏଥିଯୋଗୁଁ ଉଡ଼ାଣ ପରେ ଇଞ୍ଜିନକୁ ଶକ୍ତି (ଥ୍ରଷ୍ଟ) ଯୋଗାଣ ବନ୍ଦ ହୋଇ ଯାଇଥିଲା। ସାଧାରଣତଃ ଇଞ୍ଜିନ ଚାଲୁ କିମ୍ବା ବନ୍ଦ କରିବା, କୌଣସି ଜରୁରୀକାଳୀନ ସ୍ଥିତିରେ ରିସେଟ୍ କରିବା ପାଇଁ ପାଇଲଟ୍ ଏହି ସ୍ୱିଚ୍‌କୁ ବ୍ୟବହାର କରିଥାନ୍ତି। ଅନ୍ୟପକ୍ଷରେ କେନ୍ଦ୍ର ସରକାର ଦୁର୍ଘଟଣାର ପ୍ରାଥମିକ ତଦନ୍ତ ରିପୋର୍ଟକୁ ଖୁବ୍‌ଶୀଘ୍ର ସାର୍ବଜନୀନ କରିପାରନ୍ତି। ଏୟାରକ୍ରାଫ୍ଟ ଆକ୍ସିଡେଣ୍ଟ ଇନଭେଷ୍ଟିଗେସନ ବ୍ୟୁରୋ (ଏଏଆଇବି) ଏହି ମାମଲାର ତଦନ୍ତ କରୁଛି। ନିୟମ ଅନୁଯାୟୀ ଦୁର୍ଘଟଣାର ୩୦ ଦିନ ଭିତରେ ଏହି ରିପୋର୍ଟ ଅପଲୋଡ କରିବାକୁ ପଡ଼ିଥାଏ। ସୂଚନାଯୋଗ୍ୟ ଯେ ଜୁନ୍ ୧୨ ତାରିଖରେ ଅହମଦାବାଦରୁ ଲଣ୍ଡନ ଯାଉଥିବା ଏୟାର ଇଣ୍ଡିଆ ବିମାନ ଏଆଇ-୧୭୧ ଉଡ଼ାଣର କିଛି ସେକେଣ୍ଡ ମଧ୍ୟରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨୭୫ ଜଣଙ୍କ ମୃତ୍ୟୁ ହୋଇଥିଲା।



**ଜରୁରୀ ଯାନ୍ତ୍ରିକ ସ୍ଥିତି ସୃଷ୍ଟି ହେଲେ ପାଇଲଟ୍ ସ୍ୱିଚ୍ ମାରନ୍ତି: ବିଶେଷଜ୍ଞ**

ଆମେରିକା ଆଭିଏସନ ୱେବସାଇଟ ‘ଦି ଏୟାର କଣ୍ଟ୍ରୋଲ’ର ରିପୋର୍ଟ ଅନୁଯାୟୀ ବ୍ଲାକବକ୍ସର ପ୍ରାରମ୍ଭିକ ତଥ୍ୟରୁ ଉଭୟ ଇଞ୍ଜିନର ଫୁଏଲ ସ୍ୱିଚ୍ ପରିଚାଳନା (ମୁଭମେଣ୍ଟ)ର ସୂଚନା ଦିଆଯାଇଛି। ତେବେ ପାଇଲଟଙ୍କ ଭୁଲ୍‌ରୁ ଏପରି ହୋଇଥିଲା କି ଯାନ୍ତ୍ରିକ ତ୍ରୁଟି କିମ୍ବା ଅନ୍ୟ କୌଣସି କାରଣରୁ ତାହା ଏ ପର୍ଯ୍ୟନ୍ତ ଜଣାପଡ଼ି ନାହିଁ। ଆମେରିକା ବିଶେଷଜ୍ଞ ଜନ୍ କାକ୍ସଙ୍କ ଅନୁଯାୟୀ ଏହି ସ୍ୱିଚ୍ ଏତେ ସମ୍ବେଦନଶୀଳ ନୁହେଁ ଯେ ଭୁଲ୍‌ରେ ହାତ ବାଜିଗଲେ ଚାଲୁ ହୋଇଯିବ। ଏହାକୁ ତଳେ ହିଁ ଅନ୍ କିମ୍ବା ଅଫ୍ କରାଯାଇଥାଏ। ଡ୍ରିମ୍‌ଲାଇନର ବିମାନର ଦୁଇ ଇଞ୍ଜିନରେ ରନ୍ ଏବଂ କଟ୍‌ଅଫ୍ ନାମରେ ଦୁଇଟି ପୋଜିସନ ଥାଏ। ବିମାନ ଆକାଶରେ ରହି ସ୍ୱିଚ କଟ୍‌ଅଫ୍‌ରେ ଥିଲେ ଇଞ୍ଜିନକୁ ଇନ୍ଧନ ମିଳିବା ବନ୍ଦ ହୋଇଯାଏ। ଏହା ଦ୍ୱାରା ଶକ୍ତି ମିଳେନାହିଁ ଏବଂ ବିଦ୍ୟୁତ ଯୋଗାଣ ମଧ୍ୟ ବନ୍ଦ ହୋଇପାରେ। ଏଥିପାଇଁ କକ୍‌ପିଟ୍‌ର ଅନେକ ଉପକରଣ ବି ବନ୍ଦ ହୋଇପାରେ। ଅନ୍ୟଜଣେ ବିଶେଷଜ୍ଞଙ୍କ ଅନୁଯାୟୀ କୌଣସି ପାଇଲଟ ବିମାନକୁ ଆସି ସ୍ୱିଚ୍ ସହ ଖେଳନ୍ତି ନାହିଁ। ଯଦି ଏପରି ହୋଇଛି ତେବେ ଜରୁରୀ ଯାନ୍ତ୍ରିକ ତ୍ରୁଟି ସୃଷ୍ଟି ହୋଇଥିବ।

## ୯ ମାସ ପରେ ପାକ୍ ଅଭିନେତ୍ରୀଙ୍କ ମୃତଦେହ ଉଦ୍ଧାର



କରାଚୀ, ୧୧।୭(ଏଜେନ୍ସି): ପାକିସ୍ତାନ ଅଭିନେତ୍ରୀ ହୁମେରା ଅସଗରଙ୍କ ମୃତ୍ୟୁ ରହସ୍ୟ ଘନେଇବାରେ ଲାଗିଛି। ୩୨ ବର୍ଷୀୟ ଏହି ଅଭିନେତ୍ରୀ କେବେ ମୃତ୍ୟୁବରଣ କରିଛନ୍ତି ସେ ନେଇ ଏବେ ସ୍ପଷ୍ଟ କରାଯାଇଛି। ପ୍ରଥମେ ସେ ୨ ମାସ ତଳେ ମୃତ୍ୟୁବରଣ କରିଥିଲେ ବୋଲି କୁହାଯାଉଥିଲା। କିନ୍ତୁ ଡିଜିଟାଲ ଓ ଫରେନସିକ୍ ପ୍ରମାଣକୁ ଭିତ୍ତିକରି ଏବେ ନୂଆ ତଥ୍ୟ ପ୍ରଦାନ କରାଯାଇଛି। ୯ ମାସ ତଳେ ଅର୍ଥାତ ଗତ ଅକ୍ଟୋବରରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି କୁହାଯାଇଛି। ତାଙ୍କର ମୃତଦେହ କରାଚୀର ଏକ ଫ୍ଲାଟ୍‌ରୁ ମିଳିଥିଲା। ଗତ ସେପ୍ଟେମ୍ବରରୁ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟରେ କୌଣସି ପୋଷ୍ଟ ହୋଇ ନ ଥିଲା। ପଡ଼ୋଶୀ ତାଙ୍କୁ ଗତ ସେପ୍ଟେମ୍ବର କିମ୍ବା ଅକ୍ଟୋବରରେ ଶେଷଥର ପାଇଁ ଦେଖିଥିଲେ ବୋଲି କହିଛନ୍ତି। ତାଙ୍କ ମୃତଦେହ ସମ୍ପୂର୍ଣ୍ଣ ଭାବେ ସଢିଯାଇଛି। ୨୦୨୪ ସେପ୍ଟେମ୍ବର ୧୧ରେ ସେ ଶେଷଥର ପାଇଁ ଫେସ୍‌ବୁକ୍‌ରେ ଓ ସେପ୍ଟେମ୍ବର ୩୦ରେ ଇନଷ୍ଟାଗ୍ରାମ୍‌ରେ ପୋଷ୍ଟ କରିଥିଲେ। ପ୍ରଥମେ ମୃତଦେହ ନେବାକୁ ତାଙ୍କ ପରିବାର ମନା କରିଥିଲେ। କିନ୍ତୁ ଏବେ ତାଙ୍କ ଭାଇ ମୃତଦେହ ନେବା ପାଇଁ ପ୍ରକ୍ରିୟା ପୂରା କରିଛନ୍ତି। ହୁମେରା ତାଙ୍କ ପରିବାର ସହ କୌଣସି ସମ୍ପର୍କ ରଖିନଥିଲେ। ହୁମେରା କ୍ୟାରିଅରରେ ଏକାଧିକ ସଫଳ ସିନେମାରେ ଅଭିନୟ କରିବା ସହ ଟେଲିଭିଜନ ଶୋ’ରେ ମଧ୍ୟ ନିଜର ପ୍ରତିଭା ପ୍ରଦର୍ଶନ କରିବାରେ ସଫଳ ହୋଇଥିଲେ। ତେବେ ସେ କିପରି ଓ କେଉଁ ଭଳି ସ୍ଥିତିରେ ଜୀବନ ହରାଇଛନ୍ତି ତାହା ଏବେ ମଧ୍ୟ ରହସ୍ୟ ହୋଇ ରହିଛି।

# ବିଦେଶୀ ଗଣମାଧ୍ୟମଙ୍କୁ ଅଜିତ ଡୋଭାଲଙ୍କ ଚ୍ୟାଲେଞ୍ଜ



ଚେନ୍ନାଇ, ୧୧।୭ (ଏଜେନ୍ସି): ‘ଅପରେସନ ସିନ୍ଦୂର’ ଭାରତ ପାଇଁ ଗର୍ବର କ୍ଷଣ ଥିଲା। ଏହି ଅଭିଯାନରେ ଭାରତର କୌଣସି କ୍ଷୟକ୍ଷତି ହୋଇନାହିଁ। ବିଦେଶୀ ଗଣମାଧ୍ୟମର ଦାବିକୁ ଖାରଜ କରି ଏନଏସଏ ଅଜିତ ଡୋଭାଲ ଶୁକ୍ରବାର ଏହି ମନ୍ତବ୍ୟ ଦେଇଛନ୍ତି। କିଛି ବିଦେଶୀ ଗଣମାଧ୍ୟମ ପାକିସ୍ତାନ ଉପରେ ଭାରତର କାର୍ଯ୍ୟାନୁଷ୍ଠାନକୁ ନେଇ ପ୍ରଶ୍ନ ଉଠାଇ ଥିଲେ। ଭାରତର କ୍ଷୟକ୍ଷତି ହୋଇଥିବା ନେଇ ଦାବି କରିଥିଲେ। ଏହାକୁ ନେଇ ଡୋଭାଲ ସମାଲୋଚକଙ୍କୁ ଆହ୍ୱାନ ଦେଇଛନ୍ତି। ଭାରତ କ୍ଷୟକ୍ଷତିର ଗୋଟିଏ ବି ଫଟୋ ଅଛି ଯଦି ଦେଖାଇବାକୁ ଆହ୍ୱାନ ଦେଇଛନ୍ତି। ଗୋଟିଏ କାଚ ଯଦି ବି ଭାଙ୍ଗିଛି ତେବେ ଦେଖାଅ ବୋଲି କହିଛନ୍ତି। ଆଇଆଇଟି ମାଡ୍ରାସର ୬୨ତମ ଦୀକ୍ଷାନ୍ତ ସମାରୋହରେ ସାମିଲ ହୋଇ ଡୋଭାଲ ଏହି ଟିପ୍ପଣୀ ଦେଇଛନ୍ତି।

**■ ‘ଅପରେସନ ସିନ୍ଦୂର’ ରେ ଭାରତ କ୍ଷୟକ୍ଷତିର ଗୋଟିଏ ଫଟୋ ଦେଖାଅ**

ଏନଏସ୍ଏ କହିଛନ୍ତି ଯେ ପାକିସ୍ତାନ ଏଇଟା କଲା ସେଇଟା କଲା ଖାଲି କହୁଛନ୍ତି। କିନ୍ତୁ, ବିଦେଶୀ ଗଣମାଧ୍ୟମ କୌଣସି ଫଟୋ କିମ୍ବା ଉପଗ୍ରହ ଚିତ୍ର ଦେଖାଇ ପାରି ନାହିଁ। କ’ଣ କ୍ଷତି ହୋଇଛି ମଧ୍ୟ କହିପାରି ନାହିଁ। ଭାରତ କୌଣସି ତ୍ରୁଟି କରିନାହିଁ। ସମ୍ପୂର୍ଣ୍ଣ ସଠିକ୍ ଲକ୍ଷ୍ୟଭେଦ କରାଯାଇଥିଲା। କିଏ କେଉଁଠି ଥିଲା ତାହା ଭାରତ ଜାଣିଥିଲା। ଜ୍ଞାନକୌଶଳ ଏବଂ ୱାରଫେୟାର ମଧ୍ୟରେ ସମ୍ବନ୍ଧ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ହୋଇଥାଏ। ‘ଅପରେସନ ସିନ୍ଦୂର’ରେ ବ୍ରହ୍ମୋସଠାରୁ ନେଇ ରାଡାର ପର୍ଯ୍ୟନ୍ତ ସବୁ କିଛି ସ୍ୱଦେଶୀ ଥିଲା। ପାକିସ୍ତାନରେ ଆଖପାଖରେ ଥିବା ୯ଟି ଆତଙ୍କବାଦୀ ଶିବିରକୁ ନିଶାଣ କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ଏହା ସୀମା ଅଞ୍ଚଳରେ ନ ଥିଲା। ଏହା ବ୍ୟତୀତ ଭାରତ ଆଉ କୌଣସି ଠିକଣାକୁ ନିଶାଣ କରି ନ ଥିଲା। ଭାରତ ସଠିକ୍ ଲକ୍ଷ୍ୟଭେଦ କରି ଏଗୁଡିକୁ ଧ୍ୱଂସ କରିଥିଲା। ଏଭଳି ଏକ ସଭ୍ୟତା ସହ ଆମେ ସମ୍ପର୍କ ରହିଛି ଯିଏ ହଜାର ବର୍ଷ ପର୍ଯ୍ୟନ୍ତ ସଙ୍କଟଗ୍ରସ୍ତ ଏବଂ ଲହୁ ଲୁହାଣ ଥିଲା। ଆମେ ପୂର୍ବଜମାନେ ବହୁତ କିଛି ସହିଥିଲେ। ରାଷ୍ଟ୍ରର ଏହି ଧାରଣାକୁ ଜୀବନ୍ତ ରଖିବା ପାଇଁ କେତେ ଅପମାନ ଏବଂ କଷ୍ଟ ସହିଥିବା ତାହା କହିହେବନି। ରାଷ୍ଟ୍ର, ରାଜ୍ୟଠାରୁ ଅଲଗା ହୋଇଥାଏ। ଏକ ରାଷ୍ଟ୍ର ଭାବେ ଭାରତ ହଜାର ହଜାର ବର୍ଷ ହେଲା ଅସ୍ତିତ୍ୱରେ ରହିଛି।


## ମିଆଁମାରର ବୌଦ୍ଧ ମଠ ଉପରେ ଏୟାର ଷ୍ଟ୍ରାଇକ୍; ୨୩ ମୃତ

ନାପିତ୍ୟ, ୧୧।୭(ଏଜେନ୍ସି): ମିଆଁମାରର ସାଗାଇଙ୍ଗ ଅଞ୍ଚଳରେ ଥିବା ଏକ ବୌଦ୍ଧ ମଠ ଉପରେ ଏୟାର ଷ୍ଟ୍ରାଇକ କରାଯାଇଛି। ଗୁରୁବାର ବିଳମ୍ବିତ ରାତିରେ ହୋଇଥିବା ଏହି ଆକ୍ରମଣରେ ୨୩ ଜଣ ମୃତ୍ୟୁବରଣ କରିଥିବା ବେଳେ ୩୦ଜଣ ଆହତ ହୋଇଛନ୍ତି। ଲିନ୍ ତା ଶୁ ଗାଁରେ ଘଟିଥିବା ଏହି ଘଟଣାରେ ୧୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ୧୫୦ରୁ ଉର୍ଦ୍ଧ୍ୱ ଲୋକ ଏହି ମଠରେ ଶରଣ ନେବାକୁ ଆସିଥିଲେ। ମୃତକଙ୍କ ମଧ୍ୟରେ ୪ ଛୋଟପିଲା ସାମିଲ ରହିଛନ୍ତି। ରାତି ୧ଟାରେ ଏକ ଲଢୁଆ ବିମାନ ମଠ ଉପରେ ବୋମା ପକାଇଥିଲା। ତେବେ କିଏ ବା କେଉଁ ସଂଗଠନ ଏହି ଆକ୍ରମଣ କରିଛି ତାହା ଏ ପର୍ଯ୍ୟନ୍ତ ଜଣା ପଡ଼ିନାହିଁ। ଉଲ୍ଲେଖଥାଉ କି, ୨୦୨୧ରେ ମିଆଁମାରରେ ଗୃହଯୁଦ୍ଧ ଚାଲିଛି। ସେନାବାହିନୀ ନିର୍ବାଚିତ ସରକାରଙ୍କୁ ଶାସନରୁ ହଟାଇବର ପରେ ଏହି ଗୃହଯୁଦ୍ଧ ଆରମ୍ଭ ହୋଇଛି। ଏହି ଗୃହଯୁଦ୍ଧରେ ଏପର୍ଯ୍ୟନ୍ତ ମୋଟ୍ ଉପରେ ୭୫ ହଜାର ଲୋକ ମୃତ୍ୟୁବରଣ କଲେଣି। ଏକଦା ମିଆଁମାର ଭାରତର ଅଂଶ ରହିଥିଲା। ୧୯୩୭ରେ ମିଆଁମାର ଅର୍ଥାତ ସେତେବେଳର ବର୍ମାକୁ ବ୍ରିଟିଶ ସରକାର ଭାରତ ଏକ ରାଜ୍ୟ ଭାବେ ଘୋଷଣା କରିଥିଲା। ମାତ୍ର ୧୯୪୮ ଜାନୁଆରୀ ୪ରେ ବର୍ମାକୁ ସ୍ୱାଧୀନତା ମିଳିଥିଲା।



ଜାଗୁଆର ବିମାନ ଦୁର୍ଘଟଣା

## ୧୨୦୦ ପରିବାରକୁ ବଞ୍ଚାଇଦେଲେ ପାଇଲଟ୍



ଜୟପୁର, ୧୧।୭ (ଏଜେନ୍ସି): ରାଜସ୍ଥାନ ଚୁରୁରେ ବୁଧବାର ଭାରତୀୟ ବାୟୁସେନାର ଏକ ଜାଗୁଆର ବିମାନ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏଥିରେ ୨ ପାଇଲଟ ହରିୟାଣା ରୋହତକର ସ୍କ୍ୱାଡ୍ରନ ଲିଡର ଲୋକେନ୍ଦ୍ର ସିଂହ ସାନ୍ଧୁ (୪୪) ଏବଂ ପାଲିର ଖିମ୍ବାଦୀ ଗ୍ରାମର ଫ୍ଲାଇଟ ଲେଫ୍ଟନାଣ୍ଟ ଋଷିରାଜ ( ୨୩) ପ୍ରାଣ ହରାଇ ଥିଲେ। ଦୁଇ ପାଇଲଟ ସହିଦ ହୋଇ ଗାଁର ୧୨୦୦ ପରିବାରକୁ ବଞ୍ଚାଇ ଦେଇଥିଲେ। ଉଭୟେ ଶେଷ ସମୟ ଯାଏଁ ନିଜ ଦାୟିତ୍ୱ ଏବଂ କର୍ତ୍ତବ୍ୟକୁ ଭୁଲି ନ ଥିଲେ। ଭାନୁଦା ଗ୍ରାମର ଗ୍ରାମବାସୀ ଏହି କହିଛନ୍ତି। ଏହି ଗାଁ ଲୋକେ ଲଢୁଆ ବିମାନ ଦୁର୍ଘଟଣାଗ୍ରସ୍ତ ହେବାର କରୁଣ ଦୃଶ୍ୟ ଦେଖିଥିଲେ। ବୁଧବାର ଦ୍ୱିପହର ୧୨ଟା ୪୦ରେ ଗାଁଠୁ ଦୁଇ କିମି ଦୂର ଶୂନଶାନ ଅଞ୍ଚଳରେ ଏହି ଦୁର୍ଘଟଣା ଘଟିଥିଲା। ଘଟଣାସ୍ଥଳରୁ ଦୁଇ ପାଇଲଟଙ୍କ ମୃତଦେହର ଖଣ୍ଡ ବିଖଣ୍ଡିତ ଅଂଶ ଉଦ୍ଧାର କରାଯାଇଥିଲା। ସୂଚନା ଅନୁଯାୟୀ ଭାନୁଦା ବିଦାବତାନ ଏବଂ ଭାନୁଦା ଚାରନାନ ଗ୍ରାମରେ ପ୍ରାୟ ୧୨୦୦ ପରିବାର ରହୁନ୍ତି। ଏହି ବିମାନ ଆକାଶରେ ନିୟନ୍ତ୍ରଣ ହରାଇ ଏକ ଗଛ ସହ ଧକ୍କା ହୋଇଥିଲା। ତଳେ ପଡ଼ିବା ପରେ ବୋମା ଫାଟିବା ପରି ଶବ୍ଦ ଶୁଭିଥିଲା। ଏହା ଶହେ ମିଟର ପର୍ଯ୍ୟନ୍ତ ଘୋଷାଡ଼ି ହୋଇ ଯାଇଥିଲା। ଏଥିଯୋଗୁଁ ନିଆଁ ଲାଗି ଯାଇଥିଲା। ଏହି ବିସ୍ଫୋରଣ ଶବ୍ଦ ଶୁଣି ଗାଁରେ ଭୟର ବାତାବରଣ ଖେଳି ଯାଇଥିଲା। ପ୍ରତ୍ୟକ୍ଷଦର୍ଶୀ ମୋହିତ ଶର୍ମାଙ୍କ ଅନୁଯାୟୀ ଦୁଇ ପାଇଲଟ ନିଜ ଜୀବନ ଦେଇ ଦୁଇ ଗାଁର ଲୋକଙ୍କୁ ନୂଆ ଜୀବନ ଦେଇଥିଲେ। ଯଦି ବିମାନ ଏହି ଦୁଇ ଗାଁ ଉପରେ ପଡ଼ିଥାନ୍ତା ତେବେ ଅଧିକ ଲୋକ ମୃତାହତ ହୋଇଥାନ୍ତେ। ଉଭୟ ପାଇଲଟ ଶେଷ ସମୟ ପର୍ଯ୍ୟନ୍ତ ବିମାନକୁ ଗାଁରେ ପଡ଼ିବାକୁ ଦେଇ ନ ଥିଲେ। ଏଥିପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ।

## କଂଗ୍ରେସ ଭବନରେ ରାଜନୈତିକ ବ୍ୟାପାର କମିଟି ବୈଠକରେ ଯୋଗଦେଲେ ରାହୁଲ

# ସରକାରଙ୍କୁ ଘେରିବା ଲାଗି ଲକ୍ଷ୍ୟଭେଦୀ ରଣନୀତି

### ନିର୍ଦ୍ଦିଷ୍ଟ ପ୍ରସଙ୍ଗଙ୍କୁ ଶେଷ ପର୍ଯ୍ୟନ୍ତ ଅନୁଧାବନ ପରାମର୍ଶ

### ୩ ମାସ ମଧ୍ୟରେ ଗଠନ ହେବ ବ୍ଲକ୍ ଓ ଜୋନ୍ କମିଟି

### ଜଣ ଜଣ କରି ସମସ୍ତ ବିଧାୟକମାନଙ୍କ ସହ ଆଲୋଚନା




ଭୁବନେଶ୍ୱର,୧୧।୭ (ସମିସ): ଓଡ଼ିଶା ଗସ୍ତରେ ଆସିଥିବା କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ, ବିରୋଧୀଦଳ ନେତା ରାହୁଲ ଗାନ୍ଧୀ ଓ ଏଆଇସିସି ସଂଗଠନ ସମ୍ପାଦକ କେସି ବେଣୁଗୋପାଳ କଂଗ୍ରେସ ଭବନରେ ଦଳର ନେତା ଓ ବିଧାୟକମାନଙ୍କୁ ଦେଇଛନ୍ତି ସଂଗଠନ ଶକ୍ତି ବୃଦ୍ଧିର ମନ୍ତ୍ର। ସରକାରଙ୍କୁ ଘେରିବାକୁ ଲକ୍ଷ୍ୟଭେଦୀ ରଣନୀତି ପ୍ରସ୍ତୁତ ସହ ନିର୍ଦ୍ଦିଷ୍ଟ ପ୍ରସଙ୍ଗକୁ ଶେଷ ପର୍ଯ୍ୟନ୍ତ ଅନୁଧାବନ କରିବା ନିମନ୍ତେ ପରାମର୍ଶ ଦେଇଛନ୍ତି। ଏହା ସହ ୩ ମାସ ମଧ୍ୟରେ ସମଗ୍ର ରାଜ୍ୟରେ ବ୍ଲକ୍ ଓ ଜୋନ୍ କମିଟି ଗଠନ ନିମନ୍ତେ ଏଆଇସିସି ସଭାପତି ଶ୍ରୀ ଖଡ଼୍‌ଗେ ଓ ରାହୁଲ ଗାନ୍ଧୀ ମଧ ଦଳର ନେତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆସନ୍ତା ପଞ୍ଚାୟତ ନିର୍ବାଚନରେ ଯେମିତି ଦଳ ଉତ୍ତମ ପ୍ରଦର୍ଶନ କରି ଅଧିକରୁ ଅଧିକ ଆସନ ଜିତିବ, ସେଥିପାଇଁ ଏବେଠୁ ରଣନୀତି ପ୍ରସ୍ତୁତ କରିବା ପାଇଁ ଶୀର୍ଷ ନେତୃତ୍ୱ ପରାମର୍ଶ ଦେଇଛନ୍ତି।

ବରମୁଣ୍ଡା ପଡ଼ିଆରେ 'ସମ୍ବିଧାନ ବଞ୍ଚାଅ ସମାବେଶ' ପରେ ରାହୁଲ ଗାନ୍ଧୀଙ୍କ ସହ ମଲ୍ଲିକାର୍ଜୁନ ଖଡ଼୍‌ଗେ ଓ କେସି ବେଣୁଗୋପାଳ ଅପରାହ୍ଣରେ କଂଗ୍ରେସ ଭବନରେ ଦଳର ରାଜନୈତିକ ବ୍ୟାପାର କମିଟି ବୈଠକରେ ଯୋଗ ଦେଇଥିଲେ। ବୈଠକରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ୩ ମାସରେ ବ୍ଲକ୍ ଓ ଜୋନ୍‌ସ୍ତରୀୟ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେବା ସହ ମହିଳା ହିଂସା, ଆଦିବାସୀଙ୍କ ଉପରେ ଅତ୍ୟାଚାର ଓ କମ୍ପାନୀ ପ୍ରୀତି ପାଇଁ ହେଉଥିବା ବିସ୍ଥାପନ ବିରୋଧରେ ଲଢ଼େଇ ଜୋରଦାର କରିବାକୁ ପରାମର୍ଶ ଦେଇଥିଲେ।

ରାହୁଲ ଗାନ୍ଧୀ କହିଥିଲେ, ଯେକୌଣସି ପ୍ରସଙ୍ଗରେ ଶେଷ ପର୍ଯ୍ୟନ୍ତ ଲଢ଼େଇର ଆବଶ୍ୟକତା ରହିଛି। ଏଥିପାଇଁ ଆନ୍ଦୋଳନ ଓ ଧାରଣା ଦେବା ସହ ଜନଜାଗରଣ କରାଯିବା ଆବଶ୍ୟକ। ଦଳ ଯେତେବେଳେ ଚାହିଁବ, ସେ ଓଡ଼ିଶାରେ ଆସି ପହଞ୍ଚିବେ। ସେହିପରି ଶ୍ରୀ ବେଣୁଗୋପାଳ କହିଥିଲେ ଯେ ସରକାର ଗଠନ ପାଇଁ ସମସ୍ତେ ଏକ୍ ହୋଇ ଲଢ଼େଇ କରିବାକୁ ହେବ, ମାତ୍ର ଏ କ୍ଷେତ୍ରରେ ବିଶୃଙ୍ଖଳାକୁ କୌଣସି ପ୍ରକାର ବରଦାସ୍ତ କରାଯିବ ନାହିଁ। ପରେ ତିନି ନେତା କଂଗ୍ରେସ ପକ୍ଷରୁ ଗଠିତ ବିଭିନ୍ନ କମିଟିର ଅଧ୍ୟକ୍ଷମାନଙ୍କୁ ଭେଟିବା ସହ ସେମାନେ ଗସ୍ତ କରି ବିଭିନ୍ନ ଜିଲ୍ଲାରୁ ସଂଗ୍ରହ କରିଥିବା ରିପୋର୍ଟ ସମ୍ପର୍କରେ ଆଲୋଚନା କରିଥିଲେ। ଶେଷରେ ଦଳର ସମସ୍ତ ବିଧାୟକମାନଙ୍କ ସହ ଜଣଜଣ କରି ଆଲୋଚନା କରିଥିଲେ। କଂଗ୍ରେସ ଦଳ ଗରିବ, ଦଳିତ ଓ ପଛୁଆ ବର୍ଗ ଓ ଆଦିବାସୀମାନଙ୍କର ଦଳ ବୋଲି ଲୋକଙ୍କୁ ବୁଝାଇବା ସହ ରାଜ୍ୟ ସରକାରଙ୍କ ଜନମାରଣ ନୀତି ବିରୋଧରେ ଲଢ଼ିବାକୁ ପରାମର୍ଶ ଦେଇଥିଲେ।

# ଆସୁଛି ଲଘୁଚାପ; ୧୬ ଯାଏଁ ବଡ଼ ବର୍ଷା

**ହୀରାକୁଦର ୧୪ ଗେଟ୍ ଖୋଲା**

ଭୁବନେଶ୍ୱର/ସମ୍ବଲପୁର,୧୧।୭ (ସମିସ): ଉତ୍ତର ବଙ୍ଗୋପସାଗରରେ ଆସନ୍ତା ୧୩ କିମ୍ବା ୧୪ ତାରିଖରେ ଏକ ଲଘୁଚାପ ସୃଷ୍ଟି ହେବାର ସମ୍ଭାବନା ରହିଛି। ଏହା ପ୍ରଭାବରେ ରାଜ୍ୟର ବିଭିନ୍ନ ସ୍ଥାନରେ ଆସନ୍ତା ୧୬ ତାରିଖ ଯାଏଁ ପ୍ରବଳ ବର୍ଷାର ଆଶଙ୍କା ରହିଛି। ଏଥିସହିତ ୨୩ ତାରିଖ ବେଳକୁ ବଙ୍ଗୋପସାଗରରେ ଆଉ ଏକ ଲଘୁଚାପ ସୃଷ୍ଟି ହେବା ନେଇ ପାଣିପାଗ ବିଶେଷଜ୍ଞମାନେ ଆକଳନ କରିଛନ୍ତି। ଅପରପକ୍ଷରେ ମହାନଦୀର ଉପରମୁଣ୍ଡରେ ବର୍ଷା କମିବା ଫଳରେ ହୀରାକୁଦ ଜଳଭଣ୍ଡାରକୁ ବନ୍ୟା ଜଳ ପ୍ରବେଶ କମିଛି। ଯାହାକୁ ନଜରରେ ରଖି ହୀରାକୁଦ କର୍ତ୍ତୃପକ୍ଷ ଶୁକ୍ରବାର ସନ୍ଧ୍ୟାରେ ୨ଟି ଗେଟ୍ ବନ୍ଦ କରିଛନ୍ତି। ଶୁକ୍ରବାର ସନ୍ଧ୍ୟା ସୁଦ୍ଧା ଜଳଭଣ୍ଡାରର ଜଳପତ୍ତନ ୬୦୫. ୧୯ ଫୁଟ୍ ଥିବା ବେଳେ ଜଳଭଣ୍ଡାରକୁ ପ୍ରତି ସେକେଣ୍ଡରେ ୩ ଲକ୍ଷ ୧୧ ହଜାର ୭୫୯ ଘନଫୁଟ ଜଳ ପ୍ରବେଶ କରୁଛି। ମୋଟ୍ ୧୬ଟି ସ୍ଲୁଇସ୍ ଗେଟ୍ ଦେଇ ପ୍ରତି ସେକେଣ୍ଡରେ ୨ ଲକ୍ଷ ୬୭ ହଜାର ୫୨୫ ଘନଫୁଟ ଜଳ ନିଷ୍କାସିତ ହେଉଛି।

# ବିଶ୍ୱବିଦ୍ୟାଳୟ ପରିଚାଳନା କରିବେ ସରକାର!

## ପୁଲିସ୍ ହାଉସିଂ ବୋର୍ଡ ମାଧ୍ୟମରେ ଉନ୍ନତିକରଣ ଓ ରକ୍ଷଣାବେକ୍ଷଣ ଯୋଜନା

**କମିବ ବିଶ୍ୱବିଦ୍ୟାଳୟ ସ୍ୱାୟତ୍ତତା; ବିରୋଧ ଆଶଙ୍କାରେ ନିଷ୍ପତ୍ତି ବିଳମ୍ବ**

ଭୁବନେଶ୍ୱର, ୧୧।୭ (ସମିସ): ସରକାରୀ ମହାବିଦ୍ୟାଳୟ ପରି ବିଶ୍ୱବିଦ୍ୟାଳୟକୁ ମଧ୍ୟ ପରିଚାଳନା କରିବେ ସରକାର। କୁଳପତିଙ୍କ ସମେତ ଅଧ୍ୟାପକ/ଅଧ୍ୟାପିକା ଓ କର୍ମଚାରୀଙ୍କ ବେତନ ସରକାର ସିଧାସଳଖ ପ୍ରଦାନ କରିବେ। ଏହା ସହ ପ୍ରଶାସନିକ କ୍ଷେତ୍ରରେ ନିଷ୍ପତ୍ତି ମଧ୍ୟ ସରକାର ନେବେ। ସରକାରୀସ୍ତରରେ ଏପରି ବିଚାରବିମର୍ଶ ହୋଇଛି, ମାତ୍ର ଆଗକୁ ଛାତ୍ରସଂସଦ ନିର୍ବାଚନ ଯୋଜନା ଥିବାରୁ ବର୍ତ୍ତମାନ ପାଇଁ ଏହି ନିଷ୍ପତ୍ତି କାର୍ଯ୍ୟାନ୍ୱୟନ ନିଷ୍ପତ୍ତି ସ୍ଥଗିତ ରଖାଯାଇଛି।

ସୂଚନା ଅନୁଯାୟୀ ଏହି ପ୍ରସ୍ତାବକୁ କାର୍ଯ୍ୟକାରୀ କରିବା ପାଇଁ ଅନୁଷ୍ଠିତ ବୈଠକରେ ବ୍ୟାପକ ଆଲୋଚନା ପରେ ସରକାରୀସ୍ତରରେ ସହମତି ହୋଇଛି। ଏହାଦ୍ୱାରା ବିଶ୍ୱବିଦ୍ୟାଳୟ ପ୍ରଶାସନ ଉପରୁ ଚାପ କମିବା ସହ ନିରପେକ୍ଷ ଭାବେ ଦରମା ପ୍ରଦାନ କରାଯାଇ ପାରିବ ବୋଲି ଯୁକ୍ତି ଦର୍ଶାଯାଇଛି। ସେହିପରି ବିଶ୍ୱବିଦ୍ୟାଳୟ ଭିତ୍ତିଭୂମି ଉନ୍ନତିକରଣ ଏବଂ ରକ୍ଷଣାବେକ୍ଷଣ ଭାର ମଧ୍ୟ ସରକାର ନିଜ ହାତକୁ ଦେବାକୁ ବିଚାର କରୁଛନ୍ତି। ଏପରି ହେଲେ ବିଶ୍ୱବିଦ୍ୟାଳୟକୁ ଆଉ କୌଣସି ଅନୁଦାନ ମିଳିବ ନାହିଁ। ରାଜ୍ୟ ପୁଲିସ୍ ହାଉସିଂ ବୋର୍ଡ ମାଧ୍ୟମରେ ଉନ୍ନତିକରଣ କରାଯିବ। ନୂତନ କୋଠା ସମେତ ରକ୍ଷଣାବେକ୍ଷଣ ଦାୟିତ୍ୱ ମଧ୍ୟ ସେହି ସଂସ୍ଥା କରିବ; ଫଳରେ ବିଶ୍ୱବିଦ୍ୟାଳୟର ସ୍ୱାୟତ୍ତତା ହ୍ରାସ ପାଇବ।

ଆଗକୁ ଛାତ୍ରସଂସଦ ନିର୍ବାଚନ ଓ ମନ୍ତ୍ରିମଣ୍ଡଳ ପରିବର୍ତ୍ତନକୁ ଦୃଷ୍ଟିରେ ରଖି ଏହି ନିଷ୍ପତ୍ତିକୁ ଆପାତତଃ ସ୍ଥଗିତ ରଖାଯାଇଛି। କୁଳପତି ନିଯୁକ୍ତି ପ୍ରକ୍ରିୟା ଜାରି ରହିଥିବାବେଳେ ଅଧ୍ୟାପକ ଓ କର୍ମଚାରୀ ନିଯୁକ୍ତି ପ୍ରକ୍ରିୟା ଆରମ୍ଭ ହୋଇଛି। ଏପରି ସ୍ଥିତିରେ ଟିକିଏ ଏପଟସେପଟ ହେଲେ ମନ୍ତ୍ରୀ ପଦ ଯିବାର ଆଶଙ୍କା ବଢ଼ିଯିବ। ଏଣୁ ବିଶ୍ୱବିଦ୍ୟାଳୟ ଅଧ୍ୟାପକ ଓ କର୍ମଚାରୀଙ୍କୁ ସିଧାସଳଖ ଦରମା ପ୍ରଦାନ କରିବା ନିଷ୍ପତ୍ତିରେ ଉଚ୍ଚଶିକ୍ଷା ମନ୍ତ୍ରୀ ମୋହର ମାରିବା ବଦଳରେ ସ୍ଥଗିତ ରଖିବାକୁ ନିଷ୍ପତ୍ତି ନେଇଥିବା କୁହାଯାଉଛି।

**ପୁଲିସକୁ ଫସାଇ ଦେଲା ଅଭିଯୁକ୍ତ**

# ଅପହରଣକାରୀ ଭାବି ପିଟିଲେ ଗ୍ରାମବାସୀ



ବାଲିଗୁଡ଼ା,୧୧।୭ (ସମିସ): ଅଭିଯୁକ୍ତକୁ ଧରିବାକୁ ଆସିଥିବା ପୁଲିସକୁ ଫସାଇ ଦେଲା ଅଭିଯୁକ୍ତ। ତାକୁ ଅପହରଣ କରିବାକୁ କେତେକ ଲୋକ ଆସିଥିବା ଗ୍ରାମବାସୀଙ୍କୁ ଜଣାଇବା ପରେ ଗ୍ରାମବାସୀ କିଛି ନବୁଝି ସାଦା ପୋଷାକରେ ଥିବା ପୁଲିସକୁ ନିସ୍ତୁକ ମାଡ଼ ମାରିଛନ୍ତି। ଏଭଳି ଘଟଣା ଘଟିଛି କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ଅଞ୍ଚଳରେ। ମାଡ଼ ଖାଇଥିବା କଳାହାଣ୍ଡିର ୩ ପୁଲିସଙ୍କୁ ତୁମୁଡ଼ିବନ୍ଧ ପୁଲିସ ଗ୍ରାମବାସୀଙ୍କ କବଳରୁ ଉଦ୍ଧାର କରିଥିଲା।

ପ୍ରକାଶ ଯେ, କନ୍ଧମାଳ ଜିଲ୍ଲା ବାଲିଗୁଡ଼ା ବ୍ଲକ ପୁସାଙ୍ଗିଆକୁ ଗଞ୍ଜେଇ ଚୋରା ଚାଲାଣରେ ସମ୍ପୃକ୍ତ ଜଣେ ଅଭିଯୁକ୍ତକୁ ଧରିବାକୁ ଆସିଥିଲା କଳାହାଣ୍ଡି ପୁଲିସ। କିନ୍ତୁ ଅଭିଯୁକ୍ତ ଜଣକ ପୁଲିସ ହାତରୁ ଖସିଯାଇଥିଲା। ପରେ ପୁଲିସକୁ ଫସାଇବା ପାଇଁ ଫୋନ୍ ଯୋଗେ ତାର ସହକର୍ମୀ ଓ ଗ୍ରାମବାସୀଙ୍କୁ ମିଛ ଖବର ଦେଇଥିଲା ଯେ, ତାକୁ ଏକ କାର୍‌ରେ କିଛି କଳାହାଣ୍ଡି ଲୋକ ଅପହରଣ କରିବାକୁ ଆସିଛନ୍ତି ଏବଂ ସେମାନଙ୍କ ହାବୁଡ଼ରୁ ସେ ଖସି ଆସି ଜଙ୍ଗଲରେ ଲୁଚିଛି। ଏହାପରେ ଗ୍ରାମବାସୀ ଓ ତାଙ୍କ ସହକର୍ମୀ ପିଛାକରି କଳାହାଣ୍ଡିରୁ ଆସିଥିବା ପୁଲିସ ଗାଡ଼ିକୁ କୃର୍ତ୍ତମଗଡ ଟୋଲ୍‌ଗେଟ୍ ନିକଟରେ ଅଟକାଇ କର୍ମଚାରୀଙ୍କୁ ନିସ୍ତୁକ ମାଡ଼ ମାରିଥିଲେ। ସୋମାନେ ପୁଲିସ ପରିଚୟ ଦେଇଥିଲେ ମଧ୍ୟ ଶୁଣିନଥିଲେ ଅଞ୍ଚଳବାସୀ। ବହୁ ସମୟ ପରେ ତୁମୁଡ଼ିବନ୍ଧ ପୁଲିସ ପହଞ୍ଚିବାରୁ ପରିସ୍ଥିତି ନିୟନ୍ତ୍ରଣକୁ ଆସିଥିଲା। ଘଟଣା ସ୍ଥଳରେ ତୁମୁଡ଼ିବନ୍ଧ ଥାନା ଅଧିକାରୀ ଆଶୁତୋଷ ଜେନା ପହଞ୍ଚି ସାଦା ପୋଷାକରେ କଳାହାଣ୍ଡିର ତିନି ପୁଲିସ ଅଧିକାରୀଙ୍କୁ ମୁକୁଳାଇ ଥାନାକୁ ଆଣିଥିଲେ। ଘଟଣାରେ ସମ୍ପୃକ୍ତ ଗ୍ରାମବାସୀଙ୍କୁ ଅଟକ ରଖି ପୁଲିସ ଅଧିକ ତଦନ୍ତ ଚଳାଇଛି।

## ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ପୁଲିସକୁ ବଡ଼ ସଫଳତା

# ସରଣ୍ଡା ଜଙ୍ଗଲରୁ ୧୮ ଆଇଇଡି ଜବତ



ରାଉରକେଲା,୧୧।୭ (ସମିସ): ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ଝାଡ଼ଖଣ୍ଡ ପୁଲିସକୁ ମିଳିଛି ବଡ଼ ସଫଳତା। ଝାଡ଼ଖଣ୍ଡ ରାଜ୍ୟର ସରଣ୍ଡା ଜଙ୍ଗଲରେ ନକ୍ସଲଙ୍କ ଏକ ବଡ଼ଧରଣର ଯୋଜନାକୁ ପଣ୍ଡ କରିଛନ୍ତି ସୁରକ୍ଷା ବାହିନୀ। ସୀମାନ୍ତବର୍ତ୍ତୀ ସରଣ୍ଡା ଜଙ୍ଗଲରୁ ମାଓବାଦୀମାନେ ଖଞ୍ଜିଥିବା ୧୮ଟି ଆଇଇଡିକୁ ବମ୍‌ସ୍କ୍ୱାଡ୍ ଦ୍ୱାରା ନିଷ୍କ୍ରିୟ କରାଯାଇଛି। ଏକ ସପ୍ତାହ ମଧ୍ୟରେ ଝାଡ଼ଖଣ୍ଡ ପୁଲିସ ଦ୍ୱାରା ୬୪ଟି ଆଇଇଡି ଉଦ୍ଧାର ହୋଇଥିବା ସୂଚନା ମିଳିଛି। ସରଣ୍ଡା ଜଙ୍ଗଲରେ କମ୍ବିଂ କରୁଥିବା ସୁରକ୍ଷା ଯବାନଙ୍କ ଜୀବନପ୍ରତି ହାନୀ ପହଞ୍ଚାଇବା ପାଇଁ ମାଓବାଦୀମାନେ ବିଭିନ୍ନସ୍ଥାନରେ ଆଇଇଡି ପୋତିଥିବା କୁହାଯାଉଛି।

ସୂଚନା ଅନୁସାରେ ଝାଡ଼ଖଣ୍ଡ ରାଜ୍ୟ ଚାଇବାସା ଓ ଖୁଣ୍ଟି ଜିଲ୍ଲା ସୀମାରେ ଥିବା ସରଣ୍ଡାର କୋଲହାନ ନିକଟ କୋଚାଙ୍ଗ ଜଙ୍ଗଲରୁ ଗୁରୁବାର ରାତିରେ ସୁରକ୍ଷା ଯବାନମାନେ କମ୍ବିଂ କଲାବେଳେ ୧୮ଟି

### ବମ୍‌ସ୍କ୍ୱାଡ୍ ଦ୍ୱାରା ନିଷ୍କ୍ରିୟ; ସପ୍ତାହରେ ୬୪ଟି ଆଇଇଡି ଉଦ୍ଧାର

ଆଇଇଡିକୁ ମାଟିତଳେ ପୋତା ଯାଇଥିବା ଅବସ୍ଥାରେ ଜବତ କରିଛନ୍ତି। ପ୍ରତ୍ୟେକର ଓଜନ ୩ କେଜି ରହିଥିବା ସୂଚନା ମିଳିଛି। ସୁରକ୍ଷା ବାହିନୀଙ୍କୁ ଟାର୍ଗେଟ କରି ଏହି ଲ୍ୟାଣ୍ଡମାଇନ ବିଛାଯାଇଥିବା ସ୍ୱଷ୍ଟ ହୋଇଛି। ଝାଡ଼ଖଣ୍ଡ ଜାଗୁଆର ଏବଂ ସିଆରପିଏଫ ଯବାନ ସହ ଚାଇବାସା ଏବଂ ଖୁଣ୍ଟି ପୁଲିସ ମିଳିତ ଭାବେ ସର୍ଚ୍ଚ ଅପରେସନ ଚାଲିଥିବାବେଳେ ଏହି ସଫଳତା ମିଳିଛି। ସେହିପରି ଗତ ୭ ତାରିଖ ରାତିରେ ଓଡିଶା - ଝାଡ଼ଖଣ୍ଡ ସୀମାନ୍ତବର୍ତ୍ତୀ ଟୋକଲ ଥାନା ଅଧୀନ ସରଣ୍ଡା ଜଙ୍ଗଲରୁ ୧୬ଟି ଆଇଇଡିକୁ ସୁରକ୍ଷା ଯବାନମାନେ ଜବତ କରିଥିଲେ। ପ୍ରତ୍ୟେକ ଆଇଇଡିର ଓଜନ ୨ କେଜି ଥିଲା ବୋଲି ସୂଚନା ମିଳିଛି।

## ୨୨ ମାଓବାଦୀଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୧।୭ (ସମିସ): ମାଲକାନଗିରି ଜିଲ୍ଲା ସୀମାନ୍ତ ଛତିଶଗଡର ନାରାୟଣପୁର ଜିଲ୍ଲାରେ ପୁଲିସ ନିକଟରେ ୨୨ ଜଣ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ଏହି ମାଓବାଦୀମାନଙ୍କ ଉପରେ ମୋଟ ୩୭.୫ ଲକ୍ଷ ଟଙ୍କାର ପୁରସ୍କାର ରହିଥିବା ବେଳେ ଏମାନେ ପୂର୍ବରୁ ଅନେକ ହିଂସାକାଣ୍ଡରେ ଜଡିତ ଥିଲେ। ଆତ୍ମସମର୍ପଣକାରୀଙ୍କ ମଧ୍ୟରେ ୧୪ ପୁରୁଷ ଏବଂ ୮ ଜଣ ମହିଳା ମାଓବାଦୀ ଅଛନ୍ତି। ଏହି ମାଓବାଦୀମାନେ ନାରାୟଣପୁର ଜିଲ୍ଲାର ମାଡ ଡିଭିଜନର କୁତୁଲ, ନେସଲନାର, ଇନ୍ଦ୍ରାବତୀ କ୍ଷେତ୍ର ମାଓ କମିଟିରେ ସକ୍ରିୟ ଥିଲେ।

# ପୂର୍ବତନ ସରପଞ୍ଚଙ୍କୁ ଗୋଡ଼େଇ ହତ୍ୟା

ସୋନପୁର, ୧୧।୭ (ସମିସ): ସୋନପୁର ଜିଲ୍ଲା ରାମପୁର ଥାନା ପଣ୍ଡରାପାଲି ଗ୍ରାମରେ ଜଣେ ପୂର୍ବତନ ସରପଞ୍ଚଙ୍କୁ ରାସ୍ତାରେ ଗୋଡ଼େଇ ଗୋଡ଼େଇ ହାଣି ଦୁର୍ବୃତ୍ତମାନେ ଫେରାର ହୋଇଯାଇଛନ୍ତି। ମୃତକ ହେଲେ ଗଜବନ୍ଧ ପଞ୍ଚାୟତର ପୂର୍ବତନ ସରପଞ୍ଚ ତଥା ବର୍ତ୍ତମାନର ସରପଞ୍ଚ ବାସନ୍ତୀ ଖେତିଙ୍କ ସ୍ୱାମୀ ବଲ୍ଲଭ ଖେତି। ଗୁରୁବାର ରାତି ସାଢେ ୧୦ଟାରେ ମୃତକ ବଲ୍ଲଭ ଗଜବନ୍ଧ ଛକରୁ ନିଜ ଘର କେନପାଲି ଗ୍ରାମକୁ ଆସୁଥିବା ସମୟରେ ପଣ୍ଡରାପାଲିରୁ କେନପାଲି ମଝି ରାସ୍ତାର ଏକ ନିଛାଟିଆ ଅନ୍ଧାରିଆ ସ୍ଥାନରେ ତାଙ୍କୁ ଚାରିଜଣ ଦୁର୍ବୃତ୍ତ ଖଣ୍ଡାରେ ଆକ୍ରମଣ କରିଥିଲେ। ତାଙ୍କ ମୁଣ୍ଡରେ ଓ ଦେହର ଅନେକ ସ୍ଥାନରେ ଧାରୁଆ ଅସ୍ତ୍ରରେ ଆକ୍ରମଣ କରି ରକ୍ତାକ୍ତ ଅବସ୍ଥାରେ ରାସ୍ତା ଉପରେ ପକାଇ ଦୁର୍ବୃତ୍ତମାନେ ଫେରାର ହୋଇଯାଇଥିଲେ। ଗୁରୁତର ଅବସ୍ଥାରେ ବଲ୍ଲଭଙ୍କୁ ଡୁଙ୍ଗୁରିପାଲି ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକେ ରାମପୁର ଥାନାରେ ଅଭିଯୋଗ କରିଛନ୍ତି। ରାମପୁର ପୁଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ଅଧିକ ତଦନ୍ତ ଜାରି ରଖିଛି। ଘଟଣା ସ୍ଥଳରେ ଜିଲ୍ଲା ଆରକ୍ଷୀ ଅଧିକ୍ଷକ(ଏସ୍‌ପି)ଙ୍କ ସହ ସାଇଣ୍ଟିଫିକ ଟିମ୍ ପହଞ୍ଚି ତନାଘନା ଜାରି ରଖିଛନ୍ତି। ତେବେ ଚାରି ଜଣ ଅଭିଯୁକ୍ତଙ୍କ ଭିତରୁ ଦୁଇ ଜଣଙ୍କୁ ଅଟକ ରଖି ପଚରାଉଚରା କରୁଥିବାବେଳେ ଅନ୍ୟ ଦୁଇ ଅଭିଯୁକ୍ତ ଫେରାର ଥିବା ଏସ୍‌ପି ନାରାୟଣ ନାୟକ କହିଛନ୍ତି। ପୂର୍ବ ଶତ୍ରୁତାରୁ ଏହି ହତ୍ୟାକାଣ୍ଡ ହୋଇଥିବା ଏସ୍‌ପି ସ୍ୱଷ୍ଟ କରିଛନ୍ତି।

**PARADEEP PARIVAHAN LIMITED**

(CIN: L63090OR2000PLC006379)

**Regd Office:** Room no.204, Above OBC, Bank Street, Port Town, Paradeep, Jagatsinghpur-754142, Odisha, India

Phone no. 06722-223416, 0674-2590169, Mail: **ho@paradeepparivahan.com**

**Corporate Office:** A-29, Pallaspalli, Near AirPort, Bhubaneswar, Pin- 751020, Odisha, India

**Tel/ Fax- 0674-2590169, Mail:info@paradeepparivahan.com**

**Web Site: www.paradeepparivahan.com**

**NOTICE OF POSTAL BALLOT**

Members are hereby informed that pursuant to the provisions of Section 108 and 110, and other applicable provisions of the Companies Act, 2013, as amended ("the Act"), read together with the Companies (Management and Administration) Rules, 2014, as amended ("the Management Rules"), General Circular No. 09/2024 dated September 19, 2024, issued by the Ministry of Corporate Affairs, Government of India and Circular - SEBI/HO/CFD/CFD-PoD-2/P/CIR/2024/133 dated October 3, 2024 issued by the Securities and Exchange Board of India ("SEBI") (hereinafter collectively referred to as "the Circulars"), Secretarial Standard on General Meetings issued by the Institute of Company Secretaries of India ("SS-2"), Regulation 44 of the SEBI (Listing Obligations and Disclosure Requirements) Regulations, 2015, as amended ("the LODR Regulations") and any other applicable law, rules, circulars, notifications and regulations (including any statutory modification(s) or re-enactment(s) thereof, for the time being in force), for seeking the approval of the Members of the Company to transact the Business as set out below and as contained in the Postal Ballot Notice dated July 09, 2025 by passing the said resolutions through Postal Ballot, only by way of remote e-voting process.

| Sr. No. | Description of Resolutions |
|---|---|
| 1 | Alteration of Memorandum of Association for additions of new business activities under the main object clause. |

Pursuant to the Circulars, the Company has completed the dispatch of the Postal Ballot Notice along with the explanatory statement on **Friday, July 11, 2025**, through electronic mode to those Members whose email addresses are registered with the Company / depository participant(s) and whose names are recorded in the Register of Members/Register of Beneficial Owners maintained by the Depositories as on **Friday, July 04, 2025** ("Cut-off Date"). The communication of assent/dissent of the members will only take place through remote e-voting system. A person who is not a member as on the Cut-Off date should treat this Notice for information purposes only.

The Company has engaged the services of Bigshare Services Private Limited to provide e-voting facility. The remote e-voting period commences from **Monday, July 14, 2025 at 09.00 A.M. (IST)** and end on **Tuesday, August 12, 2025 at 05.00 P.M. (IST).** The e-voting module will be blocked by Bigshare Services Private Limited thereafter.

CS Jyotirmoy Mishra (FCS-6556, CP No-6022), Practicing Company Secretaries, of 'Sunita Jyotirmoy & Associates, Company Secretaries' has been appointed as the Scrutinizer to scrutinize the Postal Ballot e-voting process in a fair and transparent manner.

The Notice is also available on the website of the Company at www.paradeepparivahan.com, on the website of stock exchanges i.e. BSE Limited at **www.bseindia.com** respectively and on the website of the of e-voting agency i.e. Bigshare Services Pvt Ltd at **https://ivote.bigshareonline.com.**

In case shareholders/ investor have any queries regarding E-voting, you may refer the Frequently Asked Questions ('FAQs') and i-Vote e-Voting module available at **https://ivote.bigshareonline.com.** under download section or you can email us to ivote@bigshareonline.com or call us at: 022-62638338. The result of e-voting shall be intimated to BSE Limited, where the Company's equity shares are listed, within a period of 2 working days from the conclusion of the e-voting. The results would also be uploaded on the website of Company at **www.paradeepparivahan.com**, the stock exchanges at **www.bseindia.com.**

**For Paradeep Parivahan Limited**
**Sd/- Khalid Khan**
**Managing Director**
**DIN: 06432054**

**Place: Bhubaneswar**
**Date: July 09, 2025**

# ରୋଗୀଙ୍କ ପାଇଁ ଅଭିଶାପ ପାଲଟିଛି 'ଆୟୁଷ୍ମାନ'

## ଝିଅର ମୃତ୍ୟୁ ହେଲେ ଦାୟୀ ରହିବେ ସରକାର: ପରିବାର

ଭୁବନେଶ୍ୱର, ୧୧।୭ (ସମିସ): ଆୟୁଷ୍ମାନ କାର୍ଡକୁ ନେଇ ପ୍ରତିଦିନ ବଢ଼ିବାରେ ଲାଗିଛି ଅଭିଯୋଗ। ପୂର୍ବରୁ ବିଏସ୍‌କେୱାଇରେ ବିନା ଦ୍ୱିଧାରେ ଚିକିତ୍ସା ପାଉଥିବା ଗରିବ ରୋଗୀମାନଙ୍କ ପାଇଁ ବିଜେପି ସରକାରଙ୍କ 'ଆୟୁଷ୍ମାନ' ଅଭିଶାପ ପାଲଟିଛି। ଚିକିତ୍ସା ସୁବିଧାସୁଯୋଗରୁ ବଞ୍ଚିତ ରୋଗୀମାନେ ଏବେ ନବୀନ ସରକାରଙ୍କ ଦ୍ୱାରା ପ୍ରଚଳିତ ବିଏସ୍‌କେୱାଇକୁ ଝୁରୁଛନ୍ତି। କୋରାପୁଟ, ରାୟଗଡ଼ାର ରୋଗୀମାନେ ବିଶାଖାପାଟଣାରେ ଚିକିତ୍ସା ନ ପାଇ ହନ୍ତସନ୍ତ ହୋଇଥିବାବେଳେ ଏବେ ରାଜଧାନୀ ଭୁବନେଶ୍ୱରରେ ମଧ୍ୟ ଅନୁରୂପ ଘଟଣା ଦେଖିବାକୁ ମିଳିଛି। ବିଏସ୍‌କେୱାଇରେ ବିନା ମୂଲ୍ୟରେ ହୃଦରୋଗର ଚିକିତ୍ସା କରିଥିବା ଗରିବ ଝିଅଟି ଏବେ ଅନ୍ୟଏକ ବ୍ୟାଧିରେ ମୃତ୍ୟୁସହ ସଂଘର୍ଷ କରୁଥିଲେ ହେଁ ଆୟୁଷ୍ମାନ ଯୋଜନାରେ ଚିକିତ୍ସା ସୁଯୋଗ ପାଇପାରୁ ନାହିଁ। ଯାହାକୁ ନେଇ ପରିବାର ଲୋକମାନେ ରାଜ୍ୟ ସରକାରଙ୍କୁ ଦାୟୀ କରିଛନ୍ତି। ଆୟୁଷ୍ମାନ କାର୍ଡ ସେମାନଙ୍କ ଚିକିତ୍ସାରେ ଲାଗି ପାରୁ ନ ଥିବା ଅଭିଯୋଗ କରି ଯଦି ତାଙ୍କ ଝିଅର କିଛି ହୋଇଯାଏ ତେବେ ଏଥିପାଇଁ ସରକାର ଦାୟୀ ରହିବେ ବୋଲି ପରିବାର ସଦସ୍ୟମାନେ ଚେତାବନୀ ଦେଇଛନ୍ତି।

ସାଲିଆ ସାହିର ଝିଅ ରାଧିକା (ଛଦ୍ମନାମ)ର ପରିବାର ଅତ୍ୟନ୍ତ ଗରିବ। ପୂର୍ବରୁ ବିଏସ୍‌କେୱାଇରେ ନିଜର ହୃଦ୍‌ରୋଗର ଚିକିତ୍ସା କରି ସୁସ୍ଥ ହୋଇଥିଲେ। ମାତ୍ର ଏବେ ସେ ଆଉ ଏକ ଦୂରାରୋଗ୍ୟ ବ୍ୟାଧିରେ ପୀଡ଼ିତ ଓ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ମାତ୍ର ପୂର୍ବରୁ ବିଏସ୍‌କେୱାଇରେ ସେ ଘରୋଇ ହସ୍ପିଟାଲ୍‌ରେ ଯେଉଁ ଚିକିତ୍ସା ସେବା ପାଇଥିଲେ, ଏବେ

### ନବୀନଙ୍କ ବିଏସ୍‌କେୱାଇକୁ ଝୁରୁଛନ୍ତି ରାଜ୍ୟବାସୀ

ଆୟୁଷ୍ମାନ୍‌ର ତାହା ପାଉନାହାନ୍ତି। ତେଣୁ ଝିଅଟି ଏବେ ଜୀବନ-ମରଣ ସହ ସଂଘର୍ଷ କରୁଛି। ତାଙ୍କ ପରିବାର ମଧ୍ୟ ଏହାକୁ ନେଇ ବେଶ୍ ଚିନ୍ତିତ। ଆୟୁଷ୍ମାନ କାର୍ଡ ତାଙ୍କ ପାଇ ଅଭିଶାପ ପାଲଟିଛି ବୋଲି ଉଲ୍ଲେଖ କରି ସରକାରଙ୍କୁ ନିନ୍ଦା କରିଛନ୍ତି। ଚିକିତ୍ସା ନ ପାଇ ତାଙ୍କ ଝିଅ ଯଦି ମୃତ୍ୟୁବରଣ କରେ ତେବେ ସରକାର ଦାୟୀ ରହିବେ ବୋଲି ରାଧିକାର ବାପା କହିଛନ୍ତି। ଆୟୁଷ୍ମାନ ଯୋଜନାରେ ବିଭିନ୍ନ ରୋଗ ପାଇଁ ଅପେକ୍ଷାକୃତ କମ୍ ଅର୍ଥ ବରାଦ ଯୋଗୁଁ ଚିକିତ୍ସା ସେବା ବ୍ୟାହତ ହେଉଛି। ଏତେ କମ୍ ଅର୍ଥ ବରାଦରେ ବଡ଼ ରୋଗର ଚିକିତ୍ସା କରାଯାଇ ପାରିବ ନାହିଁ ବୋଲି ଘରୋଇ ଡାକ୍ତରଖାନା ଗୁଡ଼ିକ ସଫା ସଫା ଶୁଣାଇ ଦେଇଛନ୍ତି। ଯାହାକୁ ନେଇ ଅକଳରେ ପଡ଼ିଛନ୍ତି ରାଜ୍ୟ ସରକାର। ଏ ସମ୍ପର୍କରେ ସ୍ୱାସ୍ଥ୍ୟମନ୍ତ୍ରୀ ଡ଼. ମୁକେଶ ମହାଲିଙ୍ଗ ମଧ୍ୟ କୌଣସି ସ୍ୱଷ୍ଟ ଉତ୍ତର ଦେଇପାରୁନାହାନ୍ତି। ସାରା ଦେଶରେ ଆୟୁଷ୍ମାନ ଭାରତର ଗୋଟିଏ ପ୍ୟାକେଜ୍ ଲାଗୁ




କରାଯାଇଛି। ବିଏସ୍‌କେୱାଇ ପ୍ୟାକେଜ୍ ଓ ସାମ୍ପ୍ରତିକ ବଜାର ଚିକିତ୍ସା ମୂଲ୍ୟ ତୁଳନାରେ ଆୟୁଷ୍ମାନ ଭାରତର ଚିକିତ୍ସା ପ୍ୟାକେଜ୍ ବହୁତ କମ୍ ରହିଛି। ବିଏସ୍‌କେୱାଇରେ ସରକାର ଦେଉଥିବା ଚିକିତ୍ସା ପ୍ୟାକେଜ୍‌କୁ ନେଇ ଘରୋଇ ଡାକ୍ତରଖାନା କେବେ ଅଭିଯୋଗ ଆଣି ନ ଥିଲେ। ବଜାର ମୂଲ୍ୟ ବୃଦ୍ଧି ହେତୁ ପ୍ୟାକେଜ୍ ଗୁଡିକରେ ଅନ୍ୟୂନ ୨୦ ପ୍ରତିଶତ ବୃଦ୍ଧି କରାଯାଉ ବୋଲି ସ୍ୱାସ୍ଥ୍ୟ ବିଭାଗ ପାଖରେ ଦାବି କରୁଥିଲେ; କିନ୍ତୁ ଆୟୁଷ୍ମାନ ଭାରତରେ ଶତାଧିକ ରୋଗକୁ ଚିକିତ୍ସା ତାଲିକାରୁ ବାଦ୍ ଦିଆଯାଇ ଥିବା ବେଳେ ପ୍ୟାକେଜ୍ ୫୦ ପ୍ରତିଶତକୁ ଖସି ଆସିଛି।

କିଛି ରୋଗର ପ୍ୟାକେଜ୍ ୭୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ପାଇଛି। ସିଟି ସ୍କାନ, ଏମ୍‌ଆରଆଇ, ପିଏଫ୍‌ଟି, ଏନ୍‌ସିଭି, ଇଏମ୍‌ଜି ଭଳି ବ୍ୟୟବହୁଳ ନିଦାନ ବ୍ୟବସ୍ଥା ଚିକିତ୍ସା ପ୍ୟାକେଜରେ ନାହିଁ। ହୃଦରୋଗୀଙ୍କ ଜୀବନ ରକ୍ଷା ପାଇଁ ପ୍ରତିରୋପଣ ହେଉଥିବା ପେସ୍‌ମେକର୍ ଦାମ୍ ଦେଢ଼ ଲକ୍ଷ ଟଙ୍କା। ମାତ୍ର ଆୟୁଷ୍ମାନରେ ମାତ୍ର ୭୫ ହଜାର ଟଙ୍କା ଦିଆଯାଉଛି। ସେହିପରି କାର୍ଡିଓଟୋକୋଗ୍ରାଫୀ (ସିଟିଜି), ମେରୁଦଣ୍ଡ ଚିକିତ୍ସା, ମସ୍ତିଷ୍କ ରୋଗ, କିଡ୍‌ନୀ ରୋଗ, ସ୍ନାୟୁ ରୋଗ, ବିଭିନ୍ନ ପ୍ରକାର ଅସ୍ତ୍ରୋପଚାର ଭଳି ଗୁରୁତର ମାମଲାରେ ଚିକିତ୍ସା ଖର୍ଚ୍ଚ ବହୁତ କମ୍ ରହିଛି। ଗୋଟିଏପଟେ ଆୟୁଷ୍ମାନ ପ୍ୟାକେଜ୍ ବୃଦ୍ଧି କରାଯାଇ ପାରୁନି। ଅନ୍ୟପକ୍ଷରେ ରୋଗୀଙ୍କ ପାଇଁ ଆବଶ୍ୟକ ଅତିରିକ୍ତ ଖର୍ଚ୍ଚକୁ ରାଜ୍ୟ ସରକାର ବହନ କରିବାକୁ ଚାହୁନାହାନ୍ତି। ଏଥିରେ କେବଳ ସାଧାରଣ ଗରିବ ରୋଗୀ ଦହଗଞ୍ଜ ହେଉଛି। ଗତ କିଛି ବର୍ଷ ହେଲା ରାଜ୍ୟବାସୀ ମାଗଣା ସ୍ୱାସ୍ଥ୍ୟ ସେବା ପାଇଁ ବେଶ ଉପକୃତ ହେଉଥିବାବେଳେ ଏବେ ଚିକିତ୍ସା ପାଇଁ ସେମାନଙ୍କୁ ଜମି ଘର ବିକିବାକୁ ପଡ଼ୁଛି।

# ସଂସଦରେ ଉଠିବ ଓଡ଼ିଶା ମହିଳା ହିଂସା ପ୍ରସଙ୍ଗ




## କୁନି ଝିଅ ସହ ମିଶି ଚକୋଲେଟ୍ ଦେଲେ ରାହୁଲ

'ସମ୍ବିଧାନ ବଞ୍ଚାଅ' ସମାବେଶରେ ଏଆଇସିସି ଅଧ୍ୟ ମଲ୍ଲିକାର୍ଜୁନ୍ ଖଡ଼୍‌ଗେଙ୍କ ଭାଷଣ ବେଳେ ମଞ୍ଚ ଉପରକୁ ରାହୁଲ ଗାନ୍ଧୀଙ୍କ ନିକଟକୁ ଜଣେ ୯ ବର୍ଷିୟା ଝିଅ ଆସିଥିଲେ। ରାହୁଲ ତାଙ୍କୁ ଆଲିଙ୍ଗନ କିରିବା ସହ ଭଲ ପଢ଼ିବା ପାଇଁ କହିଛନ୍ତି। ନିଜ କୁନି ପ୍ରଶଂସକଙ୍କ ସହ କିଛି ସମୟ କଥା ହେବା ସହ ରାହୁଲ ତାଙ୍କୁ ଚକୋଲେଟ୍ ମଧ୍ୟ ଦେଇଛନ୍ତି। ଏହି ଝିଅଙ୍କ ନାମ ନିଲମ ବସ୍ତିଆ ସେ ରାହୁଲଙ୍କ ବଡ଼ ପ୍ରଶଂସକ ଓ ବଡ଼ ହେଲେ ପ୍ରିୟଙ୍କା ଗାନ୍ଧୀ ଓ ରାହୁଲ ଗାନ୍ଧୀଙ୍କ ଭଳି ରାଜନୀତି କରିବେ ବୋଲି କହିଛନ୍ତି।



ଭୁବନେଶ୍ୱର, ୧୧।୭ (ସମିସ): ଓଡ଼ିଶାରେ ଘଟୁଥିବା ମହିଳା ହିଂସା ପ୍ରସଙ୍ଗକୁ ସଂସଦରେ ଉତ୍ଥାପନ କରିବ କଂଗ୍ରେସ। ଶୁକ୍ରବାର ସମ୍ବିଧାନ ବଞ୍ଚାଅ ସମାବେଶରେ ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ୍ ଖଡ଼୍‌ଗେ ଏହି ସୂଚନା ଦେଇଛନ୍ତି। ଡବଲ ଇଞ୍ଜିନ ସରକାରଙ୍କୁ କଡ଼ା ଭାଷାରେ ସମାଲୋଚନା କରି ଶ୍ରୀ ଖଡ଼ଗେ କହିଛନ୍ତି ଯେ ଡବଲ ଇଞ୍ଜିନ ସରକାର କେବଳ ମିଥ୍ୟା ପ୍ରଚାରରେ ମାତିଛି। ଲୋକଙ୍କୁ ଭୂଆଁ ବୁଲାଉଛି। ଏବେ ରାଜ୍ୟ ସରକାର କେନ୍ଦ୍ର ପ୍ରରୋଚନାରେ ବିମାନବନ୍ଦର, ଖଣି ଆଦି ବିକ୍ରି କରାଯାଉଛି। ଓଡ଼ିଶା ଲୋକ ମଜଭୂତ ଅଛନ୍ତ, ସେମାନେ ବିଜେପିକୁ ଉଚିତ ଶିକ୍ଷା ଦେବେ। ଶିଳ୍ପ ନାମରେ ଜଙ୍ଗଲ କଟାଚାଲିଛି। ସମ୍ବିଧାନକୁ ଧ୍ୱଂସ କରିବାକୁ ଚାଲିଛି ଷଡ଼ଯନ୍ତ୍ର। ସମ୍ବିଧାନ ବଦଳିଲେ ଦେଶରେ ମୌଳିକ ଅଧିକାର କ୍ଷୁଣ୍ଣ ହେବ। ପଣ୍ଡିତ ନେହରୁ, ମହାରା ଗାନ୍ଧୀ ଯେଉଁ ଅଧିକାର ଦେଇଥିଲେ ତାହା ହଟିଯିବ। ମହାରାଷ୍ଟ୍ରରେ ଭୋଟ ଜାଲିଆତି ହୋଇଛି। ବିହାରରେ ୨ କୋଟି ଭୋଟରଙ୍କୁ ବାଦ୍ ଦେବା ଲାଗି ଷଡ଼ଯନ୍ତ୍ର ରଚାଯାଉଛି। ସମ୍ବିଧାନକୁ ବଞ୍ଚାଇବାକୁ ହେଲେ ସମସ୍ତଙ୍କୁ ଏକ ହେବାକୁ ପଡ଼ିବ ବୋଲି ଅପିଲ କରିଛନ୍ତି ଖଡଗେ। କଂଗ୍ରେସ ସରକାରରେ ଥିବାବେଳେ ଓଡ଼ିଶାରେ ନାଲକୋ, ଏନଟିପିସି ପ୍ରତିଷ୍ଠା ହୋଇଥିଲା। ହୀରାକୁଦ ବନ୍ଧ, ପାରାଦୀପ ପୋର୍ଟ ଓ ମଞ୍ଚେଶ୍ୱର ରେଳ କାରଖାନା ସହ ଏମ୍ସ ଭଳି ସଂସ୍ଥା ପ୍ରତିଷ୍ଠା ହୋଇଛି। ଭୁବନେଶ୍ୱରକୁ ପଣ୍ଡିତ ନେହରୁ ରାଜଧାନୀ କରିଥିଲେ। ହେଲେ ବିଜେପି ସରକାର ଏହି ସମୟ ମଧ୍ୟରେ କଣ କରିଛନ୍ତି ବୋଲି ସେ ପ୍ରଶ୍ନ କରିଛନ୍ତି। ଓଡ଼ିଶାର ଲୋକଙ୍କ ସହ କଂଗ୍ରେସ ସାଥୀ ହୋଇ ରହିଛି। କଂଗ୍ରେସ ଯୋଗୁଁ ଓଡ଼ିଶାକୁ ଶିଳ୍ପ ସଂସ୍ଥାମାନେ ଆସୁଛନ୍ତି। ଏହାସହିତ ୨୦୦୬ରେ ଜଙ୍ଗଲ ଆଇନ ଆଣିଥିଲେ ସୋନିଆ ଗାନ୍ଧୀ। ଗରିବଙ୍କୁ ରକ୍ଷା ଲାଗି ଜଙ୍ଗଲ ଆଇନ ଅଣାଯାଇଥିଲା। ଜଙ୍ଗଲ ଅଧିକାର ଲାଗି ଏଣିକି ଲଢେଇ କରିବାକୁ ହେବ ବୋଲି ଖଡଗେ ଆହ୍ୱାନ ଦେଇଛନ୍ତି। ଦେଶକୁ ଏକ କରିବା ଲାଗି ଭାରତ ଯୋଡ଼ ଯାତ୍ରା ହୋଇଥିଲା। ଭାରତ ଯୋଡ଼ ଯାତ୍ରାକୁ ବହୁତ ସମର୍ଥନ ମିଳିଥିଲା। ଇଡି, ସିବିଆଇ, ଆଇଟିର ଅପବ୍ୟବହାର କରୁଛନ୍ତି କେନ୍ଦ୍ର ସରକାର। ଏସବୁ ବିରୋଧରେ ଆନ୍ଦୋଳନ କରିବାକୁ ପଡ଼ିବ। ବଞ୍ଚିବାକୁ ହେଲେ ଡରିବାକୁ ହେବ ନାହିଁ ବୋଲି ଗର୍ଜନ କରି କହିଛନ୍ତି ମଲ୍ଲିକାର୍ଜୁନ ଖଡଗେ। ସେମାନେ ଜେଲ୍‌ରେ ଭର୍ତ୍ତି କଲେ ମଧ ଏହାକୁ ନ ଡରି ସରକାରଙ୍କ ବିରୋଧରେ ଲଢ଼େଇ କରିବାକୁ ସେ ଆହ୍ୱାନ ଦେଇଛନ୍ତି।

### ସମାବେଶ ପୂର୍ବରୁ ଚାଷୀଙ୍କ ସହ ଆଲୋଚନା

ସମ୍ବିଧାନ ବଞ୍ଚାଅ ସମାରୋହରେ ଯୋଗ ଦେବା ପୂର୍ବରୁ ଲୋକସଭାର ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀ ସଭାସ୍ଥଳୀ ନିକଟରେ ଓଡ଼ିଶାର କେତେକ ଚାଷୀ ଓ ଚାଷୀନେତାମାନଙ୍କ ସହିତ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଧାନର ଅଭାବୀ ବିକ୍ରି, କଟ୍‌ନି ଛଟନି, ଏମଏସପିଠାରୁ କମ୍ ଦାମରେ ଧାନ କ୍ରୟ, ଚାଷ କ୍ଷେତ୍ରରେ ଜଳସେଚନର ଘୋର ବିପର୍ଯ୍ୟୟ, ଫସଲବୀମା ଯୋଜନାର ଅସଫଳ ଓ ପ୍ରିୟାପ୍ରୀତି, ଭାଗଚାଷୀ ସମସ୍ୟା, ଶସ୍ୟ ସଂରକ୍ଷଣ ପାଇଁ ଶୀତଳଭଣ୍ଡାର ନ ଥିବା, କୃଷି ଭିତ୍ତିକ ଶିଳ୍ପ ସଂସ୍ଥାଗୁଡ଼ିକର ପୁନରୁଦ୍ଧାର କରା ନ ଯିବା, ବିହନ ସମସ୍ୟାଠାରୁ ଆରମ୍ଭ କରି ଚାଷୀ ଅନେକ କ୍ଷେତ୍ରରେ ଭୋଗୁଥିବା ଦୁର୍ଦ୍ଦଶା ସମ୍ପର୍କରେ ଚାଷୀମାନେ ରାହୁଲଙ୍କୁ ଅବଗତ କରିଥିଲେ। କେନ୍ଦ୍ର ଓ ରାଜ୍ୟ ବିଜେପି ସରକାର ଚାଷ ଓ ଚାଷୀର ବିକାଶ ପାଇଁ ଯାହା ଘୋଷଣା କରୁଛନ୍ତି ତାହା କେବଳ ନାଟକବାଜି ଓ ପ୍ରତାରଣା ବୋଲି ଚାଷୀମାନେ କହିଥିଲେ। ରାଜ୍ୟର ଚାଷୀକୁଳର ଏଭଳି ଅଭାବନୀୟ ପରିସ୍ଥିତିକୁ ଜାଣିବାପରେ ବିରୋଧୀଦଳ ନେତା ଚାଷୀଙ୍କୁ ନ୍ୟାୟ ଦେବା ସରକାରର ପ୍ରଥମ କର୍ତ୍ତବ୍ୟ। କିନ୍ତୁ ଚାଷୀ ଆଜି ନ୍ୟାୟ ପାଉନାହିଁ। ଯାହା ଫଳରେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି ବୋଲି କହିଥିଲେ।

### ସିଜିମାଳି ଆସିବେ ରାହୁଲ ଗାନ୍ଧୀ

କୌଣସି ସ୍ଥିରୀକୃତ କାର୍ଯ୍ୟକ୍ରମ ନ ଥାଇ ରାହୁଲ ଗାନ୍ଧୀ ଶୁକ୍ରବାର ଅପରାହ୍ଣରେ କଂଗ୍ରେସ ଭବନରେ ରାଜନୈତିକ ବ୍ୟାପାର କମିଟି ନେତାଙ୍କ ବୈଠକ ପରେ ପରେ ରାୟଗଡ଼ା ଓ କଳାହାଣ୍ଡି ଜିଲ୍ଲା ସିଜିମାଳିରୁ ଆସିଥିବା ବେଦାନ୍ତ ଓ ଆଦାନୀ ବିରୋଧୀ ଆନ୍ଦୋଳନକାରୀ ଆଦିବାସୀଙ୍କ ପ୍ରତିନିଧିଦଳକୁ ଭେଟିଛନ୍ତି। ଏଗାର ଜଣିଆ ପ୍ରତିନିଧି ଦଳ ଆଠ ଜଣ ମହିଳା ଓ ତିନି ଜଣ ପୁରୁଷ ସାମିଲ ହେଇଥିଲେ। ପ୍ରତିନିଧି ଦଳ ଠାରୁ ଶ୍ରୀ ଗାନ୍ଧୀ ସେମାନଙ୍କର ଆନ୍ଦୋଳନ ସଂକ୍ରାନ୍ତରେ ସବିଶେଷ ପଚାରି ବୁଝିଥିଲେ। ଅବହେଳିତ ସୋଶିତ ଲୋକଙ୍କର ଗଣତାନ୍ତ୍ରିକ ଆନ୍ଦୋଳନ ପ୍ରତି ନିଜର ଅକୁଣ୍ଠ ସମର୍ଥନ ଜଣାଇଥିଲେ। ପ୍ରତିନିଧିଦଳର ନିମନ୍ତ୍ରଣ ରକ୍ଷାକରି ସେ ସିଜିମାଳି ଯିବାକୁ ପ୍ରତିଶ୍ରୁତି ଦେଇଥିଲେ। ପ୍ରତିନିଧି ଦଳ ପକ୍ଷରୁ ଆନ୍ଦୋଳନ ସମ୍ପର୍କିତ ଦାବିପତ୍ର ଶ୍ରୀ ଗାନ୍ଧୀଙ୍କୁ ପ୍ରଧାନ କରାଯାଇଥିଲା। ଗ୍ରାମସଭା ଓ ଜଙ୍ଗଲ ଅଧିକାର ଆଇନ ଉଲ୍ଲଂଘନ କରି ସରକାର ବେଦାନ୍ତ ଓ ଆଦାନୀ ସପକ୍ଷରେ ମିଥ୍ୟା ରିପୋର୍ଟ ପ୍ରସ୍ତୁତ କରିବା, ପୁଲିସ୍ ଦମନ ଲୀଳା, ମିଥ୍ୟା ଗିରଫଦାରୀ ଓ ସରକାରୀ ଗୁଣ୍ଡରାଜ୍ କଥା ଶୁଣି ରାହୁଲ ଗାନ୍ଧୀ ଗଭୀର ସମବେଦନା ଜଣାଇଛନ୍ତି। ବିଶେଷ କରି ବକ୍ସାଇଟ ଖଣି ଖୋଲାହେଲେ ତିନିରୁ ପାଞ୍ଚ ଲକ୍ଷ ଲୋକ ଜୀବନ ଜୀବିକା ହରାଇବେ ଓ ଅଞ୍ଚଳ ମରୁଭୂମିରେ ପରିଣତ ହେବ ବୋଲି ଜାଣି ସରକାରୀ ଆଭିମୁଖ୍ୟ ନେଇ ସନ୍ଦେହ ପ୍ରକାଶ କରିଛନ୍ତି।

### ମଞ୍ଚ ଉପରେ ରାହୁଲଙ୍କ ପାଖକୁ ଜଣଙ୍କ ପରେ ଜଣେ ଆସିଲେ

ରାହୁଲ ଗାନ୍ଧୀ ଅଭିଭାଷଣ ଶେଷ କରିବା ପରେ ଏଆଇସିସି ଅଧ୍ୟକ୍ଷ ଭାଷଣ ଆରମ୍ଭ କରିଥିଲେ। ଏହି ସମୟରେ ମଞ୍ଚରେ ରାହୁଲଙ୍କ ପାଖ ଚେୟାର ଫାଙ୍କା ପଡ଼ିଥିଲା। ରାହୁଲଙ୍କ ପାଖକୁ ଜଣଙ୍କ ପରେ ଜଣେ ରାଜ୍ୟ କଂଗ୍ରେସର ନେତାମାନେ ଆସି ରାହୁଲଙ୍କ ସହ କିଛି କିଛି ସମୟ ଆଲୋଚା କରିଥିଲେ। ଏଥିରେ ପ୍ରଥମେ କୋରାପୁଟ ସାଂସଦ ସପ୍ତଗିରି ଉଲ୍ଲାକା ପରେ କଂଗ୍ରେସ ଅନ୍ୟ ବିଧାୟକ ଯଥା, ତାରା ପ୍ରସାଦ ବାହୀନିପତି, ସୋଫିଆ ଫିର୍‌ଦୋସ୍, ଅଶୋକ ଦାସ, ମଙ୍ଗୁ ଖିଲ, ପବିତ୍ର ସାଉନ୍ତା, ସିଏସ୍ ରାଜନ ଏକା, ରମେଶ ଜେନାଙ୍କ ଭଳି ନେତୃବର୍ଗ ରହିଥିଲେ। ଏହା ବ୍ୟତୀତ କଂଗ୍ରେସର ବରିଷ୍ଠ ନେତା ଜୟଦେବ ଜେନା ମଧ ରାହୁଲଙ୍କ ସହ ଅନେକ ସମୟ ପର୍ଯ୍ୟନ୍ତ ଆଲୋଚନା କରୁଥିବାର ଦେଖିବାକୁ ମିଳିଥିଲା।

### ରାହୁଲଙ୍କ କଟ୍ ଆଉଟ୍‌କୁ କ୍ଷୀରରେ ଗାଧୋଇଦେଲେ ପ୍ରଶଂସକ

ବରମୁଣ୍ଡା ପଡ଼ିଆରେ ଆୟୋଜିତ ସମ୍ବିଧାନ ବଞ୍ଚାଅ ସମାବେଶ ସଭାସ୍ଥଳ ନିକଟରେ ରାହୁଲଙ୍କର ଏକ ବିରାଟ କଟ୍‌ଆଉଟ୍ ଲାଗିଥିଲା। ଏହି କଟ୍‌ଆଉଟ୍‌କୁ ରାହୁଲଙ୍କ ସମର୍ଥକମାନେ କ୍ଷୀରରେ ଗାଧୋଇ ଦେଇଥିଲେ। ରାହୁଲ ଆଗାମୀ ଦିନରେ ନିଶ୍ଚିତ ପ୍ରଧାନମନ୍ତ୍ରୀ ହେବେ। ସେଥିପାଇଁ ତାଙ୍କର ମହାସ୍ନାନ କରାଯାଇଥିଲା। ଦେଶବାସୀଙ୍କ ପାଇଁ ଦିନରାତି ଏକ କରି ଲଢ଼େଇ କରୁଛନ୍ତି। ତେଣୁ ଜଗନ୍ନାଥଙ୍କ ପବିତ୍ର ମାଟିରେ ସ୍ୱାଗତ କରିବା ପାଇଁ ତାଙ୍କୁ କ୍ଷୀରରେ ଗାଧୋଇ ଦେଇଥିବା ନେଇ ତାଙ୍କ ସମର୍ଥକ କହିଛନ୍ତି।

### ବିମାନବନ୍ଦରରେ ସେଲଫି ନେଲେ ରାହୁଲ୍

ଓଡ଼ିଶା ଗସ୍ତ ଶେଷ କରି ଫେରିବା ସମୟରେ ରାହଲ ଗାନ୍ଧୀ ତାଙ୍କ ସମର୍ଥକମାନଙ୍କୁ ସେଲ୍‌ଫି ଦେଇଛନ୍ତି। ବିମାନବନ୍ଦର ନିକଟରେ ରାହୁଲଙ୍କ ସହ ସେଲଫି ନେବାକୁ କିଛି ସୁରକ୍ଷାକର୍ମୀ ଓ ତାଙ୍କ ସମର୍ଥକ ମନବଳାଇଥିଲେ। ଏହି ସମୟରେ ରାହୁଲ ଜଣେ ସମର୍ଥକଙ୍କଠାରୁ ତାଙ୍କ ମୋବାଇଲ୍ ନେଇ ନିଜେ ସେଲଫି ଉଠାଇଥିଲେ।



---

ଜାଲ୍ ପ୍ରମାଣପତ୍ରରେ ଶିକ୍ଷକ ନିଯୁକ୍ତି ପ୍ରସଙ୍ଗ

## କାର୍ଯ୍ୟାନୁଷ୍ଠାନ ସମ୍ପର୍କିତ ସତ୍ୟପାଠ ଦାଖଲ ନିର୍ଦ୍ଦେଶ

କଟକ, ୧୧।୭ (ସମିସ): ରାଜ୍ୟର ସରକାରୀ ପ୍ରାଥମିକ ବିଦ୍ୟାଳୟଗୁଡିକରେ ଜାଲ୍ ପ୍ରମାଣପତ୍ର ବଳରେ ଶିକ୍ଷକ ନିଯୁକ୍ତି ଓ କାଗଜକଲମରେ ଭୂତ (ବୋଗସ) ଛାତ୍ରଛାତ୍ରୀଙ୍କ ନାଁ ଗଡୁଥିବା ଅଭିଯୋଗରେ ରୁଜୁ ଜନସ୍ୱାର୍ଥ ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରୁଛନ୍ତି। ସମସ୍ତ ଜିଲ୍ଲାର ଶିକ୍ଷାଧିକାରୀଙ୍କଠାରୁ ଏଭଳି ନକଲି ଶିକ୍ଷକଙ୍କ ବିରୋଧରେ ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ସମ୍ପର୍କରେ ରିପୋର୍ଟ ତଲବ କରାଯାଉ ବୋଲି ମାମଲା ଶୁଣାଣି ବେଳେ ଆମିକସକ୍ୟୁରୀଙ୍କ ପକ୍ଷରୁ ଅଦାଲତଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ଜାଲ ପ୍ରମାଣପତ୍ର ବଳରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କ ବିରୋଧରେ କଣ କାର୍ଯ୍ୟାନୁଷ୍ଠାନ ନିଆଯାଇଛି ସେନେଇ ସତ୍ୟପାଠ ଦେବାକୁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ମୁଖ୍ୟ ବିଚାରପତି ଜଷ୍ଟିସ ହରିଶ ଟଣ୍ଡନ ଓ ଜଷ୍ଟିସ ଏମ୍.ଏସ୍.ରମଣଙ୍କୁ ନେଇ ଗଠିତ ଖଣ୍ଡପୀଠ ସଞ୍ଜୟ କୁମାର ମହାରଣାଙ୍କ ଆବେଦନର ଶୁଣାଣି କରି ଏପରି ନିର୍ଦ୍ଦେଶ ଦେଇଛନ୍ତି।

---

ବିଚିତ୍ର ନ୍ୟାୟ

## 'ବର୍ଷେ ଅଧିକ ଚାକିରି କରି ଦରମା ନେଇଛ, ଫେରାଅ'

- ହରଡ଼ଘଣାରେ କର୍ମଚାରୀ, ନେବେ ଆଇନର ଆଶ୍ରୟ

ଜଟଣୀ, ୧୧।୭ (ସମିସ): ଅବଧିଠାରୁ ବର୍ଷେ ଅଧିକ ଚାକିରି କରି ଦରମା ନେଇଛ, ଫେରାଅ। ଏଭଳି ନୋଟିସ୍ ପାଇ ହତବାକ୍ ହୋଇଛନ୍ତି ଜଟଣୀ ପୌର ପରିଷଦରେ ଚାକିରି କରି ଅବସର ନେଇଥିବା ଜଣେ ଝାଡୁଦାର। ତାଙ୍କ ଅବସର ସମୟ କେବେ ସେ ଜାଣିପାରି ନଥିବାବେଳେ ପୂର୍ବଭଳି ନିୟମିତ ରେଜିଷ୍ଟରରେ ହାଜିରା ଦେଇ ମାସକୁ ମାସ କର୍ତ୍ତୃପକ୍ଷଙ୍କଠାରୁ ଆକାଉଣ୍ଟରେ ଦରମା ପାଇଛନ୍ତି। ମାତ୍ର ଏବେ ତାଙ୍କୁ ବର୍ଷକର ଦରମା ଫେରାଇବାକୁ ନୋଟିସ୍ ହୋଇଛି। ଏଭଳି ବିଚିତ୍ର ନ୍ୟାୟରେ ସେ ହତ୍‌ବାକ୍ ହୋଇ କିଭଳି ଟଙ୍କା ଫେରାଇବେ ଚିନ୍ତାରେ ପଡ଼ିଛନ୍ତି।

ଜଟଣୀ ଗଜପତି ନଗର ଅଞ୍ଚଳର କେଦାର ନାୟକ ଜଟଣୀ ପୌର ପରିଷଦରେ ନିୟମିତ ସୁଇପର ଭାବେ କାର୍ଯ୍ୟ କରନ୍ତି। ଚାକିରି ରେକର୍ଡ ଅନୁସାରେ ସେ ୧୯୬୪ ମସିହା ଜୁଲାଇ ୭ ତାରିଖରେ ପୌର ପରିଷଦରେ ସୁଇପର ଭାବେ ନିଯୁକ୍ତି ପାଇଥିଲେ। ସେହି ଅନୁସାରେ ତାଙ୍କର ଅବସର ନେବା ତାରିଖ ହେଉଛି ଜୁଲାଇ ୩୧ ତାରିଖ ୨୦୨୪। କିନ୍ତୁ ପୌର ପରିଷଦର ଖାମ ଖିଆଲ ନୀତି ହେଉ କିମ୍ବା ସମ୍ପୃକ୍ତ ବୃଦ୍ଧ ବ୍ୟକ୍ତି ନ ଜାଣିପାରିବା ଯୋଗୁଁ ସେ ଜୁଲାଇ ୨୦୨୫ ପର୍ଯ୍ୟନ୍ତ କାମ କରି ଚାଲିଛନ୍ତି। ଏପରିକି ଦୈନିକ ପୌର ପରିଷଦ ରେଜିଷ୍ଟରରେ ହାଜିରା ମଧ୍ୟ ଦେଉଛନ୍ତି। ତା' ସହ ଅବସର ସମୟ ଅତିକ୍ରାନ୍ତ ହେବା ପରେ ମଧ୍ୟ ବର୍ଷେ ହେଲାଣି ମାସିକ ୪୧ ହଜାର ଟଙ୍କା ଲେଖାଏ ଦରମା ନେଉଛନ୍ତି। ଏ ନେଇ କେବେ ବି ପୌର ପରିଷଦ ପକ୍ଷରୁ ତାଙ୍କୁ ବାରଣ କରାଯାଇନି କିମ୍ବା ନୋଟିସ୍ ହୋଇନି। ଏପରିକି ଦରମା ମଧ୍ୟ ବନ୍ଦ କରାଯାଇନି। ତେବେ ଚଳିତ ମାସ ୮ ତାରିଖରେ ପୌର ପରିଷଦ ଚିଠି ସଂଖ୍ୟା-୪୦୮୯ରେ ପୌର ନିର୍ବାହୀ ଅଧିକାରୀ ସମ୍ପୃକ୍ତ ସୁଇପରଙ୍କୁ ଏକ ନୋଟିସ ଜାରି କରିଛନ୍ତି। ନୋଟିସ ଅନୁସାରେ ସୁଇପର କେଦାର ନାୟକ ଅବସର ସମୟ ପରେ ନେଇଥିବା ଅଧିକ ଦରମା ଟଙ୍କାକୁ ତାଙ୍କ ଠାରୁ ଫେରସ୍ତ ନିଆଯିବ। ନୋଟିସ ପାଇବା ପରେ ଶ୍ରୀ ନାୟକ ଆଜି ନିଜ ଆଡୁ ପୌର ନିର୍ବାହୀ ଅଧିକାରୀଙ୍କ ଉଦ୍ଦେଶ୍ୟରେ ଏକ ଦରଖାସ୍ତ ଦେଇଛନ୍ତି। ସେ ଦର୍ଶାଇଛନ୍ତି ଯେ ମୁଁ ଜଣେ ବୃଦ୍ଧ, ଭିନ୍ନକ୍ଷମ ଏବଂ ଅଳ୍ପ ଶିକ୍ଷିତ ଲୋକ। ମୋର ଅବସର ତାରିଖ ନ ଜାଣିପାରି ଆଜି ପର୍ଯ୍ୟନ୍ତ ପୌର ପରିଷଦ ରେଜିଷ୍ଟରରେ ହାଜିରା ଦେଇ କାମ କରୁଥିଲି। ପୂର୍ବ ଭଳି ଆକାଉଣ୍ଟରେ ଦରମା ଟଙ୍କା ଆସୁଥିଲା। ମୋତେ ମୋର ଅବସର ତାରିଖ ନେଇ ପୌର ପରିଷଦ ଅବଗତ କରାଇନାହାନ୍ତି। ମୁଁ କୌଣସି ପ୍ରକାରେ ଅଧିକ ଦରମା ନେଇନାହିଁ। ଫେରସ୍ତ ଦେବା ଆବଶ୍ୟକ ନାହିଁ। ଦରକାର ପଡ଼ିଲେ ମୁଁ ଅଦାଲତର ଦ୍ୱାରସ୍ଥ ହେବି। ଏହି ଘଟଣାକୁ ନେଇ ଦାୟିତ୍ୱରେ ଥିବା ପୌର ନିର୍ବାହୀ ଅଧିକାରୀ ରଶ୍ମିତା ନାଥଙ୍କ କହିବା ଅନୁସାରେ ସରକାରୀ ନିୟମ ଅନୁସାରେ ତାଙ୍କୁ ନୋଟିସ୍ ଜାରି ହେବା ସହ ସେ ନେଇଥିବା ଅଧିକ ଦରମା ଟଙ୍କାକୁ କିଭଳି ଭାବେ ଫେରସ୍ତ ନିଆଯିବ ଏ ବାବଦରେ ବିଭାଗୀୟ ସହାୟତା ଲୋଡ଼ା ଯାଇଛି।

---

# ଚତୁର୍ଥ ଦିନରେ ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ

ଭୁବନେଶ୍ୱର, ୧୧।୭ (ସମିସ)

ଚତୁର୍ଥ ଦିନରେ ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ପହଞ୍ଚିଥିବା ବେଳେ ଦାବି ପୂରଣ ନ ହେବା ଯାଏ, ଧର୍ମଘଟ ଜାରି ରହିବ ବୋଲି ସଫା ସଫା ଶୁଣାଇ ଦେଇଛି ସଂଘ। ଫଳରେ ଯାତ୍ରୀବାହୀ ଗାଡ଼ି ଚଳାଚଳ କରୁ ନଥିବା ବେଳେ ଅତ୍ୟାବଶ୍ୟକ ସାମଗ୍ରୀ ପରିବହନ ମଧ୍ୟ ବନ୍ଦ ରହିଛି। ଫଳରେ ବାଧାପ୍ରାପ୍ତ ହୋଇଛି ସାଧାରଣ ଜନଜୀବନ। ଗୋଟେପଟେ ପରିବା ଗାଡ଼ି ଆସୁ ନ ଥିବାରୁ ଦର ହୁ ହୁ ହୋଇ ବଢୁଥିବା ବେଳେ ଗମନାଗମନ ପାଇଁ ଘରୋଇ ଗାଡ଼ି ପାଲଟିଛି ଏକମାତ୍ର

- ଭରସା ପାଲଟିଛି ଘରୋଇ ଟ୍ରାନ୍ସପୋର୍ଟିଂ
- ଭଡ଼ା ଶୁଣି ଛାନିଆ ଗ୍ରାହକ

ନିର୍ଭରଶୀଳ ମାଧ୍ୟମ। ଯାହାର ଫାଇଦା ନେଉଛନ୍ତି ଅଟୋ ଚାଳକଙ୍କ ସମେତ ଓଲା, ଉବେର ଚାଳକ। ଭଡ଼ା ବାବଦକୁ ନିର୍ଦ୍ଧାରିତ ଦର ଠାରୁ ଦ୍ୱିଗୁଣା ଭଡ଼ା ବଢ଼ିଥିବାରୁ ଯାତ୍ରୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

ସୂଚନା ଅନୁସାରେ, ୪ଦିନ ହେବ ରାଜ୍ୟବ୍ୟାପୀ ଚାଲିଛି ଡ୍ରାଇଭର ମହାସଂଘର ଷ୍ଟିଅରିଂ ବନ୍ଦ ଆନ୍ଦୋଳନ। ସରକାର ଓ ଡ୍ରାଇଭରଙ୍କ ମଧ୍ୟରେ ଏପର୍ଯ୍ୟନ୍ତ କୌଣସି ଆଲୋଚନା ହୋଇନଥିବାରୁ ନିଜ ଜିଦ୍‌ରେ ଅଟଳ ରହିଛି ସଂଘ। ଏପଟେ ଗାଡ଼ି ଚଳାଚଳ ବନ୍ଦ ରହିଥିବାରୁ ସାଧାରଣ ଲୋକେ ବିଭିନ୍ନ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। କୌଣସି ବ୍ୟକ୍ତିଗତ କାମ ହେଉ ଅବା ଜରୁରୀ



ପରିସ୍ଥିତିରେ ବାଧ ହୋଇ ଘରୋଇ ଗାଡ଼ି କିମ୍ବା ଓଲା, ଉବେର ଆପ୍ ମାଧମରେ ଗାଡ଼ି ବୁକିଂ କରିବାକୁ ବାଧ ହେଉଛନ୍ତି। ହେଲେ ଗାଡ଼ି ଭଡ଼ା ଦେଖି ଛାନିଆ ହେଉଛନ୍ତି ଗ୍ରାହକ। ତା ସାଙ୍ଗକୁ ଆପ୍‌ରେ ଦେଖାଯାଉଥିବା ଭଡ଼ା ଠାରୁ ଅଧିକ ଭଡ଼ା ନେବାକୁ ଦାବୀ କରୁଛନ୍ତି ଚାଳକ। ନ ହେଲେ ବୁକିଂ ନିଜଆଡୁ କ୍ୟାନସଲ୍ କରିବାକୁ ଗ୍ରାହକମାନଙ୍କୁ କହୁଛନ୍ତି। ଫଳରେ ଗ୍ରାହକମାନେ କ୍ୟାନସଲ କଲେ ବି କାନସଲେସନନ୍ ଫାଇନ୍ ଭରିବାକୁ ପଡୁଛି। ତେଣୁ ଅନ୍ୟ ଉପାୟନପାଇ ଚାଳକଙ୍କ ଦାବି ମୁତାବକ ଭଡ଼ା ଦେଉଥିବା ଗ୍ରାହକମାନେ କହିଛନ୍ତି। ସୂଚନା ଅନୁସାରେ, ଓଲା ହେଉ କିମ୍ବା ଉବେର ଆପ୍ଲିକେସନ୍ ମାଧରେ ବାଇକ୍ ଠାରୁ ଆରମ୍ଭ କରି ଅଟୋ, ମିନି କାର୍, ସେଡାନ୍, ଏସୟୁଭି ଆଦି କାର୍ ବୁକିଂର ବ୍ୟବସ୍ଥା ରହିଥିବା ବେଳେ କିଲୋମିଟର ହିସାବରେ ଭଡ଼ା ନେଇଥାନ୍ତି ଚାଳକ। ତା ସାଙ୍ଗକୁ ଘଣ୍ଟିକିଆ ହିସାବରେ ମଧ୍ୟ ବୁକିଂ କରିବାର ସୁବିଧା ଏବଂ ଗ୍ରାହକଙ୍କୁ ସୁହାଇବା ଭଳି ଭଡ଼ା ରହିଥିବାରୁ ଛାତ୍ରଛାତ୍ରୀଙ୍କ ଠାରୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟକରୁଥିବା କର୍ମଚାରୀମାନେ ଏହାକୁ ବ୍ୟବହାର କରନ୍ତି। ହେଲେ ଗତ ୪ଦିନ ହେବ ଡ୍ରାଇଭରମାନେ ଆନ୍ଦୋଳନ ଜାରୀ ରଖିଥିବାରୁ ୯୦ ପ୍ରତିଶତ ଲୋକେ ବାଧ ହୋଇ ଓଲା କିମ୍ବା ଉବେର ଭଳି ଘରୋଇ ଟ୍ରାନ୍ସପୋର୍ଟକୁ ପୂର୍ବପେକ୍ଷା ଅଧିକ ନିର୍ଭର କରି ଅଧିକ ଖର୍ଚ୍ଚାନ୍ତ ହେଉଥିବା କହିଛନ୍ତି। ୧୦ କିଲୋମିଟର ରାସ୍ତାକୁ ପୂର୍ବରୁ (ମିନି କାର୍)୧୦୦ରୁ ୧୫୦ ଟଙ୍କା ମଧ୍ୟରେ ରହିଥିବା ବେଳେ ବର୍ତ୍ତମାନ ତାହା ୪୦୦ ଟପିଛି। ସେହିପରି ଭୁବନେଶ୍ୱରରୁ କଟକ ପାଇଁ ଅଟୋ ଭଡ଼ା ୪୦୦ ଟଙ୍କା ରହିଥିବା ବେଳେ ମିନି କାର୍ ୭୫୦, ସେଡାନ୍ ୯୦୦, ଏସୟୁଭି ଭଡ଼ା ୧୦୮୩ ଟଙ୍କା ରହିଛି। ତେବେ ୪ ଦିନ ହେବ ଲୋକେ ଉପାୟଶୂନ୍ୟ ହୋଇଥିବାରୁ ସାଧାରଣ ଲୋକଙ୍କୁ ଘରୋଇ ଗାଡ଼ି ଚାଳକଙ୍କ ଲୁଟୁଥିବା ଅଭିଯୋଗ ହେଉଥିବା ବେଳେ ବର୍ତ୍ତମାନ ଡିଜେଲ, ପେଟ୍ରୋଲ ପାଇଁ ଘଣ୍ଟା ଧରି ଟାଙ୍କିରେ ଲାଇନ୍ ଦେବାକୁ ପଡୁଥିବା ବେଳେ ଅନେକ ଟାଙ୍କିରେ ତେଲ ନ ଥିବା ସେ କହିଛନ୍ତି। ବଡ଼ି ଭୋରୁ ମଧ୍ୟ ବୁକିଂ ଆସୁଛି। ବର୍ତ୍ତମାନ ଯେଉଁ ଦର ଦେଖାଯାଉଛି ତାହାକୁ ଗାଡ଼ି ଚାଳକ ନୁହେଁ ବରଂ କମ୍ପାନୀ ନିର୍ଦ୍ଧାରିତ କରୁଥିବା ଜଣେ ଓଲା ଚାଳକ କହିଛନ୍ତି।

---

ରଥଯାତ୍ରାରେ ଟିପିସିଓଡିଏଲ୍‌ର ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସପେନ୍‌ସାରି

## ପୁରୀରେ ୨୯,୦୦୦ରୁ ଅଧିକ ଶ୍ରଦ୍ଧାଳୁଙ୍କୁ ଚିକିତ୍ସା ସେବା ପ୍ରଦାନ




ଭୁବନେଶ୍ୱର, ୧୧।୭ (ସିମସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ୍ ଓଡିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ଏହାର ସିଏସଆର୍ ପ୍ରୟାସ ଆରୋଗ୍ୟ ଅଧୀନରେ ଭ୍ରାମ୍ୟମାଣ ସ୍ୱାସ୍ଥ୍ୟ ଡିସପେନସାରି (ଏମ୍‌ଏଚ୍‌ଡି) ଜରିଆରେ ସମାଜ କଲ୍ୟାଣ ପ୍ରତି ଏହାର ପ୍ରତିବଦ୍ଧତା ପ୍ରଦର୍ଶନ କରିଛି। ରଥଯାତ୍ରାରେ ପବିତ୍ର ପୁରୀ ବଡ଼ଦାଣ୍ଡରେ ରଥ ଗଡ଼ିବା ସମୟରେ ଟିପିସିଓଡିଏଲ୍‌ର ଏମ୍‌ଏଚ୍‌ଡି ଗୁଡ଼ିକ ହଜାର ହଜାର ଶ୍ରଦ୍ଧାଳୁଙ୍କୁ ମୌଳିକ ସ୍ୱାସ୍ଥ୍ୟ ସେବା ପ୍ରଦାନ କରିଥିଲା। ଶରଧାବାଲୀ ସ୍ଥିତ ଟିପିସିଓଡିଏଲ୍ କଣ୍ଟ୍ରୋଲ୍ ରୁମ୍ ନିକଟରେ ସମୁଦ୍ର କୂଳରେ ପଲିଶ୍ରୀ ମେଳା ଏବଂ ପୁରୀ ରେଳଷ୍ଟେସନ୍ ଭଳି ତିନିଟି ଗୁରୁତ୍ୱପୂର୍ଣ୍ଣ ସ୍ଥାନରେ ଏହି ଭ୍ରାମ୍ୟମାଣ ଡିସପେନସେରି ଗୁଡ଼ିକୁ ନିୟୋଜିତ କରାଯାଇଥିଲା। ସେଗୁଡ଼ିକ ରଥଯାତ୍ରା, ବାହୁଡ଼ା ଯାତ୍ରା ଏବଂ ସୁନା ବେଶା ସମୟରେ ୨୯,୦୦୦ରୁ ଅଧିକ ଶ୍ରଦ୍ଧାଳୁଙ୍କୁ ଚିକିତ୍ସା ସେବା ପ୍ରଦାନ କରିଥିଲେ। ପ୍ରତ୍ୟେକ ଏମ୍‌ଏଚ୍‌ଡିରେ ଜଣେ ଡାକ୍ତର, ନର୍ସ ଏବଂ ଫାର୍ମାସିଷ୍ଟଙ୍କର ଏକ ଟିମ୍ ଥିଲା। ସେମାନେ ଫାଷ୍ଟ ଏଡ୍, ରକ୍ତଚାପ ପରୀକ୍ଷା, ସ୍ୱାସ୍ଥ୍ୟ ପରାମର୍ଶ ଏବଂ ମାଗଣା ଔଷଧ ଏବଂ ଓଆରଏସ୍ ପ୍ୟାକେଟ୍ ବିତରଣ କରିବା ଭଳି ପ୍ରାଥମିକ ଚିକିତ୍ସା ସେବା ଯୋଗାଇଦେଇଥିବା ଟିପିସିଓଡିଏଲର ସିଇଓ ଅରବିନ୍ଦ୍ ସିଂହ କହିଛନ୍ତି।



## ଲୋକଙ୍କୁ ଭୁଆଁ ବୁଲାଇ ଠକୁଥିଲେ

# ପୁଲିସ ସ୍କାନର୍‌ରେ ୫ ଶହ ନକଲି ଆପ୍, ୱେବ୍‌ସାଇଟ୍

ଭୁବନେଶ୍ୱର, ୧୧।୭ (ସମିସ)

ବିଦେଶୀ ଆପ୍ ଏବଂ ୱେବ୍‌ସାଇଟ୍ କମିସନରେଟ୍ ପୁଲିସ ପାଇଁ ଚ୍ୟାଲେଞ୍ଜ ପାଲଟିଛି। ମାଷ୍ଟରମାଇଣ୍ଡ ଦେଶ ବାହାରେ ବସି ଏହି ନକଲି ଆପ୍ ମାଧ୍ୟମରେ କୋଟି କୋଟି ଟଙ୍କା ଠକୁଥିବାରୁ ଗିରଫ କରିବାରେ ସମସ୍ୟା ହେଉଛି।

- ପୁଲିସ ପାଇଁ ଚ୍ୟାଲେଞ୍ଜ ବିଦେଶୀ ଆପ୍, ୱେବ୍‌ସାଇଟ୍
- ନକଲି ଆପ୍ ଉପରେ ନଜର ରଖିବ ସାଇବର ଟିମ୍

ଯାହାଫଳରେ ମାଷ୍ଟରମାଇଣ୍ଡ ଭାରତରୁ କୋଟି କୋଟି ଟଙ୍କା ବିଦେଶକୁ ନେଇଯାଉଛନ୍ତି। ତେଣୁ କିଭଳି ଏହି ବିଦେଶୀ ଆପ୍ ଏବଂ ୱେବ୍‌ସାଇଟ୍ ଉପରେ ନଜର ରଖାଯିବ ସେନେଇ କ୍ରାଇମ୍‌ବ୍ରାଞ୍ଚ ଏବଂ କମିଶନରେଟ୍ ପୁଲିସ ଏକ ବ୍ଲୁ ପ୍ରିଣ୍ଟ ପ୍ରସ୍ତୁତ୍ କରିଛି। ତେଣୁ ଏବେ ଠକେଇର ତରିକା ବଦଳିଛି। ପୂର୍ବଭଳି ସିଧା ଉପାୟରେ ଠକେଇ ହେଉନି। ବ୍ୟାଙ୍କ୍ ଆକାଉଣ୍ଟ ଅନ୍ୟନାମରେ ଥିବା ବେଳେ ୟୁପିଆଇ ଅନ୍ୟ ଜଣେ ବ୍ୟବହାର କରୁଛି। ତେଣୁ ଏଭଳି ହାଇଟେକ୍ ଠକେଇକୁ କିଭଳି ମାତ ଦିଆଯିବ ସେନେଇ ଇଓଡବ୍ଲ୍ୟୁ ଏବଂ ପୁଲିସ ନୂଆ ବ୍ୟବସ୍ଥା କରିଛି। ଏଥର ଇଓଡବ୍ଲ୍ୟୁରେ ଏକ ସାଇବର ଟିମ୍ ରଖାଯିବ। ସେମାନେ କିଭଳ ହାଇଟେକ୍ ଠକେଇର ତଦନ୍ତ କରିବେ। ନୂଆ ଆପ୍ ହେଉ ଅବା ଅନ୍‌ଲାଇନ୍ ଟ୍ରେଡିଂ ଠକେଇ। ଏହି ଟିମ୍ ତଦନ୍ତ କରି ଅଭିଯୁକ୍ତକୁ ଗିରଫ କରିବ। ଆହୁରି ମଧ୍ୟ ଅନେକ ସମୟରେ ଇଓଡବ୍ଲ୍ୟୁ ଅନ୍ୟ ରାଜ୍ୟର ଅଭିଯୁକ୍ତକୁ ଗିରଫ କରିବା ପାଇଁ ଗଲେ। ସେଠାରେ ପୁଲିସ ଯାଇଥିବା ଟିମ୍‌କୁ ସହଯୋଗ କରୁନାହାନ୍ତି। ତେଣୁ ଏଥର ଅନ୍ୟ ରାଜ୍ୟର ତଦନ୍ତକାରୀ ଏଜେନ୍ସି ସହ ସମନ୍ୱୟ ରଖି କାମ କରିବା ପାଇଁ ଏକ ଟିମ୍ କରାଯାଇଛି। ସେମାନେ ହ୍ୱାଟ୍ସଆପ୍, ଟେଲିଗ୍ରାମ୍ ମାଧ୍ୟମରେ ଯୋଡ଼ିହେବ। ଯଦି କେଉଁ ରାଜ୍ୟରେ ନୂଆ ଟ୍ରେଣ୍ଡରେ ଠକେଇ ହୁଏ, ତୁରନ୍ତ ଏହି ଗ୍ରୁପ୍‌ରେ ଆର୍ଲଟ କରାଯିବ। ଫଳରେ ଅନ୍ୟ ରାଜ୍ୟରେ ହେବାକୁ ଥିବା ଏଭଳି ଠକେଇକୁ ରୋକାଯାଇ ପାରିବ। ଗତ କିଛି ବର୍ଷ ହେବ ଲୋନ୍ ଆପ୍, ଅନଲାନ୍ ଟ୍ରେଡିଂ, ୧୮ ଫୁଟବଲ୍ ଡଟ୍‌କମ୍ ଆଦି ଅନେକ ଠକେଇ ଆପ୍ ଲୋକଙ୍କୁ ଚୂନ ଲଗାଉଛି। ଏପରିକି ଏହି ଆପ୍ ମାଧ୍ୟମରେ ଅନେକ ଲୋକେ ମଧ୍ୟ ଆତ୍ମହତ୍ୟା କରିଥିଲେ। ତେଣୁ ଚାଇନା ଠକ ସବୁ ବେଳେ ଏଭଳି ନକଲି ଆପ୍ ମାଧ୍ୟମରେ ଲୋକଙ୍କୁ ଚୂନ ଲଗାଉଛନ୍ତି। ତେଣୁ ଗଠନ କରାଯାଇଥିବା ସାଇବର ଟିମ୍ ମୁଖ୍ୟତଃ ଏହି ନକଲି ଆପ୍ ଉପରେ ନଜର ରଖିବ। ଫଳରେ କିଛିମାତ୍ରାରେ ଏଭଳି ଠକେଇ କମିବ ବୋଲି ଇଓଡବ୍ଲ୍ୟୁ ଅଧିକାରୀମାନେ ଆଶା କରୁଛନ୍ତି।

ପୂର୍ବରୁ ଲୋନ୍ ଆପ୍ ମାଧ୍ୟମରେ ଓଡ଼ିଶାରୁ ୩୦କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ହୋଇଥିଲା। ଏହା ପଛରେ ବିଦେଶରେ ରହୁଥିବା ୩ଜଣ ଠକଙ୍କ ହାତ ରହିଥିଲା। ସେମାନେ ସିଙ୍ଗାପୁରରେ ରହି ଏହି ଲୋନ୍ ଆପ୍ ମାଧ୍ୟମରେ ଠକେଇ କରୁଥିଲେ। ସେମାନେ ଭାରତରୁ ଭିସା ନେଇ ଏଠାକୁ ଆସି ଏଜେଣ୍ଟ ଯୋଗାଡ଼ କରି ଯାଇଥିଲେ। ତେଣୁ ପରବର୍ତ୍ତି ସମୟରେ ତଦନ୍ତ କରିବା ପରେ ସବୁ କିଛି ଜଣାପଡ଼ିଥିଲା। ହେଲେ ମାଷ୍ଟରମାଇଣ୍ଡ ସେତବେଳକୁ ଦେଶ ଛାଡ଼ି ପଳାଇଯାଇଥିଲା। ଯାହାଫଳରେ ଏକାଧିକ ବିଦେଶୀ ଠକଙ୍କ ନାମରେ ଲୁକ୍‌ଆଉଟ୍ ଜାରି କରାଯାଇଥିଲା।



## ଦମ୍ପତିଙ୍କୁ ଲିଫ୍ଟ ଦେଇ ଲୁଟ୍; ଲୁଟେରା ଗିରଫ

ଭୁବନେଶ୍ୱର, ୧୧।୭ (ସମିସ): ବୃଦ୍ଧ ଦମ୍ପତିଙ୍କୁ ଲିଫ୍ଟ ଦେଇ ଲୁଟ୍ କରିଥିବା ଜଣଙ୍କୁ ଗିରଫ କରିଛି ନୂଆପଲ୍ଲୀ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ନନ୍ଦନକାନନ ଥାନା ଗଣ୍ଡରପୁରର ନିରଞ୍ଜନ ସାସମଲ ଓରଫ୍ ବାବୁ (୩୩)।



ପୁଲିସ ସୂଚନା ଅନୁସାରେ, ଖଣ୍ଡପଡ଼ାର ପାଲିଆ ମହାପାତ୍ର ଓ ତାଙ୍କ ସ୍ୱାମୀ ନୂଆପଲ୍ଲୀସ୍ଥିତ ଘରୋଇ ଡାକ୍ତରଖାନାକୁ ଚକ୍ଷୁ ଚିକିତ୍ସା ପାଇଁ ଆସିଥିଲେ। ସେମାନେ ଚିକିତ୍ସା ସାରି ବରମୁଣ୍ଡା ଯିବାକୁ ଇସ୍କନ ଛକରେ ଅଟୋକୁ ଅପେକ୍ଷା କରିଥିଲେ। ସେହି ସମୟରେ ବାବୁ ସେମାନଙ୍କ ପାଖକୁ ଆସି ସ୍କୁଟିରେ ଛାଡ଼ି ଦେବ ବୋଲି କହିଥିଲା। ସନ୍ଦେହ ନ ଥିବାରୁ ବୃଦ୍ଧ ଦମ୍ପତି କଥାରେ ବିଶ୍ୱାସ କରି ତା’ ସ୍କୁଟିରେ ଚଢ଼ିବା ସହିତ ଟଙ୍କା ଥିବା ବ୍ୟାଗକୁ ଗାଡ଼ିରେ ରଖିଥିଲେ। ରାସ୍ତାରେ ଏକ କୋଚିଂ ସେଣ୍ଟର ନିକଟରେ ଦମ୍ପତିଙ୍କୁ ଛାଡ଼ି ଦେଇ ଚା’ ପିଇବାକୁ ଯାଉଥିଲା। ଏହାରି ଭିତରେ ଉକ୍ତ ବ୍ୟାଗରୁ ୨୦ ହଜାର ଟଙ୍କା ଚୋରିକରି ନେଇଥିଲା। କିଛି ସମୟ ପରେ ପୁଣିଥରେ କୋଚିଂ ସେଣ୍ଟର ନିକଟକୁ ଆସିଥିଲା ଓ ସେମାନଙ୍କୁ ସ୍କୁଟିରେ ନେଇ ଇସ୍କନ ନିକଟରେ ଛାଡ଼ି ପଳାଇଥିଲା। ବ୍ୟାଗରୁ ଟଙ୍କା ଚୋରି କରିଥିବା ଜାଣିବା ପରେ ପାଲିଆ ମହାପାତ୍ର ନୂଆପଲ୍ଲୀ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ସିସିଟିଭି କ୍ୟାମେରା ଫୁଟେଜ ଯାଞ୍ଚ କରି ଗାଡ଼ିକୁ ଚିହ୍ନଟ କରିଥିଲା। ଆଜି ଏଜି ଛକ ନିକଟରେ ସ୍କୁଟି ନେଇ ଯାଉଥିବା ବେଳେ ବାବୁକୁ ଗିରଫ କରିଥିଲା। ତା’ ଠାରୁ ସ୍କୁଟି ଓ ୧୩ ହଜାର ଟଙ୍କା ଜବତ କରିଥିଲା।

### ଆପାର୍ଟମେଣ୍ଟ ମାଲିକଙ୍କ ପ୍ରତି କଠୋର ହେଲା ବିଡିଏ

## ରକ୍ଷଣାବେକ୍ଷଣ ଦେୟ ନ ଦେଲେ ବିଚ୍ଛିନ୍ନ ହେବ ଅତ୍ୟାବଶ୍ୟକ ସେବା

ଭୁବନେଶ୍ୱର, ୧୧।୭ (ସମିସ): ଆବାସିକ ଆପାର୍ଟମେଣ୍ଟର ଘର ମାଲିକ ରକ୍ଷଣାବେକ୍ଷଣ ଦେୟ ପୈଠରେ ବିଳମ୍ବ କଲେ କିମ୍ବା ଫି ନ ଦେଲେ ବିଚ୍ଛିନ୍ନ ହେବ ଘରର ଅତ୍ୟାବଶ୍ୟକ ସେବା ବନ୍ଦ କରିବ। ଯଦି ମେଣ୍ଟେନାନ୍ସ ଫି ଘରମାଲିକ ଲଗାତାର ପୈଠ ନ କରନ୍ତି ତେବେ ବିଜୁଳି ସଂଯୋଗ, ଜଳଯୋଗାଣ, ପରିମଳ ଆଦି ବିଭିନ୍ନ ଅତ୍ୟାବଶ୍ୟକ ସେବାରୁ ସମ୍ପୃକ୍ତ ଫ୍ଲାଟ ମାଲିକଙ୍କୁ ବଞ୍ଚିତ ହେବେ। ହାଉସିଂ ସୋସାଇଟି ଏନେଇ ପଦକ୍ଷେପ ଗ୍ରହଣ କରିପାରିବେ। କିଛି ଫ୍ଲାଟ୍ ମାଲିକ ଇଚ୍ଛାକୃତ ଭାବେ ମାସିକ ରକ୍ଷଣାବେକ୍ଷଣ ଦେୟ ପ୍ରଦାନ କରୁ ନ ଥିଲେ। ଏନେଇ ହାଉସିଂ ସୋସାଇଟି ଆସୋସିଏସନ ଭୁବନେଶ୍ୱର ଉନ୍ନୟନ କର୍ତ୍ତୃପକ୍ଷ- ବିଡିଏରେ ଅଭିଯୋଗ କରିଥିଲେ। ଅଭିଯୋଗର ଶୁଣାଣି କରି ଆସୋସିଏସନ ସପକ୍ଷରେ ବିଡିଏ ରାୟ ଦେଇଛନ୍ତି। ଓଡ଼ିଶା ଆପାର୍ଟମେଣ୍ଟ (ମାଲିକାନା ଓ ପରିଚାଳନା) ଆଇନର ଧାରା ୧୯-୧ ଅନୁଯାୟୀ ଏହି ନିର୍ଦ୍ଦେଶ ଦେଇଛନ୍ତି ବିଡିଏ। ବକେୟା ଦେୟ ପ୍ରଦାନ ପାଇଁ ପ୍ରଥମେ ଆସୋସିଏସନର ସାଧାରଣ ପରିଷଦ ନୋଟିସ ଜାରି କରିବେ। ନୋଟିସ ପରେ ଯଦି ଧାର୍ଯ୍ୟ ସମୟ ମଧ୍ୟରେ ଦେୟ ପୈଠ ନହେଲେ ଏନେଇ ଆସୋସିଏସନରେ ଆଲୋଚନା ହେବ। ଏହା ପରେ ଅତ୍ୟାବଶ୍ୟକ ସେବା ବିଚ୍ଛିନ୍ନ କରିବାକୁ ସାଧାରଣ ପରିଷଦ ବୈଠକରେ ପ୍ରସ୍ତାବ ଗୃହୀତ ହେବ।

### କାର୍ଯ୍ୟାନୁଷ୍ଠାନ ପାଇଁ କୁଳପତିଙ୍କୁ ଫେରାଦ୍ ହେଲା ବିସିଜେଡି

## ‘ଉତ୍କଳ’ ଶୈକ୍ଷିକ ବାତାବରଣ ନଷ୍ଟ କରୁଛି ଏବିଭିପି

ଭୁବନେଶ୍ୱର, ୧୧।୭ (ସମିସ): ଉତ୍କଳ ବିଶ୍ୱବିଦ୍ୟାଳୟ ଶୈକ୍ଷିକ ପରିବେଶକୁ ନଷ୍ଟ କରୁଛି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ (ଏବିଭିପି)। ଅଣଛାତ୍ର ଓ ଗୁଣ୍ଡାଙ୍କୁ ନେଇ କ୍ୟାମ୍ପସ୍‌ରେ ଶୋଭାଯାତ୍ରା କରି ଛାତ୍ରଛାତ୍ରୀଙ୍କୁ ଭୟଭୀତ କରୁଛି। ସାମ୍ଭାବ୍ୟ ଛାତ୍ର ସଂସଦ ନିର୍ବାଚନ ପୂର୍ବରୁ ପତିଆରା ପ୍ରଦର୍ଶନ ପାଇଁ ପ୍ରୟାସ କରୁଥିବା ଅଭିଯୋଗ କରି ବିଜୁ ଛାତ୍ର ଜନତା ଦଳ (ବିସିଜେଡି) ପକ୍ଷରୁ ଅଭିଯୋଗ କରିବା ସହ କାର୍ଯ୍ୟାନୁଷ୍ଠାନ ଦାବିରେ କୁଳପତିଙ୍କୁ ଫେରାଦ ହୋଇଛନ୍ତି।



ଶୁକ୍ରବାର ବିସିଜେଡି ପକ୍ଷରୁ ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ କୁହାଯାଇଛି ଯେ, ଏବିଭିପିର ଛାତ୍ରନେତା ବିଶ୍ୱଜିତ ପାତ୍ର ଉତ୍କଳ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରୁ ଅଣଛାତ୍ରଙ୍କୁ ହଟାଇବାକୁ ଅନଶନରେ ବସିଥିଲେ। ଅଣଛାତ୍ରମାନେ ଶୈକ୍ଷିକ ବାତାବରଣ ନଷ୍ଟ କରୁଥିବାର ଅଭିଯୋଗ ଆଣିଥିଲେ। ହେଲେ ଏବିଭିପି ପ୍ରତିଷ୍ଠା ଦିବସରେ ବହୁ ଅଣଛାତ୍ରଙ୍କୁ ନେଇ କ୍ୟାମ୍ପସ୍‌ରେ ବାଇକ୍ ଶୋଭାଯାତ୍ରା କରିଥିଲେ। ଏହା ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭୟର ବାତାବରଣ ସୃଷ୍ଟି କରିଛି। ରାଜ୍ୟରେ ବିଜେପି ସରକାରକୁ ଆସିବା ପରେ ଏହାର ଛାତ୍ର ସଂଗଠନ ଅଧିକ ଉତ୍ସାହିତ ହୋଇଛି। ଛାତ୍ର ସଂସଦ ନିର୍ବାଚନ ପାଇଁ ପତିଆରା ପ୍ରଦର୍ଶନ କରିବାକୁ ପ୍ରୟାସ ହେଉଛି। ଏହାକୁ ବିସିଜେଡି ତୀବ୍ର ନିନ୍ଦା କରିଛି। ଶ୍ରୀ ପାତ୍ରଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାପାଇଁ ଛାତ୍ର ପ୍ରିୟରଞ୍ଜନ ନାୟକ, ସମ୍ବିତ କୁମାର ସାହୁ, ଜଗନ୍ନାଥ ସ୍ୱାମୀ, ପ୍ରଭଞ୍ଜନ ଜେନା, ପ୍ରଦୀପ ମଲ୍ଲିକ, ସମ୍ବିତ କୁମାର ସେଠୀ, ସୌମ୍ୟପ୍ରକାଶ ରାଉତ ପ୍ରମୁଖ କୁଳପତିଙ୍କ ନିକଟରେ ଅଭିଯୋଗ କରିଛନ୍ତି।

### ଭୁଲ୍‌ରେ ଜରୁରିକାଳୀନ ବଟନରେ ହାତବାଜିଗଲା ବୋଲି

## ଯାତ୍ରୀଙ୍କୁ ମୁଥମାରି ଠେଲିଦେଲେ ‘ଆମ ବସ୍’ କର୍ମଚାରୀ

ଭୁବନେଶ୍ୱର, ୧୧।୭ (ସମିସ)

ଗୋଟିଏ ପରେ ଗୋଟିଏ ଦୁର୍ଘଟଣା ଘଟାଇ ଜଣଙ୍କ ପରେ ଜଣଙ୍କ ମୁଣ୍ଡ ନେଉଥିବା ଆମ ବସ୍ ଏବେ ଆଉ ଏକ ଦୁର୍ନାମ ମୁଣ୍ଡାଇଛି। କ୍ରୁଟ୍ ଦ୍ୱାରା ପରିଚାଳିତ ମୋ ବସ୍‌ର କର୍ମଚାରୀ ଏବେ ଗୁଣ୍ଡାଗର୍ଦ୍ଦିକୁ ଓହ୍ଲାଇଛନ୍ତି। ଯାତ୍ରୀଙ୍କୁ କର୍ମଚାରୀମାନେ ଏବେ ବସ୍ ଭିତରେ ମାଡ଼ ମାରିଥିବା ଅଭିଯୋଗ ହୋଇଛି। ଏମିତି କି ଯାତ୍ରୀଙ୍କୁ ଗାଡିରୁ ଧକ୍କା ଦେଇ ବାହାରୁକୁ ଠେଲି ଦେଇଛନ୍ତି। ସଙ୍ଘବଦ୍ଧ ଭାବେ ନିସ୍ତୁକ ମାଡ଼ ମାରିବା ସହ ସର୍ବସମ୍ମୁଖରେ ଯାତ୍ରୀଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ଭଳି କର୍ମଚାରୀଙ୍କ ନାଁରେ ସାଘାତିକ ଅଭିଯୋଗ ଆସିଛି। କ୍ରୁଟ୍ ଦ୍ୱାରା ନିଯୁକ୍ତି ପାଇଥିବା ଆମ ବସ୍ କର୍ମଚାରୀମାନଙ୍କ ଏଭଳି ବ୍ୟବହାରରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। କେବଳ ସମ୍ପୃକ୍ତ କର୍ମଚାରୀ ନୁହେଁ ବରଂ ଏହାକୁ ଚଳାଉଥିବା ଠିକା ସଂସ୍ଥା ବିରୋଧରେ ତୁରନ୍ତ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସର୍ବସାଧାରଣରେ ଦାବି କରାଯାଉଛି।



ଆମ ବସ୍ ନମ୍ବର ଓଡ଼ି-୩୩ୟୁ-୯୩୧୮ ଭୁବନେଶ୍ୱରରୁ କଟକ ଆଡ଼କୁ ଯାଉଥିଲା। ୧୦.୧୬ ମିନିଟରେ ପାହାଳ ଛକ ନିକଟରେ ବସ୍ ଚାଲିଲା ବ୍ରେକ୍ ଦେଇଥିଲା। ଯାତ୍ରୀଙ୍କ ଛିଡା ହୋଇଥିବାରୁ ତାଙ୍କ ସନ୍ତୁଳନ ହାରାଇ କିଛି ଉପାୟ ନ ପାଇ ନିକଟରେ ଥିବା ଲୁହା ବାର୍‌କୁ ମାଡି ବସିଥିଲେ। ଏହି ବାର୍‌ରେ ଲାଗି ଥିବା ଜରୁରିକାଳୀନ ବଟମ୍‌ରେ ତାଙ୍କର ହାତ ବାଜିଯାଇଥିଲା। ଫଳରେ ବସ୍ ଅଟକି ଯାଇଥିଲା। ଏହି ଘଟଣାକୁ ନେଇ ତୁରନ୍ତ ଉଗ୍ର ହୋଇଉଠିଲେ ଆମ ବସ୍ କର୍ମଚାରୀ। ସେ କ’ଣ ପାଇଁ ଜରୁରିକାଳୀନ ବଟମ୍ ଦବାଇଛନ୍ତି। ଏହାପଛରେ କାରଣ କ’ଣ କିଛି ବି ବୁଝିଲେ ନାହିଁ। ସିଧାସଳଖ ଦୁଇ କର୍ମଚାରୀ ସଙ୍ଘବଦ୍ଧ ଭାବରେ ଆସି ଆକ୍ରମଣ ଆରମ୍ଭ କରିଦେଲେ। ଅନ୍ୟ ଯାତ୍ରୀଙ୍କ ଉପସ୍ଥିତରେ ବସ୍ ଭିତରେ ସମ୍ପୃକ୍ତ ଯାତ୍ରୀଙ୍କୁ ଆକ୍ରମଣ କଲେ। ତାଙ୍କ ମୁହଁକୁ ମୁଥ ମାରି ମାରି ବସ୍‌ରୁ ଠେଲି ଦେଲେ। ବାହାରେ ନିସ୍ତୁକ ମାଡ ମାରିବା ସହ ଅସଭ୍ୟ ଭାଷାରେ ଗାଳିଗୁଲଜ ଆରମ୍ଭ ହୋଇଗଲା। ସେ ଯେତେ ନେହୁରା ହେଲେ ବି ତାଙ୍କ କଥା କେହି ଶୁଣି ନ ଥିଲେ। କିଛି ଯାତ୍ରୀ ଏହାକୁ ବିରୋଧ କରିଥିଲେ ମଧ୍ୟ ଆମ ବସ୍ କର୍ମଚାରୀ କିଛି ଶୁଣୁ ନ ଥିଲେ।

ଏହି ଘଟଣା ସମ୍ପୂର୍ଣ୍ଣ ଏକ ଭିଡିଓ ସୋସିଆଲ ମାଡିଆରେ ଭାଇରାଲ ହେବାରେ ଲାଗିଛି। ସାମାନ୍ୟ ଜରୁରିକାଳୀନ ବଟମ୍ ଦବାଇବାରୁ ଏଭଳି ଭାବେ ଆକ୍ରମଣକୁ ନିନ୍ଦା

**ବସ୍‌ରୁ ଠେଲି ସଂଘବଦ୍ଧ ଆକ୍ରମଣ**

କରାଯାଉଛି। ଏସମ୍ପର୍କରେ ଉପେନ୍ଦ୍ର ପ୍ରଧାନ ନାମକ ଜଣେ ଏକ୍ସ ୟୁଜର୍ସ କହିଛନ୍ତି ଭୁବେଶ୍ୱରରେରେ ବର୍ତ୍ତମାନ ଆମ ବସ୍‌ର କର୍ମଚାରୀ ମାନଙ୍କ ଉତ୍ପାତ ବହୁତ୍। ଏମାନଙ୍କ ବ୍ୟବହାର ବହୁତ୍ ଖରାପ୍। ଏମାନଙ୍କୁ ଶାସ୍ତି ମିଳିବା ନିହାତି ଜରୁରୀ।

ମିଳିଥିବା ସୂଚନା ମୁତାବକ ଆକ୍ରମଣକାରୀ ଡ୍ରାଇଭର ଜଣଙ୍କ ହେଲେ ଗୋବିନ୍ଦ ବେହେରା। ଏଭଳି ଘଟଣା ସାମ୍ନାକୁ ଆସିବା ପରେ ଗୋବିନ୍ଦଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। କ୍ରୁଟ୍ ପକ୍ଷରୁ ସିସିଟିଭ ଫୁଟେଜ୍ ଯାଞ୍ଚ କରାଯିବ। ଏହାପରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ ବୋଲି କ୍ରୁଟ୍‌ର ଜଣେ ଅଧିକାରୀଙ୍କ ପକ୍ଷରୁ କୁହାଯାଇଛି।

## କାର୍ ଧକ୍କାରେ ଜଣେ ମୃତ

ଧଉଳି, ୧୧।୭ (ସମିସ): ଧଉଳି ଥାନା ଅନ୍ତର୍ଗତ ଜାତୀୟ ରାଜପଥ ବେହେରା ସାହି ନିକଟସ୍ଥ ଦୁର୍ଗାମଣ୍ଡପ ସମ୍ମୁଖରେ ଏକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ଘଟିଛି। ମୃତ ବ୍ୟକ୍ତି ଜଣକ ହେଲେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ଥାନା ଅନ୍ତର୍ଗତ ଆନନ୍ଦପୁର ଫକୀରପୁର ଗ୍ରାମର ରମେଶଚନ୍ଦ୍ର ନାଥ (୪୧)। ମୃତ ରମେଶଙ୍କ ଶଶୁର ପୂର୍ଣ୍ଣଚନ୍ଦ୍ର ନାଥ ଜ୍ୱାଇଁଙ୍କ ଦୁର୍ଘଟଣାରେ ମୃତ୍ୟୁ କରିଥିବା ନେଇ ଧଉଳି ଥାନା ଅଭିଯୋଗ କରିଛନ୍ତି।



ଅଭିଯୋଗ ପାଇ ପୁଲିସ ତଦନ୍ତ ଆରମ୍ଭ କରିଛି।

ଖବର ନେବାରୁ ଜଣାପଡ଼ିଛି ଯେ, ରମେଶ ରାସ୍ତା ପାର ହେଉଥିବା ବେଳେ ଏକ କାର୍ ଧକ୍କା ଦେଇ ଫେରାର ହୋଇ ଯାଇଥିଲେ। ସ୍ଥାନୀୟ ଲୋକେ ଏହି ଦୁର୍ଘଟଣା ଘଟାଇଥିବା ଗାଡ଼ିକୁ ପିଛାକରି କାବୁ କରି ପିପିଲି ଥାନାରେ ଜିମା ଦେଇଥିଲେ। ଘଟଣାସ୍ଥଳରେ ପୁଲିସ ଆସିବା ବିଳମ୍ବ ଯୋଗୁଁ ସ୍ଥାନୀୟଲୋକେ ଉତ୍ତ୍ୟକ୍ତ ହୋଇ ରାସ୍ତା ଅବରୋଧ କରିଥିଲେ। ପୁଲିସ୍ ଘଟଣା ସ୍ଥଳରେ ପହଞ୍ଚିବା ପରେ ଯାତାୟାତ ସ୍ୱାଭାବିକ ହୋଇଥିଲା। ଦୁର୍ଘଟଣାରେ ଗୁରୁତର ଆହତ ବ୍ୟକ୍ତିଙ୍କୁ ଉଦ୍ଧାର କରି ପୁଲିସ୍ କ୍ୟାପିଟାଲ ହସ୍ପିଟାଲରେ ଭର୍ତ୍ତି କରିଥିଲେ। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବ୍ୟବଚ୍ଛେଦ ପରେ ଶବକୁ ମୃତକଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ପୋଲିସ ସୂତ୍ରରୁ ପ୍ରକାଶ।

## ମଞ୍ଚରେ ‘ବାଞ୍ଛାର ବଗିଚା’

ଭୁବନେଶ୍ୱର, ୧୧।୭ (ସମିସ): ବାଞ୍ଛା ନିଜ ରକ୍ତକୁ ପାଣି କରି ଫୁଲଫଳ ଭରା ସୁନ୍ଦର ବଗିଚାଟିଏ ତିଆରି କରିଥିଲା। ଅଞ୍ଚଳରେ ବହୁତ ଚର୍ଚ୍ଚିତ ତଥା ପ୍ରଶଂସିତ ଏହି ବଗିଚା ଉପର ଜମିଦାର ଛକଡ଼ି ମହାନ୍ତିର ଲୋଲୁପ ଦୃଷ୍ଟି ଥାଏ। ବହୁ ଚେଷ୍ଟା ସତ୍ୱେ ବଗିଚାକୁ ହାତେଇବାରେ ଅସଫଳ ହୋଇ ଶେଷରେ ତାଙ୍କର ମୃତ୍ୟୁ ହୋଇଯାଏ। ତଥାପି ମୃତ୍ୟୁ ପରେ ତା’ର ଅତୃପ୍ତ ଆତ୍ମା ସେଇ ବଗିଚାରେ ରହି ବିଳାପ କରେ।



ଛକଡ଼ି ମହାନ୍ତିର ମୃତ୍ୟୁ ପରେ ବାବାଙ୍କର ଇଚ୍ଛାକୁ ପୂରଣ କରିବାକୁ ଲାଗିପଡ଼େ ଜମିଦାର ପୁଅ ନକଡ଼ି ମହାନ୍ତି। କୁଚକ୍ରୀ ମୋହରିର ସହିତ ମିଶି ସେ ଏକ ଯୋଜନା ପ୍ରସ୍ତୁତ କରେ। ୯୫ ବର୍ଷର ବୃଦ୍ଧ ରୋଗଗ୍ରସ୍ତ ବାଞ୍ଛାକୁ ବିଭିନ୍ନ ପ୍ରଲୋଭନ ଦେଖାଇ ଏକ ଦୁର୍ବଳ ମୁହୂର୍ତ୍ତରେ ଏକ ଚୁକ୍ତିପତ୍ର କରିବାରେ ସଫଳ ହୁଅନ୍ତି ସେମାନେ। ଚୁକ୍ତି ଅନୁସାରେ ବାଞ୍ଛା ବଞ୍ଚିଥିବା ପର୍ଯ୍ୟନ୍ତ ମାସକୁ ୨୦୦ ଟଙ୍କା କରି ପାଇବ ଏବଂ ମୃତ୍ୟୁ ପରେ ବଗିଚାର ମାଲିକାନା ଜମିଦାର ନକଡ଼ି ମହାନ୍ତି ହାତକୁ ଚାଲିଯିବ। ଛକଡ଼ି ମହାନ୍ତିର ଆତ୍ମା ଏବଂ ନକଡ଼ି ମହାନ୍ତି ଆନନ୍ଦରେ ବାଞ୍ଛାର ମୃତ୍ୟୁକୁ ଅପେକ୍ଷା କରିଥାଆନ୍ତି। କିନ୍ତୁ ଘଟଣା ଘଟେ ବିପରୀତ ଏମିତି କିଛି କାହାଣୀକୁ ନେଇ ଶୁକ୍ରବାର ରବୀନ୍ଦ୍ର ମଣ୍ଡପରେ ଶତାବ୍ଦୀର କଳାକର ପକ୍ଷରୁ ନାଟକ ‘ବାଞ୍ଛାର ବଗିଚା’ ମଞ୍ଚସ୍ଥ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅବସର ପ୍ରାପ୍ତ ଆଇଏସ୍ ସୁଦର୍ଶନ ନାୟକ, ଓଡ଼ିଶା ସାହିତ୍ୟ ଏକାଡେ଼ମୀର ପୂର୍ବତନ ସମ୍ପାଦକ ଡ଼. ବିଜୟାନନ୍ଦ ସିଂ, ଏବଂ ବିଶିଷ୍ଟ ନାଟ୍ୟକାର ପ୍ରଫେସର ବିଜୟ ଶତପଥୀ ଯୋଗଦେଇଥିଲେ। ଏହି ନାଟକର ରଚନା ମନୋଜ ମିତ୍ର କରିଥିବା ବେଳେ ବୃନ୍ଦାବନ ବାରିକ ନିର୍ଦ୍ଦେଶନା ଦେଇଥିଲେ। ଏହିପରି ନାଟକର ଅନୁବାଦ ଧିର ମଲ୍ଲିକ୍ କରିଥିବା ବେଳେ ସଙ୍ଗୀତରେ ପ୍ରତାପ ରହିଥିଲେ। ବୃନ୍ଦାବନ, ଧିର, ସନ୍ତୋଷ, ଭାରତ, ନରେନ୍ଦ୍ର, ସୌମ୍ୟ ପ୍ରମୁଖ ଅଭିନୟ କରିଥିଲେ।

# ସିସିଟିଏନ୍‌ଏସ୍‌ରେ ସମସ୍ୟା; କମୁଛି ଇ-ଏଫ୍‌ଆଇଆର

ଭୁବନେଶ୍ୱର, ୧୧।୭ (ସମିସ)

ଥାନାକୁ ଆସୁନି ଇ-ଏଫ୍‌ଆଇଆର। ସିସିଟିଏନ୍‌ଏସ୍‌ରେ ସମସ୍ୟା ଦେଖା ଦେଉଥିବାରୁ ଇ-ଏଫ୍‌ଆଇଆର କମୁଥିବା କୁହାଯାଇଛି। ଗୋଟିଏ ଥାନାକୁ ବର୍ଷକୁ ୭ରୁ ୧୦ଟି ଅଭିଯୋଗ ହେଉଛି। ଅନ୍ୟ ପକ୍ଷରେ ଲୋକଙ୍କ ମଧ୍ୟରେ ସଚେତନତାର ଅଭାବ ଥିବାରୁ ଇ-ଏଫ୍‌ଆଇଆର ସମ୍ପର୍କରେ ଜାଣି ପାରୁନାହାନ୍ତି। ଯେଉଁଥି ପାଇଁ ଇ-ଏଫ୍‌ଆଇଆର’ରେ ଅଭିଯୋଗ ସଂଖ୍ୟା କମୁଛି। ଗତ ୨ବର୍ଷରେ ୧୦୦ ଟପିନି ଇ-ଏଫ୍‌ଆଇଆର ସଂଖ୍ୟା। ଯାହାକୁ ଅନ୍ୟ ଜିଲ୍ଲା ଅପେକ୍ଷା କମିଶନରେଟ୍ ପୁଲିସରେ ଖୁବ୍ କମ୍। ରାଜଧାନୀରେ ଏଭଳି ଅବସ୍ଥା ସଂଖ୍ୟା ଦେଖିବା ପରେ ଗ୍ରାମାଞ୍ଚଳ ପୁଲିସ ଜିଲ୍ଲାରେ ଇ-ଏଫ୍‌ଆଇଆର ହେଉନଥିବା ଏଥିରୁ ଅନୁମାନ କହି ହେଉଛି। ଲୋକଙ୍କ ଏହି ସୁବିଧା ପ୍ରତି ଆଗ୍ରହ କମିବାର ମୁଖ୍ୟ କାରଣ ହେଲା ସିଟିଜେନ୍ ପୋର୍ଟାଲ ମଧ୍ୟ ସଠିକ୍ ଭାବେ କାମ କରୁଛି। ଅନେକ ସମୟରେ ଲୋକେ ମୋବାଇଲ୍‌ରେ ଖୋଲିଲେ ତାହା ହ୍ୟାଙ୍ଗ ହୋଇଯାଉଛି। ଯଦି ବହୁ କଷ୍ଟରେ ଖୋଲାଯାଉଛି ତେବେ ତଥ୍ୟ ଅପ୍‌ଲୋଡ୍ ହେଉନି। ଯଦି କେହି ଇ-ଏଫ୍‌ଆଇଆର କରୁଛି ସ୍ଥାନୀୟ ଥାନା ପୁଲିସ ତାଙ୍କୁ ଥାନାକୁ ଯିବାକୁ କହୁଛନ୍ତି। ଅଭିଯୋଗକାରୀଙ୍କୁ ନ ଦେଖିଲେ କିଭଳି ମାମଲା କରିବା ବୋଲି ପାଲଟା ଉତ୍ତର କହୁଛନ୍ତି। ଏହି ଇ-ଏଫ୍‌ଆଇଆର ଯୋଗୁଁ ପୁଲିସର କାର୍ଯ୍ୟାନୁଷ୍ଠାନ ଶୂନ ରହୁଥିବାରୁ ଲୋକେ ଏହାକୁ ପ୍ରତ୍ୟାକ୍ଷାନ କରୁଛନ୍ତି। ଯେଉଁ ଉଦ୍ଦେଶ୍ୟ ନେଇ ଏହି ବ୍ୟବସ୍ଥା କରାଯାଇଥିଲା ତାହା ଏବେ ସଫଳ ହେଉନି।

- ବର୍ଷକୁ ଗୋଟିଏ ଥାନାକୁ ଆସୁଛି ମାତ୍ର ୧୦ ଅଭିଯୋଗ
- ଅନ୍‌ଲାଇନ୍ ସମ୍ପର୍କରେ ସଚେତନ ନାହାନ୍ତି ଲୋକେ

### ଜିରୋ ଏଫ୍‌ଆଇଆର’କୁ ପାଳନ କରୁନି ପୁଲିସ

ବିଏନ୍‌ଏସ୍ ଆସିବା ପରେ ଜିରୋ ଏଫ୍‌ଆଇ ଲାଗୁ କରାଗଲା। ଜଣେ ବ୍ୟକ୍ତି ଯେ କୌଣସି ଥାନାରେ ଅଭିଯୋଗ କରିପାରିବେ। ସେହି ଥାନାରେ ମାମଲା ରୁଜୁ କରାଯାଇ ଅନ୍ୟ ଥାନାକୁ ଏତଲା କପି ପଠାଇ ଦିଆଯିବ। କିନ୍ତୁ ଲୋକ ଅନ୍ୟ ଥାନାରେ ଅଭିଯୋଗ କଲେ ଗ୍ରହଣ କରୁନାହାନ୍ତି। ବରଂ ଅନ୍ୟ ଥାନାକୁ ଯାଇ ଅଭିଯୋଗ କରିବାକୁ କହୁଛନ୍ତି।

### ଇ-ଏଫ୍‌ଆଇଆର ବ୍ୟବସ୍ଥା କ’ଣ

ଇ-ଏଫ୍‌ଆଇଆର ହେଉଛି ଇଲେକ୍ଟ୍ରୋନିକ୍ସ ମାଧ୍ୟମରେ ଅଭିଯୋଗ କରିବା। ଯେକୌଣସି ସର୍ବସାଧାରଣ ସ୍ଥାନରେ ହେଉଥିବା ଚୋରି ଇ-ଏଫ୍‌ଆଇଆର ମାଧ୍ୟମରେ ଅଭିଯୋଗ କରିହେବ। ବହୁ ସମୟରେ ସର୍ବସାଧାରଣ ସ୍ଥାନରେ ଚୋରି ହେଲେ କେଉଁ ଥାନା ଅଞ୍ଚଳରେ ତାହା ସହଜରେ ଜାଣି ହେଉନାହିଁ। ଅନେକ ସମୟରେ ବସ୍‌ରୁ ଓହ୍ଲାଇବା ସମୟରେ ଚୋରି ହୋଇଯାଉଛି। ତେଣୁ ଯାତ୍ରୀ ଅଭିଯୋଗ କରିବା ପାଇଁ କେଉଁ ଥାନାକୁ ଯିବେ ତାହା




ଜାଣି ପାରୁନାହାନ୍ତି। ଏଭଳି ସମସ୍ୟା ନହେବା ପାଇଁ ଇ-ଏଫ୍‌ଆଇଆର ବ୍ୟବସ୍ଥା କରାଯାଇଛି।

ଆହୁରି ମଧ୍ୟ ଲୋକେ ନିଜ ଆଣ୍ଡ୍ରୋଏଡ ମୋବାଇଲ୍ କିମ୍ବା କମ୍ପ୍ୟୁଟରକୁ ଯାଇ ସିଟିଜେନ୍ ପୋର୍ଟାଲ ଖୋଲିବେ। ସେଥିରେ ଓଡ଼ିଶା ପୁଲିସ ଲେଖା ଆସିବ। ସେଥିରେ ଇ-ଏଫ୍‌ଆଇଆର’ର ଅପ୍‌ସନ୍ ରହିଛି। ସେଥିରେ ଅଭିଯୋଗକାରୀ ନିଜର ନାମ, ମୋବାଇଲ୍ ନମ୍ବର ଏବଂ ପରିଚୟପତ୍ର ଦେଇ ରେଜିଷ୍ଟ୍ରେସନ କରିବେ। ରେଜିଷ୍ଟ୍ରେସନ କରିବା ପରେ ଏଥିରେ ଅଭିଯୋଗକାରୀ ଅଭିଯୋଗ ଦାଖଲ କରିପାରିବେ। ଆହୁରି ମଧ୍ୟ ଓଡ଼ିଶା ୱାନ୍ ପୋର୍ଟାଲ ମାଧ୍ୟମରେ ମଧ୍ୟ ଅଭିଯୋଗ କରିପାରିବେ। ଆହୁରି ମଧ୍ୟ ଓଡ଼ିଶା ପୁଲିସର ସହାୟତା ଆପ୍ ରହିଛି। ଏହି ଆପ୍ ମାଧ୍ୟମରେ ମଧ୍ୟ ଅନେକ ସୁବିଧା ରହିଛି। ଏଥିରେ ମଧ୍ୟ ଇ-ଏଫ୍‌ଆଇଆର କରିହେବ।

### ଅଭିଯୋଗକାରୀ ଏତଲା କପି ଡାଉନ୍‌ଲୋଡ୍ କରିବାରେ ସମସ୍ୟା

ଅନେକ ସମୟରେ ଅଭିଯୋଗକାରୀ ତାଙ୍କର ଏତଲା କପି ଆଣିବା ପାଇଁ ଥାନାକୁ ଦୌଡୁଥିଲେ। କିନ୍ତୁ ଥାନାରେ ରାଇଟର ଏବଂ ତଦନ୍ତ ଅଧିକାରୀ ନ ଥିଲେ କପି ମିଳୁ ନ ଥାଏ। କିନ୍ତୁ ଜଣେ ବ୍ୟକ୍ତି ଏହି ସିସିଟିଏନ୍‌ଏସ୍ ପୋର୍ଟାଲ ଖୋଲି ସେଥିରୁ ନିଜର ଏତଲା କପି ଡାଉନ୍‌ଲୋଡ୍ କରିପାରିବେ। ସିସିଟିଏନ୍‌ଏସ୍ ପୋର୍ଟାଲ ଖୋଲିବା ପରେ ଡାଉନ୍‌ଲୋଡ୍ ଥିବାନେଇ ଏକ ଅପ୍‌ସନ୍ ଆସିବ। ଏହାକୁ କ୍ଲିକ୍ କରି ନିଜର ସମସ୍ତ ତଥ୍ୟ ପୂରଣ କରି ପଞ୍ଜୀକରଣ କରିବାକୁ ପଡ଼ିବ। ପରେ ଦିଆଯାଇଥିବା ମୋବାଇଲ୍ ନମ୍ବରକୁ ଏକ ଓଟିପି ଯିବ। ଏହି ଓଟିପି ଦେଇ ଅଭିଯୋଗକାରୀ ନିଜର ଏତଲା କପି ପାଇପାରିବେ। କିନ୍ତୁ ସଠିକ୍ ଭାବେ ଅପ୍‌ଡେଟ୍ ହେଉନଥିବାରୁ ଏହାକୁ ଡାଉନ୍‌ଲୋଡ୍ କରି ହେଉଛି।

ସକାଳ
THE SAKALA

# ସମ୍ପାଦକୀୟ

ଅହିଂସା ଯଦି ଏକ ପରିଧି ହୁଏ, ଏହାର କେନ୍ଦ୍ରବିନ୍ଦୁ ହେଉଛି ପ୍ରେମ।
-ମାର୍ଟିନ ଲୁଥର କିଙ୍ଗ (ଜୁନିୟର)

## ମୁନୀର-ଜର୍ଦ୍ଦାରୀ ମନ୍ତ୍ରଣା

ପ୍ରତ୍ୟେକ ରାଷ୍ଟ୍ର ନିଜର ସୁରକ୍ଷା ସକାଶେ ସେନାବାହିନୀ ରଖିଛି, ହେଲେ ସେନା ବାହିନୀର ପ୍ରଭାବ ଓ ପତିଆରା ଜାହିର ପାଇଁ ଗୋଟିଏ ରାଷ୍ଟ୍ର ଅଛି, ତାହା ହେଉଛି ପାକିସ୍ତାନ। ପାକିସ୍ତାନ ସାମରିକ ମୁଖ୍ୟ କୌଣସି ପ୍ରତିକୂଳ ପରିସ୍ଥିତିର ସମ୍ମୁଖୀନ ହେଲେ, ନିର୍ବାଚିତ ସରକାରକୁ କ୍ଷମତାଚ୍ୟୁତ କରି ନିଜକୁ ଶାସନମୁଖ୍ୟ ଘୋଷଣା କରିଥା'ନ୍ତି। ସେଠାକାର ପରିସ୍ଥିତି ଏପରି ହୋଇଛି ଯେ ଅଧିକାଂଶ ନିର୍ବାଚିତ ସରକାର ୫ ବର୍ଷର ଶାସନ ମିଆଦ ପୂରଣ କରିବାକୁ ଅସମର୍ଥ ହୋଇଥା'ନ୍ତି। ଏହାର ମୁଖ୍ୟକାରଣ ହେଲା, ରାଷ୍ଟ୍ରର ସୁରକ୍ଷା ଓ ଆଇନ ଶୃଙ୍ଖଳା ରକ୍ଷା, ଅର୍ଥନୀତି ଓ ବିଦେଶନୀତିରେ ସାମରିକ ବାହିନୀର ପ୍ରମୁଖ ଭୂମିକା ରହୁଥିବାରୁ ଶାସନ ବ୍ୟବସ୍ଥାରେ ଅସ୍ଥିରତା ପରିଲକ୍ଷିତ ହେଉଛି। ନିର୍ବାଚିତ ଇମରାନ ଖାଁ ସରକାରକୁ କ୍ଷମତାଚ୍ୟୁତ କରି ନାମକୁମାତ୍ର ନିର୍ବାଚନ ମାଧ୍ୟମରେ ଶାହାବାଜ ସରିଫ୍‌ଙ୍କୁ ପ୍ରଧାନମନ୍ତ୍ରୀ ପଦରେ ଅବସ୍ଥାପିତ କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ ବର୍ତ୍ତମାନର ସାମରିକ ମୁଖ୍ୟ ଅସିମ ମୁନୀର। ତେଣୁ ପାକିସ୍ତାନର କ୍ଷମତାସୀନ ସରକାର ମୁନୀରଙ୍କ ଦୟା ଓ ଅନୁଗ୍ରହର ପାତ୍ର। ଯେଉଁଥିପାଇଁ 'ଅପରେସନ ସିନ୍ଦୂର'ରେ ବିପୁଳ କ୍ଷତି ଘଟିଥିଲେ ମଧ୍ୟ ଜେନେରାଲ୍ ମୁନୀରଙ୍କୁ ପାକିସ୍ତାନ ସରକାର ଫିଲ୍ଡ ମାର୍ଶାଲ୍ ମର୍ଯ୍ୟାଦା ପ୍ରଦାନ କରିଛି। ନିଜ ଦେଶ ଓ ଦେଶ ବାହାରେ ସଫଳତାର ବଖାନବାଜି କରିବାରେ ଏହି ସର୍ବୋଚ୍ଚ ସମ୍ମାନ ପ୍ରଦାନକୁ ଏକ ଅସ୍ତ୍ରରୂପେ ବ୍ୟବହାର କରାଯାଉଛି। ହେଲେ ମୁନୀରଙ୍କ ମହାତାକାଂକ୍ଷା ଏତିକିରେ ଶେଷ ହୋଇନାହିଁ। ସେ ଏବେ କ୍ଷମତାର ଶୀର୍ଷସ୍ଥାନ ହାସଲ ସକାଶେ ରାଷ୍ଟ୍ରପତି ଆସିଫ୍ ଜର୍ଦ୍ଦାରୀଙ୍କ ସହ ଗୋପନ ଆଲୋଚନା ଚଳାଇଛନ୍ତି।

କଥା ଏତେବାଟକୁ ଗଲେ ମଧ୍ୟ ପାକିସ୍ତାନ ସାମରିକ ବାହିନୀରେ ସବୁ ଠିକ୍‌ଠାକ୍ ଚାଲିନାହିଁ। ସାମରିକ ଷ୍ଟାଫ କମିଟିର ଯୁଗ୍ମ ମୁଖ୍ୟ ଜେନେରାଲ ସାହିଦ ମିର୍ଜାଙ୍କ ନେତୃତ୍ୱରେ ତିନିବାହିନୀର କିଛି ପ୍ରମୁଖ ଅଧିକାରୀ ଏକଜୁଟ ହୋଇଛନ୍ତି ମୁନୀରଙ୍କୁ କ୍ଷମତାରୁ ହଟାଇବା ସକାଶେ। ଏସବୁ ସତ୍ତ୍ୱେ ମୁନୀରଙ୍କ ପୃଷ୍ଠଭୂମି ତାଙ୍କୁ ସହାୟକ ହୋଇଛି। ସେ ମଦ୍ରାସାରେ ପାଠପଢ଼ି କ୍ଷମତାର ଏତେ ଉଚ୍ଚତର ସୋପାନକୁ ଉନ୍ନୀତ ହୋଇଥିବାରୁ ଇସଲାମ କଠୋରପନ୍ଥୀଙ୍କ ସହ ତାଙ୍କର ସୁସଂପର୍କ ରହିଛି। ସେହିଭଳି ଆଇଏସଆଇ ମଧ୍ୟ ତାଙ୍କ ନିୟନ୍ତ୍ରଣାଧୀନ। ତେଣୁ ମିର୍ଜାଙ୍କ ବିଦ୍ରୋହ କେତେଦୂର ସଫଳ ହେବ ସେନେଇ ସନ୍ଦେହ ରହିଛି। ଆୟୁବ୍ ଖାନ୍‌ଙ୍କ ପରେ ମୁନୀର ହେଉଛନ୍ତି ଦ୍ୱିତୀୟ ଫିଲ୍ଡ ମାର୍ଶାଲ, ଯାହାଙ୍କ ବିରୋଧରେ କିଛି ଆଇନଗତ କାର୍ଯ୍ୟାନୁଷ୍ଠାନ ହୋଇପାରିବନି। ଏହି ପଦମର୍ଯ୍ୟାଦାକୁ କାର୍ଯ୍ୟନିର୍ବାହୀ ଓ ଆଇନଗତ ଶୃଙ୍ଖଳା ପ୍ରୟୋଗରୁ ଅବ୍ୟାହତି ଦିଆଯାଇଛି। ଏଥିପୂର୍ବରୁ ୧୯୫୮, ୧୯୭୭ ଓ ୧୯୯୯ରେ ସାମରିକ ବିଦ୍ରୋହ ମାଧ୍ୟମରେ ଯଥାକ୍ରମେ ଆୟୁବ ଖାଁ, ଜିଆ-ଉଲ-ହକ ଓ ପରଭେଜ୍ ମୁଶାରଫ୍ ଶାସନ ମୁଖ୍ୟ ହୋଇଥିଲେ। ଏବେ ଏମାନଙ୍କ ସହ ଜେନେରାଲ ଅସୀମ ମୁନୀରଙ୍କ ନାମ ଯୋଡ଼ି ହୋଇଯିବା କିଛି ବିଚିତ୍ର ନୁହେଁ।

ପାକିସ୍ତାନ ସଂପ୍ରତି ଆର୍ଥିକ ଦୃଷ୍ଟିରୁ ଗୁରୁତର ପରିସ୍ଥିତି ଦେଇ ଗତି କରୁଥିବା ବେଳେ 'ଅପରେସନ ସିନ୍ଦୂର' ପରେ ନିଜର ସାମରିକ ସାମର୍ଥ୍ୟ ବୃଦ୍ଧି ସକାଶେ ବିପୁଳ ବ୍ୟୟବରାଦ କରିବାର ଯେଉଁ ବାଧ୍ୟବାଧକତା ସୃଷ୍ଟି ହୋଇଛି ସେଥିରେ ବେସାମରିକ କ୍ଷମତା କେନ୍ଦ୍ର ଅପେକ୍ଷା ମୁନୀରଙ୍କ ପ୍ରାଧାନ୍ୟ ବୃଦ୍ଧି ପାଇଛି। ବିଶେଷକରି ଆମେରିକା, ଚୀନ, ସାଉଦୀ ଆରବ ଓ ତୁର୍କୀ ସହ କୂଟନୈତିକ ସଂପର୍କକୁ ସୁଦୃଢ଼ କରିବାରେ ସେ ହିଁ ପ୍ରମୁଖ ଭୂମିକା ଗ୍ରହଣ କରୁଛନ୍ତି। ପାକିସ୍ତାନ ରାଜନୀତିରେ ଶରିଫ୍ ଓ ଭୁଟ୍ଟୋ. ପରିବାରର ପ୍ରାଧାନ୍ୟ ଦୃଷ୍ଟିରୁ ମୁନୀରଙ୍କ ଏହି ଗୋଟି ଚାଳନାରେ ପିଏମଏଲଏନର ପ୍ରମୁଖ ନେତା କେବଳ ଅସନ୍ତୋଷ ପ୍ରକାଶ କରିନାହାନ୍ତି ଆବଶ୍ୟକ ପଡ଼ିଲେ ମିର୍ଜାଙ୍କ ନେତୃତ୍ୱରେ ପରିଚାଳିତ ସାମରିକ ଗୋଷ୍ଠୀ ସହ ହାତ ମିଳାଇବାରେ ସମ୍ଭାବନା ଅଛି। ଏସବୁ ସତ୍ତ୍ୱେ ଦେଶରେ ପ୍ରାଧାନ୍ୟ ଜାହିର କରି ଆସିଥିବା ମୁସଲିମ କଟ୍ଟରପନ୍ଥୀ ଓ ଆଇଏସ୍‌ଆଇ ସହାୟତାରେ ମୁନୀର ଆଗାମୀ ଦିନରେ କ୍ଷମତା ଦଖଲ କରିନେବାର ସମ୍ଭାବନା ଅଧିକ ବୋଲି ପର୍ଯ୍ୟବେକ୍ଷକ ମହଲ ମନେ କରନ୍ତି।

ରାଷ୍ଟ୍ରପତି ଆସିଫ ଅଲ୍ଲି ଜର୍ଦ୍ଦାରୀ ନିଜର ଅସୁସ୍ଥତା ମଧ୍ୟରେ ବିଲ୍‌ୱାଲ୍ ଭୁଟ୍ଟୋଙ୍କୁ କ୍ଷମତା ହସ୍ତାନ୍ତର କରିବାକୁ ଚାହାନ୍ତି। ପାର୍ଲମେଣ୍ଟରେ ଦଳର ସ୍ଥିତି ଯାହା ସେଥିରେ ବିଲ୍‌ୱାଲ୍‌ଙ୍କୁ ରାଜନୈତିକ ଥଇଥାନ ସମ୍ଭବ ନୁହେଁ। ଏ କ୍ଷେତ୍ରରେ ମୁନୀରଙ୍କ ମହାତାକାଂକ୍ଷା ପୂରଣ ଉଦ୍ୟମକୁ ସେ ସର୍ତ୍ତ ସମ୍ବଳିତ ସମର୍ଥନ ଦେବା ପାଇଁ ରାଜି ହୋଇଥିବାର ଜଣାପଡ଼ିଛି। ଅସୁସ୍ଥତା ଦର୍ଶାଇ ସେ ରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇ ମୁନୀରଙ୍କ ସକାଶେ ପଥ ପରିଷ୍କାର କରିବାକୁ ରାଜି ଅଛନ୍ତି। ତେବେ ଶରିଫଙ୍କ ସ୍ଥାନରେ ବିଲ୍‌ୱାଲ୍‌ଙ୍କୁ ପ୍ରଧାନମନ୍ତ୍ରୀ କରାଯିବା ଜରୁରୀ। କିନ୍ତୁ ଏକଥା ମନେ ରଖିବାକୁ ହେବ ଯେ ଦେଶରେ ସାଂସଦୀୟ ବ୍ୟବସ୍ଥା ବଦଳରେ ରାଷ୍ଟ୍ରପତି ପ୍ରଧାନ ଶାସନ ଯଦି ପ୍ରଭାବିତ ହୁଏ ତେବେ ଉଭୟ ଶରିଫ୍ ଓ ଭୁଟ୍ଟୋ ପରିବାର ରାଜନୈତିକ ପ୍ରାସଙ୍ଗିକତା ହରାଇବା ଏକ ପ୍ରକାର ଥୟ। ତେଣୁ ଜର୍ଦ୍ଦାରୀଙ୍କ ସର୍ତ୍ତ ଆଗକୁ ଏକ ଅର୍ଥହୀନ ପ୍ରୟାସରେ ପରିଣତ ହେବା କିଛି ବିଚିତ୍ର ନୁହେଁ।

ଜେନେରାଲ ଜିଆ ଉଲ୍ ହକ୍‌ଙ୍କ ଐତିହାସିକ ସାମରିକ ବିଦ୍ରୋହ ୧୯୭୭ରେ ସଂଘଟିତ ହୋଇଥିଲା। ତାହାର ୪୭ ବର୍ଷ ପୂର୍ତ୍ତି ଅବସରରେ ଜର୍ଦ୍ଦାରୀ କ୍ଷମତାଚ୍ୟୁତ ହେବା କିଛି ବିଚିତ୍ର ନୁହେଁ। ସଂପ୍ରତି ଉପୁଜିଥିବା ପରିସ୍ଥିତି ଜିଆଙ୍କ କ୍ଷମତା ଦଖଲର. ଇତିହାସକୁ ଉଖୁରାଇ ଦେଇଛି। ପାକିସ୍ତାନ ରାଜନୀତିର ପ୍ରମୁଖ ଅଙ୍ଗ ହେଲା ଭାରତ ବିରୋଧୀ କାର୍ଯ୍ୟାନୁଷ୍ଠାନ। ପାକିସ୍ତାନୀଙ୍କ ମନରେ ଉଗ୍ର ଜାତୀୟତାବାଦୀ ଭାବାବେଗ ସୃଷ୍ଟି କରି ଅଖଣ୍ଡ କ୍ଷମତାର ଅଧିକାରୀ ହୋଇଥା'ନ୍ତି ସାମରିକ ମୁଖ୍ୟମାନେ। ୧୯୬୫ରେ ଜେନେରାଲ ଆୟୁବ ଖାଁ ଓ ୧୯୯୯ରେ ପରଭେଜ ମୁଶାରଫ୍ ଭାରତ ବିରୋଧରେ ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ରାଷ୍ଟ୍ରନାୟକ ହୋଇଥିଲେ। ତାହାର ପୁନରାବୃତ୍ତି ଘଟିବାକୁ ଯାଉଛି ଅସିମ ମୁନୀରଙ୍କ କ୍ଷେତ୍ରରେ। ପହଲଗାମ୍‌ରେ ଆତଙ୍କବାଦୀ କାର୍ଯ୍ୟକଳାପ ସକାଶେ ସେ ପ୍ରବର୍ତ୍ତାଇବା ସହ ଆଇଏସଆଇ ସହ ମିଶି ଯୋଜନା ପ୍ରସ୍ତୁତ କରିଥିଲେ। ଯାହା ଫଳରେ ୨୬ ନିରୀହ ପର୍ଯ୍ୟଟକ ପ୍ରାଣ ହରାଇଥିଲେ। 'ଅପରେସନ ସିନ୍ଦୂର' ମାଧ୍ୟମରେ ଭାରତ ୯ଟି ଆତଙ୍କବାଦୀ କେନ୍ଦ୍ରକୁ ଧ୍ୱଂସ କରି ସରକାର ଯେଭଳି ବିପୁଳ ଜନସମର୍ଥନ ହାସଲ କରିଛନ୍ତି ସେହିଭଳି କ୍ଷୁବ୍ଧ ଆତଙ୍କବାଦୀ ସଂଗଠନକୁ ସାଂଗରେ ନେଇ ମୁନୀର ଭାରତ ବିରୋଧୀ ପ୍ରସ୍ତୁତି ଆରମ୍ଭ କରିଛନ୍ତି। ତେଣୁ ଯେକୌଣସି ସମୟରେ ସେ କ୍ଷମତା କେନ୍ଦ୍ର ହେବା କିଛି ବିଚିତ୍ର ନୁହେଁ। ●

## ଓଡ଼ିଶାରେ ଝୋଟଚାଷର ପୁନରୁଦ୍ଧାର ସମ୍ଭବ କି?

ବିଦ୍ୟାଧର ମହାରଣା

ଏକ ପ୍ରମୁଖ ଅର୍ଥକରୀ ଫସଲ ହିସାବରେ ଓଡ଼ିଶାରେ ଏକଦା ପ୍ରସିଦ୍ଧି ଲାଭ କରିଥିବା ଝୋଟ ଫସଲ ଆଜି ନତଜାନୁ ଅବସ୍ଥାରେ ଅଛି। 'ସୁବର୍ଣ୍ଣ ତନ୍ତୁ' ଭାବରେ ବିଦିତ ଝୋଟ ବା ନଳିତା ଦୁଇ ପ୍ରକାରର। ମଧୁର ନଳିତା ଢିପ ଜମିରେ ଓ ପିତା ନଳିତା ଖାଲ ଜମିରେ ଚାଷ ହୁଏ। ଖରିଫ ଧାନ ପୂର୍ବରୁ ଝୋଟ ଚାଷ ହେଉଥିବାରୁ ଏହାର ପତ୍ର କିଆରୀରେ ପଚି ସଢ଼ି ଧାନ ଫସଲକୁ ଖାଦ୍ୟସାର ଯୋଗାଏ, ଯାହା ଫଳରେ ଧାନଅମଳ ବୃଦ୍ଧି ପାଏ। ସ୍ଥାନୀୟ ଅର୍ଥନୀତିକୁ ଓ କର୍ମନିଯୁକ୍ତିକୁ ଏହି ଚାଷ ପ୍ରଭାବିତ କରେ।

ନଳିତା ତନ୍ତୁରୁ ପ୍ରସ୍ତୁତ ବସ୍ତା ଇତ୍ୟାଦି ଜୈବିକ ପ୍ରଣାଳୀରେ ଅପଘଟନ ହେଉଥିବାରୁ ଏହା ପରିବେଶ ପ୍ରତି ନିରାପଦ। ଏହାର ତନ୍ତୁରେ ସେଲ୍ୟୁଲେଜ ଅଧିକ ଥିବାରୁ ପାରମ୍ପରିକ ଟେକ୍ସଟାଇଲଠାରୁ ଅଧିକ ମୂଲ୍ୟଯୁକ୍ତ ଉତ୍ପାଦ ପ୍ରସ୍ତୁତି ପାଇଁ ଏହାକୁ ବ୍ୟବହାର କରାଯାଏ। ଝୋଟ ତନ୍ତୁରୁ ବଜାରମୁଣି, ବସ୍ତା, ଦଉଡ଼ି, ସାଜସଜ୍ଜା ଉପକରଣ ଇତ୍ୟାଦି ପ୍ରକୃତି-ଅନୁକୂଳ ଦ୍ରବ୍ୟ ପ୍ରସ୍ତୁତ କରାଯାଏ। ଏଥିରୁ ମଧ୍ୟ ଗାଡ଼ିମୋଟର ପ୍ୟାନେଲ, ଘର ଆସବାବ, ଜିଓ-ପଲିମର, ଜୈବିକ ଇନ୍ସୁଲିନ୍ ପ୍ୟାନେଲ, ତନ୍ତୁ ବଳବତ୍ତର ପଲିମର, ଅଣୁସ୍ଫଟିକ ସେଲ୍ୟୁଲେଜ, ନାନୋ ସେଲ୍ୟୁଲେଜ ପ୍ରସ୍ତୁତି ପାଇଁ ଉପଯୋଗୀ। ଝୋଟ ତନ୍ତୁକୁ ମିଶାଇ କପା, ସିଲ୍କ, ସିନ୍ଥେଟିକ ବସ୍ତ୍ର, ଫେସନ ବସ୍ତ୍ର ଇତ୍ୟାଦି ପ୍ରସ୍ତୁତ କରାଯାଏ। ଅଣ ପାରମ୍ପରିକ ଟେକ୍ସଟାଇଲ ହିସାବରେ କାର୍ପେଟ, ଚଟାଣ ମଶିଣା ଓ କାନ୍ଥଝୁଲା ବସ୍ତ୍ର ମଧ୍ୟ ଝୋଟ ତନ୍ତୁ ବ୍ୟବହାର କରି ତିଆରି କରାଯାଏ। ବିଭିନ୍ନ ହସ୍ତଶିଳ୍ପ ଓ କୃଷି କ୍ଷେତ୍ରରେ ଛାଦନ ବା ମଲଚିଂଗ ପାଇଁ ଝୋଟ ତନ୍ତୁ ବ୍ୟବହାର ହେଲାଣି। ଝୋଟ କାଠିରୁ ମଣ୍ଡ ପ୍ରସ୍ତୁତ କରାଯାଇ କାଗଜ, ପାର୍ଟିକିଲ ବୋର୍ଡ, ଚାରକୋଲ୍ ଓ ହସ୍ତଶିଳ୍ପ ନିର୍ମାଣ କରାଯାଏ। ସୁତରାଂ ଝୋଟ ତନ୍ତୁରୁ ବହୁବିଧ ସମାଗ୍ରୀ ପ୍ରସ୍ତୁତି ସୁଯୋଗ ରହିଛି ଏବଂ ଏଗୁଡ଼ିକ ପରିବେଶ ପାଇଁ କୌଣସି ବିପଦ ସୃଷ୍ଟି କରେ ନାହିଁ।

ଓଡ଼ିଶାରେ ମୁଖ୍ୟତଃ ବାଲେଶ୍ୱର, କେନ୍ଦ୍ରାପଡ଼ା, କେନ୍ଦୁଝର, କଟକ ଓ ଯାଜପୁର ଜିଲ୍ଲାରେ ବହୁବର୍ଷ ଧରି ବ୍ୟାପକ ଭାବରେ ଏହି ଫସଲଟି ଚାଷ ହେଉଥିଲା। ୧୯୭୦- ୭୧ ମସିହାରେ ୪୩୭୫୦ ହେକ୍ଟର ଜମିରେ ଝୋଟ ଚାଷ ହେଉଥିଲା ବେଳେ ୧୯୮୩- ୮୪ ମସିହାରେ ସର୍ବାଧିକ ୫୫୦୦୦ ହେକ୍ଟର ଜମିରେ ଝୋଟଚାଷ ହୋଇ ପ୍ରାୟ ୪୧୧୯୬୦ ବେଲ୍ (୧ବେଲ୍= ୧୮୦ କିଲୋଗ୍ରାମ) ତନ୍ତୁ ଅମଳ ହୋଇଥିଲା। ଏହା ପରଠାରୁ ଝୋଟ ଚାଷ ୨୦୨୩-୨୪ରେ ୫୧୧୦ ହେକ୍ଟରରେ ସୀମିତ ହୋଇ ମାତ୍ର ୬୯୬୦୦ ବେଲ୍ ଅମଳ ହୋଇଛି। ସବୁଠାରୁ ଅଧିକ ୧୩୦୦ ହେକ୍ଟର ଝୋଟ ଚାଷ କେନ୍ଦୁଝର ଜିଲ୍ଲାରେ ହେଉଛି।

ପ୍ଲାଷ୍ଟିକ ବ୍ୟାଗ୍ ବାହାରିବା ପରେ ଝୋଟ ବ୍ୟାଗର ଚାହିଦା ହ୍ରାସ ପାଇଲା ଏବଂ ଝୋଟ ଅନ୍ୟାନ୍ୟ ଟେକ୍ସଟାଇଲ ସହିତ ପ୍ରତିଯୋଗିତା କରି ପାରିଲା ନାହିଁ। ଅସ୍ଥିର ବଜାର ସହିତ ପୁରାତନ ଚାଷପଦ୍ଧତି, ଆଧୁନିକ ବୈଷୟିକ କୌଶଳ ଅଭାବ, ବର୍ଷାଦିନେ ବନ୍ୟା, ଅମଳ ପରବର୍ତ୍ତୀ ଭିତ୍ତିଭୂମି ଅଭାବ ଓ ଜଳବାୟୁ ପରିବର୍ତ୍ତନ ଆଦି କାରଣ ଯୋଗୁଁ ଅମଳ ହ୍ରାସ ଝୋଟଚାଷ ପାଇଁ ଚାଷୀମାନଙ୍କୁ ନିରୁତ୍ସାହିତ କଲା। ଓଡ଼ିଶାରେ ଧାନମଣ୍ଡଳଠାରେ ୧୯୭୯ ରେ 'କୋଣାର୍କ ଝୋଟ କଳ' ନାମରେ ଏକମାତ୍ର କାରଖାନା ଇଡିକଲ ଦ୍ୱାରା ସ୍ଥାପିତ ହୋଇଥିଲା, ଯାହାକି ୨୦୧୨ ଠାରୁ ତାଲା ପଡ଼ିଛି। ଭାରତୀୟ ଝୋଟ ନିଗମ ଦ୍ୱାରା ଭଦ୍ରଖ ଆର୍. ଏଲ୍.ଡି ଅଧୀନରେ ଭଦ୍ରକ, କେନ୍ଦୁପାଟଣା, ଧାନମଣ୍ଡଳ, ସାଇଲଙ୍ଗା, ଦାନପୁର ଓ ମାର୍ଶାଘାଇଠାରେ ଝୋଟ ସଂଗ୍ରହ କେନ୍ଦ୍ର ସ୍ଥାପିତ ହୋଇଛି। କିନ୍ତୁ ଝୋଟଚାଷ ଜମିର ପରିମାଣ କମିଥିବାରୁ ଏଗୁଡ଼ିକ ମଧ୍ୟ ବିଶେଷ କାର୍ଯ୍ୟକ୍ଷମ ହେଉନାହିଁ। ପଶ୍ଚିମବଙ୍ଗରେ ଅଧିକ ଝୋଟଚାଷ ସହିତ ୧୦୪ ଚଟକଳ ରହିଛି, ଯାହା ଫଳରେ ଝୋଟଚାଷର ଉନ୍ନତି ହେଉଛି। ଦେଶର ପ୍ରାୟ ୭୫% ଝୋଟ ଅମଳ ପଶ୍ଚିମବଙ୍ଗ କରିଥାଏ।

ନଳିତା ଅମଳ ପରେ ଏହାକୁ ଚହଲା ପାଣିରେ କଷାଇବା ପରେ ପରିଷ୍କାର ପାଣିରେ ଏଥିରୁ ତନ୍ତୁ ବାହାର କରାଯାଏ ଏବଂ ଶୁଖାଇବା ପରେ ଗଣ୍ଠିଲି ବନ୍ଧାଯାଏ। ଝୋଟ ତନ୍ତୁର ଶକ୍ତି, ଚେର ପରିମାଣ, ରଙ୍ଗ, ସାନ୍ଦ୍ରତା ଅନୁସାରେ ଏହାକୁ ଧଳା ଓ ତୋଷା ହିସାବରେ ଚିହ୍ନଟ କରାଯାଏ। ଧଳା ଝୋଟ ଓ ତୋଷାକୁ ପାଞ୍ଚ ଶ୍ରେଣୀରେ ଗୁଣାତ୍ମକ ମାନ ଅନୁସାରେ ବିଭକ୍ତ କରାଯାଏ, ଯାହାକି ଆଗରୁ ଆଠ ପ୍ରକାର ଥିଲା। ସେହି ଅନୁସାରେ ସରକାର ସର୍ବନିମ୍ନ ସହାୟକ ମୂଲ୍ୟ ସ୍ଥିର କରନ୍ତି ଏବଂ ଭାରତୀୟ ଝୋଟ ନିଗମ ଏହାକୁ କ୍ରୟ କରେ। ଚଳିତ ବର୍ଷ ଟି. ଡି-୩ କିସମ ଝୋଟର ମୂଲ୍ୟ କୁଇଣ୍ଟାଲ ପ୍ରତି ୫୬୫୦ ଟଙ୍କା ରଖାଯାଇଛି। କିନ୍ତୁ ବଜାରରେ କୁଇଣ୍ଟାଲ ପ୍ରତି ସର୍ବନିମ୍ନ ୫୫୦୦ ଓ ସର୍ବାଧିକ ୬୮୦୦ ଟଙ୍କାରେ ବିକ୍ରୟ ହେଉଛି। ଝୋଟ ଶ୍ରେଣୀକରଣ ହାତରେ ପରୀକ୍ଷା କରି କିମ୍ବା ଡିଜିଟାଲ ଭାବରେ କରାଯାଏ। କିନ୍ତୁ ଏଥିରେ ଚାଷୀ ବହୁ ସମୟରେ ଠକାମିରେ ପଡ଼ନ୍ତି। ଝୋଟ ଚାଷରେ ଏକର ପ୍ରତି ଖର୍ଚ୍ଚ ପ୍ରାୟ ୩୫୦୦୦ ଟଙ୍କା ହେଲା ବେଳକୁ ମୋଟ ଆୟ ପ୍ରାୟ ୫୫୦୦୦ ଟଙ୍କା। ସୁତରାଂ ଏକର ପ୍ରତି ଲାଭ ପ୍ରାୟ ୨୦୦୦୦ଟଙ୍କା। ଏହା ସମ୍ଭବ ହୋଇଛି ସର୍ବନିମ୍ନ ସହାୟକ ମୂଲ୍ୟ ବୃଦ୍ଧି ଯୋଗୁଁ। ଚାଷୀ ଅଧିକ ଉନ୍ନତ ଚାଷ କରି ଅମଳ ବୃଦ୍ଧି କରିପାରିଲେ ଓ ତନ୍ତୁର ଗୁଣାତ୍ମକ ମାନ ବୃଦ୍ଧି କରିପାରିଲେ ଅଧିକ ଲଭବାନ ହୋଇପାରିବେ।

ଏଣୁ ଝୋଟ ତନ୍ତୁର ମାନ ବୃଦ୍ଧି କରିବାକୁ ଉନ୍ନତ ପ୍ରଣାଳୀରେ ଝୋଟ କଷାଇବା ଓ କାଉଁରିଆରୁ ତନ୍ତୁ ଅଲଗା କରିବା ଉପରେ ଅଧିକ ଗବେଷଣା ଆବଶ୍ୟକ। ଏତଦ୍‌ବ୍ୟତୀତ ତନ୍ତୁର ସୂକ୍ଷ୍ମତା ଓ ଶକ୍ତି ବୃଦ୍ଧି ପାଇଁ ଯାନ୍ତ୍ରିକ ଓ ରାସାୟନିକ ଉପଚାର ଉପରେ ଗବେଷଣା ମଧ୍ୟ ଆବଶ୍ୟକ। ରାସାୟନିକ ଉପଚାର ଦ୍ୱାରା ପଲିମର ସହିତ ସମକକ୍ଷ ହେବା ପାଇଁ ଏବଂ ଏହାକୁ ଜଳ ବିରୋଧୀ ଓ ବୀଜାଣୁ ରୋଧୀ କରିବା ପାଇଁ ରାସାୟନିକ ଉପଚାର ଆବଶ୍ୟକ। ଝୋଟକୁ କାଉଁରିଆ, ନଡ଼ିଆ କତା ଇତ୍ୟାଦି ପ୍ରାକୃତିକ ତନ୍ତୁ ସହିତ ମିଶ୍ରଣ କରାଯାଇପାରେ। ଏପରିକି କୃତ୍ରିମ ତନ୍ତୁ ସହିତ ମିଶ୍ରଣ କରାଯାଇପାରେ। ପରିବେଶ ସୁରକ୍ଷା ପାଇଁ ସମ୍ପୂର୍ଣ୍ଣ ଭାବରେ ମାଟିରେ ମିଶାଯାଉଥିବା ତନ୍ତୁ ନିର୍ମିତ ବୟନ ବସ୍ତୁ, ବସ୍ତା ଇତ୍ୟାଦିକୁ ବ୍ୟବହାର ପାଇଁ ଝୋଟକୁ ହାଲୁକା ଓ ଅଧିକ ଟାଣ କରିବା ଆବଶ୍ୟକ। ଏହି ତନ୍ତୁକୁ ଅଧିକ ସୁପରିବାହୀ କରିବା ସହିତ ବୀଜାଣୁ ଓ ଅଗ୍ନି ନିରୋଧକ କରିବା ପାଇଁ ନାନୋ ଟେକ୍ନୋଲୋଜିର ପ୍ରୟୋଗ କରାଯାଇପାରିବ।

ଝୋଟ ଚାଷର ବିକାଶ ପାଇଁ ବହୁ ଗବେଷଣା ଚାଲୁ ରହିଛି। ଆଧୁନିକ ବୈଷୟିକ ଜ୍ଞାନର ବ୍ୟବହାର, ଅଧିକ ଅମଳକ୍ଷମ ବିହନ, ସଠିକ ଜଳସେଚନ, ସାର ପ୍ରୟୋଗ, ରୋଗ ପୋକ ନିୟନ୍ତ୍ରଣ, ଭିତ୍ତିଭୂମି ବିକାଶ, ଉନ୍ନତ ନଳିତା କଷା ପାଇଁ ଫଙ୍ଗାଲ କଲଚର ବ୍ୟବହାର ଓ ଉନ୍ନତ ବିପଣନ ବ୍ୟବସ୍ଥା, ଅଧିକ ଝୋଟ ସଂଗ୍ରହ କେନ୍ଦ୍ର ସ୍ଥାପନ, ଚାଷୀ ସହିତ କ୍ରୟସଂସ୍ଥା ଓ ରପ୍ତାନିକାରୀଙ୍କ ସିଧାସଳଖ ସଂଯୋଗ, ସରକାରଙ୍କ ଦ୍ୱାରା ଝୋଟଚାଷ ପାଇଁ ଇନପୁଟ ସହାୟତା, ଗବେଷଣା ଓ ଉନ୍ନୟନ, କୃଷକ ପ୍ରଶିକ୍ଷଣ ଏବଂ ଝୋଟ ଆଧାରିତ ନୂତନ ଶିଳ୍ପ ସମାଗ୍ରୀ ପ୍ରସ୍ତୁତି ପାଇଁ ପ୍ରୋତ୍ସାହନ ଦିଆଗଲେ ଝୋଟ ଚାଷର ପୁନରୁଦ୍ଧାର ସମ୍ଭବ। କ୍ଷୁଦ୍ର ଶିଳ୍ପକେନ୍ଦ୍ରଗୁଡ଼ିକରେ ନୂତନ ଝୋଟ ବ୍ୟାଗ୍, ଗୃହ ସାଜସଜ୍ଜା ବସ୍ତୁ ଏବଂ ଫେସନ୍ ସମାଗ୍ରୀ ପ୍ରସ୍ତୁତି କରାଗଲେ ଝୋଟ ଚାହିଦା ବୃଦ୍ଧି ପାଇବ। ଫଳରେ ଝୋଟଚାଷ ପାଇଁ ଚାଷୀ ଅଧିକ ଉତ୍ସାହିତ ହେବେ। ଝୋଟ ତନ୍ତୁକୁ ଆହୁରି ଉନ୍ନତ କରିବା ପାଇଁ ଅଧିକ ଗବେଷଣାର ଆବଶ୍ୟକତା ରହିଛି।

ପ୍ରକ୍ରିୟାକରଣ କ୍ଷେତ୍ରରେ ନବୋନ୍ମେଷ, ସଙ୍କରୀକରଣ ଏବଂ ରାସାୟନିକ ଉପଚାର କରିପାରିଲେ ଏହାର ବହୁବିଧ ବ୍ୟବହାର ବୃଦ୍ଧି ପାଇବ। ଚାଷୀମାନେ ମଧ୍ୟ ନିଜର ଉତ୍ପାଦ ପାଇଁ ଅଧିକ ଲାଭଯୁକ୍ତ ମୂଲ୍ୟ ପାଇପାରିବେ। ସର୍ବୋପରି ଝୋଟ ତନ୍ତୁ ମଣିଷକୃତ କୃତ୍ରିମତନ୍ତୁ ପ୍ରତିବଦଳରେ ଜୈବ ଅପଘଟକୀୟ ବସ୍ତା, ପ୍ୟାକେଜ ପଦାର୍ଥ, ଫେସନ ସମାଗ୍ରୀ, ଇଲେକ୍ଟ୍ରୋନିକ ପଦାର୍ଥ, ଚିକିତ୍ସା ସହାୟକ ପଦାର୍ଥ, ଜିଓଟେକ୍ସଟାଇଲ ଦ୍ରବ୍ୟ ପ୍ରସ୍ତୁତ କରିବାରେ ବିନିଯୋଗ ହୋଇପାରିବ। ଏହି ବସ୍ତୁଗୁଡ଼ିକ ପରିବେଶ ସୁରକ୍ଷା ଦୃଷ୍ଟିରୁ ନିରାପଦ ଥିବାରୁ ଏହାର ବଜାର କ୍ରମଶଃ ବୃଦ୍ଧି ପାଉଛି। ଚାଷୀମାନେ ଏହି ସୁଯୋଗ ହାତଛଡ଼ା ନକରି ଝୋଟ ଉତ୍ପାଦନ ବୃଦ୍ଧି ସହିତ ଏହାର ଗୁଣାତ୍ମକ ମାନ ବୃଦ୍ଧି କରିବା ଆବଶ୍ୟକ। ଏପରି ଉଦ୍ୟମ ନିଶ୍ଚିତ ଭାବରେ ପାରମ୍ପରିକ ଅଞ୍ଚଳରେ ଝୋଟ ଚାଷର ପୁନରୁଦ୍ଧାର କରିବାରେ ସାହାଯ୍ୟ କରିବ। ●

ଭୁବନେଶ୍ୱର, ମୋ: ୯୪୩୭୦୭୧୧୯୦

## ଓଡ଼ିଆ ଭକ୍ତିସଂଗୀତରେ ସ୍ୱାଭିମାନର ସ୍ୱର

ବିପିନ ମହାପାତ୍ର

ପ୍ରାଚୀନ ଓଡ଼ିଆ କାବ୍ୟକବିତା ଅବଧାରିତ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଶ୍ରୀକୃଷ୍ଣ ଚେତନା ତୁଳନାରେ ଭକ୍ତି ସଂଗୀତ ସଂଖ୍ୟା କିଛି କମ୍ ନୁହେଁ। ବିଶେଷତଃ ପ୍ରମୁଖ ବୈଷ୍ଣବ କବି ସ୍ୱ ସ୍ୱ ସୃଜନୀ ଶକ୍ତି ଓ ଭକ୍ତିଭାବର ପରାକାଷ୍ଠା ପୂର୍ବକ ଲେଖିଯାଇଛନ୍ତି ସଂଖ୍ୟାଧିକ ଭକ୍ତିସଂଗୀତ। ତନ୍ମଧ୍ୟରୁ ଅଧିକାଂଶ ବିଭିନ୍ନ ରାଗ-ରାଗିଣୀ ଯୁକ୍ତ ହେଇ ଗାୟନ ଉପଯୋଗୀ ହେଇପାରିଛି। ଆଜି ମଧ୍ୟ ତାହା କଣ୍ଠଶିଳ୍ପୀମାନଙ୍କ କଣ୍ଠରେ ପରିବେଷିତ ହେଲା ବେଳେ ହୃଦୟରେ ଜାଗ୍ରତ ହେଉଛି ଭକ୍ତିଭାବଧାରା ଏବଂ ଆପେଆପେ ଆଖିରୁ ଝରି ପଡୁଛି ଟୋପା ଟୋପା ଆନନ୍ଦାଶ୍ରୁ। ଏଥିରୁ ସ୍ପଷ୍ଟ ବାରିହୁଏ ଯେ, ସଂପୃକ୍ତ ଗୀତିକାରମାନଙ୍କ ସାହିତ୍ୟ ଓ ସଂଗୀତ ସାଧନା ଥିଲା ଉତ୍ସର୍ଗୀକୃତ ଏବଂ ସେମାନେ ଥିଲେ ଜଣେ ଜଣେ ପରମ ଭକ୍ତ ଓ ଗାୟକ। ନିଜ ନିଜ ରଚନାବଳୀର ଗାୟନ ଶୈଳୀକୁ ପ୍ରାଧାନ୍ୟ ଦେଇ ସୁଲଳିତ କଣ୍ଠରେ ସେଗୁଡ଼ିକୁ ଗାନକରି ଉତ୍କଳୀୟ ଧାର୍ମିକ ଚେତନାକୁ ପରିବ୍ୟାପ୍ତ କରୁଥିଲେ ଏବଂ ସମାଜକୁ ପ୍ରଦାନ କରୁଥିଲେ ମହିମାନ୍ୱିତ ସନ୍ଦେଶ। ତା'ଛଡ଼ା ସେମାନେ ଭକ୍ତ ଓ ଭଗବାନଙ୍କ ମଧ୍ୟରେ ଥିବା ନିବିଡ଼ ସମ୍ପର୍କର ଅନୁଭବ କରି କଠିନ ପରୀକ୍ଷାର ସମ୍ମୁଖୀନ ହେଇଥିଲେ। ପରମାତ୍ମାର ସତ୍ତା ଅନୁସନ୍ଧାନ କରୁଥିଲେ ବର୍ଷ ବର୍ଷ, ଯୁଗଯୁଗ ଧରି। ପାର୍ଥିବ ସୁଖ ଥିଲା ସେମାନଙ୍କ ପକ୍ଷେ ଅଳିକ ଓ ଅବାସ୍ତବ। ନିଷ୍କାମ ଭକ୍ତିର ନିଗୂଢ଼ ରହସ୍ୟକୁ ଉନ୍ମୋଚନ କରିବା ନିମନ୍ତେ ପ୍ରାଣପାତ୍ ସାଧନାକୁ ଧ୍ୟେୟ ମଣୁଥିଲେ। ସେମାନଙ୍କ ସ୍ୱୟଂସମ୍ପୂର୍ଣ୍ଣ ସମର୍ପିତ ମନୋଭାବର ଆଦର୍ଶ ଥିଲା ବୋଧହୁଏ ପ୍ରମୁଖ ପ୍ରିୟ ଭକ୍ତ ଉଦ୍ଧବ, ବିଦୂର ଓ ସୁଦାମାଙ୍କ କର୍ମ, ଧର୍ମ ଓ ଭକ୍ତିର ମାହାତ୍ମ୍ୟ।

ଅନୁରୂପ ପରବର୍ତ୍ତୀ କାଳରେ ସର୍ବଧର୍ମ ସମନ୍ୱୟର ପ୍ରତୀକ ଶ୍ରୀଜଗନ୍ନାଥଙ୍କ ଅନୁକମ୍ପାରୁ ସେଇ ଆଦର୍ଶରେ ଅନୁପ୍ରାଣିତ ହେଇଥିବା ଜଗନ୍ନାଥ ଦାସ, ବଳରାମ ଦାସ, ବିଶର ମହାନ୍ତି, ବନ୍ଧୁ ମହାନ୍ତି, ଗୀତା ପଣ୍ଡା, ଦାସିଆ ବାଉରୀ, ଭକ୍ତ ସାଲବେଗ ପ୍ରମୁଖ ଓ ଆହୁରି କେତେଜଣଙ୍କୁ ଶ୍ରୀଚରଣରେ ସ୍ଥାନ ଦେଇ ସେଇ ଭକ୍ତର ଭଗବାନ ହିଁ ସେମାନଙ୍କୁ ପରିଚିତ କରିଥିଲେ। ତାର ସ୍ୱର୍ଣ୍ଣିମ ପୃଷ୍ଠାରୁ ବାଦ୍ ପଡ଼ି ନାହାନ୍ତି ଭକ୍ତ ହରି ଦାସ'ଓ କବୀରଙ୍କ ଭକ୍ତି ଓ କୃତି।

ଗବେଷକମାନଙ୍କ ମତରେ ଭକ୍ତି ସଂଗୀତର ସଂଜ୍ଞା ଓ ସ୍ୱଭାବ ବହନ କରିଥାଏ ଏକାଧିକ ଆଧ୍ୟାତ୍ମିକ ଉପାଦାନ। ତନ୍ମଧ୍ୟରୁ ସମର୍ପଣ, ନିବେଦନ, ମନନ, ଜଣାଣ ଓ ଭଜନ ଓ ସଂକୀର୍ତ୍ତନ ପ୍ରଭୃତି ଯଦି କରୁଣ, ଶାନ୍ତ, ଦାସ୍ୟ ରସାଶ୍ରିତ ହେଇଥାଏ, ତେବେ ତାହା ଜନମାନସକୁ ପ୍ରଭାବିତ କରେ। ପୁଣି ନାସ୍ତିକତାକୁ ସମୂଳେ ଉତ୍ପାଟନ କରି ଚାରିତ୍ରିକ ସ୍ଖଳନରେ ସୁଧାର ଆଣିପାରେ ଏବଂ ସଂସ୍କାରର ପଥ ପ୍ରଦର୍ଶକ ସାଜି ସାମାଜିକ ବ୍ୟାଧିର ନିରାକରଣ କରିପାରେ।

ସ୍ୱତଃ ପ୍ରବୃତ୍ତ ଭାବେ ନିଜର ଅଭିବ୍ୟକ୍ତି ସଂଗୀତରେ ରୂପାୟିତ କରିବା ବେଳେ ଭଗବାନଙ୍କ କାଣିଚାଏ ନିର୍ଦ୍ଦେଶ ବିନା ଭକ୍ତି ରସାପ୍ଲୁତ, ଉତ୍କୃଷ୍ଟ ଜଣାଣ, ଭଜନ ସୃଷ୍ଟି ହେବା ଅସମ୍ଭବ। ହୁଏତ ପ୍ରମୁଖ ଭକ୍ତ ଓ ସ୍ରଷ୍ଟା ଜୀବନବ୍ୟାପୀ ତାଙ୍କ ଚରଣାଶ୍ରିତ ହୋଇ ସାତ୍ତ୍ୱିକ ଅବବୋଧର ଅଭାବନୀୟତାକୁ ହୃଦୟଙ୍ଗମ କରି ନିଜର ଅସହାୟତା ଅଭିମାନ ବିନିମୟରେ ଆବେଗମୟ ଓ ଅଶ୍ରୁସିକ୍ତ କରିଛନ୍ତି ସ୍ୱ ସ୍ୱ ରଚନାବଳୀ। ଯାହାକୁ ସାଧାରଣରେ ଗାଳି, ପରାହ ବୋଲି କୁହାଯାଉଛି। କିନ୍ତୁ ସେଇ ଶାଣିତ ଭାବାବେଶକୁ ବି ଗ୍ରହଣ କରିଛନ୍ତି ମହାନ୍, ଅଦ୍ୱିତୀୟ କଳାକାର ଓ ସଂଗୀତଜ୍ଞ ଶ୍ରୀଜଗନ୍ନାଥ। ଫଳରେ ସେଗୁଡ଼ିକ ହିଁ ଏଯାବତ୍ ପ୍ରଭାବଶାଳୀ ଭକ୍ତି ସଂଗୀତ ବୋଲି ଗୃହୀତ ହେଇଆସଛି।

ଉଦାହରଣସ୍ୱରୂପ 'ବାଧିଲା ଜାଣି କ୍ଷମା କର ନୋହିଲେ ରମା-ରମଣ ଦଣ୍ଡେ ଦିଅ ଟାଳି / ତୁମ୍ଭଙ୍କୁ ଜଗନ୍ନାଥ ଆଜ ମୋ ମନୋରଥ ଭରତି କରିଦେବି ଗାଳି ହେ କୃପାନିଧି / କରୁଣାସିନ୍ଧୁ ବୋଲି କରି କହନ୍ତି ବୁଧେ ଡରିମରି। କାଳସର୍ପ ଆପଣ କବଳ କର ପ୍ରାଣ-ପବନମାନଙ୍କୁ ସବୁରି ହେ କୃପାନିଧି! (ସର୍ପ ଜଣାଣ - କବିସୂର୍ଯ୍ୟ ବଳଦେବ ରଥ)।' 'କିମ୍ପା ନିରପେକ୍ଷ କରୁଅଛ ମୋତେ କେଉଁ ଦୋଷ ମନେଧରି / ନିଷ୍ଠୁର ତୋ ହିୟା ନ ବସେ ତୋ ଦୟା ଭକ୍ତ ପ୍ରାଣଖିଆ ହରି / ଦେଉଅଛି ଯାହା ନ ଜାଣୁକି ତାହା ଅନ୍ତର୍ଯାମୀ ନାମ ବହି / ମତେ କୋପ କରି କି ଯଶ ଅର୍ଜିବୁ ଭକତ ଜୀବନ ଖାଇ...। (ସ୍ତୁତି ଚିନ୍ତାମଣି-ଭୀମଭୋଇ)।' 'ସବୁଥିରୁ ବଞ୍ଚିତ କରି କେଉଁ ଯଶବାନା ଉଡ଼ାଇବ ହେ / ଯାହା ଦେଇଥିଲ ସବୁତ ନେଲଣି ଆଉ ଏବେ କିସ ଛଡ଼ାଇବ ହେ! / ହାତଠାରି ଲୋଭ ଦେଖାଇ ଡାକ ନାଟ ଦେଖିବା ପାଇଁ / ସିହାଣ କରୁଛ ଆହୁରି ଥରେ କି ନାକଘଷି କାନ ମୋଡ଼ାଇବ ହେ! (ସବୁଥିରୁ ବଞ୍ଚିତ କରି- ଲକ୍ଷ୍ମୀକାନ୍ତ ମହାପାତ୍ର)।' 'ମୋର ଅନ୍ତର ମନ୍ଦିରେ ରହି କୁହୁକରେ ଦେଉଛ ଭୁଲାଇ / ରହି ନିକଟରେ ଖୋଜାଉଛ ଦୂରେ ଜୀବ ମରେ ଧାଇଁ ଧାଇଁ / ତୁମ୍ଭେ ଭକତି ପାଶେ ବନ୍ଧା ସେଥିପାଇଁ କର କେତେ ଧନ୍ଦା / ଅନ୍ଧାରେ ଏବେ କନ୍ଦାଅନା ମୋତେ ପାଶେ ନିଅ ଆଲୋକ ଦେଇ...(ବୈକୁଣ୍ଠନାଥ ବ୍ରହ୍ମଚାରୀ)।' 'ଟୋପାଏ ଲୁହରେ ଭସାଇ ଦେବି ତୋ ଦେଉଳ, କଣେ କୈବଲ୍ୟ ଖାଇସାରି ଦେବି ଷାଠିଏ ପଉଠି ଚାଉଳ। ତେଣୁ ଜଗନ୍ନାଥ - ଜଗନ୍ନାଥ ଶୁଣ ସଅଳ.. (ଅକ୍ଷୟ ମହାନ୍ତି)।' 'କାହ୍ନୁରେ! ତୋତେ ଜୁହାର କରିବି ନାହିଁ, ତୋତେ ଗୁହାରି କରିବି ନାହିଁ / ହାତେ ମୋର ବେଣୁ ଦେଇ ସବୁ ସୁଖ ଥିଲା ଯହିଁ, କହ କାହିଁ ନେଲୁ ତୁ ଛଡ଼ାଇ (ସଚ୍ଚି ମହାନ୍ତି)।'

ପରମ କାରୁଣିକ ସେଇ ବିଶ୍ୱନିୟନ୍ତା ଜଗନ୍ନାଥଙ୍କ ମହିମାମୟ ଅଧ୍ୟାୟକୁ ବିଶ୍ୱ ଦରବାରରେ ପହଞ୍ଚାଇବା ସକାଶେ ଏମିତି ଅନେକ ଓଡ଼ିଆ ଭକ୍ତି ସଂଗୀତର ସୃଷ୍ଟି-ସମ୍ପଦ କାଳଜୟୀ। କିନ୍ତୁ ବ୍ୟାବସାୟିକ ସଫଳତା ପ୍ରତି ଦୃଷ୍ଟି ଦେଇ ତା'ର ଭାବଧାରା ଯଦି ପରିବର୍ତ୍ତିତ ହେଇଯାଏ, ତେବେ ତାହା ଉତ୍କଳୀୟ ଧର୍ମ ଓ ସଂସ୍କୃତିର ପରିପନ୍ଥୀ ହେବା ନିଶ୍ଚିତ। ●

ବ୍ରହ୍ମପୁର, ମୋ: ୯୮୫୩୭୫୧୩୨୨

## ତିବ୍ବତରେ ବୌଦ୍ଧଧର୍ମ

ପ୍ରବୀର କୁମାର ପଟ୍ଟନାୟକ



### ଦ୍ୱିତୀୟ-ବୁଦ୍ଧ କଥା

(ପୂର୍ବପ୍ରକାଶିତ ଉତ୍ତାରୁ)

ରାଜତନ୍ତ୍ର (ଖ୍ରୀ ୬୦୦-୭୮୦) ବୌଦ୍ଧ କାଳ: ସ୍ରନ୍-ସାନ୍-ଗାମ୍ପୋ ତେର ବର୍ଷ ବୟସରେ ଖ୍ରୀ ୬୨୯ରେ ସିଂହାସନ ଆରୋହଣ କଲେ। ସେ ପାହାଡ଼ ଉପରେ ନଅ-ତାଲା ବିଶିଷ୍ଟ ଏକ ରାଜପ୍ରାସାଦ ନିର୍ମାଣ କରିଥିଲେ, ଯାହାର ଧ୍ୱଂସାବଶେଷ ଉପରେ ବର୍ତ୍ତମାନର ପୋଟାଲା ରାଜପ୍ରସାଦ ଲାସାରେ ନିର୍ମିତ ହୋଇଛି। ସେତେବେଳେ ତିବ୍ବତରେ କୌଣସି ଲିପି ବା ଲିଖିତ ଭାଷା ନ ଥିଲା। କିନ୍ତୁ ରାଜା ସଂସ୍କୃତ ଭାଷା ସହ ପାଲ୍‌ପା(ନେୱାରୀ) ଓ ଚୀନା ଭାଷାରେ ଦଖଲ ହାସଲ କରିପାରିଥିଲେ। ରାଜା ସ୍ରନ ତିବ୍ବତର ସବୁ ରାଜାଙ୍କଠାରୁ ଅଧିକ ଦକ୍ଷ ଓ ଶକ୍ତିଶାଳୀ ମଧ୍ୟ ଥିଲେ। ତାଙ୍କ ଶାସନକାଳରେ ତିବ୍ବତ ଅଗ୍ରଣୀ ସାମରିକ ଦକ୍ଷତାସମ୍ପନ୍ନ ଦେଶରେ ପରିଣତ ହୋଇଥିଲା। ଅନ୍ୟ ଶତ୍ରୁମାନଙ୍କ ସହ ସ୍ରନ ଚୀନ ରାଜାଙ୍କୁ ମଧ୍ୟ ପରାଜିତ କରିଥିଲେ। ତାଙ୍କ ପ୍ରଭାବରେ ତତ୍କାଳୀନ ଚୀନ ରାଜା ତାଇ-ସୁଙ୍ଗ ଓ ନେପାଳ ରାଜା ଅଂଶୁବର୍ମନ ସ୍ରନଙ୍କ ସହ ସୁସମ୍ପର୍କ ସ୍ଥାପନ ପାଇଁ ନିଜ ନିଜର କନ୍ୟାଙ୍କୁ ସ୍ରନଙ୍କୁ ବିବାହ ଦେଇଥିଲେ। ଚୀନ ରାଜକନ୍ୟାଙ୍କ ନାମ ଥିଲା ୱେନ୍-ଚେଙ୍ଗ୍ ଏବଂ ନେପାଳୀ ରାଜକନ୍ୟାଙ୍କ ନାମ ଥିଲା ଭୃକୁଟୀ। ଏହି ଦୁଇ ରାଜକନ୍ୟା ବୌଦ୍ଧ ଧର୍ମର ଅତ୍ୟନ୍ତ ଭାବୋଦୀପ୍ତ ଅନୁଗାମୀ ଥିଲେ। ଏପର୍ଯ୍ୟନ୍ତ ଏହି ଦୁଇଜଣଙ୍କୁ ତିବ୍ବତରେ ଯଥାକ୍ରମେ ଧବଳତାରା ଓ ସବୁଜତାରା ବୌଦ୍ଧଦେବୀଙ୍କର ପ୍ରକଟିତ ରୂପ ଭାବେ ସମ୍ମାନ ପ୍ରଦର୍ଶନ ସହ ପୂଜା କରାଯାଉଛି। ଏହି ନେପାଳୀ ରାଣୀ ବିବାହ ସମୟରେ ତାଙ୍କ ସାଙ୍ଗରେ ବୌଦ୍ଧ ଦେବାଦେବୀଙ୍କ ମୂର୍ତ୍ତି- ଅକ୍ଷୋଭାବଜ୍ର, ମୈତ୍ରେୟ ଓ ତାରାଙ୍କର ଚନ୍ଦନ କାଠରେ ତିଆରି ପ୍ରତିମା ଆଣିଥିଲେ। ସେହିଭଳି ଚୀନ ରାଜାଙ୍କ କନ୍ୟା ତାଙ୍କ ସହ ଭଗବାନ ବୁଦ୍ଧଙ୍କ ମୂର୍ତ୍ତିଟିଏ ନେଇ ଆସିଥିଲେ। ବୁଦ୍ଧଙ୍କ ମୂର୍ତ୍ତିକୁ ଫ୍ରୁଲ୍-ସାଙ୍ଗ ମନ୍ଦିର ଓ ଅକ୍ଷୋଭାଙ୍କ ମୂର୍ତ୍ତିକୁ ରା-ମୋ-ଚେ ମନ୍ଦିରରେ ସ୍ଥାପନ କରାଯାଇଥିଲେ। ଉଭୟ ରାଣୀ ଏହି ମନ୍ଦିର ଦୁଇଟିକୁ ନିର୍ମାଣ କରାଇଥିଲେ। ତିବ୍ବତର ଲୋକମାନେ ସେ ଦୁହିଁଙ୍କୁ ନାରୀ ବୋଧିସତ୍ତ୍ୱ ଭାବେ ସମ୍ମାନ ଦେଉଥିଲେ। ଏହି ଦୁଇ ବୌଦ୍ଧରାଣୀଙ୍କ ପ୍ରଭାବରୁ ହିଁ ରାଜା ସ୍ରନ୍ ବୌଦ୍ଧ ଧର୍ମର ଜଣେ ଦୃଢ଼ ଅନୁଗାମୀ ହୋଇପାରିଥିଲେ। 'ଗ୍ରୀନ ତାରା' ବା 'ସବୁଜ ତାରା' ଏବେ ମଧ୍ୟ ନେପାଳରେ ଉଭୟ ହିନ୍ଦୁ ଓ ବୌଦ୍ଧ ସମାଜ ଦ୍ୱାରା ମାନ୍ୟ।

ରାଜା ସ୍ରନ ହୃଦୟଙ୍ଗମ କଲେ ଯେ ତିବ୍ବତରେ ଜନସାଧାରଣଙ୍କ ଆବଶ୍ୟକତା ସହ ଧାର୍ମିକ କାର୍ଯ୍ୟର ପ୍ରଚାର ପ୍ରସାର ଏବଂ ଶାସନ ତାନ୍ତ୍ରିକ ସୁବିଧା ନିମନ୍ତେ ଲିଖିତ ଭାଷା ଅପରିହାର୍ଯ୍ୟ। ଏଣୁ ତିବ୍ବତୀୟ ଉଚ୍ଚାରଣକୁ ସୁହାଇବା ପରି ଗୋଟିଏ ଭାଷା ଏବଂ ତାହା ପାଇଁ ଲିପି ପ୍ରସ୍ତୁତି ନିମିତ୍ତ ରାଜା ଥୋନ୍-ମି-ସମ୍ଭୋଟାଙ୍କ ନେତୃତ୍ୱରେ ଗୋଟିଏ ସତରଜଣିଆ ପ୍ରତିନିଧିଦଳ ଭାରତକୁ ପଠାଇଲେ। ଏହି ଦଳ ଭାରତରେ ବନାରସ, ନାଳନ୍ଦା ଓ କାଶ୍ମୀର ପ୍ରଭୃତି ସ୍ଥାନ ଭ୍ରମଣ କରିଥିଲେ କାର୍ଯ୍ୟ ସାଧନ ନିମନ୍ତେ। ଭାଷା ଓ ଲିପି ପ୍ରସ୍ତୁତି ସହ ଭାରତରେ ସଂସ୍କୃତ ଭାଷାର ଅଧ୍ୟୟନ ସହ ସେହି ମାଧ୍ୟମରେ ବିଭିନ୍ନ ଶାସ୍ତ୍ର ଓ ବିଶେଷଭାବେ ବୌଦ୍ଧ ଶାସ୍ତ୍ରମାନ ସଂଗ୍ରହ ନିମନ୍ତେ ମଧ୍ୟ ରାଜାଙ୍କ ପରାମର୍ଶ ରହିଥିଲା।(କ୍ରମଶଃ) ●

ଭୁବନେଶ୍ୱର, ମୋ: ୭୨୦୫୦୨୨୭୯୦

ସକାଳ
THE SAKALA
ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

## ଅବଶିଷ୍ଟାଂଶ

### ବୁଢ଼ା ହେଉଛି...

ହେବ ବୋଲି କୁହାଯାଉଛି। ରିପୋର୍ଟରେ କୁହାଯାଇଛି ଯେ ଦେଶରେ ଜନ୍ମହାର ହ୍ରାସ ଭବିଷ୍ୟତରେ କର୍ମଜୀବୀ ଜନସଂଖ୍ୟା ହ୍ରାସ କରିବ ଓ ନିର୍ଭରଶୀଳ ଜନସଂଖ୍ୟା ବୃଦ୍ଧି ପାଇବ। ଉତ୍ପାଦନ ଏବଂ ମୋଟ ଘରୋଇ ଉତ୍ପାଦନ (ଜିଡିପି) ଅଭିବୃଦ୍ଧି ଉପରେ ଏହାର ସିଧାସଳଖ ପ୍ରଭାବ ପଡ଼ିବ। ସେହିପରି ନୀତି ଆୟୋଗର ରିପୋର୍ଟ ଅନୁସାରେ ଭାରତର ୭୫% ବୟସ୍କ କୌଣସି ନା କୌଣସି ରୋଗରେ ପୀଡିତ। ୭୦% ସେମାନଙ୍କର ମୌଳିକ ଆବଶ୍ୟକତା ପାଇଁ ଅନ୍ୟମାନଙ୍କ ଉପରେ ନିର୍ଭରଶୀଳ। ଏପରି ପରିସ୍ଥିତିରେ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପରେ ଭାରି ବୋଝ ପଡ଼ିବ। ବର୍ତ୍ତମାନ, ଭାରତରେ କେବଳ ୧୮% ବୟସ୍କ ଲୋକଙ୍କ ପାଖରେ ସ୍ୱାସ୍ଥ୍ୟ ବୀମା ରହିଛି। ୭୮% ବୟସ୍କ କୌଣସି ପେନସନ୍ ପାଉନାହାଁନ୍ତି। ଯଦି ସରକାର ଭବିଷ୍ୟତରେ ପେନସନ୍ ଏବଂ ସାମାଜିକ କଲ୍ୟାଣ ଯୋଜନା ବୃଦ୍ଧି କରନ୍ତି, ତେବେ ଆର୍ଥିକ ନିଅଣ୍ଟର ଆଶଙ୍କା ବୃଦ୍ଧି ପାଇବ। ତେଣୁ ଆଗାମୀ ଦିନରେ ଦେଶ ଧନୀ ହେବା ପୂର୍ବରୁ ବୁଢ଼ା ହୋଇଯିବ।

### ପ୍ରେମୀଯୁଗଳଙ୍କୁ ହଳ...

ଏହାକୁ ନେଇ ଗାଁ କୁଟୁମ୍ବ ବୈଠକ ବସି ଉଭୟଙ୍କୁ ପରମ୍ପରା ଅନୁସାରେ ଦଣ୍ଡ ଶୁଣାଇଥିଲେ। ଆଦିବାସୀ ପରମ୍ପରା ଓ ରୀତିନୀତି ଅନୁଯାୟୀ ଗ୍ରାମ ଧରଣୀ ଠାରେ ପୂଜାପାଠ କରିବା ପରେ ବଳଦ ସ୍ଥାନରେ ଗୋଟିଏ ପଟେ ପୁଅ ଓ ଅନ୍ୟ ପଟେ ଝିଅ କାନ୍ଧରେ ଯୁଆଳି ପକାଇ କ୍ଷେତକୁ ନେଇ ଜମି ହଳ କରାଇଥିଲେ। ଉଭୟଙ୍କ ଅନିଚ୍ଛା ସତ୍ତ୍ୱେ ଧମକଚମକ ଦେଇ ହଳ କରାଇଥିଲେ ଗାଁ ଲୋକେ। କେବଳ ଏତିକିରେ ସୀମିତ ନଥିଲା ଗ୍ରାମବାସୀ ତଥା ଜାତି ସମାଜର ଦଣ୍ଡ। ସେମାନଙ୍କ ଠାରୁ କିଛି ଟଙ୍କା ଆଦାୟ କରି ଗ୍ରାମ ଛାଡିବା ପାଇଁ ବାଧ କରିଥିଲେ। ଫଳରେ ପ୍ରେମୀଯୁଗଳ ଗ୍ରାମ ଛାଡି ଅନ୍ୟତ୍ର ଚାଲିଯାଇଥିବା ସୂଚନା ମିଳିଛି। ଏ ସମ୍ପର୍କରେ ଗ୍ରାମର ବିଶ୍ୱନାଥ କୃଷିକା, ୱାର୍ଡ ସଦସ୍ୟ ଶ୍ୟାମଧର ମିଣିଆକା, ପୁରନ୍ଦର ଓ ସୁବାଶିନୀ ରଣା ପ୍ରମୁଖ ପ୍ରେମୀଯୁଗଳ କିଛି ଦିନ ପାଇଁ ବାହାରେ ରହିବା ପରେ ଫେରିଆସିବେ ବୋଲି କହିଛନ୍ତି। ଏ ନେଇ ପୁଲିସରେ କୌଣସି ଅଭିଯୋଗ ହୋଇ ନଥିବା ଜଣାପଡ଼ିଛି।

### ଗରିବଙ୍କୁ ଲୁଟୁଛି...

ଏହା ସମ୍ଭବ ହୋଇପାରିବ। ଓଡ଼ିଶା ଲୋକ ଯେଉଁଦିନ ଏ ବିଷୟରେ ବୁଝିଯିବେ, ସେଦିନ ରାଜ୍ୟରେ କଂଗ୍ରେସ ସରକାର ହେବ ବୋଲି ରାହୁଲ କହିଛନ୍ତି। ଏହି ଅବସରରେ ରାହୁଲ ଗାନ୍ଧୀ ଡ୍ରାଇଭର ମହାସଂଘକୁ ମଧ୍ୟ ଧନ୍ୟବାଦ ଦେଇଛନ୍ତି। ସରକାରଙ୍କ ଷଡଯନ୍ତ୍ରକୁ ପଣ୍ଡ କରି ଡ୍ରାଇଭର ସଂଘ କଂଗ୍ରେସ ସଭା ପାଇଁ ସହଯୋଗ କରିଛି; ତେଣୁ ସେମାନଙ୍କୁ ଧନ୍ୟବାଦ ଦେବା ସହ ରାହୁଲ ସେମାନଙ୍କ ଦାବିକୁ ସମର୍ଥନ କରିଛନ୍ତି।

ଏଆଇସିସି ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡ଼୍‌ଗେ ମଧ୍ୟ ଏହି ଅବସରରେ ରାଜ୍ୟ ଓ କେନ୍ଦ୍ର ବିଜେପିକୁ ନିଶାଣ କରିଛନ୍ତି। ସେ କହିଛନ୍ତି ଯେ କଂଗ୍ରେସ ସରକାର ସମୟରେ ହୋଇଥିବା ବିକାଶ କାମକୁ କେନ୍ଦ୍ର ବିଜେପି ସରକାର ବିକ୍ରି କରୁଛି। ଦେଶରେ ମୋଟ ୧୬୦ଟି କେନ୍ଦ୍ରୀୟ ସଂସ୍ଥା କଂଗ୍ରେସ ନିର୍ମାଣ କରିଛି, ସେଥିମଧ୍ୟରୁ ୨୩ଟିକୁ ମୋଦୀ ସରକାର ବିକ୍ରି କରିସାରିଛନ୍ତି। ତେଣୁ ଏହା ବିରୋଧରେ ଲଢ଼େଇ ପାଇଁ ସେ ଆହ୍ୱାନ ଦେଇଛନ୍ତି। ଅନ୍ୟପକ୍ଷରେ ଗଞ୍ଜାମରେ ଦୁଇଜଣ ଦଳିତଙ୍କୁ ନର୍ଦ୍ଦମା ପାଣି ପିଆଇବା ସହ ବିଏମ୍‌ସି ଅତିରିକ୍ତ କମିସନରଙ୍କ ମାଡ଼ ପ୍ରସଙ୍ଗ ଉଠାଇ ରାଜ୍ୟ ସରକାରଙ୍କ କଟୁ ସମାଲୋଚନା କରିଛନ୍ତି। ବିଜେପିର ଗୁଣ୍ଡାମାନେ ବାଲିଠାରୁ ଆରମ୍ଭ କରି ଖଣି ଓ ସବୁଠି କମିଶନ ଆଦାୟ କରୁଛନ୍ତି ବୋଲି ସେ ଅଭିଯୋଗ କରିଛନ୍ତି। ସମାବେଶରେ ପିସିସି ସଭାପତି ଭକ୍ତଚରଣ ଦାସଙ୍କ ସହ ଦଳର ବରିଷ୍ଠ ନେତା, ବିଧାୟକ, ସାଂସଦ ଉପସ୍ଥିତ ଥିଲେ। ପୂର୍ବାହ୍ଣରେ ରାହୁଲ୍ ଏକ ସ୍ୱତନ୍ତ୍ର ବିମାନ ଯୋ।।ଗେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ବିମାନବନ୍ଦରରେ ପହଞ୍ଚି ଥିଲେ ଓ ଦଳୀୟ କର୍ମୀଙ୍କ ଏକ ଶୋଭାଯାତ୍ରାରେ ବରମୁଣ୍ଡା ପଡ଼ିଆସ୍ଥିତ ସଭାସ୍ଥଳକୁ ଆସିଥିଲେ।

### ଡାକ୍ତରଙ୍କୁ ପୁଲିସର...

ଦାବି କରିଛି। ଏହା ସହ ତୁରନ୍ତ ସରକାର ପଦକ୍ଷେପ ଗ୍ରହଣ ନ କଲେ ଡ଼ାକ୍ତରମାନେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛି। ଓମ୍‌ସାର ଏହି ଅଭିଯୋଗ ପରେ ସାରା ରାଜ୍ୟରେ ଆଲୋଡ଼ନ ସୃଷ୍ଟି ହୋଇଛି। ପ୍ରଶାସନର ଅଙ୍ଗ ହୋଇ ପୁଲିସର ଗୁଣ୍ଡା ଆଚରଣ ଓ ଜଣେ ଡ଼ାକ୍ତରଙ୍କୁ ମାଡ଼ ଘଟଣା ରାଜ୍ୟବାସୀଙ୍କ ମନରେ କ୍ଷୋଭ ସୃଷ୍ଟି କରିଛି। ପ୍ରଶାସନରେ ବିଶୃଙ୍ଖଳା ପାଇଁ ବାରମ୍ବାର ଏପରି ଘଟଣା ଘଟୁଛି। ନିକଟରେ ଓଏଏସ ଅଧିକାରୀଙ୍କ ସମୂହ ଛୁଟିରେ ଯିବା କାରଣରୁ ରାଜ୍ୟବ୍ୟାପୀ ପ୍ରଶାସନ ଏକପ୍ରକାର ଠପ୍ ହୋଇ ଯାଇଥିଲା। ଏବେ ଡ୍ରାଇଭର ସଂଘର ଆନ୍ଦୋଳନ କାରଣରୁ ରାଜ୍ୟବ୍ୟାପୀ ସାଧାରଣ ଲୋକେ ନାହିଁ ନଥିବା ହଇରାଣର ସମ୍ମୁଖୀନ ହେଉଛନ୍ତି। ସରକାର ନିରବଦ୍ରଷ୍ଟା ସାଜିବା ସହ ଏହାର ନିରାକରଣ କରୁନାହାନ୍ତି। ଏପରିସ୍ଥଳେ ଯଦି ଡାକ୍ତରମାନେ ଆନ୍ଦୋଳନକୁ ଯାଆନ୍ତି, ତାହେଲେ ସ୍ୱାସ୍ଥ୍ୟସେବା ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡ଼ିବ। ତେଣୁ ରାଜ୍ୟ ସରକାର ତୁରନ୍ତ ଘଟଣାରେ ହସ୍ତକ୍ଷେପ କରି ଦାୟୀ ପୁଲିସ ଅଧିକାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରନ୍ତୁ ବୋଲି ସାଧାରଣରେ ଦାବି ହୋଇଛି।

### ସଂଘ ଏକଘରକିଆ...

ଆନ୍ଦୋଳନରେ ସାମିଲ ହୁଅନ୍ତୁ। ରାଜରାସ୍ତାରେ ବିଶୃଙ୍ଖଳା କିମ୍ବା ଗାଡ଼ି ଅଟକାଇଲେ ସରକାର ଆକ୍ସନ ନେଇପାରନ୍ତି। ତେଣୁ ସେମାନେ ଶାନ୍ତିପୂର୍ଣ୍ଣ ଧାରଣାରେ ବସିବେ ଓ ଆନ୍ଦୋଳନ ଜାରି ରଖିବେ ବୋଲି ଶ୍ରୀ ମେଣ୍ଡୁଲି କହିଛନ୍ତି। ଅପରପକ୍ଷେ ଘରୋଇ ବସ୍ ମାଲିକ ସଂଘର ସାଧାରଣ ସମ୍ପାଦକ ଦେବେନ୍ଦ୍ର କୁମାର ସାହୁ କହିଛନ୍ତି, ଡ୍ରାଇଭରଙ୍କ ଆନ୍ଦୋଳନ ସତ୍ତ୍ୱେ ଆମର କିଛି ଜାଗାରେ ଗାଡ଼ି ଚଳାଚଳ କରୁଛି। କୌଣସି ଜାଗାରେ ଗାଡ଼ି ଅଟକାଉ ନ ଥିବା ଡ୍ରାଇଭର ମହାସଂଘ କହୁଛି। କିନ୍ତୁ ଗତକାଲି ରାତିରେ ରାଉରକେଲାରୁ ଆସୁଥିବା ଗାଡ଼ିକୁ ଅନୁଗୁଳଠାରେ ଅଟକାଇ କାଚ ଭାଙ୍ଗି ଦିଆଯାଇଛି। ଯଦି ଆନ୍ଦୋଳନକାରୀ ଡ୍ରାଇଭର ଏହା କରିନାହାନ୍ତି ତେବେ ପୁଲିସ ଅଭିଯୁକ୍ତଙ୍କୁ ଖୋଜି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁ ବୋଲି ଦାବି କରିଛନ୍ତି ଶ୍ରୀ ସାହୁ। ସେ କହିଛନ୍ତି, ସରକାର ଡ୍ରାଇଭର ମହାସଂଘ ସହିତ ଆଲୋଚନା କରୁଛନ୍ତି। କ'ଣ ସମାଧାନ ହେଲା ତାହା ସାମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଜଣାନ୍ତୁ। ଡ୍ରାଇଭର ମହାସଂଘ ଦାବି କରୁଛି ସେମାନଙ୍କୁ ଲିଖିତ ଭାବେ ଦେଲେ ସେମାନେ ଆନ୍ଦୋଳନରୁ ଓହରିବେ। ସରକାର କାହିଁକି ଲିଖିତ ଭାବେ ଦେଉନାହାନ୍ତି ବୋଲି ଶ୍ରୀ ସାହୁ ପ୍ରଶ୍ନ କରିଛନ୍ତି। ସରକାର ଏବଂ ଡ୍ରାଇଭର ମହାସଂଘ ମଧ୍ୟରେ କାହିଁକି ଏପରି ଲୁଚକାଳି ଖେଳ ଚାଲିଛି? ଉଭୟଙ୍କ ମଧ୍ୟରେ ହେଉଥିବା ଆଲୋଚନା ସର୍ବସାଧାରଣ ଜାଣିବା ଦରକାର। ବସ୍ ଚଳାଚଳ କରୁ ନ ଥିବାରୁ ମାଲିକ ଏବଂ କର୍ମଚାରୀମାନେ ବ୍ୟସ୍ତ ହେଲେଣି। ସେମାନେ ଗାଡ଼ି ଚଳାଇବାକୁ ରାଜି ଅଛନ୍ତି। କର୍ମଚାରୀମାନଙ୍କୁ ସରକାର ସୁରକ୍ଷା ଦିଅନ୍ତୁ। ଯାତ୍ରୀଙ୍କ ସ୍ୱାର୍ଥ ପାଇଁ ଶନିବାରଠାରୁ ସାରା ରାଜ୍ୟରେ ବସ୍ ଚଳାଚଳ କରିବ ବୋଲି କହିଛନ୍ତି ସାଧାରଣ ସମ୍ପାଦକ ଶ୍ରୀ ସାହୁ।

ଚତୁର୍ଥ ଦିନରେ ଡ୍ରାଇଭରଙ୍କ ଷ୍ଟିଅରିଂ ଛାଡ଼ ଆନ୍ଦୋଳନ ଯୋଗୁଁ ସାରା ରାଜ୍ୟରେ ଗମନାଗମନ ଓ ପରିବହନ ସେବା ବନ୍ଦ ରହିଛି। ରାଜ୍ୟର ସମସ୍ତ ପ୍ରମୁଖ ବସଷ୍ଟାଣ୍ଡରେ ବସ ସବୁ ଅଟକି ରହିଛି। କେବଳ ସରକାରୀ ବସ୍ ଚାଲିଥିବାରୁ ସେଥିରେ ଖଚାଖଚ ଭିଡ଼ ଦେଖିବାକୁ ମିଳିଛି। ଯାତ୍ରୀମାନେ ବହୁ ସମୟ ଅପେକ୍ଷା କରିବା ପରେ ସରକାରୀ ବସ୍‌ରେ ଯିବା ଆସିବା କରୁଛନ୍ତି। ସେହିପରି ଡ୍ରାଇଭରଙ୍କ ଆନ୍ଦୋଳନ ଯେତେ ଲମ୍ବୁଛି, ପେଟ୍ରୋଲ ଟାଙ୍କିରୁ ତେଲ ସରି ସରି ଆସୁଛି। ରାଜ୍ୟରେ ପ୍ରତିଦିନ ପ୍ରାୟ ୩୬ ଲକ୍ଷ ଲିଟର ପେଟ୍ରୋଲ ଓ ୮୫ ଲକ୍ଷ ଲିଟର ଡିଜେଲ ଦରକାର। ଏଥିପାଇଁ ଡିପୋରୁ ପ୍ରତିଦିନ ୬୦୦ ଟ୍ୟାଙ୍କର ତେଲ ବିଭିନ୍ନ ପେଟ୍ରୋଲ ପମ୍ପକୁ ଆସିଥାଏ। ସାଧାରଣତଃ ରାଜ୍ୟର ପେଟ୍ରୋଲ ପମ୍ପଗୁଡ଼ିକରେ ୪ ଦିନର ଷ୍ଟକ୍ ରହିଥାଏ। ଏବେ ସୁଦ୍ଧା ପ୍ରାୟ ୪୦୦ ଟ୍ୟାଙ୍କର ଆସୁଥିବା ସୂଚନା ରହିଛି। ଆନ୍ଦୋଳନ ଜାରି ରହିଲେ ସମସ୍ୟା ଆହୁରି ବଢିଯିବ ବୋଲି ଆଶଙ୍କା କରାଯାଉଛି। ସେପଟେ ପର୍ଯ୍ୟାପ୍ତ ପରିମାଣର ପେଟ୍ରୋଲ ଡିଜେଲ ଏବଂ ଆବଶ୍ୟକ ସାମଗ୍ରୀ ମହଜୁଦ ଅଛି ବୋଲି କହିବା ସହ ଲୋକଙ୍କୁ ବ୍ୟସ୍ତ କି ଭୟଭୀତ ନହେବାକୁ ଯୋଗାଣ ମନ୍ତ୍ରୀ କହିଛନ୍ତି।

### ହଇଜାରେ ପୁଣି...

ସେମାନଙ୍କ ମୃତ୍ୟୁ ହୋଇଥିବା ସଫେଇ ଦିଆଯାଇଥିଲା। ଏପରିକି ଶିଶୁଟିର ମୃତ୍ୟୁର କାରଣ ମଧ୍ୟ ହଇଜା, ନୁହେଁ ବରଂ ବଡ଼ମୁଣ୍ଡ ଜନିତ ସଂକ୍ରମଣ ବୋଲି ବମକୋଇ ସିଏଚ୍‌ସି ସୁପରିଣ୍ଟେଣ୍ଡେଣ୍ଟ ଡା. ସୁଚିସ୍ମିତା ଚୌଧୁରୀ କହିଛନ୍ତି। ତେବେ ବର୍ତ୍ତମାନ ସୁଦ୍ଧା ଗ୍ରାମର ଗଣେଶ ଶବର (୨୨) ଏବଂ ସୁବାସୀ ଶବର (୨୦) ବ୍ରହ୍ମପୁର ଏମ୍‌କେସିଜିରେ ଚିକିତ୍ସାଧୀନ ଅଛନ୍ତି।

ଅପରପକ୍ଷରେ ପ୍ରଶାସନର କୌଣସି ପ୍ରକାର ବିଫଳତାକୁ ପ୍ରଘଟ ନକରିବାକୁ ଗ୍ରାମରେ ତାଗିଦ କରାଯିବା ସହ ପ୍ରଘଟକାରୀଙ୍କୁ ବିଭିନ୍ନ ଯୋଜନାରୁ ବାଦ ଦିଆଯିବା ଏବଂ ସାମାଜିକ ବାସନ୍ଦ ଭୟ ଦେଖାଯାଉଥିବା ଜଣେ ବାସିନ୍ଦା ତାଙ୍କର ନାମ ଗୋପନ ରଖିବା ସର୍ତ୍ତରେ ପ୍ରକାଶ କରିଛନ୍ତି। ଏଭଳି ସଙ୍ଗୀନ ଅଭିଯୋଗର ତୁରନ୍ତ ତଦନ୍ତ କରାଯିବାର ଆବଶ୍ୟକତା ମଧ୍ୟ ରହିଛି। ଦିଗପହଣ୍ଡି ବ୍ଲକର ପୂର୍ବତନ ଅଧ୍ୟକ୍ଷ ବିପିନ ଚନ୍ଦ୍ର ପ୍ରଧାନ ଏବଂ ବ୍ରହ୍ମପୁର ଏମ.ପି ପ୍ରତିନିଧି କେ. ହରିବନ୍ଧୁ ରେଡ୍ଡୀ ଉସ୍ତପଲି ଗ୍ରାମକୁ ଗସ୍ତକରି ମୃତକଙ୍କ ପରିବାରକୁ ଭେଟିବା ସହ ଗ୍ରାମର ବିଭିନ୍ନ ସମସ୍ୟା ନେଇ ଲୋକଙ୍କ ସହ ଆଲୋଚନା କରିଛନ୍ତି। ଗ୍ରାମକୁ ଉନ୍ନତ ମାନର ରାସ୍ତା ନିର୍ମାଣ ପାଇଁ ସାଂସଦଙ୍କ ହାତ ପାଣ୍ଠିରୁ ୮ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ ବୋଲି ପ୍ରତିନିଧି ଶ୍ରୀ ରେଡ୍ଡୀ କହିଛନ୍ତି।

### ଓଡ଼ିଶାରେ ୩୦୦୦...

କରିବ ତାହା ସମସ୍ୟା ପାଲଟିଛି। ପୁଲିସ ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି ଯେ ବଙ୍ଗଳା ଭାଷା କହୁଥିବା ଲୋକଙ୍କୁ ଉଠାଇ ନେଇ ପଚରାଉଚରା କରାଯାଉଛି। ସେମାନଙ୍କର ଆଧାରକାର୍ଡ ଏବଂ ଭୋଟରକାର୍ଡ ଅସଲି କି ନକଲି ତାହାର ଯାଞ୍ଚ କରାଯାଉଛି। ଯାଞ୍ଚ କରାଯିବା ପରେ ଅସଲ ହୋଇଥିବା ସ୍ପଷ୍ଟ ହେବା ପରେ ଜନ୍ମ ସାର୍ଟିଫିକେଟ ଏବଂ ଜମି ପଟ୍ଟା ମଗାଯାଉଛି। ବିଶେଷ କରି ଅଟକ ଥିବା ଅଧିକାଂଶ ଲୋକଙ୍କ ଘର ପଶ୍ଚିମବଙ୍ଗ ହୋଇଥିବା କହୁଛନ୍ତି। ତେଣୁ ତାଙ୍କ ଠାରୁ ଘରର ଠିକଣା ବୁଝାଯିବା ପରେ ପଶ୍ଚିମବଙ୍ଗର ପୁଲିସ ସହ ଯୋଗାଯୋଗ କରାଯାଉଛି। ଉକ୍ତ ବ୍ୟକ୍ତିଙ୍କ ଘର ପଶ୍ଚିମବଙ୍ଗ ନା ବାଂଲାଦେଶ, ତାହାର ଯାଞ୍ଚ କରାଯାଉଛି। ଏହାପରେ ଆଇନ୍ ଅନୁସାରେ ପଦେକ୍ଷପ ଗ୍ରହଣ କରାଯାଉଛି।

ସୂଚନାଯୋଗ୍ୟ ଯେ ବାଲେଶ୍ୱର, ଭଦ୍ରକ, କେନ୍ଦ୍ରପଡ଼ା, ଜଗତସିଂହପୁର, ପୁରୀ ଓ ଗଞ୍ଜାମ ଏହି ୬ ଜିଲ୍ଲାରେ ଅଧିକାଂଶ ବାଂଲାଦେଶୀ ରହିଥିବା ମନେକରି ପୁଲିସ ଏହି ଜିଲ୍ଲାଗୁଡ଼ିକରେ ଯାଞ୍ଚ ପ୍ରକ୍ରିୟା ଜୋରଦାର କରିଛି। ବାଂଲାଦେଶୀଙ୍କୁ ଚିହ୍ନଟ ପାଇଁ ସମସ୍ତ ଜିଲ୍ଲା ଅଧିକାରୀ, ତଟ ସୁରକ୍ଷା ବାହିନୀ ସହ ସବୁ ଏଜେନ୍ସିଙ୍କୁ ନିର୍ଦ୍ଦେଶ ଦିଆଯାଇଛି। ରାଜ୍ୟ ସରକାର ବିଧାନସଭାରେ ରଖିଥିବା ତଥ୍ୟ ଅନୁସାରେ ୧ଲକ୍ଷ ୫୭ ହଜାର ୪୩୨ଜଣ ବଂଲାଦେଶୀ ଶରଣାର୍ଥୀ ଓଡ଼ିଶାରେ ରହିଛନ୍ତି।

### ତାଲିକା ଧରି...

ମାତ୍ର ମନମୋହନ ରାଜ୍ୟ ସଭାପତି ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କର କିଛି ଅନୁଗତ ମନ୍ତ୍ରିମଣ୍ଡଳରେ ସ୍ଥାନ ପାଇବାକୁ ଆଶା ବାନ୍ଧି ବସିଛନ୍ତି। ସେହିପରି ୪ ଜଣ ସାଂସଦ ନିଜ ନିଜ ନିର୍ବାଚନମଣ୍ଡଳୀର ୪ ଜଣ ବିଧାୟକଙ୍କୁ ମନ୍ତ୍ରୀ କରିବାକୁ ଚାପ ସୃଷ୍ଟି ଏକ ବିଚିତ୍ର ପରିସ୍ଥିତି ସୃଷ୍ଟି କରିଛି। ତେଣୁ ଏ ସମ୍ପର୍କରେ ଚୂଡ଼ାନ୍ତ ନିଷ୍ପତ୍ତି ନିମନ୍ତେ ଉଭୟ ମୋହନ-ମନମୋହନ ଦିଲ୍ଲୀ ଗସ୍ତରେ ଯାଇଥିବା କୁହାଯାଉଛି।

ଉଭୟେ ଦିଲ୍ଲୀରେ ଶୀର୍ଷ ନେତୃତ୍ୱସ୍ତରୀୟ କେତେକ ନେତାଙ୍କୁ ଭେଟିବାର କାର୍ଯ୍ୟକ୍ରମ ରହିଥିବା ବେଳେ ଏଥିରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ନେଇ ଚୂଡ଼ାନ୍ତ ନିଷ୍ପତ୍ତି ନିଆଯିବ। ଏହିକ୍ରମରେ ମୁଖ୍ୟମନ୍ତ୍ରୀ ରାଷ୍ଟ୍ରୀୟ ସଂଗଠନ ମନ୍ତ୍ରୀଙ୍କୁ ଭେଟିଥିବା କୁହାଯାଉଛି। ଅପରପକ୍ଷେ ରାଜ୍ୟ ସଭାପତି ଶ୍ରୀ ସାମଲ ମଧ୍ୟ କେତେକ ନେତାଙ୍କୁ ଭେଟିଛନ୍ତି। ଶୀର୍ଷ ନେତୃତ୍ୱଙ୍କ ସ୍ୱୀକୃତି ମିଳିଗଲେ ଚଳିତ ମାସରେ କୌଣସି ଦିନ ନୂଆ ମନ୍ତ୍ରିମଣ୍ଡଳର ସଦସ୍ୟ ଶପଥ ନେବେ।

■ ରାହୁଲଙ୍କ ଗସ୍ତ କାର୍ଯ୍ୟକ୍ରମକୁ ବିଜେପିର ସମାଲୋଚନା

## 'ସମ୍ବିଧାନ ବଞ୍ଚାଅ ନୁହେଁ; କଂଗ୍ରେସ ବଞ୍ଚାଅ ସମାବେଶ'

ଭୁବନେଶ୍ୱର, ୧୧।୭(ସମିସ): ରାଜଧାନୀରେ ରାହୁଲ ଗାନ୍ଧୀଙ୍କ ସମାବେଶକୁ ରାଜ୍ୟ ବିଜେପି ସମାଲୋଚନା କରିଛି। ଶୁକ୍ରବାର ରାଜ୍ୟ ବିଜେପି କାର୍ଯ୍ୟାଳୟରେ ସାମ୍ବାଦିକ ସମ୍ମିଳନୀରେ ଦଳ ପକ୍ଷରୁ କୁହାଯାଇଛି ଯେ କଂଗ୍ରେସ ଲଗାତାର ଗଣତନ୍ତ୍ରର କଣ୍ଠରୋଧ କରିଛି। ଦେଶର ବିରୋଧୀ ଦଳ ନେତା ଓ କଂଗ୍ରେସ ଅଧ୍ୟକ୍ଷଙ୍କ କାର୍ଯ୍ୟକ୍ରମ ଆଜି ଭୁବନେଶ୍ୱରଠାରେ ଅନୁଷ୍ଠିତ ହେଉଛି। ମାତ୍ର ଏବେବି କଂଗ୍ରେସ ହତାଶା ମଧ୍ୟରେ ରହିଛି। ଏହି ଦଳ ଓଡ଼ିଶାର ସାଧାରଣ ଲୋକଙ୍କଠାରୁ ଦୂରେଇ ଯାଇଛି। ପ୍ରତି ନିର୍ବାଚନରେ ତାର ଭୋଟ ପ୍ରତିଶତ କମିବାରେ ଲାଗିଛି। ପ୍ରତିଦିନ କଂଗ୍ରେସ ସଂଗଠନର ଯେଉଁଭଳି ଭାବେ ନିମ୍ନଗାମୀ ହେଉଛି ସେଥିରୁ ଲାଗୁଛି, ଏହା ସମ୍ବିଧାନ ବଂଚାଅ ନୁହେଁ; ନିଜ ଅସ୍ତିତ୍ୱକୁ ରକ୍ଷା କରିବା ପାଇଁ କଂଗ୍ରେସ ବଂଚାଅ ସମାବେଶ। କଂଗ୍ରେସ ଗଣତନ୍ତ୍ର କଥା କହିବା, ନିଜେ କାଚ ଘର ମଧ୍ୟରେ ରହି ଅନ୍ୟକୁ ପଥର ଫୋପାଡିବା ସଦୃଶ। କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ରାଷ୍ଟ୍ରପତିଙ୍କୁ ଅପମାନିତ କରିଛନ୍ତି। ଏନେଇ ଉଭୟ ପ୍ରଥମେ ଓଡ଼ିଶା ମାଟିରେ କ୍ଷମା ମାଗନ୍ତୁ ବୋଲି ରାଜ୍ୟ ଉପସଭାପତି ବିରଞ୍ଚି ନାରାୟଣ ତ୍ରିପାଠୀ କହିଛନ୍ତି।

ଶ୍ରୀ ତିପାଠୀ କହିଛନ୍ତି ଯେ, ଏହି ଦଳରେ ଆଭ୍ୟନ୍ତରୀଣ ଗଣତନ୍ତ୍ର ନାହିଁ। ୧୯୭୫ ମସିହାରେ ଇନ୍ଦିରା ଗାନ୍ଧୀ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରି ସମ୍ବିଧାନର ହତ୍ୟା କରିଥିଲେ। ସେ ସମୟରେ ୫ଥର ସମ୍ବିଧାନ ସଂଶୋଧନ କରଯାଇଛି। ୪୨ତମ ସଂଶୋଧନରେ ବିନା ଚର୍ଚ୍ଚା ଆଲୋଚନାରେ ସମ୍ବିଧାନର ମୁଖବନ୍ଧକୁ ବି ବଦଳାଇ ଦେଇଥିଲା କଂଗ୍ରେସ। ଏସବୁ କଥାକୁ ଦେଖିଲେ ଓଡ଼ିଶାରେ କଂଗ୍ରେସ ଏକ ଅସ୍ତଗାମୀ ରାଜନୈତିକ ଦଳ ଭାବେ ପ୍ରତୀୟମାନ ହେଉଛି ବୋଲି ଶ୍ରୀ ତ୍ରିପାଠୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଏହି ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ, ରାଜେନ୍ଦ୍ର ପଣ୍ଡା ଓ ତପନ ଚାନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

## ଡ୍ରାଇଭରଙ୍କୁ ମାଡ଼ ଘଟଣାରେ ୮ ଗିରଫ

ବଲାଙ୍ଗିର,୧୧।୭(ସମିସ): ବଲାଙ୍ଗିର ଜିଲ୍ଲାରେ ଡ୍ରାଇଭରଙ୍କୁ ଡ୍ରାଇଭରଙ୍କ ମାଡ଼ ଘଟଣାରେ ୮ଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତ ଡ୍ରାଇଭରମାନେ ଗୁରୁବାର ପୁଇଁନ୍ତଲା ଥାନା ବଇରାସର ଟୋଲ ଗେଟ ନିକଟରେ ଜଣେ ଡ୍ରାଇଭରଙ୍କୁ ମାଡ଼ମାରି ଗୁରୁତର କରିଥିବା ପୁଇଁନ୍ତଲା ଥାନାରେ ଅଭିଯୋଗ ହୋଇଥିଲା। ସୂଚନା ଅନୁସାରେ ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ଥାନା ବଇରାସର ଟୋଲଗେଟ୍ ନିକଟରେ ଡ୍ରାଇଭର ସଂଘ ପକ୍ଷରୁ ଆନ୍ଦୋଳନ କରାଯାଉଥିଲା। ଗୁରୁବାର ଅପରାହ୍ନରେ ସୋନପୁର ପଟୁ ବଲାଙ୍ଗିରକୁ ଏକ ଗାଡି ଆସୁଥିବା ବେଳେ ଉକ୍ତ ଗାଡିକୁ ସଂଘର ସଦସ୍ୟମାନେ ଅଟକାଇ ଥିଲେ। ଅଟକାଇବା ପରେ ଡ୍ରାଇଭର ସହ ଯୁକ୍ତିତର୍କ କରିଥିଲେ। ଏହି ସମୟରେ କିଛି ଡ୍ରାଇଭର ମିଶି ଉକ୍ତ ଗାଡ଼ିର ଡ୍ରାଇଭର ମନୋଜ ବର୍ଗର୍ତ୍ତିଙ୍କୁ ମାଡ଼ ମାରିଥିଲେ। ସେ ଗୁରୁତର ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲେ। ଏନେଇ ସେ ପୁଇଁନ୍ତଲା ଥାନାରେ ଲିଖିତ ଅଭିଯୋଗ କରି ପରେ ପୁଲିସ ତଦନ୍ତ ଆରମ୍ଭ କରିଥିଲା। ଏହି ଘଟଣାରେ ପୁଇଁନ୍ତଲା ପୁଲିସ ମାମଲା ରୁଜୁ କରି ୮ ଜଣ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି।


**Government of Odisha**
**Office of the Superintending Engineer**
**Rural Works Division-I, Nabarangpur**
e-mail-eerwngp@redittmail.com.

O-398

Letter No. 3987 — Date 07.07.2025

**e-Procurement Notice**

| | | |
|---|---|---|
| Name of the work | :- | Building Works |
| Total No of works | :- | 02 (Two) No's. |
| Approx. Estimated Cost | :- | Rs.1.69 lakhs to 12.84Lakhs |
| Class of Contractor | :- | "C" & "D" Class Contractor |
| Period of completion | :- | 02 (Two) & 04 (Four) Calender Month |

| Procurement officer | Bid Identification No: | No of works | Availability of tender online for bidding | | Date & Time of Opening of Tender | |
|---|---|---|---|---|---|---|
| | | | From | To | Technical | Financial |
| 1 | 2 | 3 | | 4 | 6 | |
| Rural Works Division-I, Nabarangpur | EERWNGP– Online-03/2025-26 | 02 (Two) No's. | 16.07.2025 at 10.00 AM | 23.07.2025 up to 03.00 PM | 24.07.2025 at 11.00 AM | |

For Details can be seen from the Government website www.tendersorissa.gov.in

Superintending Engineer
Rural Works Division-I, Nabarangpur

OIPR-25092/11/0018/2526

## ସର୍ବସାଧାରଣ ସୂଚନା

**ଆଲିସବ୍ଲୁ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍**

ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ (ଏନଏସଇ) ର ସଦସ୍ୟ ଟିଏମ କୋଡ୍: 90112, ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ଲିମିଟେଡ୍ (ବିଏସଇ) ଟିଏମ କୋଡ୍: 6670, ମଲ୍ଟି କମୋଡିଟି ଏକ୍ସଚେଞ୍ଜ ଅଫ୍ ଇଣ୍ଡିଆ ଲିମିଟେଡ୍ (ଏମସିଏକ୍ସ) ଟିଏମ କୋଡ୍: 56710, ସେବି ରେଜିଷ୍ଟ୍ରେସନ୍ ନମ୍ବର: INZ000156038 ସହିତ।

ଏତଦ୍ୱାରା ସୂଚୀତ କରାଯାଉଛି ଯେ ଆମେ ଆମର ନିମ୍ନଲିଖିତ ପ୍ରାଧିକୃତ ବ୍ୟକ୍ତି (ଏପି) ଙ୍କ ଉପରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ପ୍ରକ୍ରିୟା ଆରମ୍ଭ କରିଛୁ।

| ପ୍ରାଧୀକୃତ ବ୍ୟକ୍ତିଙ୍କ ନାମ | ଏପିଙ୍କ ଟ୍ରେଡ୍ ନାମ | ପ୍ୟାନ୍ ନମ୍ବର | ଏପି ର ଠିକଣା | ଏପି ପଞ୍ଜୀକରଣ ନଂ. |
|---|---|---|---|---|
| କୋଲୁକୁଲୁ ରୁ ସ୍ୱର୍ଣ୍ଣଲଥା | କୋଲୁକୁଲୁ ରୁ ସ୍ୱର୍ଣ୍ଣଲଥା | RFLPS1449A | ହାଉସ୍ ନଂ. 85, ରାଜୁଲା ବିଧି ବଡ଼ ହନୁମାନ ପ୍ରତିମୂର୍ତ୍ତି, ଭିଟିସି ରାଜସୀତାପୁର, ପୋଷ୍ଟ ଆର ସୀତାପୁର, ପାରଳାଖେମୁଣ୍ଡି, ଗଜପତି, ଓଡ଼ିଶା-761211 ମୋବାଇଲ୍ ନମ୍ବର: 9390839191 ଇମେଲ୍: a1.harshavarma@gmail.com | ଏନଏସଇ ଏଫଓ ପଞ୍ଜୀକରଣ ନଂ.: AP2988011541 |

ଦୟାକରି ଧ୍ୟାନ ଦିଅନ୍ତୁ ଯେ ଉପରୋକ୍ତ ପ୍ରାଧିକୃତ ବ୍ୟକ୍ତି (ଏପି) ଏହା ଲକ୍ଷ୍ୟ କରିଛନ୍ତି ଯେ ଏପି ଭାରତୀୟ ପ୍ରତିଭୂତି ଏବଂ ବିନିମୟ ବୋର୍ଡ (ସେବି) ଠାରୁ ଆବଶ୍ୟକୀୟ ପଞ୍ଜିକରଣ ନ ନେଇ ଗ୍ରାହକମାନଙ୍କୁ ପରାମର୍ଶଦାତା କଲ୍ ଏବଂ ନିବେଶ ଟିପ୍ସ ପ୍ରଦାନ ଭଳି ପ୍ରଲୋଭିତ କାର୍ଯ୍ୟକଳାପରେ ଜଡିତ। ଏହା ନିୟାମକ ମାନଦଣ୍ଡ ଏବଂ ଆମର କମ୍ପାନୀ ନୀତିର ଉଲ୍ଲଂଘନ। ଫଳସ୍ୱରୂପ, ଆମେ ଉକ୍ତ ଏପିଙ୍କ ସହିତ ଆମର ସମ୍ପର୍କ ସମାପ୍ତ କରିଛୁ। ବର୍ତ୍ତମାନଠାରୁ ଉପରୋକ୍ତ ଏପିଙ୍କ ସହିତ କାର୍ଯ୍ୟ କରୁଥିବା ଯେକୌଣସି ବ୍ୟକ୍ତି ନିଜ ବିପଦରେ ଏହା କରିବେ।

ତାଙ୍କ ସହିତ କୌଣସି ପ୍ରକାରର କାରବାର ପାଇଁ ଆଲିସବ୍ଲୁ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ ଦାୟୀ ରହିବ ନାହିଁ।

କୌଣସି ପ୍ରଶ୍ନର ଉତ୍ତର ପାଇଁ, ନିବେଶକମାନଙ୍କୁ ଏହି ନୋଟିସ୍ ତାରିଖରୁ 07 ଦିନ ମଧ୍ୟରେ ଆଲିସବ୍ଲୁ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍ କୁ ଇମେଲ ଆଇଡି: grievances@aliceblueindia.com ରେ ଜଣାଇବାକୁ ଅନୁରୋଧ କରାଯାଉଛି।

ଆଲିସବ୍ଲୁ ଫାଇନାନ୍ସିଆଲ୍ ସର୍ଭିସେସ୍ ପ୍ରାଇଭେଟ୍ ଲିମିଟେଡ୍‌ଙ୍କ ପାଇଁ
ଆର ସରଭାନନ୍
– ଅନୁପାଳନ ଅଧିକାରୀ

ସ୍ଥାନ: ବାଙ୍ଗାଲୋର
ତାରିଖ: 12-07-2025

**AFFIDAVIT**

I, Sapan Kumar Mohanty, aged about 61 years, S/o- Atul Mohanty, resident of At- Chhotakhanpur, Po- Badhapal, Ps- Baliapal, Dist- Balasore, Odisha, Pin- 756026 declare by this affidavit No. 1342, dtd. 10/07/2025, that now onwards I shall be known as **SAPAN MOHANTY** for all future purposes.

**AFFIDAVIT**

I, Shaik Abdus Salam, aged about 67 years, S/o- Shaik Karimulla, resident of At- Mojib Nagar, PO- Guji Darada, PS- Bhadrak Rural, Dist- Bhadrak, PIN- 756128, Odisha declared by this affidavit No. 1144, dtd- 11/07/2025 that now onwards I shall be known as **SK ABDUS SALAM** for all future purposes.

CAD-1081

**NOTICE INVITING TENDER**
**Office of Chief CSO/ CSO-cum-District Managers Odisha State Civil Supplies Corporation Ltd.**
**District BARGARH**

Tender No. for Level-II Transport Contractor for the Block/ULB & Level-I TC for biennial 2025-27:

1. Attabira Block/NAC-2895/09.07.2025
2. Bheden Block-2900/09.07.2025
3. Ambabhona Block-2894/09.07.2025
4. Bargarh Block-2896/09.07.2025
5. Barpali Block/NAC-2898/09.07.2025
6. Bhatli Block-2899/09.07.2025
7. Bijepur Block/NAC-2901/09.07.2025
8. Bargarh Municipality-2897/09.07.2025
9. Gaisilet Block-2902/09.07.2025
10. Jharbandh Block -2903/09.07.2025
11. Rajborasambar Block & Padampur-NAC -2905/09.07.2025
12. Sohela Block-2906/09.07.2025
13. Paikmal Block -2904/09.07.2025
14. Level-I TC-2893/09.07.2025

District Manager, Odisha State Civil Supplies Corporation Ltd., Bargarh invites tender in Double Cover System through **ONLINE MODE ONLY on e-procurement portal** www.tendersodisha.gov.in for the works below.

| | | |
|---|---|---|
| 1 | Name of the Work | Selection and Appointment of **Level-II** Transport Contractors for selection and appointment of Level-II contractor for transportation of Custom Milled Rice (CMR) from Rice Receiving Centre (RRC) to Retail Centre (FPS) and **Level-I** for transportation of Wheat from FCI to RRC-cum-DSCs in Bargarh District for biennial 2025-27. |
| 2 | Availability of tender documents in the portal | **From Dt. 11.07.2025** |
| 3 | Last date & time for receipt of complete Tender Documents in the portal | **Dt.31.07.2025 Up to 3:00 PM** |
| 4 | Date & time for opening of Technical Bid | **Dt.01.08.2025 at 10:00 AM for Level-II Transport Contractors. Dt.01.08.2025 at 11:30 AM for Level-I Transport Contractor.** |
| 5 | Name & address of the Officer Inviting Tender | **District Manager, OSCSC Ltd., Bargarh** |

Tender Documents & other details can be seen from the e-procurement portal www.oscsc.in, www.foododisha.in, www.tendersodisha.gov.in and www.bargarh.nic.in. Amendments /corrigendum/cancellation/re-tenders etc. if any shall be published only in above websites.

Chief CSO-cum-District Manager
OSCSC Ltd., Bargarh

OIPR-07036/11/0008/2526

**ୟୁକୋ ବ୍ୟାଙ୍କ** — ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ — **ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୫.୦୭.୨୦୨୫ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡିକ **ତା.୨୮.୦୭.୨୦୨୫ରିଖ ମଧ୍ୟାହ୍ନ ୧୨.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମ୍‌ରେ) |
|---|---|---|---|
| | **ରସୁଲଗଡ ଶାଖା, ପ୍ଲଟ୍ ନଂ.: ୩୧୮/୧୨୯୪, ଜିଜିପି କଲୋନୀ, ୟୁନିଟ୍-୩୭, ରସୁଲଗଡ, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ମାନସ ପତି, ମୋ.: ୯୦୪୦୬୧୪୯୮୦** | | |
| ୧. | **ନର୍ମଦା ପରିଡା,** ସା: ପ୍ଲଟ୍ ନଂ.: ୭୫୭, ଜିଜିପି କଲୋନୀ, ପୋଷ୍ଟ ଅଫିସ୍ ନିକଟ, ରସୁଲଗଡ, ଭୁବନେଶ୍ୱର-୭୫୧୦୨୫ / **୩୨୬୦୦୬୧୦୦୨୭୩୪୯** | ଟ.୧,୦୧,୦୦୦/- + ସୁଧ ଏବଂ ଦେୟ | ୩୩.୭୨ |
| | **ଚନ୍ଦ୍ରଶେଖରପୁର ଶାଖା, ପ୍ଲଟ୍ ନଂ.: ୨୬୨, ଡିଷ୍ଟ୍ରିକ୍ଟ ସେଣ୍ଟର, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ସନ୍ତୋଷ ସାହାଣୀ, ମୋ.: ୯୬୯୨୭୭୪୪୮୩** | | |
| ୧. | **ସଂଘମିତ୍ରା ଦାସ,** ସା: ଏଚ୍‌ଆଇଜି-୧/୧୨, ବିଡିଏ କଲୋନୀ, ଚନ୍ଦ୍ରଶେଖରପୁର, ଭୁବନେଶ୍ୱର-୭୫୧୦୧୬ / **୨୫୪୩୦୬୧୦୦୧୯୪୨୯** | ଟ.୧,୬୭,୦୦୦/- + ସୁଧ ଏବଂ ଦେୟ | ୪୭.୪୦ |
| ୨. | **ସେକ୍ ଅକିଲ୍ ଫାଜା କାଦିର,** ପିତା: ସେକ୍ ଲୋକମନ କାଦିର, କ୍ୱାର୍ଟର ନଂ.: ୨ଆର୍-୨/୧, ୟୁନିଟ୍-୨, ଆଇ.ଜି.ପାର୍କ ନିକଟ, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯ / **୨୫୪୩୦୬୧୦୦୨୨୩୯୯** | ଟ.୩୮,୨୮୩/- + ସୁଧ ଏବଂ ଦେୟ | ୧୨.୪୦ |
| ୩. | **ପ୍ରଦୀପ କୁମାର ମିଶ୍ର,** ସା: ପ୍ଲଟ୍ ନଂ.: ୩୨୧/୨୫୭୧/୨୫୮୬, ଏନ୍‌ଏଚ୍-୫ ନିକଟ, ପାତ୍ରପଡା, ଖଣ୍ଡଗିରି, ଭୁବନେଶ୍ୱର / **୨୫୪୩୦୬୧୦୦୨୪୪୩୦** | ଟ.୧,୦୮,୦୩୪/- + ସୁଧ ଏବଂ ଦେୟ | ୨୭.୨୦ |
| | **ଦଳାଇସାହି ଶାଖା, ସା: ଦଳାଇସାହି, ପୋ: ମାଣିକ ଗୋଡା, ଭାୟା: ବୋଲଗଡ, ଖୋର୍ଦ୍ଧା - ୭୫୨୦୬୬, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ବିଶ୍ୱଜିତ୍ ସାହାଣୀ, ମୋ.: ୯୦୪୦୭୦୧୧୭୭** | | |
| ୧. | **ଦିପକ କୁମାର ମହାରଣା,** ସା: ହାଟ ସାହି, ପୋ: ମାଣିକ ଗୋଡା, ଖୋର୍ଦ୍ଧା-୭୫୨୦୬୬ / **୩୨୭୬୦୬୧୦୦୧୯୨୩୮** | ଟ.୨,୦୫,୦୦୦/- + ସୁଧ ଏବଂ ଦେୟ | ୭୦.୪୦ |
| ୨. | **ଅଶୋକ କୁମାର ବେହେରା,** ସା: କୁମୁଟି ସାହି, ପୋ: ମାଣିକ ଗୋଡା, ଖୋର୍ଦ୍ଧା-୭୫୨୦୬୬ / **୩୨୭୬୦୬୧୦୦୧୭୨୭୨** | ଟ.୧,୭୩,୦୦୦/- + ସୁଧ ଏବଂ ଦେୟ | ୬୪.୩୦ |
| | **ଡେଲାଙ୍ଗ ଶାଖା, ସା/ପୋ: ଡେଲାଙ୍ଗ, ଜିଲ୍ଲା: ପୁରୀ, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ପୀତବାସ ସାମନ୍ତରାୟ, ମୋ.: ୯୬୯୨୭୮୪୨୬୦** | | |
| ୧. | **ପୂର୍ଣ୍ଣ ଚନ୍ଦ୍ର ପଲାଇ,** ପିତା: ସୁଦର୍ଶନ ପଲାଇ, ସା: ଜଗଦଳପୁର, ପୋ/ଥାନା: ଡେଲାଙ୍ଗ, ଜିଲ୍ଲା: ପୁରୀ / **୦୮୪୩୦୬୧୦୦୩୫୬୭୨** | ଟ.୬୬,୫୭୪/- + ସୁଧ ଏବଂ ଦେୟ | ୧୫.୪୦ |
| | **ଏମ୍‌ସ ସିଜୁଆ ଶାଖା, ଏନ୍‌ଏଚ୍-୫, ସା/ପୋ: ପାତ୍ରପଡା, ଖୋର୍ଦ୍ଧା, ଓଡିଶା, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀମତୀ ଦେବସ୍ମିତା ବେହେରା, ମୋ.: ୭୭୩୫୧୪୦୬୫୦** | | |
| ୧. | **ପ୍ରଦୀପ କୁମାର ମିଶ୍ର,** ସା: ପ୍ଲଟ୍ ନଂ.: ୩୨୧/୨୫୭୧/୨୫୮୬, ଏନ୍‌ଏଚ୍-୫ ନିକଟ, ପାତ୍ରପଡା, ଖଣ୍ଡଗିରି, ଭୁବନେଶ୍ୱର / **୩୧୮୪୦୬୧୦୦୨୯୨୧୩** | ଟ.୨,୬୭,୭୩୧/- + ସୁଧ ଏବଂ ଦେୟ | ୬୬.୬୦ |

**ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:**

୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରଗୁଡିକର ଯାଞ୍ଚ କରିପାରିବେ।
**୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।**
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି **୨୪ ଘଣ୍ଟା** ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପୈଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ **୩୦** ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ।

**ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।**

ସ୍ଥାନ: ଭୁବନେଶ୍ୱର — କ୍ଷମତାପ୍ରାପ୍ତ ଅଧିକାରୀ
ତାରିଖ: ୧୧.୦୭.୨୦୨୫ — ୟୁକୋ ବ୍ୟାଙ୍କ

**AFFIDAVIT**

I, Srikant Mallick, aged about 51 years, S/o- Maheswar Mallick, resident of At- Plot No. 125/3030, Ekamra Vihar, Ebranga, PO- Old Town, PS- Air Field, Bhubaneswar, Dist- Khordha, PIN- 751002, Odisha declared by this affidavit No. 1145, dtd- 11/07/2025 that now onwards I shall be known as **SRIKANTA MALLICK** for all future purposes.

**AFFIDAVIT**

By virtue of an affidavit sworn before the court of Executive Magistrate, Danagadi dtd. 26.06.2025, I, Srikrishna Jena, At- Godigotha, Po.: Ollala, Ps- Jajpur Road, Jajpur, Odisha have changed my name from Krishna Jena to Srikrishna Jena. I shall be known as **Srikrishna Jena** for all the purposes.

**AFFIDAVIT**

I, Abani Kumar Misra, S/o- Raghunath Misra resident of At- Flat No - E71, Cosmopolish, Dumuduma,PS: Khandagiri, Bhubaneswar,Dist- Khordha, Pin- 751019, Odisha declare by this affidavit No Vol-II, SL No - 571, dtd. 10.07.2025 that now onwards my daughter **AADHITRRI** shall be known as **AADHITRRI MISHRA** for all future purposes.
Sd- Abani Kumar Misra

**AFFIDAVIT**

I, Abani Raghunath Mishra, S/o- Raghunath Misra resident of At- Flat No - E71, Cosmopolish, Dumuduma,PS: Khandagiri, Bhubaneswar, Dist- Khordha, Pin- 751019, Odisha declare by this affidavit No Vol-II, SL No - 572, dtd. 10.07.2025 that now onwards I shall be known as **ABANI KUMAR MISRA** for all future purposes.
Sd- Abani Kumar Misra

**AFFIDAVIT**

By virtue of an affidavit No.1858, dtd.11.07.2025 before the Executive Magistrate, Phulbani, I, Abhiram Digal, S/o Keti Digal, At-Malla, PO: Sadinga, PS: Phiringia, Dist: Kandhamal, Odisha-762011 have changed my name from Abraham Digal to Abhiram Digal. Henceforth, I shall be known as **Abhiram Digal** for all purposes.
Sd/-Abhiram Digal

**AFFIDAVIT**

By virtue of an affidavit sworn before Executive Magistrate, Bhubaneswar, dated 11.07.2025, I, NIRMALA MOHANTY, W/o. Purna Chandra Mohanty, Permanent resident At-Daruthenga, PS-Chandaka, Dist-Khurda, Pin-754005, Odisha, declare that I have changed my name from NIRMALA DEI to NIRMALA MOHANTY. Henceforth, I shall be known as **NIRMALA MOHANTY** for all purposes.
NIRMALA MOHANTY

**AFFIDAVIT**

I, Sonia Abani Mishra, W/o- Abani Kumar Misra resident of At- Flat No - E71,Cosmopolish, Dumuduma,PS: Khandagiri, Bhubaneswar, Dist- Khordha, Pin- 751019, Odisha declare by this affidavit No Vol-II, SL No - 573, dtd. 10.07.2025 that now onwards I shall be known as **SONIA MISHRA** for all future purposes.
Sd- Sonia Mishra

**AFFIDAVIT**

I, C.C. Muhanty, aged about 90 years, S/o- Late Banchhanidhi Mohanty, resident of Vill/PO- Kandasar, PS- Nalconagar, Dist- Angul, PIN- 759145, Odisha declared by this affidavit No. 601, dtd- 11/07/2025 that now onwards I shall be known as **CHAITANYA CHARAN MOHANTY** for all future purposes.

**AFFIDAVIT**

I, Om Prakash Mundra, aged about 79 years, S/o- Late Chhaganmal Mundra, resident of Aditi Chanda Royal, Flat No. 301 & 302, Plot No. 1266/2308, Govind Prasad, Rasulgarh, Bhubaneswar, PIN-751010, Odisha declared by this affidavit No. 95/2025, dtd- 07/05/2025 that now onwards I shall be known as **OM PRAKASH MAHESHWARI** for all future purposes.





## ବଡ଼ ମେଡିକାଲରେ ଯକୃତ ପ୍ରତିରୋପଣ ବନ୍ଦ

# 'ମିଛ କହୁଛନ୍ତି ଏସ୍‌ସିବି କର୍ତ୍ତୃପକ୍ଷ'

- **ସ୍ୱାସ୍ଥ୍ୟ ବିଭାଗ ଉପରେ ବର୍ଷିଲେ ଏଆଇଜି ଅଧିକାରୀ**
- **ଦୋଷ ଲୁଚାଉଛନ୍ତି, ରୋଗୀଙ୍କୁ ମରଣମୁହଁକୁ ଠେଲୁଛନ୍ତି**

କଟକ,୧୧।୭(ସମିସ): ଏସ୍‌ସିବି ମେଡିକାଲରେ ଯକୃତ ପ୍ରତିରୋପଣ ବନ୍ଦ ରହିବା ଘଟଣାକୁ ନେଇ ଡିଏମଇଟିଙ୍କ କାର୍ଯ୍ୟାଳୟ ପକ୍ଷରୁ ତନାଘନା ଆରମ୍ଭ ହେଲାଣି। ଯକୃତ ପ୍ରତିରୋପଣ ୟୁନିଟରୁ ମେସିନ ଅନ୍ୟ ବିଭାଗକୁ ସ୍ଥାନାନ୍ତର କରାଯିବା ପ୍ରସଙ୍ଗରେ ମଧ୍ୟ ପଚରାଉଚରା ହୋଇଛି। ତେବେ ପ୍ରତିରୋପଣ ବନ୍ଦ ରହିବା ପଛରେ ହାଇଦ୍ରାବାଦର ଏସିଆନ ଇନିଷ୍ଟିଚ୍ୟୁଟ ଅଫ ଗ୍ୟାଷ୍ଟ୍ରୋଏଣ୍ଟେରୋଲୋଜି ତଥା ଏଆଇଜି ଉପରେ ଏସ୍‌ସିବି କର୍ତ୍ତୃପକ୍ଷ ଦୋଷ ଲଦୁଛନ୍ତି। ଏଆଇଜି ଅଧିକାରୀଙ୍କ ସହଯୋଗ ନମିଳିବାରୁ ପ୍ରତିରୋପଣ ଆଗେଇ ପାରୁନି ବୋଲି ମତ ଦେଉଛନ୍ତି। ଏହି ପ୍ରସଙ୍ଗରେ ଏଆଇଜିର ଜଣେ ବରିଷ୍ଠ ପଦାଧିକାରୀ ଉଦ୍‌ବେଗ ପ୍ରକାଶ କରିବା ସହିତ ଏସସିବି କର୍ତ୍ତୃପକ୍ଷ ମିଛୁଆ, ସେମାନଙ୍କ ନିକଟରେ ଆନ୍ତରିକତା ନାହିଁ, ସ୍ୱାସ୍ଥ୍ୟବିଭାଗକୁ ଭୁଆଁ ବୁଲାଉଛନ୍ତି ଏବଂ ରୋଗୀଙ୍କୁ ମରଣମୁହଁକୁ ଠେଲି ଦେଇ ନିଜ ଦୋଷ ଘୋଡାଉଛନ୍ତି ବୋଲି କ୍ଷୋଭର ସହ କହିଛନ୍ତି। ଏପରିକି ଏଭଳି ଅବ୍ୟବସ୍ଥାକୁ ନେଇ ସେ ରାଜ୍ୟ ସରକାର ଏବଂ ସ୍ୱାସ୍ଥ୍ୟ ବିଭାଗ ଉପରେ ବର୍ଷିଛନ୍ତି।

ଏଆଇଜି ଅଧିକାରୀଙ୍କ କହିବା ଅନୁସାରେ, ବଡ ମେଡିକାଲରେ ଯକୃତ ପ୍ରତିରୋପଣ ବନ୍ଦ ହେବା ପଛରେ ସେଠାକାର କେତେକ ବରିଷ୍ଠ ଡାକ୍ତର ଓ ପ୍ରଶାସନିକ ଦୁର୍ବଳତା ହିଁ ଦାୟୀ। ଦେଶର ବିଭିନ୍ନ ସ୍ଥାନରେ ଏଆଇଜି ଯକୃତ ପ୍ରତିରୋପଣ କରୁଛି। ଏସ୍‌ସିବିରେ ପ୍ରତିରୋପଣ କରାଇବା କ୍ଷେତ୍ରରେ ଦ୍ୱିଧା ନାହିଁ। ମାତ୍ର ସେମାନଙ୍କ ପାଖରେ ପ୍ରକୃତ ଆନ୍ତରିକତା ନାହିଁ। କର୍ତ୍ତୃପକ୍ଷଙ୍କ କାର୍ଯ୍ୟକଳାପ ଲୋକଦେଖାଣିଆ। ଏପ୍ରିଲ ଓ ସେପ୍ଟେମ୍ବରରେ ଯେଉଁ ଦୁଇଥର ଯକୃତ ପ୍ରତିରୋପଣ କରାଯାଇଥିଲା ସେତେବେଳେ ଏଆଇଜି ତରଫରୁ ବିଶେଷ ଉଦ୍ୟମ ହୋଇଥିଲା। ଗତ ୩ ମାସ ଭିତରେ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ୫ଜଣଙ୍କ ଯକୃତ ପ୍ରତିରୋପଣ ହୋଇଛି। ଏଥିରେ ଏଆଇଜି ପୂର୍ଣ୍ଣ ସହଯୋଗ କରିଛି। ଏସ୍‌ସିବିରେ ପ୍ରତିରୋପଣ କରାଇବାରେ ଏଆଇଜିର କୌଣସି ବି ସମସ୍ୟା ନାହିଁ ବୋଲି ଅଧିକାରୀଜଣକ କହିଛନ୍ତି। ଯକୃତ ପ୍ରତିରୋପଣ ବନ୍ଦ ହେବା ପଛରେ ସେ ସ୍ୱାସ୍ଥ୍ୟ ବିଭାଗର ଜନୈକ ବରିଷ୍ଠ ଅଧିକାରୀଙ୍କୁ ମଧ୍ୟ ଟାର୍ଗେଟ କରିଥିଲେ। ପ୍ରତିରୋପଣ ୟୁନିଟକୁ ଅଚଳ କରିବା ଦିଗରେ ବଡ ମେଡିକାଲ ଏବଂ ସ୍ୱାସ୍ଥ୍ୟ ବିଭାଗର କେତେକ ପଦାଧିକାରୀଙ୍କ ସମ୍ପୃକ୍ତି ଥିବା ସେ କହିଥିଲେ। ରାଜ୍ୟ ସରକାର ଏ ଦିଗରେ ଦୃଷ୍ଟି ଦେବାର ସମୟ ଆସିଛି। ନଚେତ୍ ୟୁନିଟ ସବୁଦିନ ପାଇଁ ବନ୍ଦ ହୋଇଯିବ ବୋଲି ସେ ମତ ଦେଇଥିଲେ।

ପ୍ରକାଶଯୋଗ୍ୟ, ଏଆଇଜି ଅଧିକାରୀମାନଙ୍କୁ ଏସ୍‌ସିବିରେ ଅସହଯୋଗ କରାଯିବା ଖବର ମଧ୍ୟ କ୍ରମଶଃ ସାମ୍ନାକୁ ଆସିଛି। କିଛି ମାସ ପୂର୍ବେ ଏଆଇଜିର ଜନୈକ ଅଧିକାରୀ ଯକୃତ ରୋଗୀଙ୍କ ସଂକ୍ରାନ୍ତରେ ଆଲୋଚନା କରିବାକୁ ବଡ ମେଡିକାଲ ଆସିଥିଲେ। ସେଦିନ ଶନିବାର ଥିଲା। ହେଲେ ଭେଟିହେବ ନାହିଁ ବୋଲି କହିବା ସହ କିଛି ଦିନ ପରେ ଆସିବାକୁ କହି ଜଣେ ବରିଷ୍ଠ ଡାକ୍ତର ତାଙ୍କୁ ଫେରାଇ ଦେଇଥିଲେ। ଏପରିକି ପ୍ରତିରୋପଣ ନିମନ୍ତେ କେତେକ ଉପକରଣ କ୍ରୟ କରିବାକୁ ଏଆଇଜି ପକ୍ଷରୁ ଗତବର୍ଷ ପ୍ରସ୍ତାବ ଦିଆଯାଇଥିଲା। ଉକ୍ତ ଉପକରଣ କ୍ରୟ ନିମନ୍ତେ ରାଜ୍ୟ ସରକାର ଅର୍ଥ ଯୋଗାଇ ଦେଇଛନ୍ତି। ଏଆଇଜିର ପରାମର୍ଶ ସତ୍ତ୍ୱେ ଏସ୍‌ସିବି ପକ୍ଷରୁ ଆବଶ୍ୟକ ଉପକରଣଗୁଡିକ ଅଣାଯାଉନାହିଁ।

## ବୃଦ୍ଧା ମା'କୁ କାନ୍ଧରେ ଧରି ପାଣି ଢାଳିବାକୁ ଗଲେ ପୁଅ

କଟକ,୧୧।୭(ସମିସ): ଶ୍ରାବଣ'ର ପ୍ରଥମ ସୋମବାର ପାଇଁ କଟକ ସହରରେ ଦେଖିବାକୁ ମିଳିଛି ବୁଢ଼ୀ ମା' ଏବଂ ପୁଅ ମଧ୍ୟରେ ଥିବା ଅନାବିଳ ଭଲ ପାଇବାର ଶାଶ୍ୱତ ଉଦାହରଣ। ସ୍ନେହ ଓ ମମତା'ର ମୂଳକରେ ବନ୍ଧା ପୁଅ ତା' କାନ୍ଧରେ ଭାର କରି ବୁଢ଼ୀ ମା'କୁ ବସାଇ ପୁରୀ ଲୋକନାଥ ମନ୍ଦିରକୁ ନେଇ ବାହାରିଛି। ରୌପ୍ୟନଗରୀ ରାସ୍ତାରେ ପିତାମାତାଙ୍କ ପ୍ରତି ନିବିଡ ଅନୁରକ୍ତି ଝଲସି ଉଠିଛି। ଯେମିତି ଶ୍ରବଣଙ୍କ ପିତା ମାତା ଋଷି ଥିଲେ ଓ ଆଶ୍ରମ କରି ରହୁଥିଲେ। ତାଙ୍କର ନାମ ଶାନ୍ତନୁ ଓ ଜ୍ଞାନବତୀ ରହିଥିଲା ଏବଂ ଥରେ ସେମାନେ ତାଙ୍କ ପୁତ୍ରକୁ କହିଲେ ଯେ, ସେମାନେ ଅତ୍ୟନ୍ତ ବୃଦ୍ଧାବସ୍ଥାକୁ ଆସିଯାଇଥିବାରୁ ଥରେ ତୀର୍ଥ ଯାତ୍ରାରେ ଯିବାକୁ ଇଚ୍ଛୁକ। ସେମାନେ ଭାରତବର୍ଷର ୪୦ଟି ତୀର୍ଥସ୍ଥଳୀ ଦେଖିବାକୁ ଇଚ୍ଛା କରିଥିଲେ। ହିନ୍ଦୁ ଧର୍ମରେ ବିଶ୍ୱାସ ଥାଏ ଯେ ବାର୍ଦ୍ଧକ୍ୟ ଅବସ୍ଥାରେ ତୀର୍ଥସ୍ଥଳୀ ଗଲେ ଆତ୍ମାକୁ ଶାନ୍ତି ମିଳିଥାଏ। ସେ ସମୟରେ ଯାତାୟତ ବ୍ୟବସ୍ଥା ବିରଳ ଓ ବହୁ ଖର୍ଚ୍ଚ ବିଶିଷ୍ଟ ଥିଲା। ତେଣୁ ପିତୃ-ମାତୃ ଭକ୍ତ ଶ୍ରବଣ ୨ଟି ଝୁଡିରେ ସେମାନଙ୍କୁ ବସେଇ ବାଉଁଶ ଭାର ସାହାଯ୍ୟରେ ବୋହି ସେମାନଙ୍କୁ ସବୁ ତୀର୍ଥ ବୁଲେଇଥିଲେ। ଆଜି ଠିକ୍ ସେମିତି ପୁରୀ ଜିଲ୍ଲା ଅନ୍ତର୍ଗତ ତେଇଶପୁର ଅଞ୍ଚଳର ବୃଦ୍ଧା ମା'କୁ ଝୁଡ଼ି ଦ୍ୱାରା କାନ୍ଧରେ ବସାଇ ପୁଅ ଅର୍ଜୁନ ସ୍ୱାଇଁ ଗଡ଼ଗଡିଆରୁ ପାଣି ଭାର ନେଇ ପ୍ରଭୁ ଲୋକନାଥ ଅଭିମୁଖେ ବାହାରିଛନ୍ତି। ସାଙ୍ଗରେ ବନ୍ଧୁ ସତ୍ୟବାନ ପ୍ରଧାନ ଏବଂ ଅର୍ଜୁନଙ୍କ ପତ୍ନୀ ମାମିନା ସ୍ୱାଇଁ ସାଙ୍ଗରେ ଯାଉଛନ୍ତି। ଏହି ଶ୍ରାବଣ'ର ଶ୍ରବଣଙ୍କୁ ଦେଖିବାକୁ ରାସ୍ତା କଡରେ ପ୍ରବଳ ଗହଳି ଦେଖିବାକୁ ମିଳିଥିଲା।

## ୧୬ରୁ ସାହାଣୀ କପ୍: ଭାଗନେବେ ୩୩ ଦଳ

ଭୁବନେଶ୍ୱର, ୧୧।୭ (ସମିସ): ସିନିଅର ପୁରୁଷ ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଚାମ୍ପିଅନସିପ୍‌ର ୬୪ତମ ସଂସ୍କରଣ ଜୁଲାଇ ୧୬ରୁ ଆରମ୍ଭ ହେବ। ଫୁଟ୍‌ବଲ ଆସୋସିଏସନ ଅଫ୍ ଓଡ଼ିଶା (ଫାଓ) ଓ ରାଜ୍ୟ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ଆୟୋଜିତ ହେବାକୁ ଥିବା ଏହି ସମ୍ମାନଜନକ ପ୍ରତିଯୋଗିତାରେ ରାଜ୍ୟର ୩୦ ଜିଲ୍ଲା ଦଳ ସହ ରାଉରକେଲା ଷ୍ଟିଲ୍ ପ୍ଲାଣ୍ଟ (ଆର୍‌ଏସ୍‌ପି), ପାରଦୀପ୍ ପୋର୍ଟ ଟ୍ରଷ୍ଟ ଓ ଭୁବନେଶ୍ୱର ଦଳ ଅଂଶଗ୍ରହଣ କରିବେ। ୪ଟି ଜୋନ୍ କେନ୍ଦୁଝର, କେନ୍ଦ୍ରାପଡ଼ା, ବୌଦ୍ଧ ଓ ବ୍ରହ୍ମପୁରରେ ମ୍ୟାଚ୍ ଖେଳାଯିବ।

**● ଜାତୀୟ ଜୁନିଅର୍ ରଗ୍‌ବୀ ଆଜିଠୁ**

## ଟାଇଟଲ୍ ବଜାୟ ଲକ୍ଷ୍ୟରେ ଓଡ଼ିଶା ବାଳକ

ଭୁବନେଶ୍ୱର, ୧୧।୭ (ସମିସ): ଜାତୀୟ ଜୁନିଅର୍ ରଗବୀ-୭ ଚାମ୍ପିଅନସିପ୍ ଶନିବାରଠାରୁ ଉତ୍ତରାଖଣ୍ଡରେ ଆରମ୍ଭ ହେବାକୁ ଯାଉଛି। ଏଥିରେ ୧୨ ଜଣିଆ ଓଡ଼ିଶା ଦଳ ଅଂଶଗ୍ରହଣ କରିବ। ଗ୍ରୁପ୍-ଏ'ରେ ଡିଫେଣ୍ଡିଂ ଚାମ୍ପିଅନ ଓଡ଼ିଶା ସହ ଆସାମ ଓ ତାମିଲନାଡୁ ସ୍ଥାନ ପାଇଛନ୍ତି। ଉଦ୍‌ଘାଟନୀ ଦିବସରେ ତାମିଲନାଡୁ ବିପକ୍ଷରେ ଖେଳି ଓଡ଼ିଶା ଅଭିଯାନ ଆରମ୍ଭ କରିବ। ଗତ ସଂସ୍କରଣରେ ଚାମ୍ପିଅନ ହୋଇଥିବା ଓଡ଼ିଶା ଦଳ ଏଥର ଟାଇଟଲ୍ ବଜାୟ ରଖିବା ଲକ୍ଷ୍ୟରେ ରହିଛି। ଧୀରେନ କୁମାର ରାଉତ ପ୍ରଶିକ୍ଷକ, ମୁନା ମୁର୍ମୁ ମ୍ୟାନେଜର ଏବଂ ଅର୍ଜୁନ ସିଂ ଫିଜିଓ ଭାବେ ଦଳ ସହ ଗସ୍ତ କରିଛନ୍ତି। ଉଲ୍ଲେଖଯୋଗ୍ୟ, ନିକଟରେ ବାଳିକା ଦଳ ଏହି ପ୍ରତିଯୋଗିତାରେ ରନର୍ସଅପ୍ ହୋଇଥିଲା।

ଓଡ଼ିଶା ବାଳକ ଦଳ: ବିଦ୍ୟାଧର ମାଝୀ, ଚରଣ ହେମ୍ବ୍ରମ, ରାହୁଲ ମାଝୀ, ଚିନ୍ମୟ କୁମାର ନାୟକ, ସୂରଜ କୁମାର ଦୋରା, ଈଶ୍ୱର ପୂଜାରୀ, ମଣ୍ଟୁ ଟୁଡୁ, ସାଇବା ସୋରେନ, ଭରତ କିଶାନ, ଆତ୍ମା ମୁର୍ମୁ, ସୁବାଷ ହାଁସଦା, ଶୁଭପତି ନାୟକ।

## ସଂସ୍କୃତି ବିଶ୍ୱବିଦ୍ୟାଳୟରେ ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀ

ଭୁବନେଶ୍ୱର, ୧୧।୭(ସମିସ): ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟରେ ଗୁରୁପୂର୍ଣ୍ଣିମା ଅବସରରେ ମହର୍ଷି ବ୍ୟାସଦେବଙ୍କ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ ଏହି ସମାରୋହକୁ ଉଦ୍‌ଘାଟନ କରି ମହର୍ଷି ବ୍ୟାସଦେବଙ୍କୁ ଭାରତୀୟ ଐତିହ୍ୟ ଓ ସଂସ୍କୃତିର ଏକ ମହାନ୍ ବ୍ୟକ୍ତିତ୍ୱ ଭାବେ ଅଭିହିତ କରିଥିଲେ। ଡ. ଅଜୟ କୁମାର



ବିଶ୍ୱାଳ, ଡ. ଲକ୍ଷ୍ମଣ କୁମାର ସାହୁ ଓ ଡ. ଜ୍ଞାନରଞ୍ଜନ ପଣ୍ଡା ଯୋଗଦେଇ ବ୍ୟାସଦେବଙ୍କ ସମ୍ପର୍କରେ ଆଲୋଚନା କରିଥିଲେ। ସହକାରୀ ପ୍ରଫେସର ଡ. ଆଶିଷ ମହାପାତ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବା ବେଳେ ସ୍ନାତକୋତ୍ତର ବିଭାଗ ମୁଖ୍ୟ ଡ. ଚକ୍ରଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ଡ. ଇତିଶ୍ରୀ ସାହୁଙ୍କ ନିର୍ଦ୍ଦେଶନାରେ ହିନ୍ଦୁସ୍ତାନୀ କଣ୍ଠ ସଙ୍ଗୀତ ବିଭାଗର ଛାତ୍ରୀମାନଙ୍କ ଦ୍ୱାରା ଗୁରୁବନ୍ଦନା ପରିବେଷିତ ହୋଇଥିଲା। ଏହି ଅବସରରେ ବିଶ୍ୱବିଦ୍ୟାଳୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଅଧ୍ୟାପକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ପୂଜ୍ୟପୂଜା ଉତ୍କଳୀୟ ସଂସ୍କୃତିର ମହାନ ପରମ୍ପରା



ଭୁବନେଶ୍ୱର, ୧୧।୭(ସମିସ): ପୂଜ୍ୟପୂଜା ଉତ୍କଳୀୟ ସଂସ୍କୃତିର ମହାନ ପରମ୍ପରା ବୋଲି ପୂଜ୍ୟପୂଜା ଓଡ଼ିଶାର ମାସିକ ଆଲୋଚନାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର କହିଛନ୍ତି। ବିରଜା ପ୍ରସାଦ ଶତପଥୀଙ୍କ ସଭାପତିତ୍ୱରେ ଲେଖକ ସମବାୟ ସମିତି ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ସୁସାହିତ୍ୟିକ ଅଲେଖ ଚନ୍ଦ୍ର ପଢ଼ିଆରୀ ଗୁରୁପୂର୍ଣ୍ଣିମାର ବୈଶିଷ୍ଟ୍ୟ ବର୍ଣ୍ଣନା କରିବା ସହ ଗୁରୁଶିଷ୍ୟ ପରମ୍ପରା କିପରି ଆଜି ଅବକ୍ଷୟମୁଖି ସେ ବିଷୟରେ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କର୍ମବୀର ଗୌରୀଶଙ୍କର ରାୟ, ରାମଶଙ୍କର ରାୟ, ବୈକୁଣ୍ଠ ନାଥ ଦେ, ରାଧାନାଥ ରାୟ ପ୍ରମୁଖଙ୍କ ସ୍ମୃତିଚାରଣ କରି ଅତିଥିମାନେ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବକ୍ତା ଓ ଆଲୋଚକ ଭାବେ ଡ. ଆରତି କର, ବିଜୟ କୁମାର ମହାନ୍ତି, ମିନତୀ ଷଡ଼ଙ୍ଗୀ, ଆଶିଷ କର ପ୍ରମୁଖ ବ୍ୟାସ ପୂର୍ଣ୍ଣିମା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଶାଶ୍ୱତ ଭାରତ ପତ୍ରିକା ଉନ୍ମୋଚନ ହୋଇଥିଲା, ପ୍ରାରମ୍ଭରେ ସମ୍ପାଦକ ରମାକାନ୍ତ ମିଶ୍ର ସ୍ୱାଗତ ଭାଷଣ ଦେଇଥିବା ବେଳେ ଓଡ଼ିଶାର ସମସ୍ତ ସଭା ସମିତି ଓ ଆଲୋଚନା ଚକ୍ରରେ ସରକାରୀ ବେସରକାରୀ ସମସ୍ତ ବିଦ୍ୟାଳୟ ମହାବିଦ୍ୟାଳୟ, ବିଶ୍ୱବିଦ୍ୟାଳୟରେ ପ୍ରାରମ୍ଭରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କୁ ଏକ ମିନିଟ ଶ୍ରଦ୍ଧାଞ୍ଜଳି ଜଣାଇବା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏହାପରେ ପ୍ରହ୍ଲାଦ ସାହୁ ଭଜନ ଗାନ କରିଥିଲେ ଏବଂ ଶେଷରେ ପ୍ରମୋଦ କୁମାର ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

## ରୟାଲ ସାଇନ୍ସ କଲେଜରେ ସ୍ୱାଗତୋତ୍ସବ




ଭୁବନେଶ୍ୱର, ୧୧।୭(ସମିସ): ମଞ୍ଚେଶ୍ୱର ଶିଳ୍ପାଞ୍ଚଳସ୍ଥିତ ରୟାଲ କଲେଜ୍ ଅଫ୍ ସାଇନ୍ସ ଆଣ୍ଡ ଟେକ୍ନୋଲୋଜି +୨ ଆବାସିକ ମହାବିଦ୍ୟାଳୟରେ ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଶୁକ୍ରବାର ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଉତ୍ସବରେ ମୁଖ୍ୟ ଅତିଥି ଭାବେ କଲେଜର ଚେୟାରମ୍ୟାନ ଡ. ବିଷ୍ଣୁମୋହନ ମହାନ୍ତି ଯୋଗଦେଇ କଠୋର ପରିଶ୍ରମ ବଳରେ ଜୀବନର ଲକ୍ଷ୍ୟ ହାସଲ କରିବାକୁ ଛାତ୍ରଛାତ୍ରୀଙ୍କୁ ପ୍ରୋତ୍ସାହିତ କରିଥିଲେ। ଉପାଧ୍ୟକ୍ଷ ମିଲନ୍ ମହାନ୍ତି ଉଚ୍ଚାଭିଳାଷି ହେବା ସହ ତାକୁ ହାସଲ କରିବାକୁ ପ୍ରୟାସ କରିବାକୁ ଆହ୍ୱାନ ଦେଇଥିଲେ। ସେହିପରି ନିର୍ଦ୍ଦେଶକ ଡ. ପ୍ରଶାନ୍ତ ନାଥ, ଅଧ୍ୟକ୍ଷ ଜୀବନ କିଶୋର ମିଶ୍ର, ରୟାଲ ସ୍କୁଲ ଅଧ୍ୟକ୍ଷ ସର୍ବେଶ୍ୱର ସାମଲ, ମ୍ୟାନେଜର ଅଜୟ କୁମାର ଦାଶ ଏବଂ ସମସ୍ତ ଅଧ୍ୟାପକ/ଅଧ୍ୟାପିକା ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି ଅବସରରେ କଲେଜ୍‌ର ପ୍ରାଚୀର ପତ୍ର 'ରିଜନ୍ ଦି ଏଟ୍ରା'ର ଉଦ୍‌ଘାଟିତ ହୋଇଛି। ନବାଗତ ବିଦ୍ୟାର୍ଥୀମାନେ ନିଜର ପରିଚୟ ପ୍ରଦାନ କରି ଭବିଷ୍ୟତର ଲକ୍ଷ ସମ୍ପର୍କରେ କହିଥିଲେ। ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଇଂରାଜୀ ଅଧ୍ୟାପକ ସମ୍ବିତ ମିଶ୍ରଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି ଉତ୍ସବକୁ ଦ୍ୱିତୀୟ ବର୍ଷ ଛାତ୍ରୀ ଲକ୍ଷ୍ମୀବ୍ରତା ପ୍ରଧାନ ପରିଚାଳନା କରିଥିବାବେଳେ ପ୍ରଥମ ବର୍ଷ ଛାତ୍ରୀ ସୁପ୍ରିୟା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

## ଓଡିଏମ୍‌ରେ ଏଲ୍‌ଇଏପି ସିରିଜ୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୧୧।୭(ସମିସ): ଶିକ୍ଷାରେ ବୌଦ୍ଧିକତା ବିଦ୍ୟାର୍ଥୀ ଚେତନାକୁ ଜାଗ୍ରତ କରେ। ଗୁଣାତ୍ମକ ଶିକ୍ଷାସହିତ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ସେମାନଙ୍କ ଜୀବନକୁ ଶୈକ୍ଷିକ, ବୌଦ୍ଧିକ, ମାନସିକ ତଥା ବ୍ୟାବହାରିକ ଦୃଷ୍ଟିକୋଣରୁ ସମ୍ପୂର୍ଣ୍ଣ କରେ। ପଟିଆସ୍ଥିତ ଓଡିଏମ୍ ପବ୍ଲିକ୍ ସ୍କୁଲରେ ଅନୁଷ୍ଠିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଅତିଥିମାନେ ଏହା ମତବ୍ୟକ୍ତ କରିଛନ୍ତି। ଓଡିଏମ୍ ଶିକ୍ଷାନୁଷ୍ଠାନ ସମୂହର ପ୍ରତିଷ୍ଠାତା ଡ. ସତ୍ୟବ୍ରତ ମୀନକେତନଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏଲ୍‌ଇଏପି ସିରିଜ୍ କାର୍ଯ୍ୟକ୍ରମରେ ସିଏସ୍‌ଆଇଆର୍-ଆଇଏମ୍‌ଏମ୍‌ଟି ପ୍ରତିଷ୍ଠାନର ଖଣିଜ ପ୍ରକ୍ରିୟାକରଣ ବିଭାଗ ମୁଖ୍ୟ ବୈଜ୍ଞାନିକ ଡ. ରଞ୍ଜନ କୁମାର ଦ୍ୱାରି, ଆର୍‌ଏମ୍‌ଏନ୍‌ଏଚ୍‌ର ବରିଷ୍ଠ ବୈଜ୍ଞାନିକ ଗୌରବ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗର ବୈଜ୍ଞାନିକ ଡ. ପ୍ରସାଦ କୁମାର ଦାଶ, ମେଜର ଇନ୍‌ସପେକ୍ଟର ଜେନେରାଲ୍, ଆସାମ ରାଇଫଲ୍ସ (ଉତ୍ତର)ର ମେଜର ଜେନେରାଲ୍ ବିଏସ୍. ଦାସ ଏବଂ ଦିଲ୍ଲୀ ଏମ୍ସର ପୂର୍ବତନ ନିର୍ଦ୍ଦେଶକ ପଦ୍ମଶ୍ରୀ ଡାକ୍ତର ଅଶୋକ କୁମାର ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଛାତ୍ରଛାତ୍ରୀଙ୍କୁ ମାର୍ଗଦର୍ଶନ କରିଥିଲେ। ଜୀବନରେ ସଫଳ ହେବାକୁ ପଥ ପ୍ରଦର୍ଶନ କରିବା ସହ ନିରନ୍ତର ଉଦ୍ୟମ ଜାରି କରିବାକୁ ପ୍ରୋତ୍ସାହିତ କରିଥିଲେ। ବିଦ୍ୟାଳୟର ନିର୍ଦ୍ଦେଶିକା ଇନ୍ଦୁମତୀ ରାୟ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିବାବେଳେ ମୁଖ୍ୟକାର୍ଯ୍ୟ ନିର୍ବାହୀ ଅଧିକାରୀ ସ୍ୱୟନ୍ ସତ୍ୟେନ୍ଦୁ, ଉପାଧ୍ୟକ୍ଷା ଡ. ସନ୍ଧ୍ୟାରାଣୀ ସ୍ୱାଇଁ, ଶିକ୍ଷା ନିର୍ଦ୍ଦେଶକ ଡ. ଆର୍ତ୍ତତ୍ରାଣ ମିଶ୍ର, ଉପାଧ୍ୟକ୍ଷ ଡ. ରାଜେଶ କୁମାର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ୫ଟି ଅଧିବେଶନରେ ମେଜର୍ ଜେନେରାଲ୍ ସାଇ ଅତନୁ ପଟ୍ଟନାୟକ, ଡ. ସଞ୍ଜୀବ ମହାପାତ୍ର, ଡ. ସିଦ୍ଧାର୍ଥ ମହାନ୍ତି, ଯୁବଦ୍ୟୋଗୀ ଦେବାଶିଷ କୁମାର ଓ କୃଷି ବିଭାଗର ସହକାରୀ ନିର୍ଦ୍ଦେଶକ ନଗେନ୍ଦ୍ର କୁମାର ମଲ୍ଲିକ ପ୍ରମୁଖ ନିଜ ଜୀବନର ସଂଘର୍ଷ ଓ ପରିଶ୍ରମ ଦ୍ୱାରା ପାଇଥିବା ସଫଳତା ସମ୍ପର୍କରେ ଅବଗତ କରିଛନ୍ତି। ଶେଷରେ ବିଦ୍ୟାଳୟର ଅଧକ୍ଷ ସୁବ୍ରତ କୁମାର ଷଡଙ୍ଗୀ ଧନ୍ୟବାଦ ଜ୍ଞାପନ କରିଥିଲେ।





## ଷ୍ଟାର୍ଟଅପ୍ ଓଡ଼ିଶା ପକ୍ଷରୁ ବିକ୍ରେତା ସଂଗ୍ରହ ଅଭିଯାନ



ଭୁବନେଶ୍ୱର, ୧୧।୭(ସମିସ): ଷ୍ଟାର୍ଟଅପ୍ ଓଡ଼ିଶା, ଓଡ଼ିଶା ସରକାରଙ୍କ ଅଣୁ, କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ ବିଭାଗ ସହଯୋଗରେ ଭୁବନେଶ୍ୱରର ଓ-ହବ ଅଡିଟୋରିୟମ୍ ହଲ୍‌ରେ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ଉପରେ ବିକ୍ରେତା ସଂଗ୍ରହ ଅଭିଯାନ କର୍ମଶାଳା ଆୟୋଜିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଭାରତୀୟ ଶିଳ୍ପ ମହାସଂଘର କାର୍ଯ୍ୟ ନିର୍ବାହୀ ଅଧିକାରୀ କାହ୍ନୁ ଚରଣ ବେହେରା, ହସ୍ତଶିଳ୍ପ ବିଭାଗ ଉପନିର୍ଦ୍ଦେଶକ ପ୍ରବୀଣା ନାୟକ, ନିଯୁକ୍ତି ନିର୍ଦ୍ଦେଶାଳୟର ଉପନିର୍ଦ୍ଦେଶକ ଲିନୁ ଦାସ, ଖୋର୍ଦ୍ଧା ଜିଲ୍ଲା ଶିଳ୍ପ କେନ୍ଦ୍ର ମହାପ୍ରବନ୍ଧକ ସମୁଚିତା ମଲ୍ଲିକ ପ୍ରମୁଖ ଯୋଗ ଦେଇଥିଲେ। ଏହି କର୍ମଶାଳା ଏମଏସଏମଇ ଆରଏଏମପି ଯୋଜନା ଅଧୀନରେ ବ୍ୟବସାୟ ବିକାଶ ସେବା ପ୍ରଦାନକାରୀ ପଦକ୍ଷେପର ଏକ ଅଂଶ ଥିଲା। ଏହି କର୍ମଶାଳାରେ ଉଦ୍ୟୋଗୀ, ଏମଏସଏମଇ ଏବଂ ଷ୍ଟାର୍ଟଅପ୍‌ଗୁଡ଼ିକୁ ପ୍ରଭାବଶାଳୀ ବିସ୍ତୃତ ପ୍ରକଳ୍ପ ରିପୋର୍ଟ ପ୍ରସ୍ତୁତ କରିବା ପାଇଁ ଆବଶ୍ୟକୀୟ ଜ୍ଞାନ ଏବଂ ଉପକରଣ ବିଷୟରେ ଅବଗତ କରାଯାଇଥିଲା। ବିଶେଷଜ୍ଞମାନେ ପ୍ରକଳ୍ପ ଉଦ୍ଦେଶ୍ୟ, ବଜାର ବିଶ୍ଳେଷଣ, ଆର୍ଥିକ ଆକଳନ ଓ ବିପଦ ହ୍ରାସ ରଣନୀତି ଭଳି ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ଆଲୋଚନା କରିଥିଲେ। ଅଧିବେଶନଗୁଡ଼ିକରେ ନବସୃଜନ, ଲକ୍ଷ୍ୟ ନିର୍ଦ୍ଧାରଣ ଏବଂ ଦୀର୍ଘକାଳୀନ ବ୍ୟବସାୟ ଯୋଜନା ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା। କାର୍ଯ୍ୟକ୍ରମ ଶେଷରେ ପ୍ରଶ୍ନୋତ୍ତର ଅଧିବେଶନ ଆୟୋଜିତ ହୋଇଥିଲା।

# ଠୁଙ୍ଗାର ସ୍ଥାନ ନେଇଛି ପେପର ବ୍ୟାଗ୍

ଭୁବନେଶ୍ୱର, ୧୧।୭(ସମିସ): ଆଗରୁ ପେପରକୁ କାଟି ସେଥିରେ ଅଠାକୁ ଲଗାଇ ପରସ୍ତ ପରସ୍ତ ଭାଙ୍ଗି ଶହେ ଗ୍ରାମ ଠାରୁ ଆରମ୍ଭ କରି ୫କିଲୋ ଜିନିଷ ରଖିଲା ଭଳି ଠୁଙ୍ଗା ତିଆରି ହୋଇପାରୁଥିଲା। ହେଲେ ଏବେ ଏହି ଠୁଙ୍ଗାକୁ ଆଉ କୌଣସି ଦୋକାନରେ ଦେଖିବାକୁ ମିଳୁନାହିଁ। ବର୍ତ୍ତମାନ ସମୟରେ ଏହି ଠୁଙ୍ଗାର ସ୍ଥାନ ନେଇଛି କାଗଜ ପେପର ବ୍ୟାଗ୍। ଠୁଙ୍ଗାରେ ଆଗରୁ କେବଳ ଗୋଟିଏ ଜିନିଷ ଭର୍ତ୍ତି ହେଇ ପାରୁଥିଲା ହେଲେ ଏହି ପେପର ବ୍ୟାଗ୍‌ରେ ବିଭିନ୍ନ ଜିନିଷ ବୋହି ଆଣି ହେଉଛି। ଦିନ ଥିଲା ଏହି ଠୁଙ୍ଗାକୁ ଗାଁ ରୁ ସହର ପର୍ଯ୍ୟନ୍ତ ମହିଳାମାନେ ପେପର କାଟିବା ଠାରୁ ନେଇ ଯେ ଆଠା ତିଆରିବା, ଠୁଙ୍ଗା ଶୁଖାଇବା ଆଦି କାର୍ଯ୍ୟ କରୁଥିଲେ। ହେଲେ ବର୍ତ୍ତମାନ ପେପର ବ୍ୟାଗ୍‌କୁ ଆଉ ମଣିଷ ମାନେ ତିଆରି କରୁନାହାନ୍ତି ମେସିନ୍ ଏହି ବ୍ୟାଗ୍ ତିଆରି କରୁଛି।

ରାଜଧାନୀରେ ମଧ୍ୟ ବିଭିନ୍ନ ଛୋଟ ବଡ଼ ଦୋକାନରେ ଆଗରୁ ଏହି ଠୁଙ୍ଗା ବିକ୍ରି ହେଉଥିଲା। ହେଲେ ଏବେ ସବୁ ଦୋକାନରେ ପେପର ବ୍ୟାଗ ଉପଲବ୍ଧ ହେଉଛି। ଏହି ପେପର ବ୍ୟାଗରେ ବର୍ତ୍ତମାନ ମଲ୍, ରାସନ ଦୋକାନ, ମେଡ଼ିସିନ୍ ଷ୍ଟୋର ସହିତ ବିଭିନ୍ନ ଫ୍ଷ୍ଟଫୁଡ଼୍ ଦୋକାନରେ ମଧ୍ୟ ଉପଲବ୍ଧ ହେଉଛି। ଯେଉଁଥି ପାଇଁ ଏବେ ଠୁଙ୍ଗାର ସ୍ଥାନ ପେପର ବ୍ୟାଗ ନେଇଛି। ଏବଂ ଏହି ପେପର ବ୍ୟାଗ ଲୋକଙ୍କର ଆଦୃତ ହୋଇ ପାରିଛି।

ବର୍ତ୍ତମାନ ବିଭିନ୍ନ ପ୍ରକାରର ପେପରକୁ ପେପର ବ୍ୟାଗ ତିଆରି ହୋଇ ପାରୁଛି। ପେପର ବ୍ୟାଗ ତିଆରି ପାଇଁ ପେପର ସବୁ ଚେନ୍ନାଇ, ଦିଲ୍ଲୀ, ମୁମ୍ବାଇ ଆଦିରୁ ପେପର ଆସୁଛି। ବିଶେଷ କରି ମ୍ୟାଟ ପେପର, ଗ୍ଲସି ପେପର, ନ୍ୟୁଜ୍ ପେପର, କ୍ରାଫ୍ଟ ପେପର ଆଦିରେ ପେପର ବ୍ୟାଗ ତିଆରି କରାଯାଉଛି। ଲୋକମାନଙ୍କର ଅଧିକ ମ୍ୟାଟ ପେପର, ଗ୍ଲସି ପେପର ବ୍ୟାଗ ଅଧିକ ପସନ୍ଦ କରୁଛନ୍ତି। ପେପରର କ୍ୱାଲିଟିକୁ ନେଇ ଦର ରହିଥାଏ। ୫ ଟଙ୍କାରୁ ନେଇ ୧୦୦ ଟଙ୍କା ପର୍ଯ୍ୟନ୍ତ ଦର ରହିଥାଏ। ବ୍ୟାଗ୍‌କୁ ଯେତେ ସୁନ୍ଦର କରିପାରିବା ସେତେ ଅଧିକ ଦର ରହିବ। ୫ ଇଞ୍ଚିରୁ ନେଇ ୧୮ ଇଞ୍ଚି ପର୍ଯ୍ୟନ୍ତ ବ୍ୟାଗ ତିଆରି ହୋଇଥାଏ ବୋଲି ଭିଏସ୍‌ଏସ୍ ନଗରରେ ଥିବା ପ୍ରଗତି କ୍ରିଏସନ ପେପର ବ୍ୟାଗ୍‌ର ମାଲିକ ସୁଜିତ୍ କୁମାର ଦାସ କହିଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଠୁଙ୍ଗା ଭଳି ଏହି ପେପର ବ୍ୟାଗ୍ ବି ମାଟିରେ ପଡ଼ିଲେ ବିଘଟନ ହେଇଯିବ ବୋଲି ସେ କହିଛନ୍ତି।



**ଆଜି ଜାତୀୟ ପେପର ବ୍ୟାଗ ଦିବସ**

## ମାନସିକ ଅନଗ୍ରସରଙ୍କ ଦ୍ୱାରା ପ୍ରସ୍ତୁତ କାଗଜ ବ୍ୟାଗ୍

ଭୁବନେଶ୍ୱର, ୧୧।୭(ସମିସ): ସେମାନେ ମାନସିକ କ୍ଷେତ୍ରରେ ଅନଗ୍ରସର ହେଲେ ବି ସକ୍ଷମ। ସାଧାରଣ ଲୋକଙ୍କ ଠାରୁ କୌଣସି ଗୁଣରେ କମ୍ ନୁହଁନ୍ତି। ଅନ୍ୟର କଥାକୁ ଠିକ୍ ଭାବେ ବୁଝିବା ବା ଗ୍ରହଣ କରିପାରୁ ନ ଥିବା ଅଟିଜିମ୍ (ମାନସିକ ଅନଗ୍ରସର) ମାନେ ରୋଜଗାରକ୍ଷମ ହୋଇ ଅନ୍ୟମାନଙ୍କ ପାଇଁ ଉଦାହରଣ ସାଜିଛନ୍ତି। କାଗଜ ବ୍ୟାଗ୍ ପ୍ରସ୍ତୁତ କରି ଏମାନେ କେବଳ ରୋଜଗାରକ୍ଷମ ହୋଇପାରି ନାହାନ୍ତି ବରଂ ପରିବେଶ ସୁରକ୍ଷା ପାଇଁ ପଲିଥିନ୍‌ର ବିକଳ୍ପ ଭାବେ ଏହାକୁ କରିବାକୁ ସାଧାରଣ ଲୋକଙ୍କ ମଧ୍ୟରେ ସଚେତନତା ସୃଷ୍ଟି କରିବାକୁ ପ୍ରୟାସ କରିଛନ୍ତି। ସେମାନଙ୍କ ଦ୍ୱାରା ପ୍ରସ୍ତୁତ ଭଳିକିଭଳି କାଗଜ ବ୍ୟାଗ୍ ରାଜଧାନୀର ବିଭିନ୍ନ ସପିଂମଲ୍‌ରେ ଉପଲବ୍ଧ ରହିଥିବା ଦେଖିବାକୁ ମିଳିଛି।

ସ୍ଥାନୀୟ ପୋଖରୀପୁଟସ୍ଥିତ ଏନସିଏସସିଡିଏ (ନ୍ୟାସନାଲ କ୍ୟାରିଅର ସର୍ଭିସ୍ ସେଣ୍ଟର ଫର୍ ଡିଫରେଣ୍ଟଲି ଏବଲ୍ଡ) ପରିସରରେ ଥିବା ରାଜ୍ୟ ଭିନ୍ନକ୍ଷମ ସଶକ୍ତୀକରଣ ପ୍ରତିଷ୍ଠାନରେ ବୃଦ୍ଧି ଜରିଆରେ ଅଟିଜିମ୍ (ମାନସିକ ଅନଗ୍ରସର) ପିଲାମାନେ ପେପର ବ୍ୟାଗ୍ ତିଆରି କରି ରୋଜଗାରକ୍ଷମ ହୋଇପାରିଛନ୍ତି। ସେହିପରି ଓପନ୍ ଲର୍ଣ୍ଣିଂ ସିଷ୍ଟମ୍‌ରେ ରହୁଥିବା ଅନ୍ତେବାସୀମାନେ ଭଳି କି ଭଳି ଆକର୍ଷଣୀୟ କାଜଗ ବ୍ୟାଗ ତିଆରି କରି ବଜାରକୁ ଯୋଗାଉଛନ୍ତି। ସେହିପରି ଇଣ୍ଡିଆନ୍ ରେଡକ୍ରସ ସୋଇଟି ଦ୍ୱାରା ପରିଚାଳିତ 'ସହାୟ' ଅନୁଷ୍ଠାନରେ ରହୁଥିବା ବୁକବଧିର ଓ ମାନସିକ ଅନଗ୍ରସର ପିଲାମାନେ ମଧ୍ୟ ଏଥିରୁ ବାଦ୍ ପଡ଼ି ନାହାନ୍ତି। ଏଠାରେ ପିଲାମାନଙ୍କୁ ପ୍ରଶିକ୍ଷଣ ଦେବାକୁ ରାଜ୍ୟ ବାହାରୁ ପ୍ରଶିକ୍ଷଣ ଦଳ ଅନୁଷ୍ଠାନର କର୍ମଚାରୀଙ୍କ ସମେତ ଉଭୟ ଅଭିଭାବକ ଏବଂ ପିଲାମାନଙ୍କୁ ପ୍ରଶିକ୍ଷଣ ପ୍ରଦାନ କରୁଛନ୍ତି। ପ୍ରତିବର୍ଷ ବିଭିନ୍ନ ସ୍ଥାନରୁ ପିଲାମାନେ ଏହି ଅନୁଷ୍ଠାନଗୁଡ଼ିକରେ ପ୍ରଶିକ୍ଷଣ ନେଇଥାନ୍ତି। ସାଧା ପେପର୍, ପ୍ରିଣ୍ଟେଡ୍ ପେପର ଦିନକୁ ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ବ୍ୟାଗ୍ ପ୍ରସ୍ତୁତ କରୁଛନ୍ତି। ଏହି ବ୍ୟାଗ୍ ଗୁଡ଼ିକ ବିଭିନ୍ନ ସପିଂ ମଲ୍, ଗହଣା ଦୋକାନ, ଉପହାର ଦୋକାନ ଏବଂ ବୁକ୍ ଷ୍ଟୋର ଗୁଡ଼ିକ ଅର୍ଡର ଦେଇଥାନ୍ତି। ଏହାସହିତ ସରକାରଙ୍କ ଟିଡିସିସି ଅଧିନସ୍ଥ ଆଦିଶାରେ ମଧ୍ୟ ଏହି ବ୍ୟାଗ୍ ବିକ୍ରି କରାଯାଉଥିବା ଟ୍ରେନିଂ ସେଣ୍ଟରର (ଏସଏସପିଇଡି) ସଭାପତି ସଂଯୁକ୍ତା ପଟ୍ଟନାୟକ କହିଛନ୍ତି। ଏଥିରୁ ମିଳୁଥିବା ଲାଭ ଅର୍ଥରେ ପୁନର୍ବାର କଞ୍ଚାମାଲ କିଣାଯିବା ସହ ବଳକା



ଟଙ୍କା ପ୍ରତ୍ୟେକ ପିଲାମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ମାସିକ ପାରିଶ୍ରମିକ ଦିଆଯାଉଛି। ଏହାଦ୍ୱାରା ମାନସିକ ଅନଗ୍ରସର ଏବଂ ମୂକବଧିର ପିଲାମାନେ ସ୍ୱାବଲମ୍ବୀ ହୋଇପାରିବେ ବୋଲି ଥିବା ସଂସ୍ଥା ପକ୍ଷରୁ କୁହାଯାଉଛି।

**ମୁଦ୍ରା ବିନିମୟ ମୂଲ୍ୟ**



ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୫.୦୫ • ପାଉଣ୍ଡ ୧୧୬.୩୨
- ୟୁରୋ ୧୦୦.୪୯ • ୟେନ୍ ୦.୫୮

**ସୁନା, ରୁପା ଦର (ଟଙ୍କାରେ)**




୧୦ ଗ୍ରାମ ପିଛା (୨୨ କ୍ୟାରେଟ୍)
- ସୁନା: ୯୦,୨୧୦ (ନୂଆଦିଲ୍ଲୀ)
- ରୁପା : ୧,୦୯,୯୦୦ (କେଜି)



**ଷ୍ଟକ୍ ମାର୍କେଟ୍**

ବଜାର କାରବାର (ପଏଣ୍ଟରେ)
- ସେନ୍‌ସେକ୍ସ ୮୨,୫୦୦.୦୦
- ନିଫ୍ଟି ୨୫,୧୪୯.୦୦



**ପେଟ୍ରୋଲ-ଡିଜେଲ୍**

ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୨୯ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୦



# କମିବ ୨୦୦ ମହଙ୍ଗା ଔଷଧର ମୂଲ୍ୟ

- ସୀମା ଶୁଳ୍କରେ ଛାଡ ପାଇଁ ସୁପାରିସ
- ଶସ୍ତା ହେବ କର୍କଟ ରୋଗର ଔଷଧ



ନୂଆଦିଲ୍ଲୀ,୧୧।୭ (ଏଜେନ୍ସି)

ଏଚ୍‌ଆଇଭି ଏବଂ କର୍କଟ ରୋଗରେ ପୀଡିତ ରୋଗୀଙ୍କୁ କିଛି ଆଶ୍ୱସ୍ତି ମିଳିପାରେ। ଏକ ସରକାରୀ କମିଟି ପ୍ରାୟ ୨୦୦ ଅତ୍ୟାବଶ୍ୟକ ଔଷଧ ଉପରେ ସୀମା ଶୁଳ୍କରେ ଛାଡ଼ କରିବାକୁ ସୁପାରିସ କରିଛି। କିଛି କର୍କଟ ଔଷଧ ଉପରେ ଆମଦାନୀ ଶୁଳ୍କକୁ ସମ୍ପୂର୍ଣ୍ଣ ରୂପେ ଉଚ୍ଛେଦ କରିବାକୁ କୁହାଯାଇଥିବା ଏକ ରିପୋର୍ଟରେ ଏହି ଦାବି କରାଯାଇଛି। କମିଟି ପେମ୍ବ୍ରୋଲିଜୁମାବ୍ (କୀଟ୍ରୁଡା), ଓସିମର୍ଟିନିବ୍ (ଟାଗ୍ରିସୋ) ଏବଂ ଟ୍ରାଷ୍ଟୁଜୁମାବ୍ ଡେରକ୍ସଟେକାନ୍ (ଏନହେର୍ଟୁ) କୁ ସୀମା ଶୁଳ୍କରୁ ସମ୍ପୂର୍ଣ୍ଣ ମୁକ୍ତ କରିବାକୁ ସୁପାରିସ କରିଛି। ଏହି ଔଷଧଗୁଡ଼ିକ କର୍କଟ ରୋଗ ଚିକିତ୍ସାରେ ବ୍ୟବହୃତ ହୁଏ। ଏହାର ଗୋଟିଏ ଡୋଜ୍‌ରେ ଲକ୍ଷ ଲକ୍ଷ ଟଙ୍କା ଖର୍ଚ୍ଚ ହୋଇଥାଏ। ଏହି କାରଣରୁ ଅଧିକାଂଶ ଲୋକ ସେଗୁଡ଼ିକୁ କିଣିପାରନ୍ତି ନାହିଁ।

ମହଙ୍ଗା ଔଷଧ ଉପରେ ଆଶ୍ୱସ୍ତି ପ୍ରଦାନ କରିବା ପାଇଁ ଭାରତର ଡ୍ରଗ୍ କଣ୍ଟ୍ରୋଲର ଜେନେରାଲ୍ (ଡିସିଜିଆଇ) ୨୦୨୪ ଅଗଷ୍ଟରେ ଏକ କମିଟି ଗଠନ କରିଥିଲେ। କର୍କଟ ବ୍ୟତୀତ, କମିଟି ପ୍ରତିରୋପଣ ଔଷଧ, ଗୁରୁତ୍ୱପୂର୍ଣ୍ଣ ଯତ୍ନ ଔଷଧ ଏବଂ ଉନ୍ନତ ଡାଇଗ୍ନୋଷ୍ଟିକ୍ କିଟ୍ ଉପରେ ମଧ୍ୟ ଛାଡ଼ ସୁପାରିସ କରିଛି। ସାଧାରଣତଃ ଏହି କିଟ୍‌ଗୁଡିକ ଆମଦାନୀ କରାଯାଏ କିମ୍ବା ଭାରତରେ ଉପଲବ୍ଧ ନୁହେଁ।

ଏହି ତାଲିକାରେ କର୍କଟ ରୋଗ ଏବଂ ସିକଲ୍ ସେଲ୍ ଆନିମିଆ ଚିକିତ୍ସାରେ ବ୍ୟବହୃତ ହାଇଡ୍ରୋକ୍ସିୟୁରିଆ ମଧ୍ୟ ଅନ୍ତର୍ଭୁକ୍ତ। ଏହାସହିତ, ଏନୋକ୍ସାପାରିନ୍ ନାମରେ ବିକ୍ରି ହେଉଥିବା କମ୍ ଆଣବିକ ଓଜନ ହେପାରିନ୍ ମଧ୍ୟ କଷ୍ଟମ୍ ଶୁଳ୍କରୁ ମୁକ୍ତ କରାଯାଇଛି। ଏହା ରକ୍ତ ଜମାଟ ବାନ୍ଧିବା ଏବଂ ଗଭୀର ଶିରା ଥ୍ରୋମ୍ବୋସିସ୍ ରୋକିବା ପାଇଁ ବ୍ୟବହୃତ ହୁଏ। ତାଲିକାରେ ୫% ସୀମା ଶୁଳ୍କ ସହିତ ୭୪ଟି ଔଷଧ ରହିଛି। ଯେତେବେଳେ କି ସମ୍ପୂର୍ଣ୍ଣ ସୀମା ଶୁଳ୍କ ଛାଡ଼ ତାଲିକାରେ ୬୯ଟି ଔଷଧ ରହିଛି। ବିରଳ ରୋଗର ଚିକିତ୍ସାରେ ବ୍ୟବହୃତ ୫୬ ଟି ଔଷଧକୁ ସୀମା ଶୁଳ୍କରୁ ମୁକ୍ତ କରିବାକୁ ମଧ୍ୟ କୁହାଯାଇଛି। କମିଟି ସ୍ପାଇନାଲ୍ ମାସ୍କୁଲାର୍ ଆଟ୍ରୋଫି, ସିଷ୍ଟିକ୍ ଫାଇବ୍ରୋସିସ୍, ଗାଉଚର ରୋଗ, ଫାବ୍ରି ରୋଗ, ଲାଇସୋସୋମାଲ୍ ଷ୍ଟୋରେଜ୍ ଡିଜଅର୍ଡର ଏବଂ ବଂଶାନୁକ୍ରମିକ ଏନଜାଇମ୍ ଅଭାବ ଭଳି ରୋଗର ଚିକିତ୍ସାରେ ବ୍ୟବହୃତ ଔଷଧ ଉପରୁ ସୀମା ଶୁଳ୍କ ହଟାଇବା ପାଇଁ ସୁପାରିସ କରିଛି। ଏହି ଔଷଧଗୁଡ଼ିକ ମଧ୍ୟରୁ କିଛି ବିଶ୍ୱର ସବୁଠାରୁ ମହଙ୍ଗା ଔଷଧ ମଧ୍ୟରେ ଅନ୍ତର୍ଭୁକ୍ତ। ଏଥିମଧ୍ୟରୁ ଗୋଟିଏ କୋର୍ସର ମୂଲ୍ୟ କୋଟି କୋଟି ଟଙ୍କା।

ଏହି ତାଲିକାରେ ଜୋଲଗେନ୍ସମା, ସ୍ପିନରାଜା, ଏଭ୍ରିସଡି, ସେରେଜାଇମ୍ ଏବଂ ତଖଜାଇରୋ ଭଳି ଔଷଧ ମଧ୍ୟ ଅନ୍ତର୍ଭୁକ୍ତ। ଏହି ସମସ୍ତ ଔଷଧ ବହୁତ ମହଙ୍ଗା ଏବଂ ଅଧିକାଂଶ ଭାରତୀୟ ରୋଗୀଙ୍କ ପାଇଁ ସେଗୁଡ଼ିକୁ କିଣିବା ଅସମ୍ଭବ। ଜୋଲଗେନ୍ସମାକୁ ବିଶ୍ୱର ସବୁଠାରୁ ମହଙ୍ଗା ଔଷଧ ବୋଲି ବିବେଚନା କରାଯାଏ, ଯାହାର ଗୋଟିଏ ଡୋଜର ମୂଲ୍ୟ ୧୭ କୋଟି ଟଙ୍କା। କମିଟି ଏହି ଔଷଧଗୁଡ଼ିକର ମୂଲ୍ୟ ସମୀକ୍ଷା କରିବା ଏବଂ ରାଜସ୍ୱ ବିଭାଗକୁ ସୁପାରିଶ କରିବା ପାଇଁ ଡିଜିଏଚ୍‌ଏସ୍ ଅଧୀନରେ ଏକ ସ୍ଥାୟୀ ଆନ୍ତଃବିଭାଗୀୟ କମିଟି ଗଠନ କରିବାକୁ ମଧ୍ୟ ସୁପାରିସ କରିଛି।

# ଜାପାନ୍ ବିଶ୍ୱର ଦ୍ରୁତତମ ଇଣ୍ଟରନେଟ୍ ପ୍ରଦାନକାରୀ

**ନୂଆଦିଲ୍ଲୀ,୧୧।୭ (ଏଜେନ୍ସି):** ଜାପାନ ଏବେ ବିଶ୍ୱର ଦ୍ରୁତତମ ଇଣ୍ଟରନେଟ୍ ବ୍ୟବସ୍ଥା ଥିବା ରାଷ୍ଟ୍ର ପାଲଟିଛି। ସେଠାରେ ଗବେଷକମାନେ ପ୍ରତି ସେକେଣ୍ଡରେ ୧.୦୨ ପେଟା ବାଇଟ୍ (ପିବି) ଇଣ୍ଟରନେଟ ସ୍ପିଡ୍ ହାସଲ କରିଛନ୍ତି। ଏହାର ଅର୍ଥ ଏହି ଇଣ୍ଟରନେଟ୍ ସ୍ପିଡରେ ଆଖି ପିଛୁଳାକେ ସମ୍ପୂର୍ଣ୍ଣ ନେଟଫ୍ଲିକ୍ସ ଲାଇବ୍ରେରୀ ଡାଉନଲୋଡ୍ କରିହେବ। ଏହା ସହ ଜାପାନ ଏହାର ଭିତ୍ତିଭୂମି ବିକାଶରେ ଆଉ ଦୁଇ ପାଦ ଆଗକୁ ବଢ଼ିଛି। ଦେଶର ୱେବ୍ ବ୍ରାଉଜିଂ ଏବଂ ଡାଉନଲୋଡିଂ ଗତି ଭାରତର ହାରାହାରି ଇଣ୍ଟରନେଟ୍ ଗତି ୬୩.୫୫ ଏମ୍‌ବିପିଏସ୍ ତୁଳନାରେ ୧୬ ନିୟୁତ ଗୁଣ ଏବଂ ଆମେରିକାର ହାରାହାରି ଇଣ୍ଟରନେଟ୍ ତୁଳନାରେ ୩.୫ ନିୟୁତ ଗୁଣ ଦ୍ରୁତତର। ଜାପାନର ଜାତୀୟ ସୂଚନା ଏବଂ ଯୋଗାଯୋଗ ପ୍ରଯୁକ୍ତିବିଦ୍ୟା ପ୍ରତିଷ୍ଠାନ (ଏନ୍‌ଆଇସିଟି)ର ଏକ ରିପୋର୍ଟରୁ ଏହା ଜଣାପଡ଼ିଛି। ଜାପାନର ନୂତନ ଇଣ୍ଟରନେଟ୍ ସ୍ପିଡ୍ ସହିତ, ଜଣେ ବ୍ୟକ୍ତି କେବଳ ଗୋଟିଏ ସେକେଣ୍ଡରେ ସମ୍ପୂର୍ଣ୍ଣ ଇଂରାଜୀ ୱିକିପିଡିଆକୁ ୧୦ ହଜାର ଥର ଡାଉନଲୋଡ୍ କରିପାରିବ। ଇଂରାଜୀ ୱିକିପିଡିଆ ପ୍ରାୟ ୧୦୦ ଜିବି ସ୍ଥାନ ନେଉଥିବା କୁହାଯାଏ। ଜାପାନର ନୂଆ ବ୍ୟବସ୍ଥାରେ ଗୋଟିଏ ସେକେଣ୍ଡ ମଧ୍ୟରେ ୮କେ ଭିଡିଓ ମଧ୍ୟ ଡାଉନଲୋଡ୍ କରିପାରିବେ। ଜାପାନର ଇଞ୍ଜିନିୟରମାନେ ଏହି ଗତି ହାସଲ କରି ଏକ ଚମତ୍କାର ରେକର୍ଡ ସୃଷ୍ଟି କରିଛନ୍ତି। ହେଲେ ଏହାର ବ୍ୟବହାରିକ ପ୍ରୟୋଗ ଏ ପର୍ଯ୍ୟନ୍ତ ଜଣାପଡ଼ିନାହିଁ। ଏକ ଆକଳନ ଅନୁଯାୟୀ, ୧.୦୨ ପେଟା ବାଇଟ୍ ସହିତ ୮କେ ଭିଡିଓ ଥିବା ୧୦ ନିୟୁତ ଚ୍ୟାନେଲକୁ ଏକକାଳୀନ ଦେଖାଯାଇପାରିବ। ମୁଭି ଲାଇବ୍ରେରୀ ଭଳି ବଡ଼ ଫାଇଲ୍ ଡାଉନଲୋଡ୍ କରିବାକୁ କେବଳ କିଛି ସେକେଣ୍ଡ ସମୟ ଲାଗିବ। ଏହାସହିତ, ୮କେ କିମ୍ବା ୧୬କେ ସମେତ ଉଚ୍ଚ-ରିଜୋଲ୍ୟୁସନ୍ ଭିଡିଓ ଷ୍ଟ୍ରିମିଂ କୌଣସି ବଫରିଂ କିମ୍ବା ବିଳମ୍ବ ବିନା କରିହେବ।

# ତନିଷ୍କ ପକ୍ଷରୁ ଫେଷ୍ଟିଭାଲ୍ ଅଫ୍ ଡାଏମଣ୍ଡ-୨୦୨୫

ଭୁବନେଶ୍ୱର,୧୧।୭ (ସମିସ)

ଗହଣା ବ୍ରାଣ୍ଡ ତନିଷ୍କ ଆଣିଛି ୨୦୨୫ ସଂସ୍କରଣ 'ଫେଷ୍ଟିଭାଲ୍ ଅଫ୍ ଡାଏମଣ୍ଡ- ସାର୍କେଲ ୟୋର୍ ୱେ'। ଆଧୁନିକ ମହିଳା




ଏବଂ ସେମାନଙ୍କ ବିଭିନ୍ନ ଉଜ୍ଜ୍ୱଳ ଅଭିବ୍ୟକ୍ତି ପାଇଁ ଏହା ଏକ ସମ୍ମାନ। ଏହି ଅବସରରେ ମାତ୍ର ୧୫,୦୦୦ ଟଙ୍କାରୁ ଆରମ୍ଭ କରି ହୀରା ଗହଣାର ବ୍ୟାପକ ସମ୍ଭାର ଉପଲବ୍ଧ। ଏହି କ୍ୟାମ୍ପେନ ଫ୍ୟାଶନ୍ ନେତୃତ୍ୱ ନେଉଛି। ଆଧୁନିକରେ ହୀରାକୁ କିଭଳି ଷ୍ଟାଇଲ୍ କରାଯାଏ ତଥା ସାଇତି ରଖାଯାଏ ତାହାକୁ ଏହା ପରିଭାଷିତ କରୁଛି। ମହିଳାଙ୍କ ଚମକ ବ୍ୟକ୍ତିଗତ, ଉକ୍ତ ବିଶ୍ୱାସ ଆଧାରରେ ଏ କ୍ୟାମ୍ପେନ୍ ନୂତନ ପିଢ଼ି ହୀରା ପିନ୍ଧାଳୀଙ୍କ ଉପରେ ଧ୍ୟାନକେନ୍ଦ୍ରିତ କରୁଛି। ସେମାନଙ୍କ ଉତ୍ସାହ, ଆତ୍ମନିର୍ଭରଶୀଳତା ଏବଂ ନିରପେକ୍ଷତା ଉପରେ ଏହା ଆଲୋକ ପ୍ରଦାନ କରୁଛି। ଏହି ସେଲିବ୍ରେଶନ୍‌କୁ ଅଧିକ ଉତ୍ସବମୁଖର କରିବା ପାଇଁ ତନିଷ୍କ ହୀରା ଗହଣାର ଏମ୍‌ଆର୍‌ପି ଉପରେ ୨୦% ପର୍ଯ୍ୟନ୍ତ ରିଆତି ପ୍ରଦାନ କରୁଛି, ଯାହାକି ୨୦୨୫ ଅଗଷ୍ଟ ୨୫ ପର୍ଯ୍ୟନ୍ତ ଉପଲବ୍ଧ। ଏହି ଅଫର୍ କେବଳ ଷ୍ଟୋନ୍ କିମ୍ବା କ୍ୟାରେଟ୍ ମୂଲ୍ୟ ଉପରେ ଉପଲବ୍ଧ ନୁହେଁ। ଏହା ସମ୍ପୂର୍ଣ ଗହଣା ପିସ୍ ଉପରେ ଉପଲବ୍ଧ। ନିଜ ପାଇଁ ତଥା ନିଜ ପ୍ରିୟଜନଙ୍କ ପାଇଁ ହୀରାରେ ନିବେଶ କରିବା ଲାଗି ଏହା ପ୍ରକୃତ ଅବସର। ଅଭିଯାନର କେନ୍ଦ୍ରବିନ୍ଦୁ ହେଉଛି 'ଫେଷ୍ଟିଭାଲ ଅଫ୍ ଡାଏମଣ୍ଡ'। ଏହା ଏକ ବିବିଧତା, ବହୁବିଧତା, ଷ୍ଟାଇଲ୍ ଏବଂ ପ୍ରତ୍ୟେକ ମହିଳାଙ୍କ ପାଇଁ ସମ୍ପୂର୍ଣ୍ଣ ପ୍ରାକୃତିକ ହୀରା ଆବିଷ୍କାର କରିବାର ସମୟ। ମୁଦି, କାନଫୁଲ, ନେକ୍ସ୍, ବ୍ରେସ୍‌ଟ୍ ଏବଂ ଅନ୍ୟାନ୍ୟ ବର୍ଗରେ ୧୦,୦୦୦ରୁ ଊର୍ଦ୍ଧ୍ୱ ଷ୍ଟାଇଲ୍ ସହିତ ଏହି ଉତ୍ସବ ଅବସରରେ ପ୍ରତ୍ୟେକଙ୍କ ପାଇଁ କିଛି ନା କିଛି ରହିଛି। ସର୍ବନିମ୍ନ ଏଗ୍ରିଡେ ପିସ୍‌ଠାରୁ ଆରମ୍ଭ କରି ଚମତ୍କାର ଷ୍ଟେଟ୍‌ମେଣ୍ଟ ଗହଣା ପର୍ଯ୍ୟନ୍ତ ବିକଳ୍ପ ଉପଲବ୍ଧ। କାଳଜୟୀ ଚମକଦାର ହୀରା ଗହଣା କିଣିବା ପାଇଁ ଏହା ଉପଯୁକ୍ତ ସମୟ ବୋଲି ତନିଷ୍କ ପକ୍ଷରୁ କୁହାଯାଇଛି। ଏହି ଅଭିଯାନରେ ଉଦୀୟମାନ ଆଇକନ୍ ଅଲାୟା ଫର୍ଣ୍ଣିଚରୱାଲା ଏବଂ ତେଜୁ ଅଶ୍ୱିନୀ ମିଳିତ ଭାବେ ଷ୍ଟାର୍ ପାୱାର୍ ପ୍ରଦାନ କରୁଛନ୍ତି। ସେମାନେ ବହୁବିଧତା, ବ୍ୟକ୍ତିତ୍ୱ ଏବଂ ଉତ୍ସବର ଭାବନାକୁ ଜୀବନ ପ୍ରଦାନ କରୁଛନ୍ତି, ଯାହା ଏ ସଂସ୍କରଣକୁ ପରିଭାଷିତ କରୁଛି।

# ୨୪ ଘଣ୍ଟା ନୁହେଁ, ୨ ଘଣ୍ଟା ଆଡମିଟ୍ ହେଲେ ବି ମିଳିବ ବୀମା କଭରେଜ

**ବଦଳିଲା ସ୍ୱାସ୍ଥ୍ୟ ବୀମା ନିୟମ**

ନୂଆଦିଲ୍ଲୀ,୧୧।୭ (ଏଜେନ୍ସି)

ସ୍ୱାସ୍ଥ୍ୟ ବୀମା କ୍ଲେମ୍‌କୁ ନେଇ ଏକ ଆଶ୍ୱସ୍ତିଭରା ଖବର ଆସିଛି। ଏବେ ସ୍ୱାସ୍ଥ୍ୟ ବୀମା ପାଇବା ପାଇଁ ଆଉ ଆପଣଙ୍କୁ ହସ୍ପିଟାଲରେ ପୁରା ୨୪ ଘଣ୍ଟା ବିତାଇବାକୁ ପଡିବନି। ଏବେ ଅନେକ ସ୍ୱାସ୍ଥ୍ୟ ବୀମା କମ୍ପାନୀ ମାତ୍ର ୨ ଘଣ୍ଟା ଆଡମିସନରେ ବି ମେଡିକ୍ଲେମ ଦେଲେଣି। ଏହି ପରିବର୍ତ୍ତନ ଏଥି ପାଇଁ ହୋଇଛି ଯେ ଚିକିତ୍ସା ଦ୍ରୁତ ଓ ଆଧୁନିକ ହୋଇଯାଇଛି। ମୋତିଆବିନ୍ଦୁ, କେମୋଥେରାପି ଓ ଏନଜିଓଗ୍ରାଫି

## ମାତ୍ର କିଛି ଘଣ୍ଟାରେ ହୋଇଯାଉଛି ମୋତିଆବିନ୍ଦୁ, କେମୋଥେରାପି, ଏନଜିଓଗ୍ରାଫି

ପାଇଁ ପୂର୍ବରୁ ସାରା ରାତି ହସ୍ପିଟାଲରେ କଟାଇବାକୁ ପଡୁଥିଲା। ଏବେ ଏହି ସବୁ ଚିକିତ୍ସା ମାତ୍ର କିଛି ଘଣ୍ଟାରେ ହୋଇଯାଉଛି। ଏବେ ଏପରି ଚିକିତ୍ସାକୁ ଡେ-କେୟାର ପ୍ରୋସିଜିୟର କୁହାଯାଉଛି। ଯେପରି ମୋତିଆବିନ୍ଦୁ ଅପରେସନ, ଡାୟଲିସିସ୍, କେମୋଥେରାପି ଆଦି ଲାଗି ମଧ୍ୟ ମେଡିକ୍ଲେମ ମିଳି ପାରିବ। ପୂର୍ବରୁ ଏହି ସବୁ ମାମଲାରେ ଏଥି ପାଇଁ କ୍ଲେମ ମିଳୁନଥିଲା ଯେହେତୁ ରୋଗୀ ହସ୍ପିଟାଲରେ ୨୪ ଘଣ୍ଟା ବିତାଉ ନଥିଲେ। ଏବେ କମ ସମୟରେ ଚିକିତ୍ସା କରାଇବା ପାଇଁ ପକେଟରୁ ପଇସା ଟେ ବି ଖର୍ଚ୍ଚ କରିବାକୁ ପଡିବନି। ଏହା ଦ୍ୱାରା ଲୋକେ ସଠିକ ସମୟରେ ନିଜର ଚିକିତ୍ସା କରାଇ ପାରିବେ ଓ ଆର୍ଥିକ ବୋଝରୁ ମଧ୍ୟ ବର୍ତ୍ତି ପାରିବେ। ବୀମା କମ୍ପାନୀ ଏବେ ଚିକିତ୍ସାର ଅତ୍ୟାଧୁନିକ ଟେକନିକ୍ କୁ ବୁଝିଲେଣି ଓ ନିଜ ପଲିସିକୁ ସେହି ଅନୁସାରେ ଅପଡେଟ କରୁଛନ୍ତି। ଏହାର ଅର୍ଥ ଏବେ ବୀମା କଭର ଅଧିକ ସ୍ମାର୍ଟ, ଦ୍ରୁତ ଓ ଆବଶ୍ୟକତା ଅନୁସାରେ ହୋଇଯାଇଛି। ମୋଟ ଉପରେ କହିବାକୁ ଗଲେ ଏହି ପରିବର୍ତ୍ତନ ଗ୍ରାହକଙ୍କ ନିମନ୍ତେ ଆଶ୍ୱସ୍ତିଭରା ଓ ହେଲଥ୍ ଇନସ୍ୟୁରାନ୍ସ କୁ ପୂର୍ବାପେକ୍ଷା ଅଧିକ ସୁବିଧାଜନକ କରିଛି।




■ ଚୀନକୁ ଚେକ୍

# ରେଆର ଆର୍ଥ ମ୍ୟାଗ୍‌ନେଟ୍ ଉତ୍ପାଦନ ଯୋଜନା ଘୋଷଣା

**ନୂଆଦିଲ୍ଲୀ,୧୧।୭ (ଏଜେନ୍ସି):** ଚୀନ୍ ବିରଳ ଖଣିଜ ପଦାର୍ଥ ରପ୍ତାନୀରେ କଟକଣା ଲଗାଇବା ପରେ ଭାରତ ଏ ଦିଗରେ ସ୍ୱାବଲମ୍ବୀ ହେବାକୁ ଉଦ୍ୟମ ଆରମ୍ଭ କରିଦେଇଛି। ଭାରତ ଏହି ରେଆର ଆର୍ଥ ମ୍ୟାଗ୍‌ନେଟ୍‌ର ଘରୋଇ ଉତ୍ପାଦନ କରିବାକୁ ଯୋଜନା ଘୋଷଣା କରିଛି। ରିପୋର୍ଟ ଅନୁସାରେ, ଶୁକ୍ରବାର କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରୀ ଏଚ୍ ଡି କୁମାରସ୍ୱାମୀ କହିଛନ୍ତି ଯେ ରେଆର ଆର୍ଥ ମ୍ୟାଗ୍‌ନେଟ୍ ପାଇଁ ଘରୋଇ ଉତ୍ପାଦନ କ୍ଷମତା ପ୍ରତିଷ୍ଠା କରିବା ପାଇଁ କେନ୍ଦ୍ର ସରକାର ୧,୩୪୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି।

**ବ୍ୟୟ ହେବ ୧୩୪୫ କୋଟି**



ଚୀନ ଭାରତକୁ ୭ ବିରଳ ଖଣିଜ ପଦାର୍ଥ ଏବଂ ବିରଳ ଚୁମ୍ବକ ରପ୍ତାନୀରେ କଟକଣା ଲଗାଇବା ପରେ ଭାରତ ଏହି ନିଷ୍ପତ୍ତି ନେଇଛି। ତେବେ କଟକଣାରେ ଚୀନ କିଛି ନୂଆ ନିୟମ ଯୋଡ଼ିଛି। ଯେଉଁଥିରେ ସାମଗ୍ରୀଗୁଡ଼ିକ ପ୍ରତିରକ୍ଷା ଉଦ୍ଦେଶ୍ୟରେ ବ୍ୟବହୃତ ହେଉ ନାହିଁ କିମ୍ବା ଆମେରିକାକୁ ପୁନଃ ରପ୍ତାନୀ କରାଯିବ ନାହିଁ ବୋଲି ସୁନିଶ୍ଚିତ କରିବାକୁ ପଡ଼ିବ ଭଳି ସର୍ତ୍ତ ରହିଛି। ତେଣୁ ଭାରତ ଆଉ ଚୀନ ଉପରେ ନିର୍ଭର କରିବାକୁ ଚାହୁଁ ନାହିଁ। ଏ ନେଇ କେନ୍ଦ୍ର ଭାରୀ ଶିଳ୍ପ ମନ୍ତ୍ରଣାଳୟ ସଚିବ, କାମରାନ ରିଜଭି କହିଛନ୍ତି ଯେ ରେଆର ଆର୍ଥ ମ୍ୟାଗ୍‌ନେଟ୍ ପ୍ରକ୍ରିୟାକରଣ ପାଇଁ ଚିଠା ଯୋଜନାକୁ ଆନ୍ତଃ-ମନ୍ତ୍ରାଳୟ ସମୀକ୍ଷା ପାଇଁ ପଠାଯାଇଛି। ଏଥିରେ ନୂଆ ନୀତି କାର୍ଯ୍ୟକାରୀ କରିବାରେ ସହଜ ହେବ। ଗତ ଆର୍ଥିକ ବର୍ଷରେ ଭାରତ ଚୀନ୍‌ରୁ ୫୪୦ ଟନ୍ ରେଆର ଆର୍ଥ ମ୍ୟାଗ୍‌ନେଟ୍ ଆମଦାନୀ କରିଥିଲା। କିନ୍ତୁ ଏବେ କଠୋର ନିୟମ ହେବା ପରେ ଏ କ୍ଷେତ୍ରରେ ଦେଶ ସଂଘର୍ଷ କରୁଛି। ଚୀନ ସାରା ବିଶ୍ୱକୁ ୯୦ ପ୍ରତିଶତ ରେଆର ଆର୍ଥ ମ୍ୟାଗ୍‌ନେଟ୍ ରପ୍ତାନୀ କରୁଛି। ଏହି ମ୍ୟାଗ୍‌ନେଟ୍‌ଗୁଡ଼ିକ ଇଲେକ୍ଟ୍ରିକ ମୋଟର, ବ୍ରେକିଂ ସିଷ୍ଟମ, ସ୍ମାର୍ଟଫୋନ ଏବଂ ମିସାଇଲ ଗାଇଡାନ୍ସ ଟେକ୍ନୋଲୋଜୀ ସମେତ ବିଭିନ୍ନ କ୍ଷେତ୍ରର ପ୍ରୟୋଗ ହେଉଛି।

ଆମେରିକାର ଭୂତତ୍ତ୍ୱ ସର୍ଭେ ଅନୁସାରେ ଚୀନ୍ ପାଖରେ ବିଶ୍ୱର ସର୍ବବୃହତ ବିରଳ ଖଣିଜ ପଦାର୍ଥର ଭଣ୍ଡାର ରହିଛି। ଯାହାର ପରିମାଣ ପ୍ରାୟ ୪୪ ନିୟୁତ ଟନ୍। ଏ କ୍ଷେତ୍ରରେ ଭାରତ ବିଶ୍ୱରେ ୬.୯ ନିୟୁତ ଟନ୍ ଗଚ୍ଛିତ ଖଣିଜ ସହ ତୃତୀୟ ସ୍ଥାନରେ ରହିଛି। ହେଲେ ଏଗୁଡ଼ିକର ଉତ୍ତୋଳନ ହୋଇପାରୁ ନ ଥିବାରୁ ଭାରତକୁ ଚୀନ ଉପରେ ନିର୍ଭର କରିବାକୁ ପଡ଼ିଛି। ରୟଟର୍ସର ରିପୋର୍ଟ ଅନୁସାରେ, କିଛି ଭାରତୀୟ କମ୍ପାନୀ ଚୁମ୍ବକ ଉତ୍ପାଦନରେ ଆଗ୍ରହ ପ୍ରକାଶ କରିଛନ୍ତି। ଅପରପକ୍ଷେ ଅଟୋମୋଟିଭ୍ ନିର୍ମାତା ମହିନ୍ଦ୍ରା ଆଣ୍ଡ ମହିନ୍ଦ୍ରା ଏବଂ କମ୍ପୋନେଣ୍ଟ ନିର୍ମାତା ୟୁନୋ ମିଣ୍ଡା ସ୍ଥାନୀୟ ଚୁମ୍ବକ ଉତ୍ପାଦନ ପାଇଁ ପ୍ଲାଣ୍ଟ ପ୍ରତିଷ୍ଠା କରିବାରେ ବିଶେଷ ଆଗ୍ରହ ଦେଖାଇଥିବା ଖବର ସାମ୍ନାରୁ ଆସିଛି।

# ୧୫ରେ ମୁମ୍ବାଇରେ ଖୋଲିବ ଟେସ୍‌ଲାର ପ୍ରଥମ ଶୋ' ରୁମ୍

ନୂଆଦିଲ୍ଲୀ,୧୧।୭ (ଏଜେନ୍ସି)

ଏଲନ୍ ମସ୍କଙ୍କ ଇଲେକ୍ଟ୍ରିକ୍ ଯାନ କମ୍ପାନୀ ଟେସ୍‌ଲା ଜୁଲାଇ ୧୫ରେ ଭାରତରେ ଏହାର ପ୍ରଥମ ଷ୍ଟୋର ଖୋଲିବାକୁ ଯାଉଛି। ଏହି ଷ୍ଟୋର ମୁମ୍ବାଇରେ ଖୋଲିବ ଏବଂ ଲୋକଙ୍କ ପାଇଁ ଏକ ଏକ୍ସପରିଏନ୍ସ ସେଣ୍ଟ ଭାବରେ କାମ କରିବ। ଅର୍ଥାତ୍, ଏଠାରେ କେବଳ ଗାଡ଼ି ବିକ୍ରି ହେବ ନାହିଁ, ବରଂ ଲୋକମାନେ ଟେସଲାର ପ୍ରଯୁକ୍ତିବିଦ୍ୟା ଏବଂ ବୈଶିଷ୍ଟ୍ୟଗୁଡ଼ିକୁ ମଧ୍ୟ ନିକଟରୁ ଦେଖିପାରିବେ।

**କାର୍ ମୂଲ୍ୟ ୪୮ ଲକ୍ଷ ଟଙ୍କା ପଡିପାରେ**

କମ୍ପାନୀ ସମ୍ପ୍ରତି ମୁମ୍ବାଇର ବାନ୍ଦ୍ରା କୁର୍ଲା କମ୍ପ୍ଲେକ୍ସରେ ୪,୦୦୦ ବର୍ଗଫୁଟ ଖୁଚୁରା ସ୍ଥାନ ପାଇଁ ଏକ ଲିଜ୍ ସ୍ୱାକ୍ଷର କରିଛି। ଏହି ସ୍ଥାନଟି ସହରରେ ଅବସ୍ଥିତ ଆପଲର ଫ୍ଲାଗସିପ୍ ଷ୍ଟୋର ନିକଟରେ ଅବସ୍ଥିତ। ପ୍ରଥମ ପର୍ଯ୍ୟାୟରେ, ଟେସଲା ଏହାର ମଡେଲ୍ ୱାଇ ଏସ୍‌ୟୁଭି ଆଣୁଛି, ଯାହା ସାଂଘାଇ କାରଖାନାରୁ ଆମଦାନୀ କରାଯାଇଛି। ଭାରତରେ ଏହାର ମୂଲ୍ୟ ପ୍ରାୟ ୪୮ ଲକ୍ଷ ଟଙ୍କା ହୋଇପାରେ।

**ଆମେରିକାରେ ରାଜୁତି କରୁଛନ୍ତି ୧୨ ମୂଳ ଭାରତୀୟ ଅରବପତି**

# ନାଡେଲା, ପିଚାଇ ନୁହେଁ; ଜୟ ଚୌଧୁରୀ ସବୁଠୁ ଧନୀ

ୱାଶିଂଟନ୍, ୧୧।୭ (ଏଜେନ୍ସି)

ଆମେରିକାରେ ଦ୍ୱିତୀୟ ସର୍ବବୃହତ ଏସୀୟ ସମ୍ପ୍ରଦାୟ ହେଉଛନ୍ତି ଭାରତୀୟ। ଆମେରିକାର ଜନଗଣନା ବ୍ୟୁରୋର ତଥ୍ୟ ଏବଂ ପ୍ୟୁ ରିସର୍ଚ୍ଚ ସେଣ୍ଟର ଦ୍ୱାରା ଆମେରିକୀୟ ସମ୍ପ୍ରଦାୟ ସର୍ଭେର ବିଶ୍ଳେଷଣ ଅନୁଯାୟୀ, ପ୍ରାୟ ୫.୨ ନିୟୁତ ଭାରତୀୟ ଆମେରିକାରେ ବସବାସ କରନ୍ତି। ଆମେରିକାର ଏସୀୟ ଜନସଂଖ୍ୟାର ପ୍ରାୟ ୨୧% ହେଉଛନ୍ତି ଭାରତୀୟ-ଆମେରିକୀୟ। ଆମେରିକାରେ ଭାରତୀୟ-ଆମେରିକୀୟ ବ୍ୟବସାୟୀମାନେ ବିଭିନ୍ନ କ୍ଷେତ୍ରରେ ଅପାର ସଫଳତା ହାସଲ କରିଛନ୍ତି। ଏକ ଆକଳନ ଅନୁଯାୟୀ, ୨୦୨୫ ଶେଷ ସୁଦ୍ଧା ଫୋର୍ବସ୍ ୪୦୦ ତାଲିକାରେ ଅତି କମ୍‌ରେ ୧୨ ଜଣ ଭାରତୀୟ ବଂଶୋଦ୍ଭବ ବ୍ୟକ୍ତିଙ୍କୁ ସାମିଲ କରାଯିବ, ଯାହା କର୍ପୋରେଟ୍ ଜଗତ ଉପରେ ସେମାନଙ୍କର ବିପୁଳ ପ୍ରଭାବକୁ ପ୍ରତିଫଳିତ କରେ। ତେବେ ଏହି ୧୨ ମୂଳ ଭାରତୀୟ ଅରବପତି

ଆମେରିକାରେ ବର୍ତ୍ତମାନ ରାଜୁତି କରୁଛନ୍ତି। ତେବେ ସତ୍ୟ ନାଡେଲା କିମ୍ବା ସୁନ୍ଦର ପିଚାଇ ନୁହେଁ ଜୟ ଚୌଧୁରୀ ହେଉଛନ୍ତି ଆମେରିକାରେ ସବୁଠୁ ଧନୀ ମୂଳ ଭାରତୀୟ।

ଜୟ ଚୌଧୁରୀ ଆମେରିକାର ଶୀର୍ଷ ଭାରତୀୟ ବଂଶୋଦ୍ଭବ କୋଟିପତି। ତାଙ୍କର ମୋଟ ସମ୍ପତ୍ତି ମୂଲ୍ୟ ୧୭.୯ ବିଲିୟନ ଡଲାର। ଧନୀ ଆମେରିକୀୟଙ୍କ ତାଲିକାରେ ୪୨ ତମ ସ୍ଥାନରେ ଥିବା ଜୟ ଚୌଧୁରୀ ହେଉଛନ୍ତି ସାଇବର ସୁରକ୍ଷା ଫାର୍ମ ଜ୍‌ସ୍କେଲରର ପ୍ରତିଷ୍ଠାତା ଏବଂ ସିଇଓ। ସେ ତାଲିକାରେ ସବୁଠାରୁ ଧନୀ ଭାରତୀୟ-ଆମେରିକୀୟ। ଏହା ବ୍ୟତୀତ ସୁନ୍ଦର ପିଚାଇ, ସତ୍ୟ ନାଡେଲା ଏବଂ ନିକେଶ ଆରୋରା ମଧ୍ୟ ଏହି ତାଲିକାରେ ସାମିଲ ଅଛନ୍ତି। ଆମେରିକାରେ ବିଦେଶରେ ଜନ୍ମିତ କୋଟିପତିଙ୍କ ସଂଖ୍ୟା ରେକର୍ଡ ୧୨୫ ରହିଛି। ଫୋର୍ବସ୍‌ର କୋଟିପତି ତାଲିକା ଅନୁଯାୟୀ, ଏହି କୋଟିପତିଙ୍କ ମଧ୍ୟରୁ ଅତି କମରେ ୧୨ ଜଣ ଭାରତରେ ଜନ୍ମଗ୍ରହଣ କରିଛନ୍ତି। ଏହି ୧୨୫ କୋଟିପତି ୪୩ଟି ଭିନ୍ନ ଭିନ୍ନ ଦେଶରୁ ଆସିଛନ୍ତି, କିନ୍ତୁ ସେମାନେ ଅଧିକାଂଶ ଆମେରିକୀୟ ମାଟିରେ ନିଜର ସମ୍ପତ୍ତି ଅର୍ଜନ କରିଛନ୍ତି। ଖୋସଲା ଭେଞ୍ଚର୍ସର ମୁଖ୍ୟ ଏବଂ ସନ୍ ମାଇକ୍ରୋସିଷ୍ଟମ୍ସର ସହ-ପ୍ରତିଷ୍ଠାତା ବିନୋଦ ଖୋସଲାଙ୍କ ସମ୍ପତ୍ତି ମୂଲ୍ୟ ୯.୨ ବିଲିୟନ୍ ଡଲାର। ଏହା ବ୍ୟତୀତ, ଏହି ତାଲିକାରେ ଥିବା ଅନ୍ୟମାନେ ହେଉଛନ୍ତି, ରୋମେଶ ଟି ୱାଧୱାନୀ ,ରାଜୀବ ଜୈନ, କବିତାର୍କ ରାମ ଶ୍ରୀରାମ, ରାଜ ସର୍ଦ୍ଦାନା, ଡେଭିଡ୍ ପଲ୍, ନିକେଶ ଆରୋରା , ସୁନ୍ଦର ପିଚାଇ, ସତ୍ୟ ନାଡେଲା ଏବଂ ନୀରଜା ସେଠୀ। ତେବେ ବିଶ୍ୱର ଦୁଇ ସର୍ବାଧିକ ଚର୍ଚ୍ଚିତ ପ୍ରଯୁକ୍ତିବିଦ୍ୟା ମହାରଥୀ ଆଲଫାବେଟ୍ ସିଇଓ ସୁନ୍ଦର ପିଚାଇ ଏବଂ ମାଇକ୍ରୋସଫ୍ଟ ସିଇଓ ସତ୍ୟ ନାଡେଲା ଚଳିତବର୍ଷ ୧.୧ ବିଲିୟନ ଡଲାର ସମ୍ପତ୍ତି ସହିତ ଉକ୍ତ ତାଲିକାରେ ସ୍ଥାନ ପାଇଛନ୍ତି। ପୂର୍ବତନ ସଫ୍ଟବ୍ୟାଙ୍କ କାର୍ଯ୍ୟନିର୍ବାହୀ ଏବଂ ପାଲୋ ଅଲ୍ଟୋ ନେଟୱାର୍କସର ବର୍ତ୍ତମାନର ସିଇଓ ନିକେଶ ଆରୋରା ମଧ୍ୟ ୧.୪ ବିଲିୟନ ଡଲାର ସମ୍ପତ୍ତି ସହିତ ଏହି ତାଲିକାରେ ନୂତନ ନାମ।

**ଆମେରିକାରେ ଭାରତ ଜନ୍ମିତ ବିଲିୟନେୟାର**

| ନାମ | ସମ୍ପତ୍ତି (ବିଲିୟନ ଡଲାରରେ) |
|---|---|
| ଜୟ ଚୌଧୁରୀ | ୧୭.୯ |
| ବିନୋଦ ଖୋସ୍‌ଲା | ୯.୨ |
| ରାକେଶ ଗାଙ୍ଗୱାଲ | ୬.୬ |
| ରୋମେଶ ଟି ୱାଧୱାନୀ | ୫.୦ |
| ରାଜୀବ ଜୈନ | ୪.୮ |
| କବିତାର୍କ ରାମ ଶ୍ରୀରାମ | ୩.୦ |
| ରାଜ ସର୍ଦ୍ଦାନା | ୨.୦ |
| ଡେଭିଡ୍ ପଲ୍ | ୧.୫ |
| ନିକେଶ ଆରୋରା | ୧.୪ |
| ସୁନ୍ଦର ପିଚାଇ | ୧.୧ |
| ସତ୍ୟ ନାଡେଲା | ୧.୧ |
| ନୀରଜା ସେଠୀ | ୧.୦ |



# ୮୦୨.୯ କୋଟିର ରେଳ ପ୍ରକଳ୍ପକୁ ମଞ୍ଜୁରୀ

ଭୁବନେଶ୍ୱର,୧୧।୭ (ଏଜେନ୍ସି): ଓଡ଼ିଶାକୁ ମିଳିଛି ଆଉ ଏକ ନୂଆ ରେଳ ପ୍ରକଳ୍ପ। ଏଥିରେ କଟକ ଏବଂ ନିର୍ଗୁଣ୍ଡି ଷ୍ଟେସନ୍ ମଧ୍ୟରେ ନିର୍ମାଣ ହେବ ୧୫.୯୯ କିଲୋମିଟରର ଚତୁର୍ଥ ରେଳ ଲାଇନ୍। ଏହାଛଡା ନିର୍ଗୁଣ୍ଡିଠାରେ ଏକ ରେଳ ଫ୍ଲାଏଓଭର ମଧ୍ୟ ନିର୍ମାଣ କରାଯିବ। କଟକ-ଲାଇନ ଏବଂ ରେଳ ଫ୍ଲାଏଓଭରକୁ ମୁଖ୍ୟ ଲାଇନ୍ ରୁଟଗୁଡ଼ିକରୁ ପାରାଦୀପ ବନ୍ଦର ଯାଉଥିବା ଟ୍ରାଫିକକୁ ପୃଥକ କରି କରିଡରକୁ ଭିଡ଼ କମ କରିବା ପାଇଁ ଡିଜାଇନ୍ କରାଯାଇଛି, ବିଶେଷକରି କଟକ ଏବଂ ଢେଙ୍କାନାଳ ମଧ୍ୟରେ। ଏହି ପ୍ରକଳ୍ପ କଟକ ଏବଂ ଭୁବନେଶ୍ୱର ସେକ୍ସନରୁ ଆସୁଥିବା

**ନିର୍ମାଣ ହେବ କଟକ-ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ୍**

**ନିର୍ଗୁଣ୍ଡିରେ ନୂଆ ରେଳ ଫ୍ଲାଏଓଭର**

**ମହାନଦୀ, ବିରୂପାରେ ନିର୍ମାଣ ହେବ ଦୁଇଟି ରେଳ ପୋଲ**



ନିର୍ଗୁଣ୍ଡି ଚତୁର୍ଥ ରେଳ ଲାଇନ୍ ପ୍ରକଳ୍ପରେ ମହାନଦୀ ଏବଂ ବିରୂପା ନଦୀରେ ଦୁଇଟି ସେତୁ ନିର୍ମାଣ କରାଯିବ। ଏ ସମସ୍ତ ପ୍ରକଳ୍ପ ପାଇଁ ରେଳବାଇ ୮୦୨.୯ କୋଟି ଟଙ୍କା ମଞ୍ଜୁରୀ ଦେଇଛି।

ଏହି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ପ୍ରକଳ୍ପର ଲକ୍ଷ୍ୟ ହେଉଛି ହାଓଡା-ଚେନ୍ନାଇ ମୁଖ୍ୟ ଲାଇନ ସେକ୍ସନ ଏବଂ କଟକ-ପାରାଦୀପ ସେକ୍ସନରେ ଟ୍ରେନ ପରିଚାଳନାର କ୍ଷମତା ଏବଂ ଦକ୍ଷତାକୁ ଉଲ୍ଲେଖନୀୟ ଭାବରେ ବୃଦ୍ଧି କରିବା। ଓଡିଶାକୁ ଆଉ ଏକ ଭିତ୍ତିଭୂମି ପ୍ରୋତ୍ସାହନ ସ୍ୱରୂପ କେନ୍ଦ୍ର ରେଳମନ୍ତ୍ରୀ ଅଶ୍ୱିନ ବୈଷ୍ଣବ ୮୦୨.୯ କୋଟି ଟଙ୍କା ମୂଲ୍ୟର ପ୍ରକଳ୍ପକୁ ମଞ୍ଜୁର କରିଛନ୍ତି। କଟକ-ନିର୍ଗୁଣ୍ଡି ସେକ୍ସନ ହାଓଡ଼ା-ଚେନ୍ନାଇ ହାଇ-ଡେନ୍ସିଟି ନେଟୱାର୍କର ଏକ ଅଂଶ। ପାରାଦୀପ ବନ୍ଦରରୁ କଟକରେ ମୁଖ୍ୟ ଲାଇନକୁ କ୍ରସିଂ କରୁଥିବାରୁ ଏହି କରିଡରରେ ବର୍ତ୍ତମାନ ଅଧିକ ଭିଡ଼ ପରିଲକ୍ଷିତ ହେଉଛି। ତାଳଚେର ଯିବା ପାଇଁ କଟକରେ କୌଣସି ସିଧାସଳଖ ଜଙ୍କସନ ବ୍ୟବସ୍ଥା ନ ଥିବାରୁ, ପୃଷ୍ଠ-ସ୍ତର କ୍ରସିଂ ଯୋଗୁଁ ଟ୍ରେନଗୁଡ଼ିକ ପ୍ରାୟତଃ ଦୀର୍ଘ ବିଳମ୍ବର ସମ୍ମୁଖୀନ ହେଉଛନ୍ତି। ଚତୁର୍ଥ ଏବଂ ଯାଉଥିବା ମୁଖ୍ୟ ଲାଇନ ସେକ୍ସନରେ ଯାତ୍ରୀ ଏବଂ ମେଲ ଏକ୍ସପ୍ରେସ ଟ୍ରେନଗୁଡ଼ିକର ଅଟକ ହ୍ରାସ କରିବାରେ ସାହାଯ୍ୟ କରିବ। ବର୍ତ୍ତମାନ ନିର୍ଗୁଣ୍ଡିଠାରେ ମେଲ ଏକ୍ସପ୍ରେସରେ କ୍ରସିଂ ଯୋଗୁଁ ଟ୍ରେନଗୁଡ଼ିକ କେତେକ ସମୟରେ ପ୍ରତିବନ୍ଧକ ଯୋଗୁଁ ଅଟକ ରଖାଯାଏ। ଏହି ପ୍ରକଳ୍ପ କଟକଣାକୁ କମ କରିବ ଏବଂ ସେକ୍ସନରେ ଟ୍ରେନଗୁଡ଼ିକର ସମୟାନୁବର୍ତ୍ତୀତାକୁ ଉନ୍ନତ କରିବାରେ ଏବଂ ଅଧିକ କୋଚିଂ ଟ୍ରେନଗୁଡ଼ିକୁ ସୁଗମ ଭାବରେ ଚଳାଇବାରେ ସାହାଯ୍ୟ କରିବ। ଏହି ପ୍ରକଳ୍ପ ଏହି ସେକ୍ସନରେ କୋଚିଂ ଏବଂ ମାଲବାହୀ ଟ୍ରେନଗୁଡ଼ିକୁ ପୃଥକ କରିବାରେ ମଧ୍ୟ ସାହାଯ୍ୟ କରିବ। ଏବଂ ମୁଖ୍ୟପଥ ବାଇପାସ୍ କରିବା ସମୟରେ ଟ୍ରେନଗୁଡ଼ିକ ବିଳମ୍ବ ହେବ ନାହିଁ। ଏହି ପ୍ରକଳ୍ପର ଅଂଶ ଭାବରେ ମହାନଦୀ ଏବଂ ବିରୂପାରେ ଦୁଇଟି ନଦୀ ସେତୁ ମଧ୍ୟ ନିର୍ମାଣ କରାଯିବ। ଫ୍ଲାଏଓଭର ସହିତ ଏହି ପ୍ରକଳ୍ପ ଲାଇନଟି କବଚ ସୁରକ୍ଷା ବୈଶିଷ୍ଟ୍ୟ ଏବଂ ୧୩୦ କିଲୋମିଟର ପ୍ରତି ଘଣ୍ଟା ବେଗ ସହିତ ୨*୨୫ କେଭି ବିଦ୍ୟୁତୀକରଣ ସିଷ୍ଟମ ସହିତ ଡିଜାଇନ୍ କରାଯାଇଛି।

### ବିଧାୟକ ସନ୍ତୋଷ ଖଟୁଆଙ୍କ ଗିରଫ ଦାବି

# ନୀଳଗିରିରେ ବିଜେଡିର ବିରାଟ ମହିଳା ସମାବେଶ






ନୀଳଗିରି,୧୧।୭ (ସମିସ): କୁଳଡିହା ହାତୀ ମୃତ୍ୟୁ ଓ ତସ୍କରୀକୁ ନେଇ ରାଜ୍ୟ ରାଜନୀତି ସରଗରମ। ହାତୀ ଶିକାରୀଙ୍କୁ ସ୍ଥାନୀୟ ବିଧାୟକ ସନ୍ତୋଷ କୁମାର ଖଟୁଆ ନିଜ ଫାର୍ମହାଉସରେ ସୁରକ୍ଷା ଦେଇଥିବା ନେଇ ସାମ୍ବାଦିକ ସମ୍ମିଳନୀରେ ବିଜେଡି ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତସିଂହାର ପ୍ରକାଶ କରିବା ସହିତ ବିଧାୟକଙ୍କ ଏହି ଘଟଣାରେ ସଂପୃକ୍ତି ଥିବାନେଇ ଅଭିଯୋଗ କରିବା ପରେ ତାଙ୍କପ୍ରତି ବିଧାୟକ ଶ୍ରୀ ଖଟୁଆଙ୍କ ଆଶାଳୀନ ମନ୍ତବ୍ୟ ରାଜ୍ୟ ରାଜନୀତିକୁ ସରଗରମ କରିଛି। ରାଜ୍ୟର ଭିନ୍ନଭିନ୍ନ ଥାନାରେ ଏନେଇ ବିଜେଡିର ମହିଳା ନେତ୍ରୀ ଓ କର୍ମୀମାନେ ବିଧାୟକଙ୍କ ନାମରେ ଏତଲାଦେବା ସହ ଗିରଫ ଦାବି କରିଛନ୍ତି।

ଏହି ପରିପ୍ରେକ୍ଷୀରେ ଶୁକ୍ରବାର ନୀଳଗିରିରେ ବିଧାୟକଙ୍କ ଗିରଫ ଦାବି ନେଇ ବିଜୁ ଜନତା ଦଳ ତରଫରୁ ବିରାଟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ସମାବେଶରେ ଯୋଗଦେଇ ରାଜ୍ୟ ବିଜୁ ଜନତା ଦଳର ନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ କହିଥିଲେ, ବିଜୁ ଜନତା ଦଳ ସର୍ବଦା ମହିଳାଙ୍କୁ ସମ୍ମାନ ଦେଉଥିବା ବେଳେ ବର୍ତ୍ତମାନର ବିଜେପି ସରକାରରେ ମହିଳା ଅସୁରକ୍ଷିତ। ବିଜେପି ମହିଳାଙ୍କୁ ସମ୍ମାନର କଥା କହୁଥିବା ବେଳେ ଏଇଟା କଣ ବିଜେପିର ମାଆଙ୍କୁ ସମ୍ମାନ। ନୀଳଗିରିବାସୀ ଭୋଟଦେଇ ଜଣେ ଅସଭ୍ୟ ବ୍ୟକ୍ତିଙ୍କୁ ବାଛି ବିଧାନସଭାକୁ ପଠାଇଛନ୍ତି। ଏଭଳି ଅଶାଳୀନ ମନ୍ତବ୍ୟ ଦେବା ଏବଂ ତାଙ୍କୁ ରାଜ୍ୟ ତଥା କେନ୍ଦ୍ରର କୌଣସି ବିଜେପି ନେତୃବୃନ୍ଦ ନିନ୍ଦା ନ କରିବା ପଛରେ ବିଜେପିର ସମର୍ଥନ ଥିବା ସେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ପୂର୍ବତନ ରାଜସ୍ୱ ମନ୍ତ୍ରୀ ସୁଦାମ ମାର୍ଣ୍ଡି ସନ୍ତୋଷ ଖଟୁଆଙ୍କ ଗିରଫ ଓ ନିଲମ୍ବନ ଦାବି କରିଥିଲେ। ଜଣେ ମହିଳାର ଚରିତ୍ର ସଂହାର କରିଥିବା ବ୍ୟକ୍ତି ନାରୀ ସମାଜ ପାଖରେ କ୍ଷମାମାଗନ୍ତୁ ଏବଂ ରାଜ୍ୟ ସରକାର ତାଙ୍କୁ ଗିରଫ କରି ଦଳରୁ ବହିଷ୍କାର କରିବାକୁ ବହୁନେତା ଦାବି କରିଛନ୍ତି। ନହେଲେ ଆଗାମୀଦିନରେ ବିଜେଡି ରାଜରାସ୍ତାକୁ ଓହ୍ଲାଇବ ବୋଲି ବହୁ ବିଜେଡିନେତା ଚେତାବନୀ ଦେଇଛନ୍ତି। ସମାବେଶରେ ପୂର୍ବତନ ବିଧାୟକ ସୁକାନ୍ତ କୁମାର ନାୟକ ଅଧ୍ୟକ୍ଷତା କରିଥିବା ବେଳେ ରାଜ୍ୟ ମହିଳା ବିଜୁ ଜନତାଦଳର ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ପୂର୍ବତନମନ୍ତ୍ରୀ ସୁଦାମ ମାର୍ଣ୍ଡି, ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଜ୍ୟୋତିପ୍ରକାଶ ପାଣିଗ୍ରାହୀ, ପୂର୍ବତନ ମନ୍ତ୍ରୀ ଅଶ୍ୱିନୀ ପାତ୍ର, ବିଜୁ ଯୁବଜନତା ଦଳର ରାଜ୍ୟ ସଭାପତି ବ୍ୟୋମକେଶ ରାୟ, ବିଜେଡି ମୁଖପାତ୍ର ଡ. ଲେଖାଶ୍ରୀ ସାମନ୍ତ ସିଂହାର, ଭଣ୍ଡାରିପୋଖରୀ ବିଧାୟକ ସଞ୍ଜୀବ ମଲ୍ଲିକ, ବାଲେଶ୍ୱର ସଦରର ପୂର୍ବତନ ବିଧାୟକ ସ୍ୱରୂପ ଦାସ, ରେମୁଣା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ସୁଧାଂଶୁ ପରିଡା, ସୁକାନ୍ତ କୁମାର ନାୟକ, ରେମୁଣାର ବିଧାୟକ ପ୍ରାର୍ଥୀନୀ ବିଦୁସ୍ମିତା ମହାଲିକ, ବାଲେଶ୍ୱରର ପୂର୍ବତନ ଜିଲ୍ଲାପରିଷଦ ଅଧ୍ୟକ୍ଷା ଉର୍ମିଳତା ଦାସ, ରାଜ୍ୟ ମହିଳା ଉପ ସଭାନେତ୍ରି ମାନସୀ ହରିଚନ୍ଦନ, ନୀଳଗିରି ବ୍ଲକ୍ ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝୀ, ଜିଲ୍ଲା ସାଧାରଣ ସମ୍ପାଦକ ରଞ୍ଜନ ବାଗ, ବିଜୁ ଛାତ୍ର ଜନତା ଦଳର ରାଜ୍ୟ ସମ୍ପାଦକ ବିଭୁଦତ୍ତ ପରିଡ଼ା, ଯୁବନେତା ଶୁଭେନ୍ଦୁ ମଙ୍ଗରାଜ, ବାହାନଗା ବ୍ଲକର ପୂର୍ବତନ ଚେୟାରମ୍ୟାନ ଶରତ ଚନ୍ଦ୍ର ରାଜ, ପୂର୍ବତନ ଜିଲ୍ଲା ଯୁବ ବିଜେଡି ସଭାପତି ତାପସ ପରିଡା, ଆଦିବାସୀ ନାରୀନେତ୍ରୀ ସୁନୀତି ସିଂ, ମିତିଆସେଲର ଧିରେନ୍ ନାୟକ, ଜିଲ୍ଲା ସମ୍ପାଦକ ମନୋଜ ରାଉତ, ଶ୍ରମିକନେତା ଅଭିଜିତ ଦାସ, ମଦନ ମାଝୀ, ନୀଳଗିରି ଏନ୍ଏସିର ପୂର୍ବତନ ଅଧ୍ୟକ୍ଷା ଅମ୍ବିକା ଦାସ ଓ କମଳାମଣି ପରିଡ଼ା ପ୍ରମୁଖ ମଞ୍ଚାସୀନ ଥିଲେ।

## ମଝିଆଁର ତଣ୍ଟିକାଟି ହତ୍ୟାକଲା ବଡ଼ଭାଇ

ଭୋଗରାଇ,୧୧।୭ (ସମିସ): ମଝିଆଁ ଭାଇକୁ ରାତି ଅଧରେ ଘରକୁ ଡାକିନେଇ ଧାରୁଆ ଅସ୍ତ୍ରରେ ଅତି ବିଭତ୍ସ ଭାବେ ତଣ୍ଟିକାଟି ହତ୍ୟାକରିଛି ବଡ଼ଭାଇ। ଏଭଳି ଅଭାବନୀୟ ଘଟଣା ବାଲେଶ୍ୱର ଜିଲ୍ଲା ଭୋଗରାଇ ଥାନା ଅନଳିଆ ପଞ୍ଚାୟତ ମାନକୁଣ୍ଡାରେ ଘଟିଛି। ଖବର ପାଇ ଶୁକ୍ରବାର ସକାଳେ ଘଟଣାସ୍ଥଳରେ ଜଳେଶ୍ୱର ଏସ୍‌ଡିପିଓ ମାନସ କୁମାର ଦେଓ, ଭୋଗରାଇ ଥାନା ଅଧିକାରୀଙ୍କ ସହ ପୁଲିସବାହିନୀ ଓ ବାଲେଶ୍ୱର ସାଇଣ୍ଟିଫିକ ଟିମ୍ ପହଞ୍ଚି ହତ୍ୟାକାରୀଙ୍କ ଘରେ ଛାନଭିନ କରିଥିଲେ। ଏଥିସହ ଜଣେ ମହିଳା ଓ ଆତ୍ମୀୟଙ୍କର ବୟାନକୁ ରେକର୍ଡ ମଧ୍ୟ କରିଛନ୍ତି।

ସୂଚନାନୁଯାୟୀ, ଗ୍ରାମର ନିଆସୀ ମଣ୍ଡଳ(୫୨)ଙ୍କ ୩ ଭାଇ ଅଲଗା ଘରକରି ରୁହନ୍ତି। ୩ ଭାଇଙ୍କ ବିବାହ ସରିଥିବା ବେଳେ ବଡ଼ଭାଇ ନିଆସୀଙ୍କ ଅତ୍ୟାଚାରରେ ପୁଅ ଓ ସ୍ତ୍ରୀ ଘରୁ ପଳାଇଯାଇ ଭିନ୍ନ ରାଜ୍ୟରେ ରହି କାମ କରୁଥିବାର ତାଙ୍କ ସାନଭାଇ ତପନ ମଣ୍ଡଳ କହିଛନ୍ତି। ହତ୍ୟାକାରୀ ନିଆସୀ ଗତ ୧୦ବର୍ଷ ପୂର୍ବେ ଗ୍ରାମର ଜନୈକ ମହିଳା ରାତିରେ ଶୋଇଥିବା ବେଳେ ଧାରୁଆ ଅସ୍ତ୍ରରେ ତାଙ୍କ ହାତର ୩ଆଙ୍ଗୁଳିକାଟି ୫ ବର୍ଷ ଜେଲଯାଇ ଫେରିଛନ୍ତି। ଏପରିକି ନିଆସୀଙ୍କ ନାମରେ ଭୋଗରାଇ ଥାନାରେ ଏକାଧିକ ମାମଲା ମଧ୍ୟ ରହିଛି। ଗତ ଗୁରୁବାର ବିଳମ୍ବିତ ରାତ୍ରିରେ ମଝିଆଁ ଭାଇ ନିମାଇଁ ମଣ୍ଡଳ(୪୫) ଘରେ ଖାଇବାକୁ ବସିଥିବା ବେଳେ ତାଙ୍କୁ ନିଆସୀ ଘରୁ ଡାକିନେଇ ଥିବାର ମୃତକଙ୍କ ସ୍ତ୍ରୀ ଗୁରୁବାରୀ ମଣ୍ଡଳ ଅଭିଯୋଗ କରିଛନ୍ତି। ସେ ରାତିରେ ଦେଢ଼ଶୁର ନିଆସୀଙ୍କୁ ପଚାରିବାରୁ ନିମାଇଁ ଘରକୁ ଚାଲି ଯାଇଛି ବୋଲି କହିବାପରେ ଅନ୍ୟ ୨ ଭାଇ ଖୋଜିଥିଲେ ବି ତାଙ୍କର ପତ୍ତା ମିଳିନଥିଲା। ସକାଳେ ଘର ସମ୍ମୁଖ ବାହାରିବା ରାସ୍ତା ପାଖରେ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଯୁବକଙ୍କ ମୃତଦେହ ପଡିଥିବାର ଦେଖି ଗାଁ ଲୋକେ ପୁଲିସକୁ ସୂଚନା ଦେଇଥିଲେ। ଭୋଗରାଇ ପୁଲିସ ଅଭିଯୋଗ ମୂଳେ ଏହି ଘଟଣାରେ ହତ୍ୟାକାରୀଙ୍କ ବିରୋଧରେ ବିଭିନ୍ନ ଦଫାରେ ମାମଲା ରୁଜୁକରି ପ୍ରାଥମିକ ତଦନ୍ତ ଜାରି ରଖିଥିବା ବେଳେ ଆସାମୀଙ୍କୁ ଧରିବାରେ ତଲାସୀ ଜାରି ରଖିଛନ୍ତି। ମୃତଦେହକୁ ଭୋଗରାଇ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ବ୍ୟବଚ୍ଛେଦ କରାଯାଇ ଆତ୍ମୀୟଙ୍କୁ ହସ୍ତାନ୍ତର କରାଯାଇଛି।

## ସ୍ୱତନ୍ତ୍ର ଓଟିଇଟି ପରୀକ୍ଷା ଆଡମିଟ କାର୍ଡ ୱେବ୍‌ସାଇଟରେ

କଟକ,୧୧।୭ (ସମିସ): ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଆନୁକୂଲ୍ୟରେ ପରିଚାଳିତ ସ୍ୱତନ୍ତ୍ର ଓଡ଼ିଶା ଶିକ୍ଷକ ଯୋଗ୍ୟତା ପରୀକ୍ଷା (ଏସଓଟିଇଟି) ପାଇଁ ଶନିବାର ବୋର୍ଡ ୱେବସାଇଟରେ ଆଡମିଟ କାର୍ଡ ଉପଲବ୍ଧ ହେବ ବୋଲି ଜଣାପଡିଛି। ଆସନ୍ତା ଜୁଲାଇ ୨୦ତାରିଖ ରବିବାର ଦୁଇଟି ସିଟିଂରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟର ୧୯୩ଟି କେନ୍ଦ୍ରରେ ୭୫ହଜାର ୪୦୩ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ପେପର-୧ରେ ପରୀକ୍ଷା ସକାଳ ୯ଟାରୁ ଦିନ ସାଢେ୧୧ଟା ପର୍ଯ୍ୟନ୍ତ ଓ ପେପର-୨ ପରୀକ୍ଷା ଦିନ ୨ଟାରୁ ଅପରାହ୍ନ ୪ଟା୩୦ମିନିଟ ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ପେପର-୧ରେ ମୋଟ୨୯୦୦୪ଜଣ ଓ ପେପର-୨ରେ ୪୬୩୯୯ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ।

■ ଡ୍ରାଇଭର ମହାସଂଘ ଆନ୍ଦୋଳନର ପ୍ରଭାବ

## ୪୦ କିମି ଚାଲିଲେ ଭିନ୍ନକ୍ଷମ



ଭଦ୍ରକ,୧୧।୭ (ସମିସ): ରାଜ୍ୟବ୍ୟାପୀ ଡ୍ରାଇଭର ମହାସଂଘର ଆନ୍ଦୋଳନ ଆଜି ୪ର୍ଥ ଦିନରେ ପହଞ୍ଚିଛି। ବସ ଚଳାଚଳ ବନ୍ଦ ହେତୁ ଲୋକେ ନାହିଁ ନଥିବା ଦୁର୍ଦ୍ଦଶାରେ ସମ୍ମୁଖୀନ ହେଉଛନ୍ତି। ଆଉ ଏହି ଦୁର୍ଦ୍ଦଶାରେ ପଡି ବହୁ କଷ୍ଟକରି ଦୀର୍ଘ ୪୦କିମି ରାସ୍ତା ଅତି ଅତିକ୍ରମ କରିଛନ୍ତି ଚାନ୍ଦବାଲି ଅଂଚଳର ଜଣେ ଭିନ୍ନକ୍ଷମ। ସୂଚନାଯୋଗ୍ୟ ଯେ, ସେକ ସିରାଜ ନାମକ ଏହି ଭିନ୍ନକ୍ଷମ ବ୍ୟକ୍ତି ଯିଏ କି କଲିକତାରୁ ଟ୍ରେନ ଯୋଗେ ଭଦ୍ରକରେ ପହଞ୍ଚି ନିଜ ଘର ଧାମରା ଅଞ୍ଚଳକୁ ବାହାରିଥିଲେ; ହେଲେ ଭଦ୍ରକକୁ କୌଣସି ବସ୍ ଚଳାଚଳ କରୁ ନ ଥିବାରୁ ସେ ଚାଲି ଚାଲି ଘରକୁ ଯାଉଛନ୍ତି। ଦୁଇଦିନ ହେଲା ୪୦ କିମି ଅତିକ୍ରମ କରି ସାରିଲେଣି; ହେଲେ ଘରେ ପହଞ୍ଚିବାକୁ ଆହୁରି ୨୦ କିମି ଚାଲିବାକୁ ପଡିବ।

## ଶିଶୁପୁତ୍ର ବଦଳରେ ମା'କୁ ଇଞ୍ଜେକ୍ସନ ଦେଲେ ନର୍ସ

ନୂଆପଡା/ଖଡ଼ିଆଳ,୧୧।୭ (ସମିସ): ନୂଆପଡା ଜିଲ୍ଲା ଖଡ଼ିଆଳ ସବ୍‌ଡିଭିଜନ ହସ୍ପିଟାଲରେ ପିଲାକୁ ଇଞ୍ଜେକ୍ସନ ଦେବା ବଦଳରେ ଜଣେ ନର୍ସ ମା'ଙ୍କୁ ଇଞ୍ଜେକ୍ସନ ଦେଇଥିବା ଅଭିଯୋଗ ହୋଇଛି। ଖଡ଼ିଆଳ ବ୍ଲକ୍ ବରଗାଁର ରାଜୁ ତାଣ୍ଡି ଓ ଅଞ୍ଜୁ ତାଣ୍ଡି ନିଜର ୨ ବର୍ଷର ପୁଅ ଡୁଲେଶ୍ୱରକୁ ଜ୍ୱର ହେବାରୁ ଖଡ଼ିଆଳ ଉପଖଣ୍ଡ ଡାକ୍ତରଖାନାକୁ ନେଇଥିଲେ। ସେଠାରେ ଶିଶୁ ବିଶେଷଜ୍ଞ ଡାକ୍ତର ମହେନ୍ଦ୍ର ମାଝୀଙ୍କୁ ଦେଖାଇଥିଲେ। ଡାକ୍ତର ଚିଠା ଲେଖି ଇଞ୍ଜେକସନ ଦେବା ପାଇଁ ନର୍ସଙ୍କ ପାଖକୁ ପଠାଇଥିଲେ। କାର୍ଯ୍ୟରତ ନର୍ସ ରଶ୍ମିତା ପଣ୍ଡା ଛୁଆ ବଦଳରେ ମା' ଅଞ୍ଜୁଙ୍କ ଦେହରେ ଇଞ୍ଜେକ୍ସନ୍ ଫୋଡ଼ି ଦେଇଥିଲେ ବୋଲି ଅଭିଯୋଗ ହୋଇଛି। ଇଞ୍ଜେକ୍ସନ ଦେବା ପରଠାରୁ ପେଟ ଦରଜ ହେଉଥିବା ଅଞ୍ଜୁ ପ୍ରକାଶ କରିଛନ୍ତି। ତେବେ ସମ୍ପୃକ୍ତ ନର୍ସଙ୍କୁ ପଚାରିବାରୁ ସେ ଘଟଣାକୁ ଅସ୍ୱୀକାର କରି ଫୋଡ଼ିବା ସମୟରେ ବାଜି ଯାଇଥିବ ବୋଲି ସଫେଇ ଦେଇଛନ୍ତି। ଅନ୍ୟପକ୍ଷେ ଡାକ୍ତର ମାଝୀ ଏହାର ତଦନ୍ତ କରୁଥିବା କହିଛନ୍ତି।

## ପିକ୍‌ଅପ୍ ଦୁର୍ଘଟଣା; ୨ ଜଣଙ୍କ ମୃତ୍ୟୁ

ତୁରୁମୁଙ୍ଗା/ ଚମ୍ପୁଆ, ୧୧।୭ (ସମିସ): କେନ୍ଦୁଝର ଜିଲ୍ଲା ବାରିଆ ଥାନା ଅନ୍ତର୍ଗତ ନନ୍ଦପୁର-ଜାଲି ରାସ୍ତାର ବରପଦା ଗ୍ରାମରେ ଭାରସାମ୍ୟ ହରାଇ ରାସ୍ତାକଡ଼ ପାଚେରି ଭାଙ୍ଗି ଘର ଭିତରକୁ ପିକଅପ ଭ୍ୟାନ୍ ପଶିଯିବାରୁ ଦୁଇ ଜଣଙ୍କର ମୃତ୍ୟୁ ଘଟିଛି। ମୃତକ ହେଲେ ବରପଦା ଗ୍ରାମର ଯଶୋଦା ମହାନ୍ତ ଏବଂ ଗାଡ଼ିରେ ଶ୍ରମିକ ଭାବରେ କାମ କରୁଥିବା ନୀରାକାର ମୁଣ୍ଡା ଓରଫ ଘୁଟୁ। ଶୁକ୍ରବାର ବିଳମ୍ବିତ ସନ୍ଧ୍ୟାରେ ଘଟିଥିବା ଏହି ଦୁର୍ଘଟଣାରେ ଯଶୋଦାଙ୍କୁ ଭଣ୍ଡା ମେଡିକାଲରେ ମୃତ ଘୋଷଣା କରାଯାଇଛି। ଘୁଟୁଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି। ଘଟଣାସ୍ଥଳରେ ବାରିଆ ପୁଲିସ ତଦନ୍ତ କରିଥିବା ବେଳେ କମଳ ଲୋଚନ ମହାନ୍ତଙ୍କ ଘର ଭାଙ୍ଗିଥିବା ଜଣାପଡ଼ିଛି।

## ବେଲୁଚିସ୍ତାନରେ ବସ୍ ଆକ୍ରମଣ; ୯ ମୃତ



କ୍ୱେଟା, ୧୧।୭ (ଏଜେନ୍ସି): ପାକିସ୍ତାନର ବେଲୁଚିସ୍ତାନ ରାଜ୍ୟରେ ଗୁରୁବାର ରାତିରେ ଆଉ ଏକ ବଡ଼ ଧରଣର ଆକ୍ରମଣ ହୋଇଛି। କ୍ୱେଟାରୁ ଲାହୋର ଯାଉଥିବା ଏକ ଯାତ୍ରୀବାହି ବସ୍‌କୁ ଅଟକାଇ ଅସ୍ତ୍ରଶସ୍ତ୍ରଧାରୀ କେତେକ ଲୋକ ୯ ଜଣ ଯାତ୍ରୀଙ୍କୁ ନେବା ପରେ ସେମାନଙ୍କୁ ଗୁଳିକରି ହତ୍ୟା କରିଛନ୍ତି। ଏହି ଘଟଣା ଉତ୍ତର ବେଲୁଚିସ୍ତାନର ସର ଧକ୍କାର ଝୋବ୍ ଇଲାକାରେ ଘଟିଛି। ଏହି ଅଞ୍ଚଳ ଉଗ୍ରବାଦୀଙ୍କ ଚରାଭୂଇଁ ଭାବେ ପରିଚିତ। ଉଗ୍ରବାଦୀମାନେ ବସ୍‌ରୁ ଯାତ୍ରୀମାନଙ୍କୁ ଓହ୍ଲାଇବା ସହ ସେମାନଙ୍କର ପରିଚୟ ପାଇବା ପରେ ଏହି କାଣ୍ଡ ଘଟାଇଥିଲେ ବୋଲି ଝୋବ୍‌ର ଆସିଷ୍ଟାଣ୍ଟ କମିଶନରର ନବୀନ ଆଲମ କହିଛନ୍ତି। ମୃତଦେହଗୁଡିକୁ ବରଖାନ ଜିଲ୍ଲାର ରେଖନୀ ହସ୍ପିଟାଲକୁ ପଠାଯାଇଛି। ଏହା ଏକ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ସେ ସ୍ପଷ୍ଟ କରିଛନ୍ତି। ବେଲୁଚିସ୍ତାନ ସରକାର ଏହାକୁ ଭାରତ ସମର୍ଥିତ ଆକ୍ରମଣ ବୋଲି ଅବିହିତ କରିଛି। ପୂର୍ବରୁ ବେଲୁଚିସ୍ତାନର ସବୁ ବିଦ୍ରୋହୀ ସଂଗଠନଗୁଡିକୁ ପାକ୍ ସରକାର 'ଫିତନା ଅଲ ହିନ୍ଦୁସ୍ତାନ'ର ନାମ ଦେଇଛି। ଏଗୁଡିକ ମଧ୍ୟରୁ ବେଲୁଚିସ୍ତାନ ଲିବେରସନ ଆର୍ମି (ବିଏଲ୍ଏ) ହେଉଛି ସବୁଠାରୁ ବଡ଼ ସଂଗଠନ। ଗତ ମେ ମାସରେ ପାକିସ୍ତାନରେ ମୋଟ୍ ଉପରେ ୮୫ଟି ଆତଙ୍କବାଦୀ ଆକ୍ରମଣ ହୋଇଛି। ଏଥିମଧ୍ୟରୁ କେବଳ ବେଲୁଚିସ୍ତାନରେ ୩୫ଟି ଆକ୍ରମଣ ହୋଇଛି ଓ ଏଥିରେ ୫୧ ଜଣ ମୃତ୍ୟୁବରଣ କରିଥିବା ବେଳେ ୧୦୦ରୁ ଊର୍ଦ୍ଧ୍ୱ ଲୋକ ଆହତ ହୋଇଛନ୍ତି ବୋଲି ପାକିସ୍ତାନ ସରକାରଙ୍କ ତରଫରୁ କୁହାଯାଇଛି। ପୂର୍ବରୁ ଜାନୁଆରୀରେ ବେଲୁଚିସ୍ତାନର ତୁରବତ ସହରରେ ବିଏଲ୍ଏ ଏକ ବସ୍‌ରେ ବିସ୍ଫୋରଣ ଘଟାଇଥିଲେ ଓ ଏଥିରେ ୬ ଲୋକ ପ୍ରାଣ ହରାଇଥିଲେ।

### ରତ୍ନଭଣ୍ଡାର ଗଣତିମଣତି ପ୍ରସଙ୍ଗ

# ବିଜେପି ସରକାର ରାଜ୍ୟବାସୀଙ୍କୁ ଭୁଆଁ ବୁଲାଉଛନ୍ତି: ବିଜେଡି

**ରିଜର୍ଭ ବ୍ୟାଙ୍କ ସହାୟତା ଲୋଡ଼ାଯିବା ମନ୍ତବ୍ୟ ଗ୍ରହଣୀୟ ନୁହେଁ**

**ବର୍ଷ ହେଲା ଭଣ୍ଡାର ବାହାରେ ଠାକୁରଙ୍କ ମୂଲ୍ୟବାନ ରତ୍ନାଳଙ୍କାର**




ଭୁବନେଶ୍ୱର,୧୧।୭ (ସମିସ): ରତ୍ନଭଣ୍ଡାର ଗଣତିମଣତିକୁ ନେଇ ଏକ ବର୍ଷ ହେଲା ରାଜ୍ୟ ବିଜେପି ସରକାର ଓଡ଼ିଶାବାସୀଙ୍କୁ ଭୁଆଁ ବୁଲାଉଛନ୍ତି ବୋଲି ଅଭିଯୋଗ କରିଛି ବିଜେଡି। ଦଳର ମୁଖପାତ୍ର ତଥା ମିଡିଆ ସଂଯୋଜକ ଡଃ ଲେନିନ ମହାନ୍ତି ଏକ ପ୍ରେସ୍ ବିବୃତିରେ କହିଛନ୍ତି ଯେ ଗତ ଏକ ବର୍ଷ ହେଲା ରତ୍ନଭଣ୍ଡାରର ଗଣତିମଣତିକୁ ନେଇ ଅନିଶ୍ଚିତତା ଲାଗି ରହିଛି। ଏପରିସ୍ଥଳେ ଗଣତିମଣତିକୁ ଆହୁରି ତିନି ମାସ ଲାଗିବ ବୋଲି ଆଇନ ମନ୍ତ୍ରୀ କହିବା ଦୁର୍ଭାଗ୍ୟଜନକ ବୋଲି ସେ ମତବ୍ୟକ୍ତ କରିଛନ୍ତି।

ଡଃ ମହାନ୍ତି କହିଛନ୍ତି ଯେ ଗଣତିମଣତି ପାଇଁ ରିଜର୍ଭ ବ୍ୟାଙ୍କର ସହାୟତା ଲୋଡ଼ା ଯାଇଛି ବୋଲି ଆଇନ ମନ୍ତ୍ରୀଙ୍କ ମନ୍ତବ୍ୟ ଗ୍ରହଣୀୟ ନୁହେଁ। ପୂର୍ବରୁ ଗଣତିମଣତି ସମୟରେ କେବେ ରିଜର୍ଭ ବ୍ୟାଙ୍କର ସହାୟତା ନିଆ ଯାଇଥିଲା କି ? ଶ୍ରୀଜଗନ୍ନାଥ ଟେମ୍ପୁଲ ଆକ୍ଟରେ ଗଣତିମଣତି ସମୟରେ ରିଜର୍ଭ ବ୍ୟାଙ୍କର ସହାୟତା ନେବା ବ୍ୟବସ୍ଥା ରହିଛି କି? ଯଦି ନାହିଁ, କେଉଁ କାରଣ ପାଇଁ ଏହାକୁ ରିଜର୍ଭ ବ୍ୟାଙ୍କ ନାମରେ ବିଳମ୍ବିତ କରିବାକୁ ଚେଷ୍ଟା କରାଯାଉଛି ବୋଲି ସେ ପ୍ରଶ୍ନ କରିଛନ୍ତି।

ଡଃ ମହାନ୍ତି କହିଛନ୍ତି, ରତ୍ନଭଣ୍ଡାରର ଗଣତିମଣତି କରିବା ପରିବର୍ତ୍ତେ ଗତ ଏକ ବର୍ଷ ଧରି ଠାକୁରଙ୍କ ମୂଲ୍ୟବାନ ଅଳଙ୍କାରସମୂହ ଅନ୍ୟ ଏକ ସ୍ଥାନକୁ ସ୍ଥାନାନ୍ତର କରାଯାଇଛି। ଏବେ ଅଳିଆ ଗଦା ମାଧ୍ୟମରେ ସୃଷ୍ଟି ହୋଇଥିବା ପଞ୍ଚମ ଦ୍ୱାର ଦେଇ କିଛି ଲୋକ ପ୍ରବେଶ କରୁଥିବା ଦୃଶ୍ୟ ଓଡ଼ିଶାବାସୀଙ୍କୁ ବିଚଳିତ କରିଛି। ଏପରିସ୍ଥିତିରେ ରତ୍ନଭଣ୍ଡାର ବାହାରେ ଥିବା ଠାକୁରଙ୍କ ରତ୍ନ ସୁରକ୍ଷିତ ଅଛି କି ନାହିଁ, ସେନେଇ ଜଗନ୍ନାଥପ୍ରେମୀଙ୍କ ମନରେ ସନ୍ଦେହ ସୃଷ୍ଟି ହେଲାଣି। ତେଣୁ ରାଜ୍ୟ ସରକାର ରତ୍ନଭଣ୍ଡାରର ଗଣତିମଣତିକୁ ନେଇ ଆଉ ଅଧିକ ରାଜନୀତି ନ କରି ଜନ ସାଧାରଣଙ୍କ ମନରୁ ସନ୍ଦେହ ଦୂର କରନ୍ତୁ ବୋଲି ଡଃ ମହାନ୍ତି କହିଛନ୍ତି।

## ଷଣ୍ଢ ଆକ୍ରମଣରେ ଜଣେ ମୃତ



**୪ ଆହତ**

**ଜାଲରେ ପଡ଼ି ଷଣ୍ଢ ମୃତ**

ଭଦ୍ରକ/ବାସୁଦେବପୁର,୧୧।୭ (ସମିସ): ମୃତ୍ୟୁ ଏମିତି ବି ଆସେ। ଠାକୁର ପୂଜା ପାଇଁ ଫୁଲ ତୋଳିବାକୁ ଯାଉଥିଲେ ନେପାଳି ଯେନା। ବାଟରେ ହଠାତ ଏକ ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା। ଫଳରେ ତାଙ୍କର ମୃତ୍ୟୁ ଘଟିଥିବାବେଳେ ୪ ଜଣ ଆହତ ହୋଇଛନ୍ତି। ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଭଦ୍ରକ ଜିଲ୍ଲା ବାସୁଦେବପୁର ବ୍ଲକ ବ୍ରାହ୍ମଣଗାଁ ପଞ୍ଚାୟତ ଚଣ୍ଡିଆ ଗାଁରେ। ସୂଚନା ଅନୁସାରେ, ଚଣ୍ଡିଆ ଗାଁର ନେପାଳି ଜେନା ଫୁଲ ତୋଳିବା ପାଇଁ ସକାଳୁ ସକାଳୁ ଘରୁ ବାହାରିଥିଲେ। ହଠାତ ଏକ ଷଣ୍ଢ ତାଙ୍କୁ ଆକ୍ରମଣ କରିଥିଲା। କିଛି ବୁଝିବା ଆଗରୁ ଶିଙ୍ଗରେ ଟେକି ଫିଙ୍ଗି ଦେଇଥିଲା ଷଣ୍ଢ। ନେପାଳି ନିଜକୁ ଆତ୍ମରକ୍ଷା କରିବା ପୂର୍ବରୁ ପୁନଶ୍ଚ ଆକ୍ରମଣ କରିଥିଲା ଷଣ୍ଢ। ତାଙ୍କ ପାଟି ଶୁଣି ପୁଅ ମାନସ ବାପାକୁ ରକ୍ଷାକରିବାକୁ ଯିବାରୁ ମାନସଙ୍କୁ ମଧ୍ୟ ଷଣ୍ଢଟି ଫିଙ୍ଗିଦେଇଥିଲା। ସଂଜ୍ଞାହୀନ ଅବସ୍ଥାରେ ନେପାଳିଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା; ହେଲେ ଡାକ୍ତର ମୃତ ଘୋଷଣା କରିଥିଲେ। ପରେ ଷଣ୍ଢଟି ପାଢୀ ସାହିର ଗୀତାରାଣୀ ପାଢୀଙ୍କୁ ମଧ୍ୟ ଆକ୍ରମଣ କରିଥିଲା। ଜୀବନ କଳରେ ସେ ଘରେ ପଶି ଯାଇଥିଲେ। ପରେ ସେହି ଗ୍ରାମର ଦୀପକ ପାଢୀ, ପ୍ରମୋଦ ପାଢୀ ଷଣ୍ଢ ଆକ୍ରମଣରେ ଆହତ ହୋଇଛନ୍ତି। ଷଣ୍ଢ ଭୟରେ ସକାଳେ ସକାଳେ ଗାଁର ତାଟି କବାଟ ପଡିଯାଇଥିଲା। ଷଣ୍ଢଟି ଏକ ବାଇକ୍‌କୁ ମଧ୍ୟ ଚୁରମାର କରିଦେଇଛି। ଶେଷରେ ଷଣ୍ଢ ଏକ ଜାଲରେ ପଡିଯାଇଥିଲା। ପରେ ଷଣ୍ଢର ମୃତ୍ୟୁ ଘଟିଛି। ଷଣ୍ଢକୁ କୁକୁର କାମୁଡି ଥାଇପାରେ ବୋଲି ପ୍ରାଣୀ ଚିକିତ୍ସକ ଅନୁମାନ କରୁଛନ୍ତି।

## ନାବାଳିକା ଦୁଷ୍କର୍ମକାରୀଙ୍କୁ ୨୦ବର୍ଷ ଜେଲ୍ ଦଣ୍ଡାଦେଶ

ଅନୁଗୋଳ, ୧୧।୭ (ସମିସ): ଜଣେ ନାବାଳିକାଙ୍କୁ ଦୁଷ୍କର୍ମ ମାମଲାର ବିଚାର କରି ଅନୁଗୋଳ ଅତିରିକ୍ତ ଜିଲ୍ଲା ଓ ସେସନ୍ସ ଜଜ ତଥା ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହ ୨୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହ ୧୦ହଜାର ଟଙ୍କା ଜରିମାନା କରିଛନ୍ତି। ଜରିମାନା ଅନାଦେୟ ଅଧିକ ୧ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ କରିଛନ୍ତି। ପୀଡ଼ିତାଙ୍କୁ ୫ଲକ୍ଷ ଟଙ୍କା ଅନୁକମ୍ପାମୂଳକ ସହାୟତା ପ୍ରଦାନ କରିବା ପାଇଁ ଜିଲ୍ଲା ଆଇନ ସେବା ପ୍ରାଧୀକରଣକୁ ନିର୍ଦ୍ଦେଶ ଦେଇଛନ୍ତି। ଦଣ୍ଡିତ ବ୍ୟକ୍ତି ହେଲେ ଅନୁଗୋଳ ଜିଲ୍ଲା ନିଶା ଶିଳ୍ପାଞ୍ଚଳ ଥାନା ମାଳିବ୍ରାହ୍ମଣୀ ଗ୍ରାମର ସନାତନ ନାଏକ।

ମାମଲାର ବିବରଣୀ ଅନୁଯାୟୀ, ୨୦୨୪ ମାର୍ଚ୍ଚ ୭ ମଧ୍ୟାହ୍ନରେ ସନାତନ ସେହି ଥାନା ଅଞ୍ଚଳର ଜଣେ ନାବାଳିକାଙ୍କୁ ଦୁଷ୍କର୍ମ କରିଥିବା ପୀଡ଼ିତାଙ୍କ ମା' ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ମାମଲା ରୁଜୁ କରି ତଦନ୍ତ କରିବା ସହ ସନାତନଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଶୁକ୍ରବାର ସ୍ୱତନ୍ତ୍ର ପୋକ୍ସୋ ଜଜ୍ ସୌମ୍ୟା ଶୁଭଦର୍ଶିନୀ ଏହି ମାମଲାର ଶୁଣାଣି କରି ୧୬ଜଣ ସାକ୍ଷୀଙ୍କ ବୟାନ ଓ ସମସ୍ତ ପ୍ରମାଣ ଆଧାରରେ ସନାତନଙ୍କୁ ଦୋଷୀ ସାବ୍ୟସ୍ତ କରି ଦଣ୍ଡାଦେଶ ଶୁଣାଇଛନ୍ତି।



## ଆଜିର ରାଶିଫଳ

**ମେଷ:** ଅଚାନକ ଖୁସି ଖବର ପାଇ ପାରନ୍ତି । ଆଜି ଦିନଟି ଆପଣଙ୍କ ପାଇଁ ବହୁତ ଭଲ । କର୍ମଚଞ୍ଚଳ ରହିବେ । ବିଦ୍ୟାର୍ଥୀ ପରୀକ୍ଷାରେ କୃତକାର୍ଯ୍ୟ ହେବେ । ଆୟ ଓ ବ୍ୟୟ ସମାନ ରହିବ । କ୍ରୋଧ ଉପରେ ନିୟନ୍ତ୍ରଣ ରଖିବା ଭଲ ।

**ବୃଷ:** ପାରିବାରିକ ଜୀବନ ସୁଖମୟ ହେବ । ଭାଇ ଭଉଣୀଙ୍କ ସହଯୋଗ ମିଳିବ । ସନ୍ଧ୍ୟାରେ ବନ୍ଧୁଙ୍କ ସହ ବୁଲିବାକୁ ଯିବେ । ନୂଆ ବ୍ୟବସାୟ ଆରମ୍ଭ କରିବେ । ଆଇଟି କର୍ମଚାରୀଙ୍କ ପଦୋନ୍ନତି ହୋଇପାରେ ।

**ମିଥୁନ:** କ୍ୟାରିୟରକୁ ନେଇ ଚିନ୍ତାରେ ରହିବେ । ପରିବାର ପାଇଁ ସମୟ ବାହାର କରିପାରନ୍ତି । ପ୍ରେମିକ-ପ୍ରେମିକାଙ୍କ ପାଇଁ ଦିନଟି ବହୁତ ଭଲ । ନିବେଶରୁ ଲାଭ ପାଇବେ । ମହିଳାମାନେ ଘରକାମରେ ବ୍ୟସ୍ତ ରହିପାରନ୍ତି ।

**କର୍କଟ:** ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି । ଧାର୍ମିକ ସ୍ଥାନକୁ ଯାତ୍ରାଯୋଗ ଅଛି । ନୂଆ କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ । ଛାତ୍ରଛାତ୍ରୀ ଖେଳକୁଦରେ ସମୟ ଅତିବାହିତ କରିବେ । ଅଯଥା ଖର୍ଚ୍ଚ ବଢ଼ିବ ।

**ସିଂହ:** ବ୍ୟବସାୟ ପାଇଁ ଚିନ୍ତାରେ ରହିବେ । ଅର୍ଥ ନିବେଶରୁ ଦୂରେଇ ରହିବେ । ନୂଆ କାମ ପାଇଁ ଉପଯୁକ୍ତ ସମୟ । କୋର୍ଟ କଚେରୀ ମାମଲାରେ ବିଜୟ ଲାଭ କରିବେ । ଅଫିସ୍ କାମ ପାଇଁ ଦୂରସ୍ଥାନ ଯାତ୍ରା କରିପାରନ୍ତି ।

**କନ୍ୟା:** ଆର୍ଥିକ ସମସ୍ୟା ଦେଖା ଦେବ । ଚକ୍ଷୁ ଜନିତ ସମସ୍ୟା ଦେଖାଦେବ । ଧାର୍ମିକ କାର୍ଯ୍ୟ ଆୟୋଜନ କରିବେ । ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଭୁଲ୍ ବୁଝାମଣା ହୋଇପାରେ । ଯାନବାହନ କ୍ରୟ କରିପାରନ୍ତି ।

**ତୁଳା:** ମନ ପ୍ରସନ୍ନ ରହିବ । ଦିନଟି ଶୁଭଫଳ ପ୍ରଦାନ କରିବ । ବ୍ୟବହାରରେ ସଂଯମତା ରକ୍ଷା କରିବେ । ମନରୁ ନକାରାତ୍ମକ ଚିନ୍ତାଧାର ଦୂର ହେବ । ଅଯଥା ବିବାଦରେ ଛନ୍ଦି ହୋଇପାରନ୍ତି । ରାଜନେତାଙ୍କ ପାଇଁ ଦିନଟି ଭଲ ।

**ବିଛା:** ମତଭେଦ ସୃଷ୍ଟି ହେବ । ଅଯଥା ଖର୍ଚ୍ଚରୁ ଦୂରେଇ ରହିବେ । ଉଚ୍ଚଶିକ୍ଷା ପାଇଁ ବିଦେଶ ଯାତ୍ରା ଯୋଗ ଅଛି । ଦାମ୍ପତ୍ୟ ଜୀବନରେ ତିକ୍ତତା ଆସିପାରେ । ପରିବାର ଲୋକଙ୍କ ସହ ସମୟ ଅତିବାହିତ ହେବ ।

**ଧନୁ:** ଘର ପାଇଁ ନୂଆ ଜିନିଷ କିଣିବେ । ସନ୍ତାନଙ୍କ ଭବିଷ୍ୟତ ପାଇଁ ନୂଆ ଯୋଜନା କରିବେ । ଜୀବନସାଥୀଙ୍କ ସହ ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ । ଆୟ ଓ ବ୍ୟୟ ସମାନ ରହିବ ।

**ମକର:** ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ । ଦାନଧର୍ମ କରିବେ । ପରିବାର ସଦସ୍ୟଙ୍କ ସହ ହସଖୁସିରେ ସମୟ ଅତିବାହିତ କରିବେ । ଯାନବାହନ ଚଳାଚଳ ସମୟରେ ସତର୍କତା ଅବଲମ୍ବନ କରନ୍ତୁ ।

**କୁମ୍ଭ:** ପଡ଼ୋଶୀଙ୍କ ସହ ମତାନ୍ତର ଦୂର ହେବ । ଦାମ୍ପତ୍ୟ ଜୀବନ ସୁଖମୟ ହେବ । ଛାତ୍ରଛାତ୍ରୀ ମନୋରଞ୍ଜନରେ ସମୟ ଅତିବାହିତ କରିବେ । ମହିଳାମାନେ ସନ୍ତାନଙ୍କ ଭବିଷ୍ୟତକୁ ନେଇ ଚିନ୍ତା ପ୍ରକାଶ କରିବେ ।

**ମୀନ:** ମନୋରଞ୍ଜନରେ ସମୟ ଅତିବାହିତ ହେବ । ସ୍ୱାସ୍ଥ୍ୟ ସମସ୍ୟା ଦୂର ହେବ । ଅସହାୟଙ୍କୁ ସାହାଯ୍ୟ କରିବେ । ଦୀର୍ଘ ଦିନର ଆଶା ପୂରଣ ହେବ । ପୈତୃକ ସମ୍ପତ୍ତିକୁ ନେଇ ଭାଇ ଭାଇ ମଧ୍ୟରେ କଳହ ସୃଷ୍ଟି ହୋଇପାରେ ।

## ଆଜିର ଇତିହାସ

- ୧୯୧୨- 'କ୍ୱିନ୍ ଏଲିଜାବେଥ୍' ଆମେରିକାରେ ପ୍ରଦର୍ଶନ କରାଯାଉଥିବା ପ୍ରଥମ ବିଦେଶୀ ଫିଲ୍ମ ହେଲା ।
- ୧୯୬୦- ଭାଗଲପୁର ଓ ରାଞ୍ଚି ବିଶ୍ୱବିଦ୍ୟାଳୟର ସ୍ଥାପନା ।
- ୧୯୭୦: ଅଳକାନନ୍ଦା ନଦୀରେ ଭୀଷଣ ବନ୍ୟା ଯୋଗୁଁ ପାଖାପାଖି ୬୦୦ ଲୋକଙ୍କର ପ୍ରାଣହାନି ।
- ୨୦୦୧- ଅଗରତାଲା ଓ ଢାକା ମଧ୍ୟରେ ମୈତ୍ରୀ ବସ୍ ସେବା ଆରମ୍ଭ ହେଲା ।



## ବିଶ୍ୱ ପେପର୍ ବ୍ୟାଗ୍ ଦିବସ

ପ୍ଲାଷ୍ଟିକ୍ ବା ପଲିଥିନ୍ ବ୍ୟାଗ୍ ଏବେ ସାରା ବିଶ୍ୱ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି । ପଲିଥିନ୍ ପରିବେଶ ପାଇଁ କ୍ଷତିକାରକ ହୋଇଥାଏ । ଏହାସହ ଏହା ମଣିଷ ଓ ଜୀବଜନ୍ତୁଙ୍କ ସ୍ୱାସ୍ଥ୍ୟ ପାଇଁ ମଧ୍ୟ ବେଶ୍ ବିପଜ୍ଜନକ ହୋଇଥାଏ । ପ୍ଲାଷ୍ଟିକ୍ ବ୍ୟାଗ୍ ବଦଳରେ କାଗଜ ବା ପେପର୍ ବ୍ୟାଗ୍ ଉପଯୋଗ କରିବା ଦିଗରେ ଲୋକଙ୍କୁ ପ୍ରୋତ୍ସାହିତ କରିବା ପାଇଁ ପ୍ରତିବର୍ଷ ଜୁଲାଇ ୧୨ ତାରିଖକୁ 'ବିଶ୍ୱ ପେପର୍ ବ୍ୟାଗ୍ ଦିବସ' ଭାବେ ପାଳନ କରାଯାଉଛି । ଏହିଦିନ ପ୍ଲାଷ୍ଟିକ୍‌ର ଦୁଷ୍ପରିଣାମ ବାବଦରେ ବି ଲୋକଙ୍କୁ ସଚେତନ କରାଯାଏ । ଯଦିଓ ପ୍ଲାଷ୍ଟିକ୍ ବ୍ୟବହାର ଉପରେ କଟକଣା ଲାଗିଛି, ତଥାପି ଲୋକେ ସିଙ୍ଗଲ୍ ୟୁଜଡ୍ ପ୍ଲାଷ୍ଟିକ୍‌କୁ ବ୍ୟବହାର କରୁଛନ୍ତି । ପ୍ଲାଷ୍ଟିକ୍ ମାଟିରେ ସହଜରେ ବିଘଟନ ହେଉ ନ ଥିବା ବେଳେ କାଗଜ ବ୍ୟାଗ୍ ପରିବେଶ ପାଇଁ ଅନୁକୂଳ । ତା'ସହ ପ୍ଲାଷ୍ଟିକ୍ ବ୍ୟବହାର କମ୍ କରିବା ଦିଗରେ ପେପର୍ ବ୍ୟାଗ୍ ସାହାଯ୍ୟ କରିଥାଏ । ୧୮୫୨ରେ ଆମେରିକୀୟ ଆବିଷ୍କାରକ ଫ୍ରାନ୍ସିସ୍ ୱଲେ ପ୍ରଥମଥର ପାଇଁ ପେପର୍ ବ୍ୟାଗ୍ ମେସିନ୍ ତିଆରି କରିଥିଲେ । ଏହାପରେ ୧୮୭୧ରେ ମାର୍ଗାରେଟ୍ ଏଲୋଏସ୍ ନାଇଟ୍ ଫ୍ଲାଟ୍ ବଟମ ପେପର୍ ବ୍ୟାଗ୍ ତିଆରି କରିବା ପାଇଁ ଆଉ ଏକ ମେସିନ୍ ବିକଶିତ କଲେ । ଯାହାକି 'ମଦର୍ ଅଫ୍ ଦ ଗ୍ରସରି ବ୍ୟାଗ୍' ଭାବେ ପ୍ରସିଦ୍ଧି ଲାଭ କଲା । ୧୯୧୨ ମସିହାରେ, ୱାଲ୍‌ଟର ଡୁବେନର୍ ଏକ ହ୍ୟାଣ୍ଡେଲ୍ ସହିତ କାଗଜ ବ୍ୟାଗ୍ ଡିଜାଇନ୍ କରିଥିଲେ । ସେହିଭଳି ୧୯୭୦ ଦଶକରେ ପ୍ଲାଷ୍ଟିକ୍ ବ୍ୟାଗ୍, କାଗଜ ବ୍ୟାଗ୍‌ର ଏକ ଶସ୍ତା ବିକଳ୍ପ ଭାବରେ ଉଭା ହେଲା । ହେଲେ ପ୍ଲାଷ୍ଟିକ୍ ବ୍ୟାଗ୍‌ଗୁଡ଼ିକ ନବୀକରଣ ଯୋଗ୍ୟ ନୁହେଁ କି ପୁନଃ ବ୍ୟବହାର ଯୋଗ୍ୟ ନୁହେଁ । ପ୍ଲାଷ୍ଟିକ୍ ସାମଗ୍ରୀଗୁଡ଼ିକ କ୍ଷୟ ହେବାକୁ ପ୍ରାୟ ହଜାରେ ବର୍ଷ ଲାଗେ, ତେଣୁ ସେଗୁଡ଼ିକ ପରିବେଶ ପାଇଁ କ୍ଷତିକାରକ । ବିଶ୍ୱ କାଗଜ ବ୍ୟାଗ୍ ଦିବସ ଇକୋ-ଫ୍ରେଣ୍ଡଲି ବା ପରିବେଶ ସହାୟକ, ନବୀକରଣ ଯୋଗ୍ୟ, ପୁନଃ ବ୍ୟବହାର ଯୋଗ୍ୟ କାଗଜ ବ୍ୟାଗ୍ ବ୍ୟବହାରକୁ ପ୍ରୋତ୍ସାହିତ କରେ । ଏହି ଦିନ କାଗଜ ବ୍ୟାଗ୍ ବ୍ୟବହାର କରି ପ୍ଲାଷ୍ଟିକ୍ ମୁକ୍ତ ପରିବେଶ ସୃଷ୍ଟି କରିବା ପାଇଁ ଲୋକଙ୍କୁ ସଚେତନ କରାଯାଏ ।

## ମଲାଲା ଦିବସ



୨୦୧୪ ମସିହାରୁ ପ୍ରତିବର୍ଷ ଜୁଲାଇ ୧୨ ତାରିଖକୁ 'ମଲାଲା ଦିବସ' ଭାବେ ପାଳନ କରାଯାଉଛି । ଏହି ଦିବସ ପାକିସ୍ତାନୀ ଶିଶୁ ମାନବାଧିକାର କର୍ମୀ ମଲାଲା ୟୁସୁଫଜାଇଙ୍କ ପାଇଁ ଉତ୍ସର୍ଗୀକୃତ । ୨୦୧୩ ଜୁଲାଇ ୧୨ରେ ଜାତିସଂଘ ମୁଖ୍ୟାଳୟରେ ୧୬ ବର୍ଷ ବୟସରେ ଶିକ୍ଷା ଉପରେ ସାରଗର୍ଭକ ଭାଷଣ ଦେଇ ସାରା ବିଶ୍ୱର ଚର୍ଚ୍ଚିତ ଚେହେରା ପାଲଟି ଯାଇଥିଲେ ମଲାଲା । ଲିଙ୍ଗଗତ ସମାନତା ଉପରେ ମଧ୍ୟ ସେ ଏଥିରେ ପ୍ରଶ୍ନ ଉଠାଇଥିଲେ । ମଲାଲାଙ୍କ ଭାଷଣରେ ଜାତିସଂଘର ସମସ୍ତ ସଦସ୍ୟ ଛିଡ଼ା ହୋଇ କରତାଳି ମାଧ୍ୟମରେ ପ୍ରଶଂସା କରିବା ସହ ସମ୍ମାନ ଜଣାଇଥିଲେ । ତାଙ୍କ ସମ୍ମାନରେ ଉକ୍ତ ଦିନକୁ ସଙ୍ଗେ ସଙ୍ଗେ ଜାତିସଙ୍ଘ ମଲାଲା ଦିବସ ରୂପେ ଘୋଷଣା କରିଥିଲା । ମଲାଲା କୁହନ୍ତି, ଏହି ଦିବସ କେବଳ ତାଙ୍କର ନୁହେଁ, ବରଂ ପ୍ରତିଟି ମହିଳା, ପୁରୁଷ, ଯୁବକ ଯୁବତୀଙ୍କର, ଯେଉଁମାନେ ନିଜ ଅଧିକାର ଲାଗି ସ୍ୱରୋତ୍ତୋଳନ କରିଛନ୍ତି । ସେହିପରି ଏହି ଦିନ ସମଗ୍ର ବିଶ୍ୱର ମହିଳା ଓ ଶିଶୁଙ୍କ ଅଧିକାରକୁ ସମ୍ମାନ ଦିଆଯାଏ । ଶିକ୍ଷାର ପ୍ରଚାର-ପ୍ରସାର ତଥା ଏ ବାବଦରେ ବିଶ୍ୱସ୍ତରରେ ସଚେତନତା ସୃଷ୍ଟି 'ମଲାଲା ଦିବସ' ପାଳନର ଅନ୍ୟତମ ଉଦ୍ଦେଶ୍ୟ । ୧୯୯୭ ଜୁଲାଇ ୧୨ରେ ପାକିସ୍ତାନ ମିଙ୍ଗୋରାରେ ଜନ୍ମଗ୍ରହଣ କରିଥିଲେ ମଲାଲା । ୨୦୦୮ ରୁ ମଲାଲା ନାରୀ ଶିକ୍ଷା ଅଭିଯାନ ସହ ସଂପୃକ୍ତ ଥିଲେ । ୨୦୧୨ରେ ତାଲିବାନୀମାନେ ଜୀବନରୁ ମାରିଦେବା ପାଇଁ ତାଙ୍କ ଉପରେ ଗୁଳି ଚଳାଇଥିଲେ । ତେବେ, ଠିକ୍ ସମୟରେ ଚିକିତ୍ସା ଦ୍ୱାରା ତାଙ୍କର ଜୀବନ ରକ୍ଷା କରାଯାଇ ପାରିଥିଲା । ଇଂଲଣ୍ଡରେ ଚିକିତ୍ସିତ ହୋଇ ସେ ସୁସ୍ଥ ହୋଇଥିଲେ । ସେତେବେଳେ ସାରା ବିଶ୍ୱ ତାଙ୍କ ଉପରେ ହୋଇଥିବା ଆକ୍ରମଣକୁ ନିନ୍ଦା କରିଥିଲା । ଆଉ ଏହି ଘଟଣା ପରେ ସେ ହେଇ ଯାଇଥିଲେ ଅନ୍ତର୍ଜାତୀୟ ବ୍ୟକ୍ତିତ୍ୱ । ଏହି ଘଟଣାରେ ସେ ଭୟଭୀତ ନ ହୋଇ କିମ୍ବା ହାର୍ ନ ମାନି 'ମଲାଲା ଫଣ୍ଡ' ମାଧ୍ୟମରେ ନାରୀ ଶିକ୍ଷା ଦିଗରେ କାମ ଜାରି ରଖିଲେ । ନାରୀ ଶିକ୍ଷାର ପ୍ରଚାର ଓ ପ୍ରସାର କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ମଲାଲାଙ୍କୁ ୧୪ ବର୍ଷ ବୟସରେ ପାକିସ୍ତାନ ସରକାରଙ୍କ ପକ୍ଷରୁ ଯୁବ ଶାନ୍ତି ପୁରସ୍କାରରେ ସମ୍ମାନିତ କରାଯାଇଥିଲା । ୨୦୧୪ରେ ମାତ୍ର ୧୭ ବର୍ଷ ବୟସରେ ସେ ପାଇଥିଲେ 'ନୋବେଲ୍ ଶାନ୍ତି ପୁରସ୍କାର' । ଏହି ପୁରସ୍କାର ଲାଭ କରିବାରେ ସେ ବିଶ୍ୱରେ ଅଦ୍ୟାବଧି ସର୍ବ-କନିଷ୍ଠ ।

## ପ୍ରେମ ସମ୍ପର୍କକୁ ନେଇ ମୁହଁ ଖୋଲିଲେ ବିଜୟ




ସାଉଥ୍ ଇଣ୍ଡଷ୍ଟ୍ରୀର ଲୋକପ୍ରିୟ ଅଭିନେତା ବିଜୟ ଦେବରକୋଣ୍ଡା ପୁଣିଥରେ ତାଙ୍କ ବ୍ୟକ୍ତିଗତ ଜୀବନକୁ ନେଇ ଚର୍ଚ୍ଚାରେ ଅଛନ୍ତି । ଅନେକ ଦିନରୁ ଅଭିନେତ୍ରୀ ରଶ୍ମିକା ମନ୍ଦାନାଙ୍କ ସହ ତାଙ୍କ ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚା ହେଉଥିଲା । କିନ୍ତୁ ଏନେଇ ବିଜୟ କି ରଶ୍ମିକା ବିଧିବଦ୍ଧ ଭାବେ କିଛି କହି ନ ଥିଲେ । ନିକଟରେ ବିଜୟ ଗଣମାଧ୍ୟମକୁ ଦେଇଥିବା ଏକ ସାକ୍ଷତକାରରେ ବିଜୟ ତାଙ୍କ ପ୍ରେମ ସମ୍ପର୍କକୁ ନେଇ ମୁହଁ ଖୋଲିଛନ୍ତି । ବିଜୟ ଏହି ସାକ୍ଷାତକାରରେ ସେ ସିଙ୍ଗଲ ନାହାନ୍ତି ବୋଲି କହିଥିଲେ । ଯେତେବେଳେ ବିଜୟଙ୍କୁ ସେ ଏବେ ବି ସିଙ୍ଗଲ ଅଛନ୍ତି କି ବୋଲି ପ୍ରଶ୍ନ କରାଯାଇଥିଲା । ଏହାର ଉତ୍ତରରେ ସେ କହିଥିଲେ- 'ମୋତେ ଏବେ ୩୫ ବର୍ଷ । ମୁଁ ଏବେ ସିଙ୍ଗିଲ ନାହିଁ ।' ସେ ଆହୁରି ମଧ୍ୟ କହିଥିଲେ- 'ଯେତେବେଳେ ଆପଣ ଜଣଙ୍କୁ ପ୍ରେମ କରୁଛନ୍ତି, ତାଙ୍କୁ ଗଣମାଧ୍ୟମରୁ ନିଶ୍ଚୟ ଦୂରେଇ ରଖିବାକୁ ଚାହିଁବେ । ମୁଁ ଚାହୁଁଛି ମୋର ସେହି ଦିଗଟି ସୁରକ୍ଷିତ ରହୁ ଓ ଅନାଧିକାର ଚର୍ଚ୍ଚାର ପ୍ରସଙ୍ଗ ନ ହେଉ ।' ଯଦିଓ ଏହି ସମୟରେ ବିଜୟ ରଶ୍ମିକାଙ୍କ ନାଁ ନେଇ ନଥିଲେ । କିନ୍ତୁ ସେ ପ୍ରେମ ସମ୍ପର୍କରେ ଥିବା ଓ ସେହି ସମ୍ପର୍କକୁ ନେଇ ବେଶ୍ ସିରିୟସ୍ ଥିବା ଏଥିରୁ ଏକପ୍ରକାର ସ୍ପଷ୍ଟ ହୋଇଛି । ତେବେ ବିଜୟ ଓ ରଶ୍ମିକାଙ୍କ ଅନ୍ ସ୍କ୍ରିନ୍ ଯୋଡ଼ିକୁ ଦର୍ଶକେ ବେଶ୍ ପସନ୍ଦ କରନ୍ତି । ଏହି ଯୋଡ଼ିକୁ ଦର୍ଶକେ ଅଫ୍‌ସ୍କ୍ରିନ୍‌ରେ ମଧ୍ୟ ପସନ୍ଦ କରୁଛନ୍ତି । ତେବେ ଏହି ଯୋଡ଼ି କେବେ ବିଧିବଦ୍ଧ ଭାବେ ସେମାନଙ୍କ ପ୍ରେମ ସମ୍ପର୍କରେ ଥିବା କଥାକୁ ସ୍ୱୀକାର କରୁଛନ୍ତି ତାହା ଦେଖିବାକୁ ବାକି ରହିଲା ।



# ସୁମନ

## ପତ୍ରିକା ପରିଚୟ



### ମୋ ଆଶା

**ସଂପାଦକ: ସୁମନ୍ତ ମହାରଣା**
**ଲିଟିଲ୍ ଷ୍ଟାର୍ ଗ୍ରୁପ୍**
**ପାଟପୁର, ନିମାପଡ଼ା, ପୁରୀ**
**ମୂଲ୍ୟ: ୨୦ ଟଙ୍କା**

ତ୍ରୟମାସିକ ଶିଶୁକିଶୋର ପତ୍ରିକା 'ମୋ ଆଶା'ର ଜୁଲାଇ-ସେପ୍ଟେମ୍ବର-୨୦୨୫ ବର୍ଷା ସଂଖ୍ୟା ଆମର ହସ୍ତଗତ ହୋଇଛି । ସୁମନ୍ତ ମହାରଣାଙ୍କ ସଂପାଦନାରେ ପ୍ରକାଶିତ 'ମୋ ଆଶା'ର ଅନ୍ୟ ସଂଖ୍ୟା ପରି ଏହି ସଂଖ୍ୟାଟି ମଧ୍ୟ ବେଶ୍ ଆକର୍ଷଣୀୟ ହୋଇଛି । କବିତା ବିଭାଗରେ ଅରୁଣ ଚନ୍ଦ୍ର ମହାନ୍ତିଙ୍କ 'ରଘୁ ଯାଉଥିଲା ଯାତକୁ', ରାମଚନ୍ଦ୍ର ପ୍ରଧାନଙ୍କ 'କାମ କରିଯିବା ମିଶି', ଡକ୍ଟର ସୁଷମା ମିଶ୍ରଙ୍କ 'ସାଧବ ବହୂ', ଡ. ସନ୍ତୋଷ କୁମାର ପଣ୍ଡାଙ୍କ 'ଦାରୁ ଦେବତା', କୁଞ୍ଜ ବିହାରୀ ସାହୁଙ୍କ 'ଜହ୍ନରାଇଜ ବୁଲା' ଓ ଇଂ ପ୍ରମୋଦ କୁମାର ନନ୍ଦଙ୍କ 'ସଂରକ୍ଷିତ ମସ୍ତିଷ୍କରେ' ଆଦି ବେଶ୍ ମନଛୁଆଁ ହୋଇଛି । ସେହିଭଳି କାଳିକିଙ୍କରଙ୍କ 'ଦେବଦେବୀ', ସମ୍ବେଦନା ମିଶ୍ରଙ୍କ 'ରାଜା ଓ ସ୍ୱର୍ଣ୍ଣମୁଦ୍ରା', ସୁଶାନ୍ତ କୁମାର ସେନାପତି 'ଯଦୁମଣି ବାଛିଲେ ରାଜାଙ୍କ ଦୋଷ', ଡ. ରବି ନାରାୟଣ ସାହୁଙ୍କ 'ଦୁଇ ସାଙ୍ଗ', ନଗେନ୍ଦ୍ର ନାଥ ପଟ୍ଟନାୟକଙ୍କ 'କଥାକୁହା କ୍ୟାଲେଣ୍ଡର', ସମୀର ଗାଙ୍ଗୁଲିଙ୍କ ହିନ୍ଦୀ ଗଳ୍ପର ଓଡ଼ିଆ ଅନୁବାଦ 'ସଂହତିଏ ଲୋଡ଼ା', ବସନ୍ତ ସ୍ୱାଇଁଙ୍କ 'ପ୍ରାଚୀନ ଗଣିତଜ୍ଞ ବ୍ରହ୍ମଗୁପ୍ତ', ଇଂ ମାୟାଧର ସ୍ୱାଇଁଙ୍କ 'ନିଜ ଶରୀର ଉପରେ ବିପଜ୍ଜନକ ପରୀକ୍ଷା' ଆଦି ଗପଗୁଡ଼ିକ ବେଶ୍ ଶିକ୍ଷଣୀୟ ହୋଇଛି । ସେହିଭଳି ଆଧ୍ୟାତ୍ମିକଭିତ୍ତିକ ଗପ ପ୍ରିୟଦର୍ଶିନୀ ମହାନ୍ତିଙ୍କ 'କାଞ୍ଚି ଅଭିଯାନ', ପୂଜାରାଣୀ ପାଣିଙ୍କ 'ଭକ୍ତ ଝୋଲିଆ କବୀର', ସାଇ ସମୀକ୍ଷା ସ୍ୱାଇଁଙ୍କ 'ଆସ ଅଲାର ଖାଅ ଖୀରି' ଆଦି ବେଶ୍ ମନଛୁଆଁ ହୋଇଛି । ଯାତ୍ରା ଜଗତର ଆଗଧାଡ଼ିର କଳାକାର ରତି ଓ ମିଟୁନାଙ୍କ ପିଲାବେଳର କଥା ମଧ୍ୟ ବେଶ୍ ମନଲୋଭା ହୋଇଛି । ସେହିଭଳି ଆମ ପ୍ରତିଭା, କୁନି ମଡେଲ୍, ଆମ ହାତ ଅଙ୍କା ଛବି, ଚିତ୍ର ଦୁଇଟିରେ ଫରକ ବାଛ ଆଦି ନିୟମିତ ବିଭାଗ ଖୁବ୍ ସୁନ୍ଦର ଓ ଆକର୍ଷଣୀୟ ହୋଇଛି । 'ମୋ ଆଶା'ର ଏହି ସଂଖ୍ୟାଟି ପାଠକ ମହଲରେ ଆଦୃତି ଲାଭ କରିବ ବୋଲି ଆଶା କରାଯାଏ ।

## ଜୀବ ଜଗତର ସାଥୀ



ନିରାକାର ଚଇନି

ଡହ ଡହ ଖରା ଗଲାଣି କେବେଠୁ
ଦିନ ତା' ଯାଇଛି ସରି
ଟପ ଟପ ହୋଇ ମେଘ ରାଇଜରୁ
ବରଷା ପଡ଼ିଲା ଝରି ।
ନଦୀ ନାଳ ଆଉ ପୋଖରୀ ଗାଡ଼ିଆ
ଜଳରେ ଉଠିଲେ ପୂରି
ସାରୁ ବୁଦା ମୂଳେ ବେଙ୍ଗ ବେଙ୍ଗୁଲିଏ
ବଜେଇଲେ ଭେରି ତୂରୀ ।
ଶାଗୁଆ ରଙ୍ଗରେ ସଜେଇ ନିଜକୁ
ପଡ଼ିଆ ଦିଶିଲା ଶୋଭା
ନାଳି ଗୁଲୁ ଗୁଲୁ ସାଧବ ବୋହୂର
ଚାଲି କେଡ଼େ ମନଲୋଭା ।
ଗାଆଁ ଦାଣ୍ଡେ ଅତି ବେଗରେ ଛୁଟିଲା
ବରଷା ପାଣିର ସୁଅ
କାଗଜର ଡଙ୍ଗା ଭସେଇ ଦେଲେ ତ
କୁନି କୁନି ପୁଅ ଝିଅ ।
ମନ ମତାଣିଆ ଗୀତ ଗାଇ ଗାଇ
ବେଉଷଣ କଲା ଚାଷୀ
କ୍ଷେତରେ ଫଳେଇ ସୁନାର ଫସଲ
ଭୋକ ଦାଉ ଦେବ ନାଶି ।
ବରଷା କାଳଟି ଅଟଇ ସତରେ
ଜୀବ ଜଗତର ସାଥୀ
ଟିକେ ସାବଧାନ ହୋଇଲେ ବିତିବ
ସୁଖେ ଆମ ଦିନ ରାତି ।

ସୁବୁଦ୍ଧିସାହି, ତେଲକୋଇ
ମୋ-୮୨୪୯୩୮୭୯୭୩


## ପୁପୁନ୍‌ର ରଙ୍ଗୀନ ଛତା



ସୁବ୍ରତ ଦାସ

ସେଦିନ ସନ୍ଧ୍ୟାରେ ସିପୁନ୍‌ର ଜନ୍ମଦିନ ପାଳନ ହେଉଥାଏ । ସିପୁନ୍‌ର ସବୁ ସାଙ୍ଗମାନେ ଖୁବ୍ ମଜା କରୁଥାନ୍ତି । କିଏ ବେଲୁନ୍ ଫୁଙ୍କୁ ଥାଏ ତ କିଏ ଗୀତର ତାଳରେ ନାଚୁଥାଏ । ସବୁ ସାଙ୍ଗମାନଙ୍କ ମଧ୍ୟରେ ସିପୁନ୍‌ର ସବୁଠାରୁ ଭଲ ସାଙ୍ଗ ହେଉଛି ପୁପୁନ୍ । ସିପୁନ୍, ପୁପୁନ୍‌କୁ ନ ଦେଖି ଖୁବ୍ ବ୍ୟସ୍ତ ହୋଇପଡ଼ିଲା । ସେ ସଙ୍ଗେସଙ୍ଗେ ମା'ଙ୍କୁ କହିଲା, ପୁପୁନ୍ କାହିଁକି ଆସିନାହିଁ? ମା' କହିଲେ ମୁଁ ଜାଣି ନାହିଁ । ମନ ଭଲ ନ ଲାଗିବାରୁ ସିପୁନ୍ ଓ ତାର ମା' ପୁପୁନ୍ ଘରକୁ ଗଲେ । ହେଲେ ପୁପୁନ୍‌ର ଶରୀର ଅସୁସ୍ଥ ଦେଖି ଆଶ୍ଚର୍ଯ୍ୟ ହେଲେ । ପୁପୁନ୍ ଚୁପ୍‌ଚାପ୍ ଘୋଡ଼େଇ ହୋଇ ଘରେ ଶୋଇଥାଏ । ପୁପୁନ୍‌ର ମା' ମନ ଦୁଃଖରେ ତା'ର ମୁଣ୍ଡ ପାଖରେ ବସି ଓଦା ପଟି ଦେଉଥାନ୍ତି । ସିପୁନ୍ ପଚାରିଲା, ପୁପୁନ୍‌ର କ'ଣ ହୋଇଛି? ମା କହିଲେ, ସନ୍ଧ୍ୟାରେ ତାକୁ ଜ୍ୱର ଆସିଲା । ଦେହ ହାତ ଖଇ ଫୁଟିଲା ପରି ତାତିଛି । ପୁପୁନ୍‌ର ବାପାଙ୍କୁ ଫୋନ୍ କରିଛି ଡାକ୍ତରଙ୍କୁ ସାଙ୍ଗରେ ନେଇ ଆସିବେ । ସକାଳେ ସ୍କୁଲ୍ ଯାଇଥିଲା । ହେଲେ ସ୍କୁଲ୍‌ରୁ ଫେରି କେଉଁଆଡ଼େ ନ ଯାଇ ଚୁପଚାପ୍ ଘରେ ଶୋଇଛି । ପଚାରିବାରୁ ଦେହ ଭଲ ଲାଗୁନି କହୁଛି । ହେଲେ ଦେହରେ ତାତି ଅସମ୍ଭାଳ । କିଛି ସମୟ ପରେ ଡାକ୍ତରଙ୍କୁ ନେଇ ପୁପୁନ୍‌ର ବାପା ଘରେ ପହଞ୍ଚିଲେ । ଡାକ୍ତର ସଙ୍ଗେସଙ୍ଗେ ଥର୍ମୋମିଟର ପାଟିରେ ଦେଇ ଦେଖିଲେ ଜ୍ୱର ବଢ଼ି ଯାଇଛି । ପରୀକ୍ଷା କରି ଜାଣିଲେ ଥଣ୍ଡା ସହ ଜ୍ୱର ହୋଇଛି । ବର୍ଷାରେ ଭିଜିବା, ଓଦା ହେବା, ଖାଇବା ପିଇବା ଠିକ୍ ସମୟରେ ନ କରିବା ପାଇଁ ଶରୀର ସଂକ୍ରମିତ ହେବା ସହ ଜ୍ୱର ହୋଇଛି । ତେଣୁ ପୁପୁନ୍‌କୁ ଡାକ୍ତର ପରାମର୍ଶ ଦେଲେ, ତୁମେ ଦେହର ଯତ୍ନ ନିଅ । ନହେଲେ ପାଠ ପଢ଼ିବ କେମିତି! ଏମିତି ଚଗଲାମି କଲେ ଶରୀର କେତେ ଯନ୍ତ୍ରଣା ପାଉଛି, ଜାଣିଛ ! ଏହାଦ୍ୱାରା ତମର ପାଠପଢ଼ା କ୍ଷତି ହେବ । ଆମ ଶରୀର ସବୁଠୁ ମୂଲ୍ୟବାନ । ବଡ଼ ଲୋକଙ୍କର ଉପଦେଶ ନ ମାନିଲେ ଏମିତି ଅସମୟରେ ପିଲାମାନେ ହଇରାଣ ହୁଅନ୍ତି । ଫଳରେ ପିତାମାତାମାନେ ଦୁଃଖ ପାଇଥାନ୍ତି । ଏହି ସମୟରେ ପାଖରେ ଛିଡ଼ା ହୋଇ ସିପୁନ୍‌ର ମା' ଡାକ୍ତରଙ୍କ କଥାରେ ସହମତି ଜଣାଇ କହିଲେ, ଠିକ୍ କଥା ପିଲାମାନେ ଏକ ଜିଦିଆ ଆଉ ଅଝଟ ହୋଇ ଏମିତି ନିଜ ଶରୀରକୁ ପୀଡ଼ା ଦେଉଛନ୍ତି । ଆଜି ସିପୁନ୍‌ର ଜନ୍ମଦିନରେ ପୁପୁନ୍ ଉପସ୍ଥିତ ରହି ପାରିଲା ନାହିଁ । ସବୁଦିନ ବର୍ଷାରେ ଭିଜିବା ପାଇଁ ପୁପୁନ୍‌କୁ ବହୁତ ଖୁସି ଲାଗେ । ସିପୁନ୍ ଛତା ନେଇ ସ୍କୁଲକୁ ଯାଏ, ମାତ୍ର ପୁପୁନ୍ କଥା ନ ମାନି ଛତା ନ ନେଇ ସ୍କୁଲ ଯାଏ । ବର୍ଷାରେ ଭିଜି ଓଦା ସରସର ହୋଇ ଘରକୁ ସନ୍ଧ୍ୟାରେ ଫେରେ । ପଚାରିଲେ କହେ, ମୋର ଛତା ନାହିଁ । କିଛି ସମୟ ପରେ ଔଷଧ ଖାଇବା ପରେ ପୁପୁନ୍‌କୁ ଟିକେ ଭଲ ଲାଗିଲା । ସେ ବିଛଣାରୁ ଉଠି ମା'ଙ୍କୁ ପଚାରିଲା, ସିପୁନ୍‌ର ଜନ୍ମଦିନ ଥିଲା । ମୁଁ ଯାଇ ପାରିଲି ନାହିଁ । ମା' ବୁଝାଇ ଦେଲେ ହଁ, ସିପୁନ୍ ଓ ତାର ମା' ଆସିଥିଲେ । ତୁ ଶୋଇଥିଲୁ, ହେଲେ ମନ ଦୁଃଖ କର ନାହିଁ । ତୁ ଭଲ ହୋଇଗଲେ ଆମ ଘରେ ଆଉ ଥରେ ଜନ୍ମଦିନ ପାଳନ କରିବା । ସେଦିନ ରାତିସାରା ପୁପୁନ୍ ଶୋଇ ପାରିଲା ନାହିଁ । ମନ ଭିତରେ ତା'ର ସବୁ ଦୁଷ୍ଟାମି ଆସୁଥାଏ । ସାଙ୍ଗମାନଙ୍କ ସହ ମିଶି ପାଣି ଖାଲରେ ପଶି କାଦୁଆ ହେବା, ଛତା ନ ନେଇ ଓଦା ହୋଇ ସ୍କୁଲ ଯିବା, ଆହୁରି କେତେ କଥା । ଏମିତି ଭାବୁ ଭାବୁ ସେ ଶୋଇ ପଡ଼ିଥାଏ । ସକାଳ ହେଲା, ଶରୀର ଦୁର୍ବଳ ଲାଗୁଥାଏ । ଆଉ ସେଦିନ ବି ସେ ସ୍କୁଲ ଗଲା ନାହିଁ । ଲଗାତାର ତିନିଦିନ ଯାଏ ସେ ସ୍କୁଲ ଯାଇ ପାରିଲା ନାହିଁ । ଘରେ ଶୋଇ ଶୋଇ ଚିଡ଼ା ଲାଗୁଥାଏ । କିଛି ଦିନ ପରେ ଦେହ ଟିକେ ଭଲ ଲାଗିବାରୁ ପୁପୁନ୍ ବାହାରିଲା ସ୍କୁଲ ଯିବା ପାଇଁ । କିନ୍ତୁ ବର୍ଷା ପାଗ ଦେଖି କୁଣ୍ଠା ହେଉଥାଏ । ମା' ତା ମୁଣ୍ଡରେ ହାତ ମାରି କହିଲେ, ଦେଖିଲୁ ବାବା ବାପା ତୋ ପାଇଁ କ'ଣ ଆଣିଛନ୍ତି । ପୁପୁନ୍ ଆଶ୍ଚର୍ଯ୍ୟ ହେଲା, ମା' ତା' ହାତକୁ ଗୋଟିଏ ସୁନ୍ଦର ଫୁଲ ପକା ରଙ୍ଗୀନ ଛତା ଟଏ ବଢାଇ ଦେଲେ । ରଙ୍ଗୀନ ଫୁଲ ପକା ଛତା ଦେଖି ପୁପୁନ୍‌ଭାରି ଖୁସି ହୋଇଗଲା । ମା' କହିଲେ, ଏହି ଛତା ଆମକୁ ଖରା ଆଉ ବର୍ଷାରୁ ରକ୍ଷା କରିଥାଏ । ଅଧିକାଂଶ ସାଙ୍ଗ ପିଲା ରଙ୍ଗୀନ ଛତା ନେଇ ଆସୁଥିବାର ସେ ଦେଖିଛି । ଆଜି ତାର ମଧ୍ୟ ରଙ୍ଗୀନ ଛତା ଦେଖି ପୁପୁନ୍ ଖୁସି ହୋଇଗଲା । ଆଉ ଆଗଭଳି ସେ ଦୁଷ୍ଟାମୀ କରିବ ନାହିଁ ବୋଲି ମନେ ମନେ ସ୍ଥିର କଲା । ଭାରି ମନ ଖୁସିରେ ରଙ୍ଗୀନ ଛତା ଧରି ସ୍କୁଲ ବାହାରି ଗଲା ।

ରାଜେନ୍ଦ୍ରପୁର, ଭଦ୍ରକ
ମୋ- ୯୪୩୭୭୩୧୯୦୩



## ପାଟି ଓ ଖଡ଼ି

ମାଟିରେ ତିଆରି ସିଲଟ ମୁହିଁ
କାଲି ଥିଲି ପ୍ରିୟ ସବୁରି ପାଇଁ ।
ଲେଖୁଥିଲେ ସର୍ବେ ଖଡ଼ିକୁ ଧରି
ବ୍ରହ୍ମା ବିଷ୍ଣୁ ମହେଶ୍ୱରଙ୍କୁ ସ୍ମରି ।
ଗୁରୁ ଲେଖୁଥିଲେ ସ୍ୱର ବ୍ୟଞ୍ଜନ
ମଡ଼ାଇଲେ ଚାଟ ଦେଇ ଧିଆନ ।
ଗୁରୁ ଶିଖାଇଲେ ସଂଶ୍ଳେଷଣ
ପଣିକିଆ ସାଥେ ବିଶ୍ଳେଷଣ ।
ମିଶାଣ ଫେଡ଼ାଣ ଗୁଣନ ହରଣ
କଷୁଥିଲେ ଚାଟ ଦେଇ ଧିଆନ ।
ଆଉ ନାହିଁ ସେହି ବେଳ ମୋହର
କାଗଜକୁ ସର୍ବେ କଲେ ଆଦର ।
କିଏ ବା ବୁଝିବ ମୋର ମନକୁ
ବିଦାୟ ନେଉଛି କାଳ କାଳକୁ ।



ପ୍ରଶାନ୍ତ କୁମାର ସାହୁ

ଇନ୍ଦିପୁର, ଚନ୍ଦନ ମଣ୍ଡପ ସାହି,
ଢେଙ୍କାନାଳ
ମୋ- ୯୭୭୭୦୯୦୦୫୬






**ଅଂଶୁମାନ ସାହୁ**
ଅଷ୍ଟମ ଶ୍ରେଣୀ
ଓଡ଼ିଶା ଆଦର୍ଶ ବିଦ୍ୟାଳୟ
ଅଙ୍କରାନ୍ତିପୁର
ଓଡ଼ାପଡ଼ା
ଢେଙ୍କାନାଳ





**କ୍ରିଷ୍ଟାଲ ପଣ୍ଡା**
ଦ୍ୱିତୀୟ ଶ୍ରେଣୀ
ବ୍ରିଜୱେଲ ଗ୍ଲୋବାଲ ସ୍କୁଲ
ସରକଣା
ଖୋର୍ଦ୍ଧା





**ରାଜନନ୍ଦିନୀ ସିଂ**
ଅଷ୍ଟମ ଶ୍ରେଣୀ
ଶ୍ରୀଦାମ ଚନ୍ଦ୍ରପୁର ମଧ୍ୟ
ଇଂରାଜୀ ବିଦ୍ୟାଳୟ
ଉଦଳା, ମୟୂରଭଞ୍ଜ





**ସ୍ୱପ୍ନ ସ୍ନିଗ୍ଧା ମହାନ୍ତି**
ଚତୁର୍ଥ ଶ୍ରେଣୀ
ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର
ନିମାପଡ଼ା

# କପିଳଙ୍କ ରେକର୍ଡ ଭାଙ୍ଗିଲେ ବୁମ୍ରା

**ଲର୍ଡ୍ସ, ୧୧।୭ (ଏଜେନ୍ସି):** ଏଠାରେ ଚାଲିଥିବା ତୃତୀୟ ଟେଷ୍ଟରେ ଭାରତ ଯଶପ୍ରୀତ୍ ବୁମ୍ରା ପ୍ରତିପକ୍ଷ ଇଂଲଣ୍ଡ ପ୍ରଥମ ଇନିଂସରେ ୫ ୱିକେଟ ସଫଳତା ପାଇଛନ୍ତି। ଏହା ଫଳରେ ବିଦେଶରେ ସେ ୧୩ଥର ଲାଗି ଗୋଟିଏ ଟେଷ୍ଟ ଇନିଂସରେ ୫ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ କପିଳ ଦେବଙ୍କ ରେକର୍ଡକୁ ଅତିକ୍ରମ କରିଛନ୍ତି। ବିଦେଶ ମାଟିରେ କପିଳ ୬୬ଟି ଇନିଂସରେ ୧୨ଥର ୫ ୱିକେଟ ସଫଳତା ପାଇଥିଲେ। ବୁମ୍ରା ମାତ୍ର ୩୫ଟି ଟେଷ୍ଟ ଖେଳି ଏହି ସଫଳତା ପାଇଛନ୍ତି।

**୫ମରେ ରୁଟ୍ :** ଅନ୍ୟପକ୍ଷରେ ଇଂଲଣ୍ଡର ବରିଷ୍ଠ ବ୍ୟାଟର ଜୋ ରୁଟ୍ ଏହି ମ୍ୟାଚ୍‌ରେ ୧୦୪ ରନ୍ କରିଛନ୍ତି। ଏହା ତାଙ୍କ ଟେଷ୍ଟ ଜୀବନର ୩୭ତମ ଶତକ। ସର୍ବାଧିକ ଟେଷ୍ଟ ଶତକ ହାସଲ ତାଲିକାରେ ରୁଟ୍ ୫ମ ସ୍ଥାନକୁ ଉଠିଛନ୍ତି। ୧୫୬ତମ ଟେଷ୍ଟରେ ରୁଟଙ୍କୁ ଏହି ସଫଳତା ମିଳିଛି। ଟେଷ୍ଟ କ୍ରିକେଟରେ ସର୍ବାଧିକ ଶତକ ଭାରତର ସଚିନ ତେନ୍ଦୁଲକରଙ୍କ ନାମରେ ରହିଛି। ସେ ୨୦୦ ଟେଷ୍ଟରେ ୫୧ ଶତକ ହାସଲ କରିଥିଲେ। ତାଙ୍କ ପଛକୁ ଦକ୍ଷିଣ ଆଫ୍ରିକାର ଜ୍ୟାକ୍ କାଲିସ୍ ୧୬୬ ଟେଷ୍ଟରୁ ୪୫ଟି, ଅଷ୍ଟ୍ରେଲିଆର ରିକି ପଣ୍ଟିଂ ୧୬୮ ଟେଷ୍ଟରେ ୪୧ ଓ ଶ୍ରୀଲଙ୍କାର କୁମାର ସାଙ୍ଗକାରା ୧୩୪ ଟେଷ୍ଟରେ ୩୮ଟି ଶତକ ହାସଲ କରି ରୁଟ୍‌ଙ୍କ ଉପରେ ରହିଛନ୍ତି।

## ଦ୍ୱିତୀୟ ଦିନ ବ୍ୟାଟିଂ କଲେ ପନ୍ତ୍

ପ୍ରଥମ ଦିନ ବୁମ୍ରାଙ୍କ ବଲ ଅଟକାଇବାକୁ ଯାଇ ଆହତ ହୋଇଥିବା ଭାରତର ୱିକେଟ ରକ୍ଷକ ଋଷଭ ପନ୍ତ୍ ଭାରତୀୟ ଇନିଂସରେ ବ୍ୟାଟିଂ କରିବାକୁ ଆସିଥିଲେ। ପୂର୍ବରୁ ଇଂଲଣ୍ଡର ଅସମାପ୍ତ ପ୍ରଥମ ଇନିଂସରେ ସେ ୱିକେଟ କିପିଂ କରିବାକୁ ଆଦୌ



ଆସି ନ ଥିଲେ। କିନ୍ତୁ ଆଜି ସେ ପଡ଼ିଆକୁ ଆସି ଗୋଟିଏ ହାତରେ ବ୍ୟାଟିଂ ଅଭ୍ୟାସ କରିଥିଲେ ମଧ୍ୟ ଆଦୌ ସହଜ ଅନୁଭବ କରି ନ ଥିଲେ। କିନ୍ତୁ ଭାରତ ଇନିଂସରେ ଅଧିନାୟକ ଶୁବମନ ଗିଲ୍ ଆଉଟ ହେବା ପରେ ପନ୍ତ୍ ପୂର୍ବପରି ତାଙ୍କ ନଂ-୫ ପୋଜିସନରେ ବ୍ୟାଟିଂ କରିଥିଲେ। ତାଙ୍କ ଆହତ ସମସ୍ୟାରୁ ଫାଇଦା ନେବା ଲାଗି ଇଂଲଣ୍ଡ ସମସ୍ତ ପ୍ରକାର ଉଦ୍ୟମ କରିଥିଲା। ଚଳିତ ସିରିଜ୍‌ରେ ପନ୍ତ୍‌ଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଛି। ସେ ୨ଟି ଶତକ ଓ ଗୋଟିଏ ଅର୍ଦ୍ଧଶତକ ହାସଲ କରିସାରିଛନ୍ତି।

### ଲର୍ଡ୍ସରେ ରୁଟ୍‌ଙ୍କ ଶତକ, ବୁମ୍ରାଙ୍କୁ ୫ ୱିକେଟ ସଫଳତା

# ଇଂଲଣ୍ଡ ୩୮୭ ଜବାବରେ ଭାରତ ୧୪୫/୩

**ଲର୍ଡ୍ସ, ୧୧।୭ (ଏଜେନ୍ସି)**

ଭାରତ ଓ ଇଂଲଣ୍ଡ ମଧ୍ୟରେ ଏଠାରେ ଚାଲିଥିବା ତୃତୀୟ ଟେଷ୍ଟ ମ୍ୟାଚ୍‌ର ଦ୍ୱିତୀୟ ଦିନ ଖେଳ ଶେଷରେ ଉଭୟ ଦଳ ସମାନ ସ୍ଥିତିରେ ରହିଛନ୍ତି। ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରା ୫ ୱିକେଟ ନେବା ଫଳରେ ଇଂଲଣ୍ଡର ପ୍ରଥମ ଇନିଂସ ୩୮୭ ରନ୍‌ରେ ସୀମିତ ରହିଥିଲା। ଜବାବରେ ଭାରତ ବ୍ୟାଟିଂ କରି ଦ୍ୱିତୀୟ ଦିନ ଖେଳ ଶେଷ ସୁଦ୍ଧା ଲୋକେଶ ରାହୁଲଙ୍କ ଅପରାଜିତ ଅର୍ଦ୍ଧଶତକ ସହାୟତାରେ ପ୍ରଥମ ଇନିଂସରେ ୩ ୱିକେଟ ହରାଇ ୧୪୫ ରନ୍ ଭରଣା କରିନେଇଛି। ଦଳ ଏବେ ସୁଦ୍ଧା ୨୪୨ ରନ୍‌ରେ ପଛୁଆ ରହିଛି। ଷ୍ଟମ୍ପ ଅପସାରଣ ବେଳକୁ ରାହୁଲ ୫୩ ଓ ପନ୍ତ୍ ୧୯ ରନ୍‌ରେ ବ୍ୟାଟିଂ କରୁଥିଲେ। ଭାରତ ପକ୍ଷରୁ ଅନ୍ୟମାନଙ୍କ ମଧ୍ୟରେ କରୁନ ନାୟାର ୪୦, ଅଧିନାୟକ ଶୁବମନ ଗିଲ୍ ୧୬ ଓ ଯଶସ୍ୱୀ ଜୟସ୍ୱାଲ ୧୩ ରନ୍‌ରେ ଆଉଟ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ କ୍ରିସ୍ ଓକ୍ସ, ବେନ୍ ଷ୍ଟୋକ୍ସ ଓ ଜୋଫ୍ରା ଆର୍ଚର ଭାରତର ଜଣେ ଲେଖାଏଁ ଖେଳାଳିଙ୍କୁ ଆଉଟ କରିଥିଲେ। ପୂର୍ବରୁ ଇଂଲଣ୍ଡ ୪ ୱିକେଟରେ ୨୫୧ ରନ୍‌ରୁ ଖେଳ ଆରମ୍ଭ କରି ଦଳ ଜୋ ରୁଟ୍‌ଙ୍କ ୱିକେଟ ହରାଇଥିଲା। ରୁଟ ଏହି ଟେଷ୍ଟରେ ୩୭ତମ ଶତକ ସହ ୧୦୪ ରନ୍ କରିଥିଲେ। କିନ୍ତୁ ଜେମି ସ୍ମିଥ୍ (୫୧) ଓ ବ୍ରାଇଡନ କାର୍ସ (୫୬)ଙ୍କ ଅର୍ଦ୍ଧଶତକ ବଳରେ ଇଂଲଣ୍ଡ ସମ୍ମାନଜନକ ସ୍କୋର କରିଥିଲା। ଭାରତ ପକ୍ଷରୁ ଫାଷ୍ଟ ବୋଲର ଯଶପ୍ରୀତ୍ ବୁମ୍ରା ଦ୍ୱିତୀୟ ଦିନରେ ଚମତ୍କାର ବୋଲିଂ କରି ଆଉ ୪ଟି ୱିକେଟ ପାଇଥିଲେ। ଏହା ଫଳରେ ସେ ମ୍ୟାଚ୍‌ରେ ୭୪ ରନ୍ ଦେଇ ମୋଟ ୫ ୱିକେଟ ସଫଳତା ପାଇଥିଲେ।





### ସମ୍ମାନ ରଖିଲେ ସ୍ମିଥ୍ ଓ କାର୍ସ

ଏହି ମ୍ୟାଚ୍‌ର ପ୍ରଥମ ଦିନରେ ଜୋ ରୁଟ୍, ଓଲି ପୋପ୍ (୪୪) ଓ ବେନ୍ ଷ୍ଟୋକ୍ସ ଲଢୁଆ ଖେଳିଥିଲେ। କିନ୍ତୁ ୯୯ ରନ୍‌ରେ ଅପରାଜିତ ଥିବା ରୁଟ ନିଜ ଟେଷ୍ଟ ଜୀବନର ୩୭ତମ ଶତକ ହାସଲ କରିବା ପରେ ୧୦୪ ରନ୍‌ରେ ଆଉଟ ହୋଇଥିଲେ। ସେହିପରି ୩୯ ରନ୍‌ରେ ଅପରାଜିତ ଅଧିନାୟକ ଷ୍ଟୋକ୍ସଙ୍କ ବ୍ୟାଟରୁ ମୋଟରେ ୪୪ ରନ୍ ମିଳିଥିଲା। ଏହା ସାଙ୍ଗକୁ କ୍ରିସ ଓକ୍ସ ଖାତା ଖୋଲିବା ପୂର୍ବରୁ ଆଉଟ ହୋଇଥିଲେ। ଏ ସମସ୍ତ ଖେଳାଳିଙ୍କୁ ଆଉଟ କରି ବୁମ୍ରା କିଛି ସମୟ ଆତଙ୍କ ଖେଳାଇଦେଇଥିଲେ। ଘରୋଇ ଦଳ ୧୧ ରନ୍ ବ୍ୟବଧାନରେ ୩ଟି ୱିକେଟ ହରାଇ ବିପଦରେ ପଡ଼ିଥିଲା। ଦଳ ଗତକାଲି ୪ ୱିକେଟରେ ୨୫୧ ରନ୍ କରିଥିଲାବେଳେ ଦ୍ୱିତୀୟ ଦିନ ସକାଳେ ନୂଆ ବଲ୍‌ରେ ବୁମ୍ରାଙ୍କ ବୋଲିଂ ଘାତକ ସାବ୍ୟସ୍ତ ହୋଇଥିଲା। ଯାହା ଫଳରେ ଇଂଲଣ୍ଡ ୨୭୧ ରନ୍‌ରେ ୭ମ ୱିକେଟ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ଚଳିତ ସିରିଜ୍‌ରେ ଦମ୍‌ଦାର ପ୍ରଦର୍ଶନ କରୁଥିବା ଜେମି ସ୍ମିଥ ଓ ବ୍ରାଇଡନ କାର୍ସ ଚମତ୍କାର ବ୍ୟାଟ୍ ଚାଳନା କରି ଦ୍ରୁତଗତିରେ ରନ୍ ସଂଗ୍ରହ କରିଥିଲ। ସ୍ମିଥ୍ ୫୬ ବଲ୍‌ରେ ୬ ଚୌକା ସହ ୫୧ ଓ କାର୍ସ ୮୩ ବଲ୍‌ରେ ୬ ଚୌକା ଓ ୧ଛକା ସହ ୫୬ ରନ୍‌ରେ ଆଉଟ ହୋଇଥିଲେ। ସେମାନେ ମିଳିତଭାବେ ୧୧୪ ବଲ୍‌ର ସାମନା କରି ୮୪ ରନ୍ କରିଥିଲେ। ଏହି ପାର୍ଟନରସିପ୍ ଇଂଲଣ୍ଡର ସମ୍ମାନ ରକ୍ଷା କରିବାରେ ସହାୟ ହୋଇଥିଲା।

ଭାରତ ପକ୍ଷରୁ ବୁମ୍ରା ଆଜି ଘାତକ ବୋଲିଂ କରିଥିଲେ। ତାଙ୍କୁ ସର୍ବାଧିକ ୫ଟି ୱିକେଟ ମିଳିଥିଲା। ଏହା ଫଳରେ ଟେଷ୍ଟ କ୍ରିକେଟରେ ଗୋଟିଏ ଇନିଂସରେ ୫ କିମ୍ବା ତା'ଠାରୁ ଅଧିକ ୱିକେଟ ନେବାରେ ସେ ୧୫ଥର ସଫଳ ହୋଇଛନ୍ତି। ଏହା ମଧ୍ୟରୁ ବିଦେଶରେ ୧୩ଥର ୫ ୱିକେଟ ସଫଳତା ପାଇଛନ୍ତି। ମହମ୍ମଦ ସିରାଜ ଓ ନୀତୀଶ କୁମାର ରେଡ୍ଡି ୨ଜଣ ଲେଖାଏଁ ଖେଳାଳିଙ୍କୁ ପାଭିଲିୟନ ପଠାଇବାରେ ସମର୍ଥ ହୋଇଥିଲେ। ରବୀନ୍ଦ୍ର ଜାଡେଜାଙ୍କୁ ଗୋଟିଏ ୱିକେଟ ମିଳିଥିଲାବେଳେ ଦ୍ୱିତୀୟ ଟେଷ୍ଟରେ ୧୦ଟି ୱିକେଟ ନେଇଥିବା ଆକାଶ ଦୀପ୍‌ଙ୍କୁ ଇଂଲଣ୍ଡ ପ୍ରଥମ ଇନିଂରେ ଗୋଟିଏ ହେଲେ ୱିକେଟ ମିଳି ନ ଥିଲା।

**ସଂକ୍ଷିପ୍ତ ସ୍କୋର**

**ଇଂଲଣ୍ଡ ପ୍ରଥମ ଇନିଂସ : ୩୮୭/୧୦, ୧୧୨.୩ ଓଭର**

(ରୁଟ୍- ୧୦୪, କାର୍ସ-୫୮, ସ୍ମିଥ-୫୧, କାର୍ସ-୫୭, ଷ୍ଟୋକ୍ସ- ୪୪, ପୋପ୍-୪୪, ବୁମ୍ରା-୫/୭୪, ଜାଡେଜା-୬୨, ରେଡ୍ଡୀ-୨/୮୫)।

**ଭାରତ ପ୍ରଥମ ଇନିଂସ : ୧୪୫/୩, ୪୩ ଓଭର**


(ରାହୁଲ-ବ୍ୟାଟିଂ-୫୩, ପନ୍ତ୍-ବ୍ୟାଟିଂ-୧୯, ନାୟାର-୪୦, ଗିଲ-୧୬, ଜୟସ୍ୱାଲ-୧୩, ଷ୍ଟୋକ୍ସ-୧/୧୬, ଆର୍ଚର-୧/୨୨, ଓକ୍ସ-୧/୫୬)।

# ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍ ଫାଇନାଲ ଆଜି

**ଭୁବନେଶ୍ୱର, ୧୧।୭ (ସମିସ):** ସ୍ଥାନୀୟ କଳିଙ୍ଗ ଷ୍ଟାଡିୟମଠାରେ ଚାଲିଥିବା ଓଡ଼ିଶା ନାଭାଲ ଟାଟା ଗ୍ରାସରୁଟ୍ ହକି ଲିଗ୍ ଚାମ୍ପିଅନସିପ୍ ୫ମ ସଂସ୍କରଣର ଫାଇନାଲ ମୁକାବିଲା ଶନିବାର ଅନୁଷ୍ଠିତ ହେବ। ବାଳକ ବିଭାଗରେ ନୂଆଗାଁ ଓ କଉରାମୁଣ୍ଡା ଏଚ୍‌ଟିସି ଟାଇଟଲ୍ ପାଇଁ ଲଢ଼େଇ କରିବେ। ସେହିଭଳି ବାଳିକାରେ ଲାଠିକଟା ଓ ଗୁରୁଣ୍ଡିଆ ଏଚ୍‌ଟିସି ମଧ୍ୟରେ ଫାଇନାଲ ମ୍ୟାଚ୍ ଖେଳାଯିବ। ଶୁକ୍ରବାର ଅନୁଷ୍ଠିତ ବାଳକ ସେମିଫାଇନାଲରେ ନୂଆଗାଁ ସୁଟ୍‌ଆଉଟ୍‌ରେ ୪-୧ (୩-୩) ଗୋଲ୍‌ରେ ରାଜଗାଙ୍ଗପୁର ଏଚ୍‌ଟିସିକୁ ପରାସ୍ତ କରିଥିଲା। ସେହିଭଳି ଅନ୍ୟ ଏକ ସେମିରେ କଉରାମୁଣ୍ଡା ୨-୧ ଗୋଲ୍‌ରେ ସଉନାମରା ଏଚ୍‌ଟିସିକୁ ହରାଇଥିଲା। ଅପରପକ୍ଷରେ ବାଳିକା ସେମିଫାଇନାଲରେ ଲାଠିକଟା ୩-୦ ଗୋଲ୍‌ରେ ବଡ଼ଗାଁ ଏଚ୍‌ଟିସିକୁ ଏବଂ ଗୁରୁଣ୍ଡିଆ ୪-୧ ଗୋଲ୍‌ରେ ବମ୍ରା ଏଚ୍‌ଟିସିକୁ ପରାସ୍ତ କରି ଫାଇନାଲରେ ପହଞ୍ଚିଛନ୍ତି। ଏହି ପ୍ରତିଯୋଗିତାରେ ରାଜ୍ୟରେ ଥିବା ୩୩ ହକି ଟ୍ରେନିଂ ସେଣ୍ଟର (ଏଚ୍‌ଟିସି)ର ଶ୍ରେଷ୍ଠ-୮ଟି ବାଳକ ଓ ବାଳିକା ଦଳ ଅଂଶଗ୍ରହଣ କରିଛନ୍ତି।

# ଶତକ ସତ୍ତ୍ୱେ 'ଲର୍ଡ୍ସ ଅନର୍ସ ବୋର୍ଡ'ରେ ନାହାନ୍ତି ସଚିନ

**ଲଣ୍ଡନ, ୧୧।୭ (ଏଜେନ୍ସି):** ଭ୍ରମଣକାରୀ ଭାରତ ଓ ଇଂଲଣ୍ଡ ମଧ୍ୟରେ ଚଳିତ ଟେଷ୍ଟ ସିରିଜର ୩ୟ ମ୍ୟାଚ୍ ଆରମ୍ଭ ହେବା ପୂର୍ବରୁ ବ୍ୟାଟିଂ କିମ୍ବଦନ୍ତୀ ସଚିନ ତେନ୍ଦୁଲକରଙ୍କୁ ଐତିହାସିକ ଲର୍ଡ୍ସ ଗ୍ରାଉଣ୍ଡରେ ସମ୍ମାନିତ କରାଯାଇଥିଲା। ଲର୍ଡ୍ସ ଗ୍ରାଉଣ୍ଡ ଭିତରରେ ଥିବା ମେରିଲବୋନ୍ କ୍ରିକେଟ୍ କ୍ଲବ (ଏମ୍‌ସିସି) ସଂଗ୍ରାହଳୟରେ ସଚିନ ପେଣ୍ଟିଂ ହୋଇଥିବା ନିଜର ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଥିଲେ। ସେହିଭଳି ପାରମ୍ପରିକ ଭାବେ ଘଣ୍ଟି ବଜାଇ ସଚିନ ଲର୍ଡ୍ସ ଟେଷ୍ଟକୁ ଆନୁଷ୍ଠାନିକ ଭାବେ ଆରମ୍ଭ କରିଥିଲେ। ତେବେ ଦୀର୍ଘ ଅଢ଼େଇ ଦଶନ୍ଧିର କ୍ୟାରିୟରରେ



ସଚିନ ୧୦୦ ଅନ୍ତର୍ଜାତୀୟ ଶତକ ସହ ୩୪ ହଜାରରୁ ଊର୍ଦ୍ଧ୍ୱ ରନ ସଂଗ୍ରହ କରିଥିଲେ ମଧ୍ୟ ତାଙ୍କ ନାମ ସମ୍ମାନଜନକ 'ଲର୍ଡ୍ସ ଅନର୍ସ ବୋର୍ଡ'ରେ ଲିପିବଦ୍ଧ ହୋଇନାହିଁ। ସାଧାରଣତଃ କ୍ରିକେଟ୍‌ର ମକ୍କା ଭାବେ ପରିଚିତ ଲର୍ଡ୍ସରେ ଯେଉଁ ଖେଳାଳି ଶତକ କିମ୍ବା ୫ ୱିକେଟ ସଫଳତା ପାଇଥାନ୍ତି ତାଙ୍କ ନାମ ଲର୍ଡ୍ସ ଅନର୍ସ ବୋର୍ଡରେ ଲେଖାଯାଇଥାଏ।

ଏହାକୁ ନେଇ ଏମ୍‌ସିସିର ସଭାପତି ମାର୍କ ନିକୋଲସ ମଜାଳିଆ ଢଙ୍ଗରେ ସଚିନଙ୍କୁ କହିଥିଲେ, 'ତୁମେ ଲର୍ଡ୍ସ ଅନର୍ ବୋର୍ଡରେ ସ୍ଥାନ ପାଇଲ ନାହିଁ। କ'ଣ ହେଲା ? ମୁଁ ଭାବୁଛି ଇଂଲଣ୍ଡର ଉଚ୍ଚମାନର ବୋଲିଂ ଲାଗି'। ତେବେ ନିକୋଲସଙ୍କ ଦ୍ୱାରା ପଚରାଯାଇଥିବା ଏହି ତ୍ରୁଟିପୂର୍ଣ୍ଣ ପ୍ରଶ୍ନକୁ ସଚିନ ହସି ହସି ସଂଶୋଧନ କରିଥିଲେ। ସଚିନ କହିଥିଲେ, 'ମୁଁ ଭାବୁଛି ଏହା ୧୯୯୮ ମସିହା ଥିଲା ଯେତେବେଳେ ଆମେ ଲର୍ଡ୍ସରେ ଏକ ମେମୋରିଆଲ୍ ମ୍ୟାଚ୍ ଖେଳିଥିଲୁ ଏବଂ ମୁଁ ସେଥିରେ ଅବଶିଷ୍ଟ ବିଶ୍ୱ ଏକାଦଶର ନେତୃତ୍ୱ ନେଇ ୧୨୫ ରନର ଶତକୀୟ ପାଳି ଖେଳିଥିଲି। ପ୍ରତିପକ୍ଷ ମେରିଲବୋନ କ୍ରିକେଟ୍ କ୍ଲବ (ଏମ୍‌ସିସି) ଦଳରେ ଗ୍ଲେନ ମ୍ୟାକ୍‌ଗ୍ରା, ଆଲାନ ଡୋନାଲ୍ଡ, ଜାଭାଗଲ ଶ୍ରୀନାଥ, ଅନିଲ କୁମ୍ବଲେ ଓ ବ୍ରାଏନ ମ୍ୟାକ୍‌ମିଲାନଙ୍କ ପରି ଦକ୍ଷ ବୋଲର୍ ରହିଥିଲେ।' ଉଲ୍ଲେଖଯୋଗ୍ୟ, ଏମ୍‌ସିସି ଓ ବିଶ୍ୱ ଏକାଦଶ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚ୍‌ଟି ଏକ ଚ୍ୟାରିଟି ମୁକାବିଲା ଥିଲା। ତେଣୁ ସଚିନ ଏଥିରେ ମାରିଥିବା ଶତକଟି ଅନର୍ ବୋର୍ଡରେ ସ୍ଥାନ ପାଇ ନ ଥିଲା। ଲର୍ଡ୍ସ ଅନର୍ ବୋର୍ଡ କେବଳ ଅଫିସିଆଲ୍ ମ୍ୟାଚ୍‌ର ରେକର୍ଡ ପାଇଁ ଉପଲବ୍ଧ ରହିଛି।

# ଶ୍ରଦ୍ଧାଞ୍ଜଳିଙ୍କୁ ଏଏଫ୍‌ସି 'ଏ' କୋଚିଂ ଲାଇସେନ୍ସ


**ଭୁବନେଶ୍ୱର, ୧୧।୭ (ସମିସ):** ଓଡ଼ିଶାର ସୁନାମଧନ୍ୟ ମହିଳା ଫୁଟବଲ ଖେଳାଳି ତଥା କୋଚ୍ ଶ୍ରଦ୍ଧାଞ୍ଜଳି ସାମନ୍ତରାୟଙ୍କୁ ଏଏଫ୍‌ସି-ଏ'



କୋଚିଂ ଲାଇସେନ୍ସ ମିଳିଛି। ଏସୀୟ ଫୁଟବଲ ମହାସଂଘ ପକ୍ଷରୁ ଅନୁଷ୍ଠିତ ଏ ଲାଇସେନ୍ସ ପରୀକ୍ଷାରେ ସେ କୃତକାର୍ଯ୍ୟ ହୋଇଛନ୍ତି। ଏହା ଫଳରେ ସେ ବରିଷ୍ଠ ଜାତୀୟ ତଥା ଗ୍ରେଡ୍-ଏ ଟିମ୍‌ର କୋଚ୍ ହେବାକୁ ଲାଇସେନ୍ସ ପ୍ରାପ୍ତ ହୋଇଛନ୍ତି। ପୂର୍ବରୁ ସେ ସମସ୍ତ ପ୍ରକାର ଭାରତୀୟ ଦଳର କୋଚ୍ ହୋଇସାରିଛନ୍ତି। ଏହି ସଫଳତା ଲାଗି ଶ୍ରଦ୍ଧାଞ୍ଜଳିଙ୍କୁ ଫାଓ ସଭାପତି ଟଙ୍କଧର ତ୍ରିପାଠୀ ଓ ସମ୍ପାଦକ ଆଶୀର୍ବାଦ ବେହେରା ଓ ଅନ୍ୟମାନେ ଅଭିନନ୍ଦନ ଜଣାଇଛନ୍ତି।

# ଆଲ୍‌କାରାଜ୍-ସିନ୍ନର ଫାଇନାଲ

**ଲଣ୍ଡନ,୧୧।୭ (ଏଜେନ୍ସି):** ଉଦୀୟମାନ ଯୁବ ଖେଳାଳି ତଥା ଗତ ଦୁଇଥରର ବିଜେତା ସ୍ପେନ୍‌ର କାର୍ଲୋସ ଆଲକାରାଜ୍ ଓ ବିଶ୍ୱର ନଂ-୧ ଖେଳାଳି ଇଟାଲୀର ଜାନିକ ସିନ୍ନରଙ୍କ ମଧ୍ୟରେ ଚଳିତବର୍ଷର ୱିମ୍ବଲଡନ ଗ୍ରାଣ୍ଡସ୍ଲାମ୍ ପୁରୁଷ ଏକକ ଫାଇନାଲ ଖେଳାଯିବ।



ୱିମ୍ବଲଡନ ଗ୍ରାଣ୍ଡସ୍ଲାମ୍

ଶୁକ୍ରବାର ଅନୁଷ୍ଠିତ ପ୍ରଥମ ସେମିଫାଇନାଲରେ ଆଲକାରାଜ ୩-୦ ସେଟ୍‌ରେ ୫ମ ସିଡ୍ ଆମେରିକାର ଟେଲର ଫ୍ରିଜ୍‌କୁ ପରାସ୍ତ କରିଥିଲେ। ଆରମ୍ଭରୁ ପ୍ରାଧାନ୍ୟ ବିସ୍ତାର କରିଥିବା ନମ୍ବର ୨ ସିଡ୍ ଆଲକାରାଜ ଏହି ମ୍ୟାଚ୍‌କୁ ୬-୪, ୫-୭, ୬-୩ ଓ ୭-୬ (୮/୬) ସେଟ୍‌ରେ ପରାସ୍ତ କରିଥିଲେ। ସେହିପରି ଏକତରଫା ଦ୍ୱିତୀୟ ସେମିଫାଇନାଲରେ ସିନ୍ନର ୬-୩, ୬-୩, ୬-୪ ସିଧାସଳଖ ସେଟ୍‌ରେ ନୋଭାକ ଜୋକୋଭିଚ୍‌ଙ୍କୁ ହରାଇଥିଲେ। ଏହା ଫଳରେ ଜୋକୋଭିଚ୍‌ଙ୍କ ରେକର୍ଡ କରିବା ସ୍ୱପ୍ନରେ ପୁଣିଥରେ ବ୍ରେକ୍ ଲାଗିଛି।

ଆସନ୍ତାକାଲି ମହିଳା ଏକକ ଫାଇନାଲ ଖେଳାଯିବ। ଏଥିରେ ପୋଲାଣ୍ଡର ଇଗା ସ୍ୱିଆଟେକଙ୍କ ସହ ଆମାଣ୍ଡା ସିନିଆକୋଭଙ୍କର ମୁକାବିଲା ହେବ। ଗତକାଲି ଖେଳାଯାଇଥିବା ସେମିଫାଇନାଲରେ ଟପ୍ ସିଡ୍ ବେଲାରୁଷର ଆରିନା ସାବାଲେଙ୍କାଙ୍କୁ ୨-୧ରେ ଆନିସିମୋଭା ଓ ବେଲିଣ୍ଡା ବେଙ୍କିକ୍‌କୁ ୨-୦ରେ ପରାସ୍ତ କରି ସ୍ୱିଆଟେକ ଫାଇନାଲରେ ପ୍ରବେଶ କରିଥିଲେ।

### ସିନିଆକୋଭା-ଭର୍ବିକ ମିଶ୍ରିତ ଯୁଗଳ ଚାମ୍ପିଅନ

ଚେକ୍ ପ୍ରଜାତନ୍ତ୍ରର କାଟେରିଆ ସିନିଆକୋଭା ଓ ନେଦରଲାଣ୍ଡର ସେମ ଭର୍ବିକ ଚଳିତବର୍ଷ ୱିମ୍ବଲଡନ ମିଶ୍ରିତ ଯୁଗଳ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛନ୍ତି। ଶୁକ୍ରବାର ଖେଳାଯାଇଥିବା ଫାଇନାଲରେ ସିନିଆକୋଭା-ଭର୍ବିକଙ୍କ ଯୋଡି ୭-୬, ୭-୬ ସିଧାସଳଖ ଟାଇବ୍ରେକର ସେଟ୍‌ରେ ବ୍ରିଟେନର ଜୋ ସାଲିସ୍‌ବରୀ ଓ ବ୍ରାଜିଲ୍‌ର ଲୁଇସା ଷ୍ଟେଫାନିଙ୍କୁ ପରାସ୍ତ କରିଥିଲେ।

# ଜାତୀୟ ସବ୍‌ଜୁନିଅର ବାଳିକା ହକି ସେମିରେ ଓଡ଼ିଶା

**ଭୁବନେଶ୍ୱର, ୧୧।୭ (ସମିସ):** ରାଞ୍ଚିରେ ଚାଲିଥିବା ଜାତୀୟ ସବ୍‌ଜୁନିଅର ବାଳିକା ହକିର ୧୫ତମ ସଂସ୍କରଣ ସେମିଫାଇନାଲରେ ଓଡ଼ିଶା ଦଳ ପ୍ରବେଶ କରିଛି। ଶୁକ୍ରବାର ଅନୁଷ୍ଠିତ କ୍ୱାର୍ଟର ଫାଇନାଲରେ ଓଡ଼ିଶା ବାଳିକା ଦଳ ୫-୦ ଗୋଲ୍‌ରେ ବିହାରକୁ ପରାସ୍ତ କରିଥିଲା। ଓଡ଼ିଶା ପକ୍ଷରୁ ଆଶିକା ସମାଦ, ପ୍ରିୟଙ୍କା



ମିଞ୍ଜ, ଏଲିନା ବୁର୍, ସ୍ୱିଟି କୁଜୁର ଓ ଗୀତା ଲାକ୍ରା ଗୋଟିଏ ଲେଖାଏ ଗୋଲ୍ ଦେଇଥିଲେ। ଶନିବାର ପ୍ରଥମ ସେମିଫାଇନାଲରେ ହରିୟାଣା ସହ ଓଡ଼ିଶାର ମୁକାବିଲା ହେବ। କ୍ୱାର୍ଟର ଫାଇନାଲରେ ହରିୟାଣା ୧-୦ ଗୋଲ୍‌ରେ ଉତ୍ତର ପ୍ରଦେଶକୁ ହରାଇଥିଲା। ସେହିଭଳି ଆୟୋଜକ ଝାଡ଼ଖଣ୍ଡ ଓ ମିଜୋରାମ ମଧ୍ୟରେ ଦ୍ୱିତୀୟ ସେମିଫାଇନାଲ ଖେଳାଯିବ।

# ୮ ବର୍ଷ ପରେ କଳିଙ୍ଗକୁ ଫେରିଲା ଅନ୍ତର୍ଜାତୀୟ ଦୌଡ଼କୁଦ

**ଭୁବନେଶ୍ୱର, ୧୧।୭ (ସମିସ)**

ଦୀର୍ଘ ୮ ବର୍ଷ ପରେ ଆଇକନିକ କଳିଙ୍ଗ ଷ୍ଟାଡିୟମକୁ ଫେରିଛି ଏକ ବିଶ୍ୱସ୍ତରୀୟ ଦୌଡ଼କୁଦ ପ୍ରତିଯୋଗିତା। ଅଗଷ୍ଟ ୧୦ରେ କଳିଙ୍ଗ ଷ୍ଟାଡିୟମର ମୁଖ୍ୟ ଫିଲ୍ଡରେ ଆୟୋଜିତ ହେବ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ ଟୁର୍ ବ୍ରୋଞ୍ଜ ଲେଭଲ୍ ମିଟ୍। ୱାର୍ଲ୍ଡ ଆଥ୍‌ଲେଟିକ୍ସ (ଡବ୍ଲ୍ୟୁଏ), ଆଥ୍‌ଲେଟିକ୍ ଫେଡେରେସନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ସହଯୋଗରେ ଆୟୋଜିତ ହେବାକୁ ଥିବା ଏହି ମେଗା ଇଭେଣ୍ଟରେ ଆୟୋଜକ ଭାରତ ସମେତ ୧୦ଟି ଦେଶର କ୍ରୀଡ଼ାବିତ୍ ଯୋଗଦେବେ। ଶେଷ ଓ ପ୍ରଥମଥର ଲାଗି ୨୦୧୭ ରେ କଳିଙ୍ଗ ଷ୍ଟାଡିୟମରେ ଏସିଆନ୍ ଆଥ୍‌ଲେଟିକ ଚାମ୍ପିଅନସିପ୍ ଅନୁଷ୍ଠିତ ହୋଇଥିଲା। ସେତେବେଳେ ଅନୁଷ୍ଠିତ ଏହି ଏଲିଟ୍ ଲେଭଲ୍ ପ୍ରତିଯୋଗିତାରେ ୪୧ ରାଷ୍ଟ୍ରର ପାଖାପାଖି ୬୦୦ ଆଥ୍‌ଲେଟ୍ ଭାଗନେଇଥିଲେ।

**ଅଗଷ୍ଟ ୧୦ରେ ହେବ ୱାର୍ଲ୍ଡ ଆଥ୍‌ଲେଟିକ୍ସ କଣ୍ଟିନେଣ୍ଟାଲ୍ ଟୁର୍**



ଅଗଷ୍ଟ ୧୦ରେ ଆୟୋଜିତ ହେବାକୁ ଥିବା ଏହି ଏକଦିବସୀୟ ପ୍ରତିଯୋଗିତାରେ ତୁର୍କମେନିସ୍ତାନ, ଭୁଟାନ, ଦକ୍ଷିଣ କୋରିଆ, ମାଲେସିଆ, ଇରାକ, ଭିଏତ୍‌ନାମ, କାମେରୁନ, ଶ୍ରୀଲଙ୍କା, ଇରାନ, ଫିଲିପାଇନ୍ସ, ମାଳଦୀପରୁ ପାଖାପାଖି ୫୦ ବିଦେଶୀ କ୍ରୀଡ଼ାବିତ୍ ଭାଗନେବେ। ସେହିଭଳି ଘରୋଇ ଭାରତର ୧୦୦ରୁ ଊର୍ଦ୍ଧ୍ୱ ଆଥ୍‌ଲେଟ୍‌ଙ୍କୁ ମଧ୍ୟ ଏଥିରେ ଦେଖିବାକୁ ମିଳିବ। ଏଥିସହ ସେପ୍ଟେମ୍ବରରେ ଟୋକିଓରେ ହେବାକୁ ଥିବା ୨୦ତମ ବିଶ୍ୱ ଆଥ୍‌ଲେଟିକ୍ସ ଚାମ୍ପିଅନସିପ୍ ଲାଗି ଏହା ଯୋଗ୍ୟତା ଅର୍ଜନକାରୀ ଇଭେଣ୍ଟ ହେବ ବୋଲି ଶୁକ୍ରବାର କଳିଙ୍ଗ ଷ୍ଟାଡିୟମରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏଏଫ୍‌ଆଇ ସାଧାରଣ ସମ୍ପାଦକ ସନ୍ଦୀପ ମେହତା ସୂଚନା ଦେଇଛନ୍ତି। ଏହି ଏକଦିବସୀୟ ପ୍ରତିଯୋଗିତାରେ ପୁରୁଷ, ମହିଳା ଓ ମିକ୍ସଡ୍ ବର୍ଗରେ ମୋଟ୍ ୨୦ଟି ଇଭେଣ୍ଟ ଅନୁଷ୍ଠିତ ହେବ। ପୁରୁଷ ବିଭାଗରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୫୦୦୦ ମିଟର ଦୌଡ଼ ସହ ଲଙ୍ଗ ଜମ୍ପ, ଟ୍ରିପଲ ଜମ୍ପ, ଜାଭେଲିନ୍ ଥ୍ରୋ, ୪ ଗୁଣା ୪୦୦ମି ରିଲେ, ମହିଳାରେ ୧୦୦, ୨୦୦, ୪୦୦, ୮୦୦, ୧୫୦୦, ୧୦୦ ମିଟର ହର୍ଡଲ୍ସ, ଲଙ୍ଗ ଜମ୍ପ, ଜାଭେଲିନ ଥ୍ରୋ, ଓ ୪ ଗୁଣା ୪୦୦ ମିଟର ରିଲେ ଅନୁଷ୍ଠିତ ହେବ। ସେହିଭଳି ମିକ୍ସଡରେ କେବଳ ୪ ଗୁଣା ୪୦୦ ମିଟର ରିଲେ ହେବ ବୋଲି ଏଏଫ୍‌ଆଇ କୋଷାଧ୍ୟକ୍ଷ ବି.ଇ. ସେନଲି ଜୋନ୍ସ ଏହି ଅବସରରେ କହିଥିଲେ। ଡବ୍ଲ୍ୟୁଏ ଓ ଏଏଫ୍‌ଆଇ ବୈଷୟିକ ଦଳ କଳିଙ୍ଗ ଷ୍ଟାଡିୟମ ପରିଭ୍ରମଣ କରି ଭିତ୍ତିଭୂମି ଯାଞ୍ଚ କରିବା ସହ ଏହି ମେଗା ପ୍ରତିଯୋଗିତା ପୂର୍ବରୁ କିଛି ଟେକ୍‌ନିକାଲ ପରିବର୍ତ୍ତନ କରିବା ନେଇ ପରାମର୍ଶ ଦେଇଥିବା ଜଣାପଡ଼ିଛି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ କ୍ରୀଡ଼ାମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର ଉପସ୍ଥିତ ରହିଥିଲେ।


ନନ୍ଦିଘୋଷ

CAREER Opportunities

Nandighosha Network Pvt. Ltd., a leading & fast-growing Odia News Channel invites applications for its

IT Department.

Candidates having requisite qualifications and experience may send their CV.

| Name of the Post | Experience |
|---|---|
| IT Executive | 1. Diploma/Degree in Hardware & Networking / MCA from a recognized institute/University. 2. Key Responsibilities: • Manage and maintain all IT infrastructure including systems, networks, and broadcast equipment. • Provide technical support to newsroom, production, and editorial teams. • Ensure the smooth operation of broadcasting software, editing systems, and studio setups. • Troubleshoot hardware/software/network issues and ensure minimal downtime. 3. 3 to 5 years of experience in information technology. Priority will be given to electronic / digital media experience. |

Please apply along with your detailed CV with recent passport size photo via e-mail: hr@nandighoshatv.com by 15th July, 2025.
Only shortlisted candidates will be called for Personal Interview.

Contact No. 9437016499 HR Dept.



PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦ୍ର ଦାସ
EXECUTIVE EDITOR: SAMARENDU DAS